# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୬/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, September 26/2019 | ★★★★★★

୪୫ଶ ଭାଗ ୩୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ପି.ଟି. ଉଷାଙ୍କୁ ଆଇଏଏଏଫ୍ ସମ୍ମାନ

ଦୌଡ଼ରାଣୀ ପି.ଟି. ଉଷାଙ୍କୁ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ଭେଟେରାନ ପିନ୍ ପୁରସ୍କାର ପ୍ରଦାନ କରାଯାଇଛି।

୧୯

୧୬

## ଜୁଡୋ ଶିଖୁଛନ୍ତି ଶ୍ରଦ୍ଧା କପୁର

'ବାଗୀ-୩'ରେ ଶ୍ରଦ୍ଧା କପୁରଙ୍କୁ ଏକ ଆକ୍ସନ ଭୂମିକା ମିଳିଛି। ସେଥିପାଇଁ ସେ ଏବେ ସର୍ବିଆରେ ଜୁଡୋ ଓ ମିକ୍ସଡ ମାର୍ଶଲ ଆର୍ଟ(ଏମ୍ଏମ୍ଏ) ଶିଖିବାକୁ ଡେରା ପକାଇଛନ୍ତି।





# ଧାମରାରେ ଧରାହେଲା ହ୍ୱେଲ୍ ସାର୍କ

ଚାନ୍ଦବାଲି, ୨୫।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ମତ୍ସ୍ୟ ପୋତାଶ୍ରୟ ଅଧୀନରେ ଥିବା ଚନ୍ଦନିପାଳ ମାଛଧରା ବେସ୍‌ରୁ ବୁଧବାର ଏକ ବିରଳ ମାଛ ଧରା ହୋଇଛି। ଏହାର ନାମ ହ୍ୱେଲସାର୍କ ହୋଇଥିବା ବେଳେ ଓଜନ ୧ କୁଇଣ୍ଟାଲରୁ ଅଧିକ। ଏ ନେଇ ଭାଇରାଲ ହୋଇଥିବା ଭିଡିଓରୁ ଜଣାପଡ଼ିଛି ଯେ, ଏହି ମାଛକୁ ୭ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଛି। ରାଜ୍ୟ ବାହାରର ଜଣେ ବ୍ୟବସାୟୀ ଏହାକୁ ନିଲାମ ଧରିଥିବା କୁହାଯାଉଛି। କିନ୍ତୁ ତାହା ଠିକ୍ କି ନୁହେଁ ସ୍ପଷ୍ଟ ଜଣାପଡ଼ି ନାହିଁ। କାରଣ ଏହାକୁ ଧରିଥିବା ମତ୍ସ୍ୟଜୀବୀ ସମୁଦ୍ରରେ ଛାଡ଼ି ଦେଇଥିବା କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ତାଙ୍କ ପାଖରେ ମଧ୍ୟ କୌଣସି ଖବର ନ ଥିବା କହିଛନ୍ତି। ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିବା ଏକ ବୋଟ୍‌ର ଧୀବରମାନେ ବୁଧବାର ଚନ୍ଦନିପାଳ ମାଛଧରା ଜେଟି(ବେସ୍)କୁ ଫେରିଆସିଥିଲେ। ସେମାନଙ୍କ ଜାଲରେ ଏହି ବିଶାଳ ମାଛ ଛନ୍ଦି ହୋଇପଡ଼ିଥିବା ଦେଖି ୧୦ ମତ୍ସ୍ୟଜୀବୀଙ୍କ ସହାୟତାରେ ପାଣିରୁ ବୋଟ ଉପରକୁ ଅଣାଯାଇଥିଲା। ପୂର୍ବରୁ ଧାମରା ଅଞ୍ଚଳରେ ଏପରି ମାଛ କେବେ ଧରା ହୋଇଥିବା ନଜିର ନାହିଁ ବୋଲି ମତ୍ସ୍ୟଜୀବୀ କହିଛନ୍ତି। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଙ୍ଗଠନ(ଆଇୟୁସିଏନ) ପକ୍ଷରୁ ବିରଳ ପ୍ରାଣୀ ଭାବେ ଗଣାଯିବା ପରଠାରୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏହି ମାଛ ଧରିବା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଫଳରେ ସମୁଦ୍ରରୁ ଏହାକୁ ଧରିବା ଓ ବିକ୍ରି କରିବା ବେଆଇନ।

■ ୩୭୦ ଉଚ୍ଛେଦ ପରେ ଜୈଶ୍ ରଚୁଛି ସାଂଘାତିକ ଷଡ଼ଯନ୍ତ୍ର

# ଟାର୍ଗେଟ ୩୦ ସହର ମଧ୍ୟରେ ଭୁବନେଶ୍ୱର

ନୂଆଦିଲ୍ଲୀ,୨୫।୯

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦରେ ହତାଶ ହୋଇପଡ଼ିଥିବା ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଭାରତ ବିରୋଧରେ ରକ୍ତ ଚାଉଳ ଚୋବାଉଛି। ପଠାନ୍‌କୋଟ ସମେତ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ମାସୁଦ୍ ଆଝାରଙ୍କ ନେତୃତ୍ୱାଧୀନ ଜୈଶ୍ ଟାର୍ଗେଟରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ରହିଛନ୍ତି। ଏହି ତିନିଜଣଙ୍କୁ ଆକ୍ରମଣ କରିବା ପାଇଁ ଜୈଶ୍ ଏକ ସ୍କ୍ୱାଡ୍‌କୁ ପ୍ରସ୍ତୁତ କରୁଥିବା ନେଇ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। କେବଳ ଏତିକି ନୁହେଁ, ଭୁବନେଶ୍ୱର ସମେତ ଭାରତର ୩୦ଟି ସହରରେ ଆକ୍ରମଣ ପାଇଁ ଜୈଶ୍ ଷଡ଼ଯନ୍ତ୍ର ରଚିଥିବା ନେଇ ଏକ ପତ୍ର ବ୍ୟୁରୋ ଅଫ୍ ସିଭିଲ୍ ଆଭିଏଶନ୍ ସିକ୍ୟୁରିଟିର ହସ୍ତଗତ ହୋଇଛି। ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ହେବା ପରେ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ବୁଧବାର ହାଇଆଲର୍ଟ ଜାରି କରାଯାଇଛି।

ସୁରକ୍ଷା ସଂସ୍ଥା ପାଇଥିବା ଚିଠି ଅନୁସାରେ ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାରକୁ ନେଇ ଜେଇଏମ୍ ହତାଶ ହୋଇପଡ଼ିଛି। ଏଥିଲାଗି ଏହି ଆତଙ୍କବାଦୀ ସଙ୍ଗଠନ ଭାରତ ସରକାରଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଚାହୁଁଛି। ଏହାର ହିଟ୍ ଲିଷ୍ଟରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ଏନ୍ଏସ୍ଏ ରହିଛନ୍ତି। ଏଥିସକାଶେ ଜୈଶ୍ ଚଳିତ ମାସରେ ଆତଙ୍କବାଦୀମାନଙ୍କୁ ନେଇ ଏକ ସ୍କ୍ୱାଡ୍ ଗଠନ କରିଛି। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଏଥିରେ ଜୈଶ୍‌କୁ ସହଯୋଗ କରୁଛି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ☞ପୃଷ୍ଠା-୪

### ଗୋଇନ୍ଦା ରିପୋର୍ଟ



■ ନରେନ୍ଦ୍ର ମୋଦି, ଅମିତ୍ ଶାହ, ଅଜିତ୍ ଡୋଭାଲଙ୍କ ଉପରେ ଆକ୍ରମଣ ପାଇଁ ସ୍କ୍ୱାଡ୍ ପ୍ରସ୍ତୁତ କରୁଛି ଜେଇଏମ୍

■ ଆକ୍ରମଣ ଟାର୍ଗେଟରେ ଥିବା ଅନ୍ୟ ସହର ମଧ୍ୟରେ ରହିଛି ଜମ୍ମୁ, ଅମୃତସର, ପଠାନ୍‌କୋଟ, ଜୟପୁର, ଗାନ୍ଧୀନଗର, କାନପୁର, ଲକ୍ଷ୍ନୌ ପ୍ରମୁଖ

■ ବାୟୁସେନା ଘାଟିଗୁଡ଼ିକରେ ଅରେଞ୍ଜ ୱାର୍ନିଂ ଜାରି

## 'ଗୋଇନ୍ଦା ସୂଚନା ତୁରନ୍ତ ସାର୍ବଜନୀନ ଅନୁଚିତ'

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଟାର୍ଗେଟରେ ଦେଶର ୩୦ ସହର ମଧ୍ୟରେ ଭୁବନେଶ୍ୱର ରହିଛି। ଏନେଇ ବୁଧବାର ଗୋଇନ୍ଦା ସୂଚନା ମିଳିବା ପରେ ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି ହୋଇଛି। ଅପରପକ୍ଷରେ ଭୁବନେଶ୍ୱର ଟାର୍ଗେଟରେ ରହିଥିବାନେଇ କୌଣସି ସୂଚନା ନ ଥିବା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା କହିଛନ୍ତି। ମାତ୍ର ଓଡ଼ିଶା ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବାନେଇ ସୂଚନା ମିଳିବା କୌଣସି ନୂଆକଥା ନୁହେଁ। ପୁରୀ ଶ୍ରୀମନ୍ଦିରକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିବା ନେଇ ପୂର୍ବରୁ ବହୁବାର ଗୋଇନ୍ଦା ସୂଚନା ମିଳିଛି। ପୋଲିସ ମଧ୍ୟ ତତ୍ପରତା ଦେଖାଇଛି। ହେଲେ ସେପରି କୌଣସି ଆକ୍ରମଣ ହୋଇନାହିଁ। ଏଭଳିସ୍ଥିତିରେ ବୁଧବାର ଦିଆଯାଇଥିବା ଗୋଇନ୍ଦା ସୂଚନା ପରେ ସାଧାରଣ ଲୋକଙ୍କ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ଉଠୁଛି। ସମ୍ପ୍ରତି ଦେଶର ଆର୍ଥିକ ମାନ୍ଦାବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ନଜର ହଟାଇବା ପାଇଁ ଏଭଳି ସୂଚନା ଦିଆଯାଇ ଥାଇପାରେ ବୋଲି ଅନେକେ ଚର୍ଚ୍ଚା କରୁଛନ୍ତି। ରାଧୁଆ ମିଛୁଆ ଗପ ଭଳି ଆକ୍ରମଣ କଥା ବାରମ୍ବାର କୁହାଗଲେ ଏହା ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦେବ ବୋଲି ମଧ୍ୟ କୁହାଯାଉଛି। ତେବେ ଏଭଳି ଆକ୍ରମଣ ସୂଚନା ସମ୍ପର୍କରେ ରାଜ୍ୟ ଗୋଇନ୍ଦା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସୁରକ୍ଷା ଦୃଷ୍ଟିକୋଣରୁ ଏହି ପ୍ରସଙ୍ଗ ଉପରେ କୌଣସି ମତାମତ ଦେବା ଉଚିତ ହେବ ନାହିଁ ଏବଂ ଯେକୌଣସି ପ୍ରକାର ସମ୍ଭାବ୍ୟ ଆକ୍ରମଣ ଉପରେ ଟିକିନିଖି ନଜର ରଖାଯାଇଛି।

ଅବସରପ୍ରାପ୍ତ କଲୋନେଲ ତଥା ପ୍ରତିରକ୍ଷା ବିଶେଷଜ୍ଞ କେ. ପି. ଧଳସାମନ୍ତ କୁହନ୍ତି, ଆତଙ୍କବାଦୀଙ୍କ ବିଷୟରେ ଯେତେବେଳେ କୌଣସି ସୂଚନା ମିଳିବ ତାହା ଦେଶବାସୀଙ୍କୁ ☞ପୃଷ୍ଠା-୪

# ବସ୍ତିରେ ମିଳିବ କୋଠାଘର

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

■ ଆରମ୍ଭ ହେବ 'ସ୍ଲମ ପ୍ରୁଫିଙ୍ଗ୍' ଯୋଜନା

■ ବ୍ରହ୍ମପୁରରୁ ଆରମ୍ଭ ହେବ ପାଇଲଟ୍ ପ୍ରକଳ୍ପ

■ ମିଳିବ ଭଡ଼ା, ଘର ନିର୍ମାଣ ସୁବିଧା

ରାଜ୍ୟର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି), ମ୍ୟୁନିସିପାଲିଟି ଏବଂ ସମସ୍ତ ମହାନଗର ନିଗମରେ ବ୍ୟବସ୍ଥିତ ବସ୍ତି ଯୋଜନା (ସ୍ଲମ ପ୍ରୁଫିଙ୍ଗ୍) କାର୍ଯ୍ୟକାରୀ ହେବ। ଯେଉଁଠି ନାହିଁ ସେଠି ବସ୍ତି ଗଢ଼ି ଉଠିବାକୁ ସୁଯୋଗ ଦିଆଯିବ ନାହିଁ। ବସ୍ତି ନିକଟରେ ଥିବା ଖାଲି ସ୍ଥାନରେ ସ୍ଲମ୍ ପ୍ରୁଫିଙ୍ଗ୍ ବ୍ୟବସ୍ଥା ହେବ। ସେଥିରେ ନିମ୍ନ ଆୟକାରୀ, ଗରିବ ଦିନମଜୁରିଆମାନଙ୍କ ରହିବା ପାଇଁ କୋଠାଘର ନିର୍ମାଣ କରାଯିବ। ସେହି ଅଞ୍ଚଳରେ ଲୋକମାନଙ୍କୁ ନିଜର ଘର କରି ରହିବା ପାଇଁ ମଧ୍ୟ ଅନୁମତି ଦିଆଯିବ। ଯେଉଁମାନେ ଘର କରିପାରିବେ ନାହିଁ ସେମାନେ ପୌର ପରିଷଦ ଦ୍ୱାରା ନିର୍ମାଣ କରାଯାଇଥିବା ଘରେ ସର୍ବନିମ୍ନ ଭଡ଼ା ଦେଇ ରହିପାରିବେ। ସହରାଞ୍ଚଳରେ ନିମ୍ନ ଆୟକାରୀ ଗରିବ ଶ୍ରେଣୀର ଲୋକମାନେ ଉଚ୍ଚ ଘରଭଡ଼ା ଦେଇ ରହିପାରୁ ନ ଥିବାରୁ ବେଆଇନ ଭାବେ ମୂଲ୍ୟବାନ ସରକାରୀ ଜାଗା ଓ ରାସ୍ତାକଡ଼ରେ ଝାଟିମାଟି ଘର କରି ରହୁଛନ୍ତି। ଏହାଦ୍ୱାରା ସହରାଞ୍ଚଳରେ ବସ୍ତି ସଂଖ୍ୟା ବଢ଼ି ଚାଲିବା ସହ ଅନେକ ସରକାରୀ ଜାଗା ଦୀର୍ଘ ବର୍ଷ ଜବରଦଖଲରେ ରହିଯାଉଛି। ବେଆଇନ ବସ୍ତିକୁ ରୋକିବା ପାଇଁ ସ୍ଲମ ପ୍ରୁଫିଙ୍ଗ୍ କାର୍ଯ୍ୟକାରୀ ହେବ। ପାଇଲଟ ପ୍ରକଳ୍ପ ଭାବେ ପ୍ରଥମେ ବ୍ରହ୍ମପୁର ମହାନଗର ନିଗମରୁ ଆରମ୍ଭ କରାଯିବ। ନିଗମ ପକ୍ଷରୁ ଏ ନେଇ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଇଛି। ବ୍ରହ୍ମପୁର ସହରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ସଫଳ ହେଲେ ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ କରାଯିବ ବୋଲି ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ କହିଛନ୍ତି। ଏହି ନୂତନ ବ୍ୟବସ୍ଥାରେ ବସ୍ତିବାସିନ୍ଦାଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ପାଣି, ଆଲୋକ, ଡ୍ରେନ, ପରିମଳ ଆଦି ଯୋଗାଇ ଦିଆଯିବ।

**ବିଜେପୁର ଉପନିର୍ବାଚନ**

# ଦିଲୀପ ପଣ୍ଡା କଂଗ୍ରେସ ପ୍ରାର୍ଥୀ

ଭୁବନେଶ୍ୱର,୨୫।୯(ବ୍ୟୁରୋ)



ବିଜେପୁର ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଆସନ୍ତା ୨୧ତାରିଖରେ ଭୋଟ ଗ୍ରହଣ ହେବ। ବୁଧବାର କଂଗ୍ରେସ ନିଜ ପ୍ରାର୍ଥୀ ନାମ ଘୋଷଣା କରିଛି। ବରଗଡ଼ ଜିଲା କଂଗ୍ରେସ ଉପସଭାପତି ଦିଲୀପ କୁମାର ପଣ୍ଡାଙ୍କୁ ଦଳ ପ୍ରାର୍ଥୀ କରିଛି। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ମଞ୍ଜୁରୀକ୍ରମେ ଦିଲୀପଙ୍କୁ ବିଜେପୁର ପାଇଁ ପ୍ରାର୍ଥୀ କରାଯାଇଥିବା ସେଣ୍ଟ୍ରାଲ ଇଲେକ୍ସନ କମିଟି(ସିଇସି) ଇନଚାର୍ଜ ମୁକୁଲ ୱାସନିକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ପ୍ରାର୍ଥୀ କରିବାକୁ ଏଆଇସିସି ନିକଟକୁ ୫ଜଣଙ୍କ ନାମ ପଠାଇଥିଲା। ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କ ପୁଅଙ୍କୁ ପ୍ରାର୍ଥୀ କରାଯିବାର ଯଥେଷ୍ଟ ସମ୍ଭାବନା ଥିଲା। ମାତ୍ର ଦଳ ଶେଷରେ ଦିଲୀପଙ୍କୁ ପ୍ରାର୍ଥୀ କରିଛି। ଦିଲୀପ କହିଛନ୍ତି, ଦଳ ମୋ ଉପରେ ଭରସା କରିଥିବାରୁ ମୁଁ କୃତଜ୍ଞ। ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ନିରଞ୍ଜନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଉଛି। ଦଳର ସମସ୍ତଙ୍କୁ ଏକାଠି କରି ସଙ୍ଗଠନ ସଜାଡ଼ିବା ସହ କାମ କରିବି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଟି ନିର୍ବାଚନମଣ୍ଡଳୀରୁ ବିଜୟୀ ହେବାପରେ ବିଜେପୁର ଆସନଟି ଛାଡି ଦେଇଥିଲେ। ତେଣୁ ବିଜେପୁରରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୩୦ ମଧ୍ୟରେ ପ୍ରାର୍ଥୀ ପତ୍ର ଦାଖଲର ଶେଷ ତାରିଖ ରହିଛି।

# ସଭାମଞ୍ଚରେ କର୍ମୀଙ୍କୁ ଏମ୍‌ପିଙ୍କ ଚାପୁଡ଼ା



■ ମୁଁ ଅନୁତପ୍ତ : ଚନ୍ଦ୍ରଶେଖର

■ ସୋସିଆଲ ମିଡିଆରେ ଭାଇରାଲ

■ ନବୀନ ନିବାସରୁ ଆସିଥିଲା ଡାକରା

■ ଚାପୁଡ଼ାକୁ କର୍ମୀଙ୍କ ଅସ୍ୱୀକାର

ଭୁବନେଶ୍ୱର/ପାରଳାଖେମୁଣ୍ଡି,୨୫।୯(ସ୍ୱ.ପ୍ର.)

ବ୍ରହ୍ମପୁର ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁ ଜଣେ କର୍ମୀଙ୍କୁ ମଞ୍ଚରେ ଚାପୁଡ଼ା ମାରିବା ଘଟଣା ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପାଇଁ ଆସିଥିବା ଜଣେ ଯୁବନେତାଙ୍କୁ ଚାପୁଡ଼ା ମାରିବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚନ୍ଦ୍ରଶେଖରଙ୍କୁ ନବୀନ ନିବାସ ଡକାଇଥିଲେ। ନବୀନ ନିବାସରୁ ଫେରିବା ପରେ ଗଣମାଧ୍ୟମକୁ ଚନ୍ଦ୍ରଶେଖର କହିଛନ୍ତି ଯେ, ଦଳୀୟ ସଭାରେ ଘଟିଥିବା ଏହି ଘଟଣା ପାଇଁ ସେ ଅନୁତପ୍ତ। ଜାଣିଶୁଣି ସେ ହାତ ଉଠାଇ ନ ଥିଲେ। କର୍ମୀଜଣଙ୍କ ତାଙ୍କ ହାତରୁ ଉତ୍ତରୀୟ ପିନ୍ଧିବାକୁ ଚାହିଁଥିଲେ। ହେଲେ ସେଠାରେ ଅନ୍ୟ ନେତା ଉତ୍ତରୀୟ ଦେବା ସମୟରେ କର୍ମୀଜଣଙ୍କ ମନା କରିଥିଲେ। ଏହି ସମୟରେ ଠେଲିଦେବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଚନ୍ଦ୍ରଶେଖର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ମଙ୍ଗଳବାର ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ବ୍ରହ୍ମପୁର ଏମ୍‌ପି ସାହୁ, ଗଜପତି ଜିଲା ପ୍ରଭାରୀ ☞ପୃଷ୍ଠା-୪




ଓମଫେଡ୍ କ୍ଷୀର ଲିଟର ପିଛା ୪ଟଙ୍କା ବୃଦ୍ଧି ...... ୨୦

ଅସାଧୁ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ...... ୮

'୧୫ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟସ୍ଥ ମୁକ୍ତ କର' ...... ୫

ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ପୁରସ୍କାର, ଷ୍ଟାର୍ ର୍ୟାଙ୍କିଙ୍ଗ୍ ...... ୩



**ଆଜିର ସମ୍ପାଦକୀୟ**

ସାଥୀ ଚୟନରେ ପୋଷା ପ୍ରାଣୀ


**ଆଜିର ମନ୍ତବ୍ୟ**

" ବିଚାରପତିଙ୍କ ବଦଳି ତାଙ୍କ ବିରୋଧରେ ଅଭିଯୋଗର ସମାଧାନ ନୁହେଁ।

-ଜଷ୍ଟିସ୍ ୱାଇ.ବି. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି


NECC NATIONAL EGG CO-ORDINATION COMMITTEE 25.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ମହିନ୍ଦ୍ରାକୁ ସମ୍ପତ୍ତି ବିକି ଦେଶ ଛାଡ଼ିବ ଫୋର୍ଡ

ନୂଆଦିଲ୍ଲୀ,୨୫।୯




ମାନ୍ଦାବସ୍ଥାର ପ୍ରଭାବ ଗୁରୁତର

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ତଥା ପ୍ରତିଯୋଗିତାର ସମ୍ମୁଖୀନ ହୋଇ ନ ପାରିବା କାରଣରୁ ଫୋର୍ଡ ମୋଟର କମ୍ପାନୀ ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଏହା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଆରମ୍ଭ ହେବାକୁ ଥିବା ଯୁଗ୍ମ କମ୍ପାନୀକୁ ନିଜର ସମସ୍ତ ସମ୍ପତ୍ତି ବିକ୍ରି କରିଦେବ। ଭାରତରେ ଏହା ଦୁଇ ଦଶନ୍ଧି ଧରି କାରବାର କରୁଥିଲେ ସୁଦ୍ଧା ଅଦ୍ୟାବଧି ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ସଂଘର୍ଷ କରି ଆସୁଥିବାରୁ କମ୍ପାନୀ ଭାରତ ଛାଡ଼ିବାକୁ ଯାଉଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନୂଆକରି ଗଠନ ହେବାକୁ ଥିବା କମ୍ପାନୀରେ ମହିନ୍ଦ୍ରାର ୫୧% ଅଂଶଧନ ରହିବ। ତେବେ ନୂଆ କମ୍ପାନୀ ବୋର୍ଡରେ ଫୋର୍ଡର ଭୋଟ୍ ଦେବାର ଅଧିକାର ରହିବ ଏବଂ ବୋର୍ଡରେ ଏହାର ପ୍ରତିନିଧି ରହିବେ ବୋଲି ଜଣାପଡିଛି। ଆସନ୍ତା ସପ୍ତାହରେ ନୂଆ କମ୍ପାନୀ ଘୋଷଣା କରାଯିବ। ଫୋର୍ଡ ଗ୍ଲୋବାଲ ଭାରତରେ ଅଦ୍ୟାବଧି ୨ ବିଲିୟନ ଡଲାର ନିବେଶ କରି ବଜାର ଅଂଶର ପ୍ରାୟ ୩% ପର୍ଯ୍ୟନ୍ତ ହାସଲ କରିପାରିଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଥାଉ କି, ଫୋର୍ଡର ସିଇଓ ଜିମ୍ ହ୍ୟାକେଟ୍ ସାରା ବିଶ୍ୱରେ ଥିବା କମ୍ପାନୀର ୧୧ ବିଲିୟନ ଡଲାର ସମ୍ପତ୍ତି ପୁନର୍ଗଠନ କରୁଛନ୍ତି। ସୂଚନାଥାଉ କି, ଦୀର୍ଘଦିନ ହେବ ଭାରତର ଅଟୋ ବଜାରରେ ସୁଜୁକି ମୋଟର କର୍ପ ସହ ଫୋର୍ଡ ମୋଟର ପ୍ରତିଯୋଗିତାର ସମ୍ମୁଖୀନ ହୋଇପାରୁନାହିଁ। ଭାରତୀୟ ବଜାରରେ ଲୋକଙ୍କ ଚାହିଦା ସହ ତାଳ ଦେଇ ଚାଲି ନ ପାରିବା କାରଣରୁ ଜେନେରାଲ ମୋଟର୍ସ କମ୍ପାନୀ ଦୁଇବର୍ଷ ପୂର୍ବେ ଭାରତ ଛାଡ଼ି ଚାଲିଯାଇଛି। ଏହା ପୂର୍ବରୁ ସେଭ୍ରୋଲେ ମଡେଲ ବିକ୍ରି ବନ୍ଦ କରିଦେଇଥିଲା। ଅଟୋ ସେକ୍ଟରରେ ଗତ ୧୦ ମାସ ହେବ ମାନ୍ଦାବସ୍ଥାର ପ୍ରଭାବ ଅନୁଭବ ହେଉଥିବାରୁ ଗାଡ଼ି ବିକ୍ରି କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଭାରତରେ ଫୋର୍ଡର ଅଧିକାଂଶ ସମ୍ପତ୍ତି ନୂଆ କମ୍ପାନୀ ହାତରେ ରହିବ। ତନ୍ମଧ୍ୟରେ ଏହାର ଦୁଇଟି କାର୍ କାରଖାନା ରହିଛି। ୧୯୯୦ରେ ଅର୍ଥନୀତିରେ ଉଦାରୀକରଣ ଆରମ୍ଭ ହେବା ପରେ ଫୋର୍ଡ ପ୍ରଥମ ବିଦେଶୀ କାର୍ କମ୍ପାନୀ ଭାବେ ଭାରତରେ ପ୍ରବେଶ କରିଥିଲା। ପୂର୍ବରୁ ଏହା ଭାରତରେ ୧୯୨୬ରେ ପ୍ରବେଶ କରି ୧୯୫୦ରେ ଫେରି ଯାଇଥିଲା।






“ ଦିଲ୍ଲୀରେ ଏନ୍ଆର୍ସି ଲାଗୁ ହେଲେ ଭାଜପା ନେତା ମନୋଜ ତିୱାରୀଙ୍କୁ ପ୍ରଥମେ ରାଜଧାନୀ ଛାଡ଼ିବାକୁ ପଡ଼ିବ।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ■ କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ
# ବିଫଳତା ସ୍ୱୀକାର କଲେ ଇମ୍ରାନ୍

ନ୍ୟୁୟର୍କ,୨୫ା୯



କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତିକୀକରଣ କରାଇବାରେ ପାକିସ୍ତାନ ବିଫଳ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସ୍ୱୀକାର କରିଛନ୍ତି। ଏଥିପାଇଁ ଅନ୍ତର୍ଜାତୀୟ ସମୁଦାୟ ପାଖରେ ସେ ଦୁଃଖିତ ବୋଲି ଇମ୍ରାନ୍ କହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଲାଗି ଭାରତର ନିଷ୍ପତ୍ତିକୁ ଅଧିକାଂଶ ଦେଶ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ଏହାକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କରିବାକୁ ଉଦ୍ୟମ କରି ପାକିସ୍ତାନ ବିଭିନ୍ନ ଫୋରମ୍‌ରେ ଅପଦସ୍ଥ ହୋଇଛି।

କଶ୍ମୀର ପ୍ରସଙ୍ଗରେ ଇମ୍ରାନ୍ କହିଛନ୍ତି, କଟକଣା ହଟାଇବା ପାଇଁ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ପକାଯାଇନାହିଁ। ସେଠାରେ ୯ ଲକ୍ଷ ଯବାନ କ'ଣ କରୁଛନ୍ତି ବୋଲି ଇମ୍ରାନ ପ୍ରଶ୍ନ କରିବା ସହ କର୍ଫ୍ୟୁ ଉଠିଲେ ସେଠାରେ ପରିସ୍ଥିତି କ'ଣ ହେବ ତାହା ଆଲ୍ଲା ଜାଣନ୍ତି ବୋଲି ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେଠାରେ ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଏବଂ ଜାତିସଂଘରେ ପାକିସ୍ତାନ ପ୍ରତିନିଧି ମଲିହା ଲୋଧି ଉପସ୍ଥିତ ଥିଲେ।

■ଭାରତର ୧୨୦ କୋଟି ଜନସଂଖ୍ୟାବିଶିଷ୍ଟ ବଜାର ଉପରେ ବିଶ୍ୱର ନଜର

■ସମର୍ଥନ ହାସଲ କରିବାରେ ବିଫଳ ହୋଇଛି ପାକିସ୍ତାନ

କଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ଅଭିଯୋଗକୁ ଅଣଦେଖା କରାଯିବାର କାରଣ ଭାରତର ଆର୍ଥିକ ସ୍ଥିତି ଏବଂ ଅନ୍ତର୍ଜାତୀୟ ସ୍ତରରେ ଏହାର ପ୍ରାଧାନ୍ୟ ବୋଲି ଇମ୍ରାନ୍ ସ୍ୱୀକାର କରିଛନ୍ତି। ଲୋକେ ଭାରତର ୧୨୦ କୋଟି ଜନସଂଖ୍ୟାବିଶିଷ୍ଟ ବଜାରକୁ ଦେଖୁଛନ୍ତି ବୋଲି ପାକ୍ ପ୍ରଧାନମନ୍ତ୍ରୀ କହିଛନ୍ତି।

## 'ଟେରୋରିସ୍ତାନ' ସହ ହେବ ନାହିଁ ଆଲୋଚନା



ଏସ୍. ଜୟଶଙ୍କର

**ନ୍ୟୁୟର୍କ,୨୫ା୯(ପି.ଟି.):** ପାକିସ୍ତାନ ସହ ଆଲୋଚନା କରିବାରେ କିଛି ସମସ୍ୟା ନାହିଁ, କିନ୍ତୁ ଟେରୋରିସ୍ତାନ (ଆତଙ୍କବାଦର ପୃଷ୍ଠପୋଷକ) ସହ ଆଲୋଚନା ସମ୍ଭବ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। କଶ୍ମୀର ପ୍ରସଙ୍ଗକୁ ନେଇ ଇସ୍‌ଲାମାବାଦ ଆତଙ୍କବାଦର କାରଖାନା ବସାଇଥିବା ସେ ଏସିଆ ସୋସାଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଜମ୍ମୁ-କଶ୍ମୀରରୁ ୩୭୦ ଉଚ୍ଛେଦ ଏବଂ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଲାଗି ଭାରତ ନିଷ୍ପତ୍ତି ନେବା ପରେ ପାକିସ୍ତାନ ଓ ଚାଇନା ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଇସ୍‌ଲାମାବାଦ ନୂଆଦିଲ୍ଲୀ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଥିଲା। ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ପଡୋଶୀ ରାଷ୍ଟ୍ରଙ୍କର କୌଣସି ସମ୍ପର୍କ ନାହିଁ, ଏହା ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ଜୟଶଙ୍କର କହିଥିଲେ।

## ଜେଲ ଗଲେ ଆଇନ ଛାତ୍ରୀ

ଶାହଜାହାନପୁର,୨୫ା୯(ପି.ଟି.)



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଚିନ୍ମୟାନନ୍ଦଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ଆଇନ ଛାତ୍ରୀଙ୍କୁ ଏସ୍‌ଆଇଟି(ସ୍ୱତନ୍ତ୍ର ତଦନ୍ତକରରୀ ଦଳ) ବୁଧବାର ତାଙ୍କ ଘରୁ ଗିରଫ କରିବା ପରେ ୧୪ ଦିନ ଲାଗି ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛି। ସେ ଚିନ୍ମୟାନନ୍ଦଙ୍କଠାରୁ ଅର୍ଥ ଦାବି କରିବା ନେଇ ଅଭିଯୋଗ ହେବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଏହି ମାମଲାରେ ୩ ଯୁବକଙ୍କୁ ଗିରଫ କରାଯାଇଥିଲା ଛାତ୍ରୀଙ୍କୁ ଗିରଫ ପରେ ତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ମଙ୍ଗଳବାର ଛାତ୍ରୀଜଣକ ଆଗୁଆ ଜାମିନ ଆବେଦନ କରିଥିବାବେଳେ ଶୁଣାଣି ୨୬କୁ ରହିଛି। ପ୍ରକାଶଥାଉ କି, ଛାତ୍ରୀଙ୍କ ଅଭିଯୋଗ କ୍ରମେ ଚିନ୍ମୟାନନ୍ଦଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଦୀର୍ଘ ଏକବର୍ଷ ଧରି

**ଚିନ୍ମୟାନନ୍ଦ ମାମଲା**

ଚିନ୍ମୟାନନ୍ଦ ତାଙ୍କୁ ବଳାତ୍କାର ଓ ଶାରୀରିକ ଶୋଷଣ କରିଆସୁଥିବା ସେ ଅଭିଯୋଗ କରିଥିଲେ। ଚିନ୍ମୟାନନ୍ଦ ଭାଜପାର ସଦସ୍ୟ ଏବେ ନ ଥିବା ଭାଜପା ମୁଖପାତ୍ର ହରିଶ୍ଚନ୍ଦ୍ର ଶ୍ରୀବାସ୍ତବ ବୁଧବାର କହିଥିଲେ ହେଁ କେବେ ଦଳରୁ ତାଙ୍କୁ ବିଦା କରାଗଲା, ସେନେଇ କୌଣସି ଉତ୍ତର ଦେଇନାହାନ୍ତି। ଆଇନ ଛାତ୍ରୀ ବଳାତ୍କାର ମାମଲା ସାମ୍ନାକୁ ଆସିବା ପରଠାରୁ ଭାଜପାର କୌଣସି ନେତା ତାଙ୍କ ସପକ୍ଷରେ ମତ ଦେଉନାହାନ୍ତି।

## ମୋଦିଙ୍କୁ 'ଗ୍ଲୋବାଲ୍ ଗୋଲ୍‌କିପର' ପୁରସ୍କାର

ନ୍ୟୁୟର୍କ,୨୫ା୯(ପି.ଟି.)

ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମର୍ଯ୍ୟାଦାଜନକ 'ଗ୍ଲୋବାଲ୍ ଗୋଲ୍‌କିପର' ପୁରସ୍କାରରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ ମୋଦିଙ୍କୁ ଏହି ପୁରସ୍କାର ପ୍ରଦାନ କରିଛି। ଜାତିସଂଘର ଲକ୍ଷ୍ୟ ହାସଲରେ ଏହି ସ୍ୱଚ୍ଛତା ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଫାଉଣ୍ଡେଶନ୍ ପକ୍ଷରୁ କୁହାଯାଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ଏଭଳି ପୁରସ୍କାର ମିଳିବା ତାଙ୍କ ପାଇଁ ବ୍ୟକ୍ତିଗତ ଭାବେ ମହତ୍ତ୍ୱପୂର୍ଣ୍ଣ। ୧୩୦ କୋଟି ଜନସାଧାରଣ ପ୍ରତିଜ୍ଞା କଲେ ଯେକୌଣସି ଚ୍ୟାଲେଞ୍ଜର ସମାଧାନ କରାଯାଇପାରିବ ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ। ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶ୍ରେୟ ଦେବା ସହ ଏହି ସମ୍ମାନ ସେମାନଙ୍କର ବୋଲି କହିଛନ୍ତି।

## ଜାତିସଂଘକୁ ସୋଲାର ପାର୍କ ଉପହାର

ନ୍ୟୁୟର୍କ,୨୫ା୯(ପି.ଟି.)

ଜାତିସଂଘ ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାନ୍ଧୀ ସୋଲାର ପାର୍କ ଏବଂ ଗାନ୍ଧୀ ଶାନ୍ତି ଉଦ୍ୟାନକୁ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଜାତିସଂଘ ଦ୍ୱାରା ଜାରି ସ୍ମାରକୀ ଷ୍ଟାମ୍ପକୁ ପ୍ରଧାନମନ୍ତ୍ରୀ ଅନ୍ୟ ନେତାମାନଙ୍କ ଗହଣରେ ଉନ୍ମୋଚନ କରିଥିଲେ। ଅକ୍ଷୟ ଶକ୍ତି ପାଇଁ ଭାରତର ଉଦ୍ୟମ ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ। ସମସାମୟିକ ବିଶ୍ୱରେ ଗାନ୍ଧିଜୀଙ୍କ ପ୍ରଭାବ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ଗାନ୍ଧିଜୀଙ୍କୁ ଆଦୌ ଭେଟି ନ ଥିବା ବ୍ୟକ୍ତି ମଧ୍ୟ ତାଙ୍କ ଜୀବନୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ। ମାର୍ଟିନ ଲୁଥର କିଙ୍ଗ ଜୁନିୟର ଏବଂ ନେଲସନ ମଣ୍ଡେଲାଙ୍କ ପ୍ରତିଷ୍ଠାର ମୂଳ ଆଧାର ଗାନ୍ଧିଜୀ ଓ ତାଙ୍କ ଦୂରଦୃଷ୍ଟି ଥିଲା। ଏବେ ଗଣତନ୍ତ୍ର କହିଲେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସରକାର ଏବଂ ସେମାନଙ୍କ ଆଶା ଆକାଂକ୍ଷାକୁ ନେଇ





କାର୍ଯ୍ୟ କରୁଥିବା ସରକାରକୁ ବୁଝାଉଛି। କିନ୍ତୁ ଗାନ୍ଧିଜୀ ଗଣତନ୍ତ୍ରର ପ୍ରକୃତ ଶକ୍ତି ଉପରେ ଗୁରୁତ୍ୱ ଦେଉଥିଲେ। ସେ ଲୋକଙ୍କୁ ସରକାରଙ୍କ ଉପରେ ନିର୍ଭରଶୀଳ ନ ହୋଇ ଆତ୍ମନିର୍ଭରଶୀଳ ହେବାକୁ ଶିକ୍ଷା ଦେଉଥିଲେ ବୋଲି ଜାତିସଂଘରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ହେଉ, କି ଆତଙ୍କବାଦ, ଦୁର୍ନୀତି ହେଉ କିମ୍ବା ସାଧାରଣ ଜୀବନରେ ସ୍ୱାର୍ଥପରତା ହେଉ, ଗାନ୍ଧିଜୀଙ୍କ ଚିନ୍ତାଧାରା ଆମକୁ ମାର୍ଗଦର୍ଶନ ଦେଇଆସିଛି। ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗ ଆମକୁ ଏକ ଉତ୍ତମ ବିଶ୍ୱ ଆଡ଼କୁ ଆଗେଇନେବ ବୋଲି ମୋଦି ବିଶ୍ୱାସ ପ୍ରକଟ କରିଥିଲେ।

## 'ଜୟ ଶ୍ରୀରାମ' କହି ୧୭ ସ୍କୁଲ ଛାତ୍ର ନିଲମ୍ବିତ

ରାଞ୍ଚି,୨୫ା୯(ପି.ଟି.)

ଝାଡ଼ଖଣ୍ଡର ଷ୍ଟିଲ ସିଟି ଜାମ୍‌ଶେଦ୍‌ପୁରରେ ଏକ ଚର୍ଚ୍ଚ ଦ୍ୱାରା ପରିଚାଳିତ ସ୍କୁଲରେ 'ଜୟ ଶ୍ରୀ ରାମ' ଉଚ୍ଚାରଣ କରି ୧୭ ଛାତ୍ର ନିଲମ୍ବିତ ହୋଇଥିବା ଜଣାପଡ଼ିଛି। ଏହି ନିଲମ୍ବନ ବିରୋଧରେ ହିନ୍ଦୁ ଶାଖା ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଇଛି। କେତେକ ଅଭିଭାବକ ଏନେଇ ଜିଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରିଥିବାବେଳେ ଏକ ଏନ୍‌ଜିଓ ମାଲିକ ଅପ୍ପୁ ତିୱାରୀ ଡିଇଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପରିସ୍ଥିତି ସେଠାରେ ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ବେଲଡ଼ିହସ୍ଥିତ ଏହି ସ୍କୁଲର ଅଧ୍ୟକ୍ଷ ଏଲ୍. ପିଟରସନ ପିଲାମାନଙ୍କୁ ୫ ଦିନିଆ ଷ୍ଟଡି ଲିଭ୍‌ରେ ଛଡ଼ାଯାଇଥିବା କହିଛନ୍ତି। ସେମାନଙ୍କ ଆଚରଣ ଶୃଙ୍ଖଳିତ ନ ଥିବାରୁ ସ୍କୁଲ ପରିବେଶ ଦୂଷିତ ହେଉଥିଲା। କୌଣସି ଛାତ୍ରଙ୍କୁ ନିଲମ୍ବିତ କରାଯାଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଏବେ ସେମାନେ ଲାଇବ୍ରେରୀରେ ଅଛନ୍ତି ଓ ସେମାନଙ୍କ ପିତାମାତାଙ୍କୁ ଡ଼ାକିବା ଲାଗି କୁହାଯାଇଥିବା ସେ ପ୍ରକାଶ କରିଛନ୍ତି। ବୋର୍ଡ ପରୀକ୍ଷା ଆଗକୁ ଥିବାରୁ ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆଣିବା ଲାଗି ସେମାନଙ୍କ ଅଭିଭାବକଙ୍କୁ ଅବଗତ କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି।

## ଆଲୋଚନା ପୂର୍ବରୁ ପାକ୍ କଠୋର ପଦକ୍ଷେପ ନେଉ

ଜାତିସଂଘ,୨୫ା୯(ପି.ଟି.)

**ଟ୍ରମ୍ପ୍‌ଙ୍କୁ ଜଣାଇଲେ ମୋଦି**

ପାକିସ୍ତାନ ସହ ଆଲୋଚନା ପୂର୍ବରୁ ଇସ୍‌ଲାମାବାଦକୁ କେତେକ କଠୋର ପଦକ୍ଷେପ ନେବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ କହିଛନ୍ତି। କଶ୍ମୀର ପ୍ରସଙ୍ଗରେ ଉଭୟ ରାଷ୍ଟ୍ର ଏକତ୍ର କିଛି କରିବାକୁ ଟ୍ରମ୍ପ୍ ପ୍ରସ୍ତାବ ଦେବା ପରେ ମୋଦି ଉପରୋକ୍ତ ମତ ଦେଇଥିଲେ। ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ମଙ୍ଗଳବାର ମୋଦି ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ୪୦ ମିନିଟ ଧରି ଆଲୋଚନା ହୋଇଥିଲା। ଭାରତ ସମ୍ମୁଖୀନ ହେଉଥିବା ଆତଙ୍କବାଦ ସମସ୍ୟା ନେଇ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୩୦ ବର୍ଷରେ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପରେ ୪୨ ହଜାର ଲୋକଙ୍କ ଜୀବନ ଯାଇଛି। ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ଲୋଡିଥିଲେ ମୋଦି।

ପାକିସ୍ତାନ ସହ ଆଲୋଚନାପାଇଁ ଇସ୍‌ଲାମବାଦ୍‌କୁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ହେବ ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ କହିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କୁ ସପରିବାର ଭାରତ ଆସିବା ଲାଗି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ତାଙ୍କୁ ମନେ ପକାଇଦେଇଛନ୍ତି।

## ମହାକାଶରେ ଇତିହାସ ରଚିଲା ୟୁଏଇ

ଦୁବାଇ,୨୫ା୯(ଏଏଫ୍‌ପି)

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବୁଧବାର ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍)କୁ ଦେଶର ପ୍ରଥମ ମହାକାଶ ଯାତ୍ରୀ ହଜା ଅଲ୍-ମନ୍‌ସୁରିଙ୍କୁ ପଠାଇ ଇତିହାସ ରଚିଛି। କାଜାଖସ୍ତାନର ବୈକୋନୁରରୁ ସୋୟୁଜ୍-ଏଫ୍‌ଜି ରକେଟରେ ୩୫ ବର୍ଷୀୟ ମନ୍‌ସୁରିଙ୍କ ସହ ରୁଷିଆର ଓଲେଗ୍ ସ୍କ୍ରିପୋଚକା ଏବଂ ନାସା ମହାକାଶଚାରୀ ଜେସିକା ମିର୍ ଆଇଏସ୍‌ଏସ୍ ଅଭିମୁଖେ ଯାତ୍ରା ଆରମ୍ଭ କରିବାବେଳେ ୟୁଏଇର ମହମ୍ମଦ ବିନ୍ ରଶିଦ୍ ସ୍ପେସ୍ ସେଣ୍ଟରରେ ବହୁସଂଖ୍ୟକ ଲୋକ ଉପସ୍ଥିତ ରହି ଜାତୀୟ ପତାକା ଧରି ଉତ୍ସବ ପାଳନ କରିଛନ୍ତି। ବାୟୁସେନାର ପୂର୍ବତନ ପାଇଲଟ ମନ୍‌ସୁରିଙ୍କୁ ୟୁଏଇ ଜଣେ ଜାତୀୟ ହିରୋ ଭାବେ ଅଭିହିତ କରିଛି। ମନ୍‌ସୁରି



ହଜା ଅଲ୍-ମନ୍‌ସୁରି

**ଆଇଏସ୍‌ଏସ୍ ଅଭିମୁଖେ ପ୍ରଥମ ଯାତ୍ରୀ ମନ୍‌ସୁରି**

ଆଇଏସ୍‌ଏସ୍‌ରେ ୮ ଦିନ ବିତାଇ ବିଭିନ୍ନ ପ୍ରକାର ପ୍ରୟୋଗ କରିବେ। ଯାତ୍ରା ପୂର୍ବରୁ ସେ ଏହାକୁ ତାଙ୍କ ସ୍ୱପ୍ନର ମିଶନ ବୋଲି କହିଛନ୍ତି। ଏହି ଅବସରରେ ସାରା ବିଶ୍ୱରୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶେଖ୍ ମହମ୍ମଦ ବିନ୍ ଜାୟେଦ୍‌ଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିବା ସହ ମନ୍‌ସୁରିଙ୍କ ସଫଳ ଯାତ୍ରା କାମନା କରିଛନ୍ତି।

## ପାକ୍ ଡ୍ରୋନ୍ ଆଣିଛି ବିପୁଳ ଅସ୍ତ୍ରଶସ୍ତ୍ର



ଚଣ୍ଡିଗଡ଼,୨୫ା୯(ପି.ଟି.)

**୪ ଖଲିସ୍ତାନୀ ଆତଙ୍କବାଦୀ ଗିରଫ**

ଗ୍ଲୋବାଲ୍ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ସଂଲଗ୍ନ ଏକ ଡ୍ରୋନ୍ ପାକିସ୍ତାନରୁ ୭/୮ ଥର ଆସି ପଞ୍ଜାବର ତରନ୍‌ତାରନ୍ ଜିଲାରେ ଓହ୍ଲାଇଛି। ୧୦ କେ.ଜି. ଓଜନ ଧାରଣ କ୍ଷମତା ବିଶିଷ୍ଟ ଏହି ଡ୍ରୋନ୍ ବିପୁଳ ଅସ୍ତ୍ରଶସ୍ତ୍ର ଓ ଜାଲ୍ ନୋଟ୍ ଆଣିଥିବା ନେଇ ପୋଲିସ ତଦନ୍ତରୁ ପ୍ରଘଟ ହୋଇଛି। ସୀମା ସେପଟୁ ଡ୍ରୋନ୍‌ରେ ଅସ୍ତ୍ରଶସ୍ତ୍ର, ଯୋଗାଯୋଗ ସାମଗ୍ରୀ ପଞ୍ଜାବକୁ ଅଣାଯିବାରେ ଏହା ପ୍ରଥମ ଘଟଣା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ଡ୍ରୋନ୍‌ର ଅଧା ଅଂଶ ପୋଡ଼ିଯାଇଛି। ପୋଲିସ ଏନେଇ ୪ ଆତଙ୍କବାଦୀଙ୍କୁ ଗିରଫ କରିଛି।

ପାକିସ୍ତାନ ଓ ଜର୍ମାନୀ ସମର୍ଥନପ୍ରାପ୍ତ ଆତଙ୍କବାଦୀ ସଙ୍ଗଠନ ଖଲିସ୍ତାନ ଜିନ୍ଦାବାଦ ଫୋର୍ସ (କେଜେଏଫ୍)ର ୪ ସଦସ୍ୟଙ୍କୁ ଚୋହଲା ସାହିବ୍ ଗ୍ରାମରୁ ଗିରଫ କରିଛି। ସେମାନେ ହେଲେ ବଲୱନ୍ତ ସିଂ, ଆକାଶଦୀପ ସିଂ, ହରଭଜନ ସିଂ ଓ ବଲବୀର ସିଂ। ପଞ୍ଜାବ ଓ ପଡ଼ୋଶୀ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚୁଥିବା ଅଭିଯୋଗରେ ୪ ଆତଙ୍କବାଦୀଙ୍କୁ ରବିବାର ଗିରଫ କରାଯାଇଥିବା ପୋଲିସ କହିଛି। ଡ୍ରୋନ୍‌ରେ ସୀମା ସେପଟୁ ୫ ଏକେ-୪୭ ରାଇଫଲ, ପିସ୍ତଲ, ସାଟେଲାଇଟ୍ ଫୋନ୍, ହ୍ୟାଣ୍ଡ ଗ୍ରେନେଡ୍ ଆଣିଥିବା ଜେରାବେଳେ ସେମାନେ ସ୍ୱୀକାର କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ସହଯୋଗ ଲୋଡ଼ିଛନ୍ତି। ପାକିସ୍ତାନରୁ ଏଭଳି ସାମରିକ ଡ୍ରୋନ ଆସିଲେ ଖସାଇ ଦିଆଯିବ ବୋଲି ଲ୍ୟୁଟନାଣ୍ଟ ଜେନେରାଲ ଆଲୋକ ସିଂ କ୍ଲେର୍ କହିଛନ୍ତି।

## ୨୭ରେ ଇଡିରେ ହାଜର ହେବେ ପାୱାର

ନୂଆଦିଲ୍ଲୀ,୨୫ା୯(ପି.ଟି.)

ମହାରାଷ୍ଟ୍ର ରାଜ୍ୟ ସମବାୟ ବ୍ୟାଙ୍କ (ଏମ୍‌ଏସ୍‌ସିବି) ଦୁର୍ନୀତି ମାମଲାରେ ଫସିଥିବା ଏନ୍‌ସିପି ମୁଖ୍ୟ ଶରଦ ପାୱାର ଦିଲ୍ଲୀରେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନାହିଁ ବୋଲି ବୁଧବାର କହିଛନ୍ତି। ଆଗାମୀ ୨୭ରେ ସେ ଇଡିରେ ହାଜର ହୋଇ ସମସ୍ତ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ଏମ୍‌ଏସ୍‌ସିବି ଦୁର୍ନୀତି ମାମଲାରେ ୨୫ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ଏଥିରେ ଶରଦ ପାୱାର ଓ ତାଙ୍କ ପୁତୁରା ଅଜିତ ପାୱାରଙ୍କ ସହ ଅନେକ ବ୍ୟକ୍ତି ତଦନ୍ତ ଘେରକୁ ଚାଲିଆସିଛନ୍ତି। ତେବେ କୌଣସି ଦୁର୍ନୀତି କରି ନ ଥିବା ପାୱାର କହିଥିବାବେଳେ ଇଡିକୁ ସାମ୍ନା କରିବାକୁ ପ୍ରସ୍ତୁତ ବୋଲି ପ୍ରକାଶ କରିଛନ୍ତି।

[ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୬ର ପ୍ରମୁଖ ଘଟଣା

#### ଇଣ୍ଡୋନେସିଆ ବିମାନ ଦୁର୍ଘଟଣା

୧ ଇଣ୍ଡୋନେସିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୩୪ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ଘରୋଇ ଇଣ୍ଡୋନେସିଆ ବିମାନ ୧୫୨ ସୋଏକାମୋ ବିମାନବନ୍ଦରରୁ ପୋଲୋନିଆ ବିମାନବନ୍ଦର ଅଭିମୁଖେ ଯାଉଥିବାବେଳେ ଏକ ପର୍ବତରେ ଧକ୍କା ଖାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

#### ସେନେଗାଲରେ ଡଙ୍ଗାବୁଡ଼ି

୨ ୦୦୨ସେପ୍ଟେମ୍ବର ୨୬ରେ ସେନେଗାଲର ଏକ ଯାତ୍ରୀବାହୀ 'ଲେ ଜୁଲା' ଡଙ୍ଗା ଭାରସାମ୍ୟ ହରାଇ ବୁଡ଼ିଯିବାରୁ ଏଥିରେ ଥିବା ୧,୮୬୩ ଯାତ୍ରୀ ପ୍ରାଣ ହରାଇଥିଲେ। ମାତ୍ର ୬୪ ଜଣ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥିଲେ। ଆବଶ୍ୟକଠାରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଡଙ୍ଗାଟି କାସାମାନ୍ସରୁ ଡକାର ଅଭିମୁଖେ ଯାଉଥିଲା।





ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୨ | ୨୨.୧ |
| ଚାନ୍ଦବାଲି | ୨୭.୩ | ୨୪.୩ |
| କଟକ | ୨୬.୦ | ୨୦.୮ |
| ପାରାଦ୍ୱୀପ | ୨୭.୦ | ୨୪.୮ |
| ଭୁବନେଶ୍ୱର | ୨୫.୮ | ୨୩.୨ |
| ଗୋପାଳପୁର | ୨୮.୧ | ୨୩.୨ |
| ପୁରୀ | ୨୭.୮ | ୨୩.୬ |
| ଅନୁଗୋଳ | ୨୮.୧ | ୨୦.୬ |
| ବାରିପଦା | ୨୭.୪ | ୨୪.୦ |
| ଝାରସୁଗୁଡ଼ା | ୨୮.୮ | ୨୪.୦ |
| କେନ୍ଦୁଝର | ୨୬.୨ | ୨୦.୦ |
| ସମ୍ବଲପୁର | ୩୦.୮ | ୨୩.୦ |
| ସୁନ୍ଦରଗଡ଼ | -- | ୨୧.୦ |
| ହୀରାକୁଦ | ୨୯.୦ | ୨୪.୧ |
| ତାଳଚେର | ୨୮.୫ | ୨୪.୩ |
| ଭବାନୀପାଟଣା | ୩୦.୫ | ୨୪.୫ |
| ବଲାଙ୍ଗୀର | ୨୯.୨ | ୨୪.୦ |
| କୋରାପୁଟ | ୨୬.୦ | ୧୯.୬ |
| ଫୁଲବାଣୀ | ୨୭.୨ | -- |
| ଟିଟିଲାଗଡ଼ | ୩୦.୬ | ୨୦.୬ |
| ମାଲକାନଗିରି | ୩୦.୦ | -- |
| ସୋନପୁର | ୩୧.୪ | ୧୯.୮ |
| ଦାରିଙ୍ଗିବାଡ଼ି | ୨୩.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଜୋଏଙ୍କ ବିରୋଧରେ ତଦନ୍ତ ପାଇଁ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଇଥିଲେ ଟ୍ରମ୍ପ୍

**ୱାଶିଂଟନ,୨୫ା୯:** ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ତଥା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଜୋଏ ବିଡେନ୍‌ଙ୍କ ବିରୋଧରେ ତଦନ୍ତ ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଇଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଆମେରିକା ଆର୍ଟର୍ନି ଜେନେରାଲ ଏବଂ ଟ୍ରମ୍ପ୍‌ଙ୍କ ବ୍ୟକ୍ତିଗତ ଓକିଲଙ୍କ ସହ ସମନ୍ୱୟ ରଖିବାକୁ ଜୁଲାଇ ମାସରେ ଟ୍ରମ୍ପ୍ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାଇମିର ଜେଲେନସ୍କିଙ୍କୁ ଫୋନ କରିଥିଲେ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି। ଏହି ତଦନ୍ତ ସହ ଜୋଏଙ୍କର କୌଣସି ସମ୍ପର୍କ ନାହିଁ। ଡେମୋକ୍ରାଟ ଦଳ ନିୟନ୍ତ୍ରଣରେ ଥିବା ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍ (ପ୍ରତିନିଧି ସଭା) ଏହା ବିରୋଧରେ ମହାଭିଯୋଗ ତଦନ୍ତ ଚଳାଇଥିବା ବାଚସ୍ପତି ନାନ୍ସି ପେଲୋସି



କହିବା ପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଉପରୋକ୍ତ ସଫେଇ ଦିଆଯାଇଛି।

ଟ୍ରମ୍ପ୍‌ଙ୍କ ଜୁଲାଇ ୨୫ ଫୋନ୍ କଲ୍‌କୁ ନେଇ ଡେମୋକ୍ରାଟ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେ ୟୁକ୍ରେନ ସହାୟତାରେ ରିପବ୍ଲିକାନ ଦଳର ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବାକୁ ଉଦ୍ୟମ ଚଳାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ରିପବ୍ଲିକାନ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଦୌଡରେ ଜୋଏ ଆଗରେ ଅଛନ୍ତି। ସୂଚନାଯୋଗ୍ୟ ୟୁକ୍ରେନ୍‌କୁ ପାଖାପାଖି ୪୦୦ ନିୟୁତ ଡଲାର ଆମେରିକା ସହାୟତାକୁ ରଦ୍ଦ କରିବା ପାଇଁ ଟ୍ରମ୍ପ୍ ନିର୍ଦ୍ଦେଶ ଦେବା ପରେ ଉପରୋକ୍ତ ଫୋନ୍ କଲ୍ କରାଯାଇଥିଲା। ଏହା ପରେ ୟୁକ୍ରେନ୍‌କୁ ସହାୟତା ଯୋଗାଇଦେବାକୁ ଟ୍ରମ୍ପ୍ ପ୍ରଶାସନ ଅନୁମତି ଦେଇଥିଲା। ତେଣୁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଟ୍ରମ୍ପ୍ କ୍ଷମତାର ଅପବ୍ୟବହାର କରିଥିବା ଡେମୋକ୍ରାଟ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଟ୍ରମ୍ପ୍‌ଙ୍କ ଏଭଳି ଉଦ୍ୟମକୁ ଜୋଏ ସମାଲୋଚନା କରିଛନ୍ତି। ପବିତ୍ର ଶପଥଠାରୁ ଦୂରେଇ ଯାଇ ସେ ବ୍ୟକ୍ତିଗତ ରାଜନୀତି କରୁଥିବା ଜୋଏ ଅଭିଯୋଗ କରିବା ସହ ଏଥିପାଇଁ କଂଗ୍ରେସ ତାଙ୍କୁ ଦାୟୀ କରିବା ଉଚିତ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ସେପ୍ଟେମ୍ବର, ୨୦୧୯



ଏନ୍ଆରସି(ଜାତୀୟ ନାଗରିକ ପଞ୍ଜିକା) ଭୟ ପଶ୍ଚିମବଙ୍ଗବାସୀଙ୍କୁ ଭାରାକ୍ରାନ୍ତ କରିବାରେ ଲାଗିଛି। ଏଥିଯୋଗୁ ଅଦ୍ୟାବଧି ୧୧ ଜଣ ପ୍ରାଣ ହରାଇଲେଣି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କହିଛନ୍ତି। ଲୋକମାନେ ନିଜ ବ୍ୟକ୍ତିଗତ ତଥ୍ୟ ସଂଶୋଧନ କରିବା ଲାଗି ବିଭିନ୍ନ କାର୍ଯ୍ୟାଳୟରେ ଦିନରାତି ଭିଡ଼ ଜମାଉଥିବା ସେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଭାଜପା ନେତାମାନେ ଏନ୍ଆରସି ନେଇ ଭୟ ଦେଖାଉଥିଲେ ହେଁ ଏହାକୁ ରାଜ୍ୟରେ ଲାଗୁ କରାଯିବ ନାହିଁ ବୋଲି ମମତା ମତ ଦେଇଛନ୍ତି।



# ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ପୁରସ୍କାର, ଷ୍ଟାର ର୍‌ୟାଙ୍କିଙ୍ଗ୍

ଭୁବନେଶ୍ୱର, ୨୫।୯(ବ୍ୟୁରୋ)




ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନର ଶୁଭାରମ୍ଭ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

- ଅକ୍ଟୋବର ୧୪ ମଧ୍ୟରେ ପଞ୍ଜୀକରଣ
- ୧୫ରୁ ୩୧ ପର୍ଯ୍ୟନ୍ତ ଆବେଦନ ପତ୍ର ଯାଞ୍ଚ
- ନଭେମ୍ବର ୧ରୁ ୧୦ ମଧ୍ୟରେ ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା

ଏଣିକି ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ପୁରସ୍କାର। ପିଲାଙ୍କୁ ଛାତ୍ରଜୀବନରୁ ସ୍ୱଚ୍ଛତା ପାଇଁ ସଚେତନ କରାଇବା ଏବଂ ବିଦ୍ୟାଳୟରେ ସ୍ୱଚ୍ଛ ପରିବେଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଛି। ଏନେଇ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଦେବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଏକ ଆପ୍ ଲୋକାର୍ପିତ କରିଛନ୍ତି।

ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ ଏଥିରେ ସାମିଲ ହେବେ। ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ହେବ। ଆପ୍ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକୃତ କରିପାରିବେ। ସ୍ୱଚ୍ଛ ବିଦ୍ୟାଳୟଗୁଡ଼ିକ ପାଇଁ ପୁରସ୍କାର ରାଶି ସହ ତାରକା ମାର୍କିଂ ବ୍ୟବସ୍ଥା ମଧ୍ୟ ରହିଛି। ଅକ୍ଟୋବର ୧୪ ମଧ୍ୟରେ ସମସ୍ତ ବିଦ୍ୟାଳୟଗୁଡ଼ିକ ପୁରସ୍କାର ପାଇଁ ପଞ୍ଜୀକରଣ କରିପାରିବେ। ଅକ୍ଟୋବର ୧୫ରୁ ୩୧ତାରିଖ ପର୍ଯ୍ୟନ୍ତ ଆବେଦନ ପତ୍ର ଯାଞ୍ଚ ହେବ। ନଭେମ୍ବର ୧ରୁ ୧୦ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା କରାଯିବ। ବ୍ଲକସ୍ତରରେ ୧୨୫୬, ଜିଲାସ୍ତରରେ ୨୪୦, ରାଜ୍ୟସ୍ତରରେ ୪୦ ସ୍କୁଲକୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ମିଳିବ। ସ୍ୱଚ୍ଛ ବିଦ୍ୟାଳୟଗୁଡ଼ିକୁ ବ୍ଲକସ୍ତରରେ ୨ହଜାର, ଜିଲାସ୍ତରରେ ୫ହଜାର ଏବଂ ରାଜ୍ୟସ୍ତରରେ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

ଅନ୍ୟପଟେ ୯୦ରୁ ୧୦୦% ସ୍ୱଚ୍ଛ ବିଦ୍ୟାଳୟଗୁଡ଼ିକୁ ୫ଷ୍ଟାର୍ ର୍‌ୟାଙ୍କିଙ୍ଗ୍ ମିଳିବ। ଅର୍ଥାତ୍ ଏହି ବିଦ୍ୟାଳୟଗୁଡ଼ିକ ଉତ୍କୃଷ୍ଟ ବୋଲି ବିବେଚନା କରାଯିବ। ୭୦ ରୁ ୮୯% ସ୍ୱଚ୍ଛ ଥିଲେ ବିଦ୍ୟାଳୟଗୁଡ଼ିକୁ ୪ଷ୍ଟାର୍ ମିଳିବ ଏବଂ ଏହି ବିଦ୍ୟାଳୟଗୁଡ଼ିକ ଭଲ ଏବଂ ଆହୁରି ସ୍ୱଚ୍ଛ କରାଯାଇପାରେ ବୋଲି କୁହାଯିବ। ଅନ୍ୟପଟେ ୫୧ରୁ ୬୯%କୁ ୩ଷ୍ଟାର୍ ର୍‌ୟାଙ୍କିଙ୍ଗ୍ କରାଯିବ। ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟ ଭଲ ଅଛି, ଆଉ ଅଧିକ ଭଲ କରାଯାଇପାରିବ। ୩୫ରୁ ୫୦% ସ୍ୱଚ୍ଛ ବିଦ୍ୟାଳୟକୁ ୨ଷ୍ଟାର୍ ଦିଆଯିବ ଏବଂ ଏହି ବିଦ୍ୟାଳୟଗୁଡ଼ିକ ଅଧିକ ଉନ୍ନତି ଦରକାର। ୩୫%ରୁ କମ୍ ସ୍ୱଚ୍ଛତା ପାଇଁ ୧ଷ୍ଟାର୍ ବା ଖରାପ ବୋଲି ବିଚାର କରାଯିବ।

ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଓଡ଼ିଶା ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର-୨୦୧୯ ଅଭିଯାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଦାଶ କହିଲେ, ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନରେ ଯେଉଁ ବିଦ୍ୟାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବେ ସେମାନଙ୍କୁ ସମ୍ମାନିତ କରିବା ଏହି ପୁରସ୍କାରର ଲକ୍ଷ୍ୟ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମୁଗମ୍, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ଓ ନିଲେସନ୍, ସ୍ୱଚ୍ଛ ବିଶେଷଜ୍ଞ ଆଇସିଓ ପ୍ରତିଭା ସିଂ ପ୍ରମୁଖ ଉକ୍ତ ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ଶୁଭାରମ୍ଭ ଅବସରରେ ଯୋଗଦେଇଥିଲେ।

## ଛେନାଝିଲ୍ଲି ପାଇଁ ଜିଆଇ ଟ୍ୟାଗ୍

# ପ୍ରକ୍ରିୟା ଆରମ୍ଭ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୫।୯(ବ୍ୟୁରୋ)



ଓଡ଼ିଶାର ରସଗୋଲାକୁ ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମିଳିବା ପରେ ଏବେ ନିମାପଡ଼ା ପ୍ରସିଦ୍ଧ ଛେନାଝିଲ୍ଲିକୁ ଜିଆଇ ଟ୍ୟାଗ୍ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଆବେଦନ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ଗତଥର ରସଗୋଲାର ଜିଆଇ ଟ୍ୟାଗ୍ ଓଡ଼ିଶା ହାତରୁ ପଶ୍ଚିମବଙ୍ଗ ହାତକୁ ଚାଲିଯାଇଥିବାରୁ ଏଥର ଆଉ ଆବେଦନ ପ୍ରକ୍ରିୟାରେ କୌଣସି ପ୍ରକାର ହେଳା ନ କରିବାକୁ ସ୍ଥିର ହୋଇଛି। ରାଜ୍ୟ ଏବଂ ରାଜ୍ୟ ବାହାରେ ନିମାପଡ଼ା ଛେନାଝିଲ୍ଲିର ବିଶେଷ ଲୋକପ୍ରିୟତା ରହିଥିବାରୁ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ବିଭାଗ ଜିଆଇ ମାନ୍ୟତା ପାଇଁ ଆବେଦନ କରିବାକୁ ପ୍ରାରମ୍ଭିକ ସର୍ଭେ ଆରମ୍ଭ କରିଛି। ପୁରୀ ଜିଲାର ନିମାପଡ଼ାରୁ ଛେନାଝିଲ୍ଲି ସୃଷ୍ଟି ହୋଇଥିବାବେଳେ ସର୍ଭେ ପାଇଁ ଏଠାକୁ ଏକ ୩ଜଣିଆ ଟିମ୍ ପଠାଯାଇଛି। ମଙ୍ଗଳବାର ଏହି ଟିମ୍ ନିମାପଡ଼ାର ବିଭିନ୍ନ ଅଞ୍ଚଳ ବୁଲି ଛେନାଝିଲ୍ଲିର ଉତ୍ପତ୍ତିସ୍ଥଳ ଏବଂ ଇତିହାସ ସମ୍ପର୍କରେ ପଚାରି ବୁଝିଥିଲେ। ନିମାପଡ଼ା ବଜାରରେ ଥିବା ମିଠା ଦୋକାନୀଙ୍କ ସହ ଆଲୋଚନା କରିବା ସହ ସେମାନଙ୍କଠାରୁ ଛେନାଝିଲ୍ଲିର ମୂଳ ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଟିମ୍ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ପରେ ଜିଆଇ ଟ୍ୟାଗ୍ ଆବେଦନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି।




# ୩୦ରୁ ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ବିଦ୍ୟୁତ୍ ବିଭାଗରେ ସଂସ୍କାର ପାଇଁ ଆମୂଳଚୂଳ ପରିବର୍ତ୍ତନ କରାଯିବାର ୨୪ ବର୍ଷ ପୂରିଲା। ହେଲେ କର୍ମଚାରୀଙ୍କ ପାଇଁ ସର୍ଭିସ ରେଗୁଲେଶନ ହୋଇପାରିଲା ନାହିଁ। ସର୍ଭିସ ରେଗୁଲେଶନ ନ ଥିବାରୁ କର୍ମଚାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଇଟିଆଇ ତାଲିମପ୍ରାପ୍ତ କୁଶଳୀ ଶ୍ରେଣୀରେ ଗଣା ଯାଉଥିବା ବେଳେ ଓପିଟିସିଏଲ୍‌ରେ ଆଇଟିଆଇ ତାଲିମପ୍ରାପ୍ତ କର୍ମଚାରୀମାନେ ଦୀର୍ଘ ସାତବର୍ଷ ହେବ ଅର୍ଦ୍ଧକୁଶଳୀ ଶ୍ରେଣୀରେ ବିନା ପଦୋନ୍ନତିରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ୫ଟି ନୀତିକୁ ଓପିଟିସିଏଲ୍ କର୍ତ୍ତୃପକ୍ଷ ବାରମ୍ବାର ଉଲ୍ଲଂଘନ କରୁଛନ୍ତି। ପ୍ରତିବାଦରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ କର୍ମକର୍ତ୍ତା ଆସନ୍ତା ୩୦ ତାରିଖରୁ ଓପିଟିସିଏଲ୍ ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗଣଧାରଣା ଦେବେ। ମହାସଂଘର କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଭୋଇ ଏବଂ ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା ବୁଧବାର ଏକ ପ୍ରେସ୍ ବିବୃତିରେ ଏହା ଜଣାଇଛନ୍ତି।




ଆପଣଙ୍କର ପ୍ରିୟ ଧରିତ୍ରୀ କାଗଜରେ ଏକ ବ୍ୟାଗ ପ୍ରସ୍ତୁତ କରନ୍ତୁ ଏବଂ ଫଟୋ/ ଭିଡିଓ /ସେଲଫିକୁ plasticfreeodishadht@gmail.com ରେ ମେଲ୍ କରନ୍ତୁ । ଖବରକାଗଜକୁ ପୁଣି ବ୍ୟବହାର ଉପଯୋଗୀ କରିବା ସହ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହଯୋଗ କରି ପୁରସ୍କାର ଜିତିବାର ସୁଯୋଗ ପାଆନ୍ତୁ । ଶ୍ରେଷ୍ଠ ୫ଟି ବ୍ୟାଗ୍ ପ୍ରସ୍ତୁତକାରୀଙ୍କୁ ମିଳିବ ଆକର୍ଷଣୀୟ ଉପହାର ।




**Ex-showroom price - Odisha. Accessories shown in the ad may not be a part of the standard equipment. #Finance at the sole discretion of the financier and offers cannot be clubbed together. ^5 year warranty without any additional charges. *Based on Ex-Showroom prices & mileage data as per WMTC in scooter category. T&C apply.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com: Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph :: 8860629978. PURI: Modern TVS, Ph : 7978707757, 7440002101, Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Kakatpur, Ph.: 9437112054/06758-231053; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209;Jajpur Town, Ph.: 9438366160; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749; Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 9439204456;Jagatsinghpur, Ph.: 06724-222717, 9778802623; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Singhpur, Ph : 9439002157; Duburi, Ph : 9439176344; Kujang, Ph : 9178402368; Garadpur, Ph : 9178194288; Nirakarpur, Ph : 9658971360, 06756-252360; Trisuliya, Ph : 9437586155, Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; Niali, Ph : 0671-2803357, 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Konark, Ph : 9078802288; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Kuakhia, Ph : 8114398333; Bari, Ph : 8917596087; Binjharpur, Ph : 7008499365; Balianta, Ph : 7328080807; Mandarbasta, Ph : 9776483333; Nischintakoili, Ph : 9090889132; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415.

## ଆଜି କ୍ୟାବିନେଟ ବୈଠକ

**ଭୁବନେଶ୍ୱର,୨୫।୯(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୂର୍ବାହ୍ନ ୧୧.୪୫ମିନିଟରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଏଥିରେ ପୂର୍ତ୍ତ ବିଭାଗର ସର୍ବାଧିକ ୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବାକୁ ଥିବାବେଳେ, ଆଇନ ବିଭାଗର ଗୋଟିଏ, ଅର୍ଥ ବିଭାଗର ୨ଟା, ଗୃହ ଓ ନଗର ଉନ୍ନୟନ ବିଭାଗର ୨ଟି ଏବଂ ରାଜସ୍ୱ ବିଭାଗର ଗୋଟିଏ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଦୁଇଟି ମେଡିକାଲ କଲେଜର କୋଠା ନିର୍ମାଣ ଲାଗି ପ୍ରସ୍ତାବ ରହିଥିବାବେଳେ, ରାଜ୍ୟ ସରକାରଙ୍କ ଅବଢ଼ା ଯୋଜନା ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିବ ବୋଲି ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କୌସ୍ତୁଭ
ପରିବାରବର୍ଗ


ପ୍ରଭଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚଳିତବର୍ଷ ୩୫ ହଜାର ବସ୍ତିବାସିନ୍ଦାଙ୍କୁ ମିଳିବ ଜମି ପଟ୍ଟା

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ ରାଜ୍ୟ ସରକାର ଜାଗା ମିଶନ ଆରମ୍ଭ କରିଛନ୍ତି। ୨୦୧୭ ଅକ୍ଟୋବର ୧୬ ପୂର୍ବରୁ ଏନ୍ଏସି ଏବଂ ମ୍ୟୁନିସିପାଲିଟି ଗୁଡ଼ିକରେ ରହୁଥିବା ବସ୍ତି ଲୋକଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରାଯାଉଛି। ୧୦୯ଟି ପୌରାଞ୍ଚଳରେ ଜାଗା ମିଶନ କାର୍ଯ୍ୟକାରୀ ହେଉଛି। ମ୍ୟୁନିସିପାଲିଟିଗୁଡ଼ିକରେ ବସ୍ତି ଲୋକଙ୍କୁ ୪୮୯ ବର୍ଗଫୁଟ, ଏନ୍ଏସି ଅଞ୍ଚଳରେ ୬୪୬ ବର୍ଗଫୁଟର ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦିଆଯାଉଛି। ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେଲେ ୩୨୩ ବର୍ଗଫୁଟ ଜାଗା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ମିଶନ ପ୍ରଥମେ ପୁରୀ ମ୍ୟୁନିସିପାଲିଟିରୁ ଆରମ୍ଭ ହୋଇଥିଲା। ୨୦୧୮ରେ ଜାଗା ମିଶନ ମାଧ୍ୟମରେ ୧୦୯ଟି ପୌରାଞ୍ଚଳର ୫୦ହଜାର ପରିବାରଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଇଛି। ଚଳିତବର୍ଷ ୩୫ ହଜାର ଜମି ପଟ୍ଟା ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଆଦି ୫ ମହାନଗର ନିଗମକୁ ଛାଡ଼ି ସମସ୍ତ ପୌରାଞ୍ଚଳରେ ୨ ଲକ୍ଷ ଲୋକଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯିବ। ବସ୍ତି ଉନ୍ନୟନ ଏଜେନ୍ସି ଏବଂ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ନେଇ ଗଠନ କରାଯାଇଥିବା ୱାର୍ଡ କମିଟି ଜରିଆରେ ହିତାଧିକାରୀ ଚୟନ କରାଯାଇ ଜମି ଯୋଗାଇ ଦିଆଯାଉଛି। ସହରାଞ୍ଚଳରେ ବାସ କରୁଥିବା ୭୦ ଲକ୍ଷ ଲୋକଙ୍କ ମଧ୍ୟରୁ ୨୬ ପ୍ରତିଶତ ରାଜ୍ୟର ସହରାଞ୍ଚଳରେ ଥିବା ୩ ହଜାର ବସ୍ତିରେ ରହୁଛନ୍ତି। ଭୁବନେଶ୍ୱରରେ ୪୯୨ ବସ୍ତି ରହିଥିବାବେଳେ କଟକରେ ୨୧୧ଟି ବସ୍ତି ରହିଛି। ବସ୍ତି ଅଞ୍ଚଳର ପରିବେଶକୁ ସୁବ୍ୟବସ୍ଥିତ କରିବାକୁ ଖୋଲା ଜାଗା ପରିଚାଳନା (ଓପନ ସ୍ପେଶ ମ୍ୟାନେଜମେଣ୍ଟ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମର ଈଶାନେଶ୍ୱର ଏବଂ ସାଲିଆସାହି ବସ୍ତିରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ସମସ୍ତ ସହରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଟାର୍ଗେଟ ୩୦ ସହର...

ବିଦେଶୀ ପ୍ରତିପକ୍ଷଙ୍କଠାରୁ ଏକ ଗୁପ୍ତ ରିପୋର୍ଟ ପାଇଛନ୍ତି। ସେପ୍ଟେମ୍ବରରେ ଆକ୍ରମଣ ପାଇଁ ଯୋଜନା ହୋଇଥିବା ଜୈଶ୍ ଆତଙ୍କବାଦୀ ଶମ୍ଶେର ୱାନି ଓ ତାଙ୍କ ହ୍ୟାଣ୍ଡଲରଙ୍କ ମଧ୍ୟରେ ହୋଇଥିବା ପତ୍ରାଳାପରୁ ସେମାନେ ଜାଣିବାକୁ ପାଇଥିବା ଅବଗତ କରାଇଛନ୍ତି। ଏହା ପୂର୍ବରୁ ବମ୍ବେ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ୍ଙ୍କ ଲଶ୍କର-ଇ-ତୋଇବା (ଏଲ୍ଇଟି) ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ସଂସଦୀୟ ଆସନ ବାରାଣସୀରେ ଆକ୍ରମଣ ପାଇଁ ଯୋଜନା କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଜମ୍ମୁ, ପଠାନ୍କୋଟ, ଅମୃତସର, ଜୟପୁର, ଗାନ୍ଧୀନଗର, କାନପୁର, ଲକ୍ଷ୍ନୌ ସମେତ ୩୦ଟି ସହର ଉପରେ ଆକ୍ରମଣ କରିବା ପାଇଁ ପତ୍ରରେ ଧମକ ଦିଆଯାଇଛି। ସେହିପରି ଦେଶର ୪ଟି ବିମାନବନ୍ଦର ଉପରେ ମଧ୍ୟ ଆକ୍ରମଣର ଯୋଜନା ଚାଲିଥିବା ଏଥିରୁ ଜଣାପଡ଼ିଛି। ସଦ୍ୟ ରିପୋର୍ଟ ପରେ ଉକ୍ତ ସହରଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି। ଅନୁରୂପ ଭାବେ ଶ୍ରୀନଗର, ଅୱନ୍ତିପୋରା, ଜମ୍ମୁ, ପଠାନ୍କୋଟ ଓ ହିଣ୍ଡୋନ୍ ବାୟୁସେନା ଘାଟିରେ ଆତଙ୍କବାଦୀ ଆକ୍ରମଣ ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ପ୍ରକାଶ ଯେ, ଉରି ଆକ୍ରମଣ ପରେ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ସର୍ଜିକାଲ ଷ୍ଟ୍ରାଇକ୍ ଓ ପୁଲୱାମା ଆକ୍ରମଣ ପରେ ବାଲାକୋଟ ଏୟାର ଷ୍ଟ୍ରାଇକ୍ ଭଳି ଆତଙ୍କବାଦ ନିରୋଧୀ ଅଭିଯାନ ପାଇଁ ଏନ୍ଏସ୍ଏ ଅଜିତ୍ ଡୋଭାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ସେ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଆସିଛନ୍ତି। ବାଲାକୋଟ କାର୍ଯ୍ୟାନୁଷ୍ଠାନ ପରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଆତଙ୍କବାଦୀ ଶିବିରଗୁଡ଼ିକ ପୁଣି ସକ୍ରିୟ ହୋଇଛି। ସେଠାରେ ରହିଥିବା ୪୫୦ରୁ ୫୦୦ ଆତଙ୍କବାଦୀ ଜମ୍ମୁ-କଶ୍ମୀର ଦେଇ ଭାରତୀୟ ଭୂଖଣ୍ଡରେ ଅନୁପ୍ରବେଶ କରିବା ପାଇଁ ପ୍ରସ୍ତୁତ ହେଉଥିବା ସୋମବାର ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ୍ ରାୱତ୍ ସୂଚନା ଦେଇଥିଲେ। ଏହାର ଦୁଇଦିନ ପରେ ଜୈଶ୍ ପକ୍ଷରୁ ଏଭଳି ଆକ୍ରମଣ ନେଇ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇଛି।

### 'ଗୋଇନ୍ଦା ସୂଚନା ତୁରନ୍ତ...

ସଙ୍ଗେ ସଙ୍ଗେ ଜଣାଇବା ଉଚିତ ନୁହେଁ। ଲୋକମାନେ ଭୟଭୀତ ହେବା ସହ ଅରାଜକତା ଦେଖାଯିବାର ଆଶଙ୍କା ରହିଛି। ଏପରିକି ଏହା ଆନ୍ତର୍ଜାତିକ ବଜାର ଉପରେ ମଧ୍ୟ କୁପ୍ରଭାବ ପକାଇବ। ବିଭିନ୍ନ ସେନା ବିଭାଗଠାରୁ ନିଶ୍ଚିତ ହେବାପରେ ଗୋଇନ୍ଦା ବିଭାଗ ଖବର ପ୍ରକାଶ କରେ। ବର୍ତ୍ତମାନ ଯେଉଁ ଗୋଇନ୍ଦା ଖବର ଦେଇଛି, ଏହା ଏକ ପ୍ରକାର ଠୋସ ଖବର ଭାବି ପାରିବା। ମାତ୍ର ଆତଙ୍କବାଦୀ କେଉଁ ଜାଗାକୁ ଏବଂ କେତେବେଳେ ଟାର୍ଗେଟ କରିପାରନ୍ତି ତାହା ଜନସାଧାରଣଙ୍କୁ ଜଣାଇବା କିଛି ଆବଶ୍ୟକ ନାହିଁ। ଏହା ଦ୍ୱାରା ଶତ୍ରୁପକ୍ଷ ଅଧିକ ଚାଲାକ ହୋଇଯିବେ। ବିଶେଷ କରି ସୀମା ନିକଟରେ ଥିବା ଏୟାରପୋର୍ଟ ଗୁଡିକ ସେମାନଙ୍କର ଟାର୍ଗେଟରେ ରହିଥାଏ। ଓଡ଼ିଶାରେ ଏକ ବଡ଼ ଉପକୂଳ ରହିଥିବାବେଳେ ସୁରକ୍ଷା ଦୃଷ୍ଟିକୋଣରୁ ଖୋଲାମେଲା ପଡିଛି। ତେଣୁ ବାଂଲାଦେଶ ଦେଇ ଆତଙ୍କବାଦୀ ଆସି ଆକ୍ରମଣ କରିପାରନ୍ତି। ଆମର ଉପକୂଳ ଅଞ୍ଚଳରେ ବାଂଲାଦେଶ ଶରଣାର୍ଥୀ ବହୁତ ଅଛନ୍ତି। ସେମାନଙ୍କୁ ଟଙ୍କା ଦେଇ ଆତଙ୍କବାଦୀମାନେ ଅନେକ କିଛି କରିପାରିବେ। ତେଣୁ କୌଣସି ପ୍ରକାର ସନ୍ଦିଗ୍ଧ ଗତିବିଧି ଦେଖିଲେ ପୋଲିସକୁ ତୁରନ୍ତ ଖବର ଦେବା ଦରକାର ବୋଲି ସାମନ୍ତ କହିଛନ୍ତି।

ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ରଙ୍କ କହିବା ହେଲା, ଯେହେତୁ ଆତଙ୍କବାଦୀ ଆକ୍ରମଣ ନେଇ ସୂଚନା ଦେଶବାସୀଙ୍କୁ ଆଗୁଆ ଦିଆଯାଉଛି, ତେଣୁ ସେମାନେ ଅଧିକ ଚାଲାକ ହୋଇଯାଉଛନ୍ତି। ଯାହାଫଳରେ କେହି ଆଶା କରୁ ନ ଥିବା ସ୍ଥାନକୁ ସେମାନେ ଟାର୍ଗେଟ କରିବାକୁ ଯୋଜନା କରିପାରନ୍ତି। ଯଦି କୌଣସି ପ୍ରକାର ଆକ୍ରମଣ ହୁଏ, ତେବେ ଏହା ଦେଶର ଅର୍ଥନୈତିକ ବ୍ୟବସ୍ଥା ଉପରେ ଘୋର ପ୍ରଭାବ ପକାଇବ। ଓଡିଶାର ଅନେକ ସ୍ଥାନ ରହିଛି ଯାହା ଆତଙ୍କବାଦୀଙ୍କ ଟାର୍ଗେଟରେ ରହିବା ସହ ଆକ୍ରମଣ କରିବାର ବହୁ ସମ୍ଭାବନା ରହିଛି। ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି, ପୁରୀ ଶ୍ରୀମନ୍ଦିର, କୋଣାର୍କ, ପାରାଦୀପ ବନ୍ଦର, ଚାରିବାଟିଆ ଏଆରସି, ସୁନାବେଡ଼ା ମିଗ ବିମାନ ଫ୍ୟାକ୍ଟ୍ରି ଉପରେ ନଜର ବହୁ ପୂର୍ବରୁ ରହିଛି। ଏସବୁ ଗୁରୁତ୍ୱପର୍ଣ୍ଣ ସ୍ଥାନଗୁଡିକୁ ସେମାନେ ସାଟେଲାଇଟ ଦ୍ୱାରା ବହୁତ ଭଲ ଭାବରେ ଜାଣିପାରୁଛନ୍ତି। ଯଦି ଆତଙ୍କବାଦୀ ଆକ୍ରମଣ ହେବ ତେବେ ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ପୋଲିସ ଯଥେଷ୍ଟ ନୁହେଁ। କୋଷ୍ଟାଲ ଗାର୍ଡଙ୍କ ସଂଖ୍ୟା ବହୁତ କମ୍ ଥିବାରୁ ସେମାନଙ୍କ ସଂଖ୍ୟା ବଢାଇବା ସହ ସେମାନଙ୍କୁ ଶକ୍ତିଶାଳୀ କରିବା ଆବଶ୍ୟକ ବୋଲି ମିଶ୍ର କହିଛନ୍ତି।

### ସଭାମଞ୍ଚରେ କର୍ମୀଙ୍କୁ ...

ତଥା ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳର କେତେଜଣ ନେତା ଓ କର୍ମୀ ମଧ୍ୟ ବିଜେଡିରେ ସାମିଲ୍ ହେବାର କାର୍ଯ୍ୟକ୍ରମ ଥିଲା। ଏଥିରେ ଜିଲା ପ୍ରଭାରୀ ସ୍ୱାଇଁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ବିଜେଡି ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରୁଥିଲେ। ସେ ଅନ୍ୟ ଦଳର ଯୁବନେତା ସଂଗ୍ରାମ କେଶରୀ ସାହୁଙ୍କୁ ଉତ୍ତରୀୟ ଦେବା ସମୟରେ ସଂଗ୍ରାମ ତାହାକୁ ବାହାର କରି ଏମ୍ପି ସାହୁଙ୍କୁ ଦେଇଥିଲେ ଏବଂ ତାଙ୍କ ହାତରୁ ସେ ତାହା ଗ୍ରହଣ କରିବା ପାଇଁ ଚାହିଁଥିଲେ। ଏଥିରେ ଏମ୍ପି ସାହୁ ରାଗିଯାଇ ଯୁବନେତା ସଂଗ୍ରାମଙ୍କୁ ଶକ୍ତ ଚାପୁଡ଼ା ମାରିଥିଲେ। ଏ ସମ୍ପର୍କରେ ସଂଗ୍ରାମ ପ୍ରତିକ୍ରିୟାରେ କହିଛନ୍ତି ଯେ, 'ଏମ୍ପି ଚାପୁଡ଼ା ମାରି ନ ଥିଲେ ବରଂ ସେପଟକୁ ଯାଅ ବୋଲି ଇଙ୍ଗିତ କରି ଆପୁଡ଼ାଇଥିଲେ'। ଅନ୍ୟପକ୍ଷରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଏହି ଭିଡିଓଟିକୁ ଟୁଇଟ୍ କରିବା ସହ ବିଜେଡିକୁ କଡ଼ା ସମାଲୋଚନା କରିଛନ୍ତି। ଭୃଗୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କଥାକୁ ତାଙ୍କ ନିଜ ଦଳ ଏମ୍ପି ମାନୁନାହାନ୍ତି। ଏହିପରି ଔଦ୍ଧତ୍ୟ ଗ୍ରହଣୀୟ ନୁହେଁ। ରାଜନୀତିରେ ଦ୍ୱିମତ ଥାଇପାରେ ହେଲେ ସର୍ବସାଧାରଣରେ ଏପରି ମାଡ ମାରିବା ଉଚିତ ନୁହେଁ। ମୁଖ୍ୟମନ୍ତ୍ରୀ ୫-ଟି କଥା କହୁଥିବାବେଳେ ତାଙ୍କ ଏମ୍ପି ଭୟର ବାତାବରଣ ସୃଷ୍ଟି କରୁଥିବା ଭୃଗୁ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଅଭାବ ଦୂର ପାଇଁ ବନ୍ଧୁଙ୍କୁ ସାହାଯ୍ୟ କରିବା ସକାଶେ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ** ପୂର୍ବ ସ୍ଥିରୀକୃତ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** ପରିବାର ସଦସ୍ୟଙ୍କୁ ସନ୍ଦେହ କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଜମିଜମା ସମ୍ପର୍କିତ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ** ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାର ସୂଚନା ରହିଛି। ପିଲାମାନଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ।

**ସିଂହ** କୌଣସି ନୂତନ କାର୍ଯ୍ୟେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହ ଭ୍ରମଣରେ ଯିବାକୁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ପାରିବାରିକ ପ୍ରତିରୋଧ ଚେଷ୍ଟା କରୁଥିବା କାମକୁ ବିଶୃଙ୍ଖଳିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ପାଖପଡ଼ୋଶୀ ଦେଖେଇଶିଖେଇ ବିଭିନ୍ନ ପ୍ରକାର କଥା କହିପାରନ୍ତି।

**ଧନୁ** ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, କ୍ରୀଡ଼ା,ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ । ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର** ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ ପଡ଼ୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗିରହିବ। ବିରକ୍ତିବଶତଃ ଟିକିଏ କଥାରେ ରାଗିଯାଇ ଯାହା ତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ସାମାନ୍ୟ ଶାରୀରିକ ଅସ୍ୱସ୍ତି ଅନୁଭବ କରିବେ। ଅଟକି ରହିଥିବା କାମଟି ବହୁଳାଂଶରେ ସମ୍ପୂର୍ଣ୍ଣ ହୋଇଯିବ। ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟା ସମାଧାନରେ ସଫଳ ହେବେ। ସନ୍ତାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ସେପ୍ଟେମ୍ବର ୨୬ ତାରିଖ, ରାଶିନକ୍ଷତ୍ର-ମଘା/ସିଂହ, ତ୍ରୟୋଦଶୀର ଶ୍ରାଦ୍ଧ, ଦିବା ଘ୭।୧୬ମି. ମଧ୍ୟେ ଘ୧ ।୩୮ମି. ଗତେ, ଘ୩।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୧୧ ।୪୧ମି. ଗତେ, ଘ୧ ।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧ ।୦୭ମି. ଗତେ ଘ୨ ।୩୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

12nos of Tata Magic, 8nos Mahindra Maximo, 8nos Tata Winger & 40 seater Mahindra School bus latest model in excellent condition with brand new tyres for immediate sale. Contact: 8249319806. D- 68009

Vehicle for sale as is where is basis: Alfa Passenger- OR02BG7389, Ape Cargo D600 PV- LD BS- III- OD19E5029, Ape City Passenger- CNG- OD02AU6101, OD33T9527, OD33U2520, OD02AH2917, Ape Piaggio Diesel AR 3str 150CC- OD33G2549, OD19B0956, OD14E1850, OD14M2406, Atul Gem Cargo- OD13E8259, Atul Gem Cargo XL- OD107307, Atul Gem Cargo- OD25E4066, OD11K1349, Atul Gem MCL- OD33F1621, Atul Gem Paxx 395CC- OD33H7997, OD10C1289, OD33F9984, OD33A7401, Atul Gem Paxx 395CC- OD14K7889, Atul Gem Premium- OD14J7942, Atul Gemini DZ- OD19J6747, Bajaj Re Optima Diesel- OD21D6408, Mahindra Alfa Champ Passenger Diesel- OD13E3471, OD13D9949, Piaggio Ape AR Diesel- OD29C2998, Piaggio Ape Auto D3S Passenger BS IV- OD25G2889, OD29D5523, Piaggio Ape Xtra LD BS IV- OD33Q6167, OD09L0997, OD14P3036, Piaggio Auto Rickshaw BS- III- OD02AN0037, OD02AC0394, Piaggio Xtra LD Pickup Van BS- III- OD09F4372, Contact: Indusind Bank Ltd (CFD), Mob: 9078076923. D-14512




**SALE**

8000 sqft house hold land can be utilised for commercial purpose infront of CIFA, Puri NH side for immediate sale @ 1800/- sqft. Contact- 9090912012. D- 68010

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

Land measuring 16,000sqft (single plot) at Satya vihar housing colony, Rasulgarh with complete boundary wall for immediate sale @ 2,000/- sqft. Contact- 9090912012. D-68011

**Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal- 9238902929, 7992736330.** D- 66789

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist: 8480939300. D-66966

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Refresh your mind and soul with best therapy at Orchid Salon/ Spa. 9937287222. D-66970




India's No.1 Packers- Leo Packers & Movers since 1975, Nationwide Network- 9438133699. D-14426




ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**LOST**

I, Smt. Jayashree Pattnaik would like to inform you the general public that I have misplaced my original sale deed document bearing No. 5772 registered at Bhubaneswar Sub Registrar, if anyone finds it, kindly contact me at 8093359442 within 15days from the date of issue of this Ad. D-14511

**AFFIDAVIT**

ମୁଁ ଆଦିକନ୍ଦ ସିଂ, ଅଲାଞ୍ଜୁରୀ, କନ୍ଧମାଳ ଜଣାଏ କି, ମୋର ପୁତ୍ରଙ୍କ ଜନ୍ମ ତାରିଖରେ ତ୍ରୁଟି ଅଛି। ଅତଏବ ଆମ୍ଭେ ICSE Board କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁକି, ଉକ୍ତ ତ୍ରୁଟିକୁ ନିମ୍ନପ୍ରଦତ୍ତ ଜନ୍ମତାରିଖ ଅନୁଯାୟୀ ସଂଶୋଧନ କଲେ ଆମ୍ଭେ ଚିରଋଣୀ ରହିବୁ। ଏହି ଜନ୍ମ ତାରିଖ Court Affidavit ରେ ଉଲ୍ଲେଖ ଅଛି। Anurag Swabhiman Singh- 19.10.2000 (Wrong), 04.04.2002 (Right). D-56651

ମୁଁ ଆଦିକନ୍ଦ ସିଂ, ଅଲାଞ୍ଜୁରୀ, କନ୍ଧମାଳ ଜଣାଏ କି, ମୋର ପୁତ୍ରଙ୍କ ଜନ୍ମ ତାରିଖରେ ତ୍ରୁଟି ଅଛି। ଅତଏବ ଆମ୍ଭେ ICSE Board କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁକି, ଉକ୍ତ ତ୍ରୁଟିକୁ ନିମ୍ନପ୍ରଦତ୍ତ ଜନ୍ମତାରିଖ ଅନୁଯାୟୀ ସଂଶୋଧନ କଲେ ଆମ୍ଭେ ଚିରଋଣୀ ରହିବୁ। ଏହି ଜନ୍ମ ତାରିଖ Court Affidavit ରେ ଉଲ୍ଲେଖ ଅଛି। Abhinab Amritraj Singh- 29.09.1998 (Wrong), 08.04.2001 (Right). D-56655

By virtue of an affidavit before the Executive Magistrate, Kantapada, Cuttack, I Monalisa Behera W/o- Tulu Behera changed my name Monalisa to Swagatika. Henceforth I shall be known as Swagatika Behera for all purpose. D- 14568

**ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ୍ମାନ ଅମ୍ରିତ (ଗୁଡୁ)**
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଗରେ ନିବେଦନ ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ବାବା, ମାମା, ଜେଜେ, ଜେଜେମା', ଅଜା, ବାପା, ନାନୀ, ମଉସା, କବିତା ଆଣ୍ଟି, ପପୁ ଅଙ୍କଲ, ସୋମାଦିଦି, ରିମାଦିଦି, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୧୪୫୧୩

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ଜଗତ୍ ଜ୍ୟୋତି ବେହେରା**
**ପଟିଆ**
ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ଜେଜୀ, ବଡବାପା, ବଡମା', ବାବା, ମାମା ଓ ପରିବାରବର୍ଗ ।
ଧ-୧୪୫୧୪

**ଜନ୍ମଦିନ ଶୁଭେଚ୍ଛା**



**ଗୁଡୁଲ୍ (ଶ୍ୱେତା)**
Unit.IX, Road-3, Bhubaneswar
ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି, ମା' ତୋତେ ପଣତ କାନି ତଳେ ଘଣ୍ଟ ଘୋଡେଇ ରଖନ୍ତୁ, ନୀରୋଗ ରଖନ୍ତୁ। ବିଦ୍ୟା, ବୁଦ୍ଧି ଦିଅନ୍ତୁ ଓ ଭଲ ମଣିଷଟିଏ କରନ୍ତୁ।
**ଶୁଭେଚ୍ଛା ସହ ତୋର:**
ଅଜା (ଧଡୁ), ଆଇ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା, ମାମା, ମାଉସୀ (କୁନୁ), ଗେହ୍ଲୁ ସାନଭାଇ (ଆଶୁ)
ଧ-୧୪୪୯୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ମଧ୍ୟପ୍ରଦେଶର ଶିବପୁରୀ ଜିଲାରେ ବୁଧବାର ୨ ଦଳିତ ଶିଶୁଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ସେମାନେ ପଞ୍ଚାୟତ ବିଲ୍ଡିଂ ସମ୍ମୁଖରେ ସୌଚ କରୁଥିବାର ଦେଖି କେତେକ ଲୋକ ସେମାନଙ୍କୁ ମାଡ଼ ମାରିଥିଲେ। ଘଟଣାଟି ଭବକେଡି ଗାଁରେ ଘଟିଛି। ଲୋକଙ୍କ ମାଡ଼ରେ ପ୍ରାଣ ହରାଇଥିବା ୨ ଦଳିତ ଶିଶୁ ହେଲେ ରୋଶନୀ(୧୨) ଓ ଅବିନାଶ(୧୦)।

### ଡାକ୍ତରଖାନାରେ ଦଲାଲରାଜ ନେଇ ମୁଖ୍ୟମନ୍ତ୍ରୀ ଖପ୍ପା

# ‘୧୫ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟସ୍ଥ ମୁକ୍ତ କର’

ଭୁବନେଶ୍ୱର, ୨୫।୯(ବ୍ୟୁରୋ)



ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

- ଭଲ କାମ କଲେ ଡାକ୍ତରଙ୍କୁ ଶୀଘ୍ର ପଦୋନ୍ନତି
- ଦାୟିତ୍ୱରୁ ଓହରିଲେ ଦଣ୍ଡିତ ହେବେ
- ଅକ୍ଟୋବର ୨ ପରେ ରୋଗୀଙ୍କୁ ପଚାରି ବୁଝିବେ

ସରକାରୀ ହସ୍ପିଟାଲରେ ଦଲାଲ ଏବଂ ମଧ୍ୟସ୍ଥଙ୍କ ପାଦୁର୍ଭାବ ବୃଦ୍ଧିକୁ ନେଇ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟସ୍ଥଙ୍କ କବଳରୁ ମୁକ୍ତ ରଖିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାର ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୨ରେ ରାଜ୍ୟ ସରକାର ‘ମୋ ସରକାର’ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏଥିପୂର୍ବରୁ ବୁଧବାର ମୁଖ୍ୟମନ୍ତ୍ରୀ ଜିଲାପାଳ, ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଡାକ୍ତରମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ୧୫ଦିନ ମଧ୍ୟରେ ହସ୍ପିଟାଲଗୁଡ଼ିକୁ ମଧ୍ୟସ୍ଥ ମୁକ୍ତ କରି ଜଣାଇବାକୁ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୦୦ ମସିହାରେ ରାଜ୍ୟର ସ୍ୱାସ୍ଥ୍ୟ ବଜେଟ ୫୧୪ କୋଟି ଟଙ୍କା ଥିଲା। ଏହା ଏବେ ଏହା ୭ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି। ସେହିପରି ସରକାରୀ ମେଡିକାଲ କଲେଜ ସଂଖ୍ୟା ୩ରୁ ବୃଦ୍ଧି ପାଇ ୭ ହେଲାଣି। ଖୁବ୍‌ଶୀଘ୍ର ଆହୁରି ୧୨ଟି ମେଡିକାଲ କଲେଜ ସ୍ଥାପନ କରାଯିବ। ଜନସାଧାରଣ ହେଉଛନ୍ତି ଡାକ୍ତରଖାନାର ପ୍ରକୃତ ମାଲିକ। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଡାକ୍ତରଙ୍କ ଦାୟିତ୍ୱ। ସ୍ୱାସ୍ଥ୍ୟ ସେବା ହେଉଛି ରାଜ୍ୟ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଲୋକଙ୍କ ଟଙ୍କାରେ ସ୍ୱାସ୍ଥ୍ୟକ୍ଷେତ୍ରର ସମ୍ପୂର୍ଣ୍ଣ ଭିତ୍ତିଭୂମି, ବଜେଟ, ମେଡିକାଲ କଲେଜ ଏବଂ ଚିକିତ୍ସାଳୟ ଚାଲୁଛି। ସେମାନଙ୍କୁ ସମ୍ମାନର ସହିତ ଚିକିତ୍ସା କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। କେତେକ ସ୍ଥାନରେ ବ୍ଲଡ ବ୍ୟାଙ୍କ, ଆମ୍ବୁଲାନ୍ସ ଏବଂ ଡାଏଲିସିସ ଆଦି କ୍ଷେତ୍ରରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ରୋଗୀ ସେବାରେ ବାଧକ ସୃଷ୍ଟି କରୁଥିବା ମଧ୍ୟସ୍ଥଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

୨୦୦୧ରେ କାଶୀପୁରରେ ଆମ୍ବଟାକୁଆ ଖାଇ କିଛି ଲୋକ ଅସୁସ୍ଥ ହୋଇଥିବା ଘଟଣା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ, ସେହି ସମୟରେ ସେଠାକୁ ଗସ୍ତ ଅବସରରେ ସେଠାକାର ଡାକ୍ତରଙ୍କ ସେବା ମନୋଭାବ ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା। ସମ୍ପୃକ୍ତ ଡାକ୍ତରଙ୍କ ଉପରେ ଜନସାଧାରଣଙ୍କର ପ୍ରଚଣ୍ଡ ଭରସା ଥିଲା। କାଶୀପୁର ଘଟଣା ପରେ ସେଠାକୁ ୪ଜଣ ତାଲିମ ନେଉଥିବା ଆଇଏଏସ୍‌ଙ୍କୁ ପଠାଯାଇଥିଲା। ସେମାନଙ୍କୁ ମଧ ସମ୍ପୃକ୍ତ ଡାକ୍ତର ସାହାଯ୍ୟ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ଭଲ ଡାକ୍ତର ଅଛନ୍ତି। ଯେଉଁ ଡାକ୍ତରମାନେ ଭଲ କାମ କରିବେ ସେମାନଙ୍କୁ ଆଗୁଆ ପଦୋନ୍ନତି ଦିଆଯିବ। କାମ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ‘ମୋ ସରକାର’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଡାକ୍ତରଖାନା ଯାଉଥିବା ରୋଗୀଙ୍କୁ ଟେଲିଫୋନ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସୁବିଧା ସମ୍ପର୍କରେ ପଚାରି ବୁଝିବେ ବୋଲି ସୂଚନା ଦେଇଛନ୍ତି।

ରାଜ୍ୟବାସୀଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ମହତ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ‘ମୋ ସରକାର’ କାର୍ଯ୍ୟକ୍ରମର ସଫଳତା ଦିଗରେ ଡାକ୍ତରଙ୍କ ପଦୋନ୍ନତିକୁ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ‘୫-ଟି’ ସଚିବ ଭି.କେ. ପାଣ୍ଡିୟାନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ‘ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା’ ଭିଜନକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଅତ୍ୟନ୍ତ ଜରୁରୀ। ରକ୍ତ ଭଣ୍ଡାର, ଆମ୍ବୁଲାନ୍ସ ଏବଂ ଡାଏଲିସିସ ଆଦି କ୍ଷେତ୍ରଗୁଡ଼ିକୁ ୧୫ଦିନ ମଧ୍ୟରେ ସମ୍ପୂର୍ଣ୍ଣ ମଧ୍ୟସ୍ଥ ମୁକ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍.ବାଲକ୍ରିଷ୍ଣନ୍, ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ଥିଲେ।



## ଜିଲା ଚିଠି
### କନ୍ଧମାଳ

# ଏବେ ନୁହେଁ ତ କେବେ ?

କନ୍ଧମାଳ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ୨୦୦୮ ମସିହାରୁ ଆରମ୍ଭ ହୋଇଥିଲା। ପ୍ରଥମେ କୁଇ ସମାଜ ସମନ୍ୱୟ ସମିତି ପକ୍ଷରୁ ଏହି ଦାବି ଉପସ୍ଥାପନ କରାଯାଇଥିଲା। ଏବେ ଜିଲାର ବହୁ ସଙ୍ଗଠନ ମିଶି ମିଳିତ ନାଗରିକ କମିଟି ଗଠନ କରିଛନ୍ତି। ଏହି କମିଟି ଜିଲା ଏବଂ ବ୍ଲକସ୍ତରରେ କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ଜୋରଦାର୍ କରିଛି। ଏ ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଗୋଟିଏ ସଙ୍ଗଠନ କରି ଆସୁଥିବା ଦାବିକୁ ଏବେ ସମସ୍ତେ ମିଳିମିଶି ଉପସ୍ଥାପନ କରୁଥିବାରୁ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଜିଲାବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। କନ୍ଧମାଳ ଜିଲା ଓଡ଼ିଶା ମାନଚିତ୍ରରେ କେନ୍ଦ୍ରସ୍ଥଳରେ ଅବସ୍ଥିତ। ଆଦିବାସୀ ଏବଂ ପଛୁଆ ବର୍ଗ ଅଞ୍ଚଳ ଭାବେ ପରିଚିତ ଏହି ଜିଲାରେ ସ୍ୱାସ୍ଥ୍ୟସେବା ଆଜି ବି ଅପହଞ୍ଚ। ଅନେକ ଗ୍ରାମ ରହିଛି ଯେଉଁଠି କି ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ହୋଇପାରିନାହିଁ। ଆମ୍ବୁଲାନ୍ସ ଯିବା ସେହି ଗାଁକୁ ଅସମ୍ଭବ। ବିଶେଷ କରି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଗରିବ ଆଦିବାସୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ବିଶେଷଜ୍ଞ ପଦବୀ ବି ଖାଲି ପଡିଛି। ଅଧିକାଂଶ ସମୟରେ ରୋଗୀମାନଙ୍କୁ ବ୍ରହ୍ମପୁର ମେଡିକାଲ ରେଫର କରାଯାଉଛି। ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫରାଲ ହସ୍ପିଟାଲ କୁହାଯାଉଛି। ଫୁଲବାଣୀରୁ ରୋଗୀଙ୍କୁ ୧୭୫ କିମି ଦୂର ବ୍ରହ୍ମପୁର ଓ ୨୫୦ କିମି ଦୂର କଟକ ବଡ ମେଡିକାଲକୁ ପଠାଯାଉଛି। ରୋଗୀ ସେଠାରେ ପହଞ୍ଚିବାକୁ ବହୁ ସମୟ ଲାଗୁଛି। ବାଟରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏଭଳି ସ୍ଥିତିରେ କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଜିଲାବାସୀଙ୍କ ନ୍ୟାଯ୍ୟ ଦାବି କହିଲେ ଭୁଲ ହେବ ନାହିଁ। କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ପଡ଼ୋଶୀ ବୌଦ୍ଧ, ସୋନପୁର, ନୟାଗଡ଼ ଜିଲାର ଲୋକେ ମଧ୍ୟ ଉପକୃତ ହେବେ। କେନ୍ଦ୍ର ସରକାର କିଛିଦିନ ତଳେ ଆଉ ୭୫ଟି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି। ସେଥିମଧ୍ୟରୁ ଗୋଟିଏ କନ୍ଧମାଳ ଜିଲାରେ କରାଯିବାକୁ ମିଳିତ ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ମେଡିକାଲ କଲେଜ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଜିଲାରେ ଆନ୍ଦୋଳନ ଜାରି ରଖିବାକୁ କମିଟି ନିଷ୍ପତ୍ତି ଗ୍ରହଣ କରିଛି। ୨୦୦୮ରୁ କୁଇ ସମାଜ ସମନ୍ୱୟ ସମିତି ପକ୍ଷରୁ ଉପସ୍ଥାପନ କରାଯାଇ ଆସୁଥିବା ଦାବିକୁ ଇତିମଧ୍ୟରେ ୧୨ ବର୍ଷ ପୂରିବ। ଏବେ ସମସ୍ତ ସଙ୍ଗଠନ ଏକତ୍ରିତ ହୋଇ ଜିଲାର ନ୍ୟାଯ୍ୟ ଦାବି ହାସଲ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ସବୁଜ ସଙ୍କେତ ଉପରେ ସବୁ ନିର୍ଭର କରୁଛି। ସେଥିପାଇଁ ଏବେ ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ, ଯଦି ମେଡିକାଲ କଲେଜ ଏବେ ନୁହଁ ତ ଆଉ କେବେ।

–ରାକେଶ କୁମାର ରାଉତ

### ଅଖିଳ ଭାରତୀୟ ଶିଳ୍ପ କୌଶଳ ପ୍ରତିଯୋଗିତା

# ଦୁଇ ବିଭାଗରେ ଓଡ଼ିଶା ଶ୍ରେଷ୍ଠ



ସଦାଶିବ



ବିକାଶ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ):** ୫୫ତମ ଅଖିଳ ଭାରତୀୟ ଶିଳ୍ପ କୌଶଳ ପ୍ରତିଯୋଗିତା(ଅଲ୍ ଇଣ୍ଡିଆ ସ୍କିଲ୍ କମ୍ପିଟିଶନ୍ ଫର୍ କ୍ରାଫ୍ଟସମେନ୍)ରେ ଓଡିଶାକୁ ମିଳିଛି ଦୁଇ-ଦୁଇଟି ସଫଳତା। ଦୁଇ ଓଡ଼ିଆ ବିକାଶ ଚନ୍ଦ୍ର ନାୟକ ଏବଂ ସଦାଶିବ ସାମନ୍ତରାୟ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ତାଳଚେରସ୍ଥିତ ସରକାରୀ ଆଇଟିଆଇରୁ ଫିଟର୍ ଟ୍ରେଡ୍‌ରେ ତାଲିମ ନେଉଥିବା ବିକାଶ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କୁଶଳୀ କାରିଗର ହେବାର ଗୌରବ ଅର୍ଜନ କରିଛନ୍ତି। ଏହାସହ ତାଳଚେର ସରକାରୀ ଆଇଟିଆଇକୁ ଫିଟର୍ ଟ୍ରେଡ୍‌ରେ ସର୍ବଶ୍ରେଷ୍ଠ ତାଲିମ୍ ଅନୁଷ୍ଠାନଭାବେ ମାନ୍ୟତା ଦିଆଯାଇଛି। ସେହିଭଳି ସଦାଶିବ ବାଲେଶ୍ୱରସ୍ଥିତ ସରକାରୀ ଆଇଟିଆଇରୁ ଟର୍ନର୍ ଟ୍ରେଡ୍‌ରେ ପ୍ରଶିକ୍ଷଣ ନେଇଛନ୍ତି। ବିଭାଗୀୟ ଶିକ୍ଷକଙ୍କର ତାଲିମ ଏବଂ ଉତ୍କୃଷ୍ଟ ଶିକ୍ଷାଦାନ ଯୋଗୁ ୨୦୧୮ରେ ସେ ସର୍ବଭାରତୀୟ ଟ୍ରେଡ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶିଳ୍ପ କୌଶଳ ପ୍ରତିଯୋଗିତାରେ ଆଗ୍ରହୀ ଥିବାରୁ ଆଇଟିଆଇ ଅଧ୍ୟକ୍ଷ ଇଂ କୃଷ୍ଣଚନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ ଶିକ୍ଷକମାନଙ୍କ ଦ୍ୱାରା ସଦାଶିବଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଥିଲା। ଫଳରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବା ସହ ୫୫ତମ ଅଖିଳ ଭାରତୀୟ ଶିଳ୍ପ କୌଶଳ ପ୍ରତିଯୋଗିତାରେ ସେ ଟର୍ନର ଟ୍ରେଡ୍‌ରେ ଶ୍ରେଷ୍ଠ କୁଶଳୀ କାରିଗର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହାସହ ବାଲେଶ୍ୱର ସରକାରୀ ଆଇଟିଆଇକୁ ଟର୍ନର ବିଭାଗରେ ଶ୍ରେଷ୍ଠ ତାଲିମ୍ ଅନୁଷ୍ଠାନ ଭାବେ ଘୋଷଣା କରାଯାଇଛି।

# ପ୍ରଶାସନକୁ ଭେଟିବାକୁ ୨୨ କି.ମି. ଚାଲିଲେ ଚାଷୀ

**ସମ୍ବଲପୁର, ୨୫।୯ (ବ୍ୟୁରୋ):** ସମ୍ବଲପୁର ଜିଲା ପଡିଆବାହାଲ ଜୟଦୁର୍ଗା କୃଷକ ସଂଗଠନ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଇନ୍‌ପୁଟ ସବ୍‌ସିଡି ପ୍ରଦାନ ଦାବି ନେଇ ଚାଷୀମାନେ ଅଭିନବ ଉପାୟରେ ଦାବି ଜଣାଇଛନ୍ତି। ନିଜକୁ କଷ୍ଟ ଦେଇ ଚାଷୀମାନେ ପଡିଆବାହାଲ ଛକରୁ ଜିଲାପାଳ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨୨ କି.ମି. ପଦଯାତ୍ରା କରିଛନ୍ତି। ଏହି ପଦଯାତ୍ରା ଜୟନ୍ତପୁର, ସିନ୍ଦୂରପଙ୍କ, ଧନୁପାଲି, କଚେରି ଛକ ଦେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପାଖରେ ଚାଷୀ ପ୍ରତିନିଧି ଦଳ ୧୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବାଟରେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ଚାଷୀଙ୍କ ଏଭଳି ଢଙ୍ଗରେ ଦାବି ଉପସ୍ଥାପନକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ହେଉଛି।

**ଫସଲ ବୀମା ଇନ୍‌ପୁଟ୍ ସବ୍‌ସିଡି ଦାବି**

୨୦୧୮ଖରିଫ ଋତୁରେ ଫସଲ ନଷ୍ଟ ହୋଇଯାଇଛି। ରୋଗ ପୋକ ଓ ଅଦିନିଆ ବର୍ଷାରେ ଚାଷୀ ଆଉ ଫସଲ ଉପାର୍ଜନ କରି ପାରି ନ ଥିଲା । ଏଥିପାଇଁ ରାଜ୍ୟ ସରକାର ଇନପୁଟ ସବ୍‌ସିଡି ଦେବାକୁ ଘୋଷଣା କରିଥିଲେ। ସେହିପରି ପରିସଂଖ୍ୟାନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଥିଲା। କ୍ଷତିପୂରଣ ବୀମାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ହେଲେ ପ୍ରାୟ ଏକ ବର୍ଷ ହେବ ବୀମା ଟଙ୍କା ମିଳି ନାହିଁ କି ଇନପୁଟ ସବ୍‌ସିଡି ସରକାର ଦେଇ ନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବୋନସ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବା, ଦୁଗ୍ଧ ଲିଟର ପ୍ରତି ମୂଲ୍ୟ ବୃଦ୍ଧି କରିବା, ମାଛ ଚାଷୀଙ୍କୁ ସଚେତନ କରି ସରକାରୀ ସାହାଯ୍ୟ ଯୋଗାଇ ଦେବା, ଝୁଝୁମୁରା ବ୍ଲକରେ ଶତପ୍ରତିଶତ ଜଳସେଚନ ବ୍ୟବସ୍ଥା କରିବା, ବନ୍ୟପ୍ରାଣୀ ତଥା ଭାଲୁ, ବାର୍‌ହା, ହାତୀଙ୍କଠାରୁ ଫସଲକୁ ରକ୍ଷା କରିବା, ଚାଷୀ ପଞ୍ଜୀକରଣ ସମୟସୀମା ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା, ଏହା ସହ ବୁର୍ଲା ଭିମ୍‌ସାରରେ ଆଇସିୟୁରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଭଳି ଦାବି ରହିଛି । ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନ, ଜ୍ୟୋତିଷ କୁମାର ମିଶ୍ର, ମିତ୍ରଭାନୁ ପ୍ରଧାନ, ସଚ୍ଚିଦାନନ୍ଦ ନାୟକ, ଚିତ୍ତରଞ୍ଜନ ନାୟକ, ଶିବପ୍ରସାଦ ମେହେର, ଅବିନାଶ ଚନ୍ଦ୍ର ଶର୍ମା, ସଞ୍ଜୟ କୁମାର ନାୟକ, ଅଶ୍ୱିନୀ ନାୟକଙ୍କ ସମେତ ଟାମ୍ପରଗଡ, ବାହାମ, ଜୟନ୍ତପୁର, କବରାପାଲି, ଡଙ୍ଗରପଡା ପଞ୍ଚାୟତର ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ।


No. 56-L:

## ପତ୍ରମୋଡ଼ା ଓ ନଳୀ ପୋକର ପରିଚାଳନା ନିମନ୍ତେ
## ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ସୂଚନା

ବର୍ତ୍ତମାନ ରାଜ୍ୟର କେତେକ ଜିଲ୍ଲାରେ ଖରିଫ୍ ଧାନ ଫସଲରେ ପତ୍ରମୋଡ଼ା ଓ ନଳୀ ପୋକର ପ୍ରାଦୁର୍ଭାବ ଦେଖାଦେଇଛି ।

ଅଧିକ ବର୍ଷା ହୋଇ ପାଣି ଜମି ରହିଲେ ନଳୀପୋକ ଆକ୍ରମଣ ଅଧିକ ହୋଇଥାଏ । ପାଣି ସୁଅରେ ନଳୀଗୁଡ଼ିକ ଭାସି ଖାଲୁଆ ବିଲରେ ଜମା ହୋଇଯାଆନ୍ତି । ତେଣୁ ଖାଲ ଜମିରେ ଏହି କୀଟର ପ୍ରାଦୁର୍ଭାବ ଅଧିକ ହୋଇଥାଏ । ଶୂକଗୁଡ଼ିକ ପତ୍ରରୁ ସବୁଜ କଣା କୋରି ଖାଇବା ଯୋଗୁଁ ପତ୍ର ଧଳା ଦେଖାଯାଏ । ଶୂକ ପତ୍ରକୁ କାଟି ନଳୀ କରି ତା ମଧ୍ୟରେ ରହେ । ଦୂରରୁ ଦେଖିଲେ ଧାନ ପତ୍ରକୁ କଇଁଚିରେ କାଟିବା ପରି ଦେଖାଯାଏ । ଏହାର ପ୍ରଜାପତି ଚିକ୍ ଚିକ୍ ଧଳା ଓ ଦିନ ବେଳେ ଉଡ଼ିବାର ଲକ୍ଷ୍ୟ କରାଯାଏ ।

ଉଷ୍ମ ଓ ଆର୍ଦ୍ର ପାଣିପାଗରେ ପତ୍ରମୋଡ଼ା ପୋକ ଅଧିକ ଆକ୍ରମଣ କରିଥାନ୍ତି । ଏହି କୀଟର ପ୍ରଜାପତି ବାଦାମୀ ରଙ୍ଗର ଓ ଡେଣାରେ କଳା ଗାର ସବୁ ଥାଏ । ଶୂକଗୁଡ଼ିକ ପତ୍ରଧାରକୁ ନିଜ ଲାଳ ଦ୍ୱାରା ଗୁଡ଼ାଇ ମୋଡ଼ି ଦିଅନ୍ତି ଓ ତା ମଧ୍ୟରେ ରହି ସବୁଜ ଅଂଶ କୋରି ଖାଆନ୍ତି । ପତ୍ର ଉପରେ ସମାନ୍ତରାଳ ଧଳା ଦାଗ ସବୁ ଦେଖାଯାଏ । ଥୋଡ଼ ପତ୍ର ବାହାରିବା ସମୟରେ ଏହି କୀଟର ଆକ୍ରମଣ ହେଲେ ଅମଳ ହ୍ରାସ ପାଇଥାଏ ।

**ପରିଚାଳନା**

୧) ପତ୍ରମୋଡ଼ା ଓ ନଳୀପୋକ ଆକ୍ରାନ୍ତ ବିଲରେ ଏକର ପ୍ରତି ୨୫ କି.ଗ୍ରା. ବାଲି ସହ ଏକ ଲିଟର କିରୋସିନ୍ ଭଲଭାବରେ ମିଶାଇ ବିଞ୍ଚି ଦିଅନ୍ତୁ । ଏହା ପରେ ଧାନଗଛ ଉପରେ ଦୁଇ ପଟୁ ଦୁଇ ଜଣ ଦଉଡ଼ି ଧରି ଚଲାଇ ଦିଅନ୍ତୁ । ଏହା ଦ୍ୱାରା ଗଛରେ ଲାଗିଥିବା ଶୂକଗୁଡ଼ିକ ପାଣିରେ ପଡ଼ି ମରିଯିବେ ।

୨) ଅଧିକ ଆକ୍ରାନ୍ତ ବିଲରେ ନିମ୍ନୋକ୍ତ କୀଟନାଶକରୁ ଯେକୌଣସି ଗୋଟିଏ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ ।

| ନଳୀ ପୋକ | | ପତ୍ରମୋଡ଼ା ପୋକ | |
|---|---|---|---|
| କୀଟନାଶକ | ଏକର ପ୍ରତି ମାତ୍ରା | କୀଟନାଶକ | ଏକର ପ୍ରତି ମାତ୍ରା |
| ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | କାର୍ଟାପ୍‌ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. | ୪୦୦ ଗ୍ରାମ୍ |
| ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. | ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. |
| ପ୍ରୋଫେନୋଫସ୍ ୫୦% ଇ.ସି. | ୪୦୦ ମି.ଲି. | ଲାମଡାସାଇହାଲୋଥ୍ରିନ୍ ୨.୫% ଇ.ସି. | ୨୦୦ ମି.ଲି. |

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

01034/11/0020/1920

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**


### ଫୁଲବାଣୀ ୟୁନାଇଟେଡ୍ ବ୍ୟାଙ୍କ ଋଣ ଜାଲିଆତି

# ଗିରଫ ଶାଖା ପରିଚାଳିକା ନିଲମ୍ବିତ

**ଫୁଲବାଣୀ ଅଫିସ, ୨୫।୯:** ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ (କେସିସି) ଋଣ ପ୍ରଦାନରେ ଜାଲିଆତି ଘଟଣାରେ ୟୁନାଇଟେଡ୍ ବ୍ୟାଙ୍କ ଫୁଲବାଣୀ ଶାଖା ପରିଚାଳିକା ସାଗରିକା ନାୟକ ମଙ୍ଗଳବାର ଜେଲ ଯାଇଛନ୍ତି। ବୁଧବାର ବିଭାଗୀୟ ତଦନ୍ତ କରାଯାଇ ସାଗରିକାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ବ୍ୟାଙ୍କ ଶାଖା ପରିଚାଳକ ଭାବେ ନିଯୁକ୍ତି ଦିଆଯାଇଛି । ସାଗରିକା ଗିରଫ ହୋଇ ଜେଲଯିବା ପରେ ୨ଦିନ ଧରି ବ୍ୟାଙ୍କର ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ସମ୍ବଲପୁର ଜୋନ ଆଞ୍ଚଳିକ ମୁଖ୍ୟ ମହାପ୍ରବନ୍ଧକ ଅଭିଯୋଗ ସମ୍ପର୍କରେ ବ୍ୟାଙ୍କ କର୍ମଚାରୀ, ଠକେଇର ଶୀକାର ହୋଇଥିବା କେତେଜଣ ହିତାଧିକାରୀଙ୍କୁ ପଚରାଉଚୁରା କରିଥିଲେ। ଏହାପରେ ନିଲମ୍ବନ ସମ୍ପର୍କିତ ଚିଠି ସାଗରିକାଙ୍କ ଟେବୁଲ ଉପରେ ରଖିବା ସହ ବ୍ୟାଙ୍କର ସୁପରିଚାଳନା ପାଇଁ ଅନ୍ୟ ଜଣଙ୍କୁ ଶାଖା ପରିଚାଳକ ଦାୟିତ୍ୱ ଦେଇଥିଲେ । ସୂଚନାଯୋଗ୍ୟ, ବ୍ୟାଙ୍କ ଶାଖା ପରିଚାଳିକା ସାଗରିକା ଟଙ୍କା ନେଇ ଚାଷୀଙ୍କ ଋଣ କରାଉଥିଲେ। ପ୍ରଥମ ପର୍ଯ୍ୟାୟରେ ଋଣ ଟଙ୍କା ଦେବା ପୂର୍ବରୁ ଗ୍ରାହକଙ୍କ ଏଟିଏମ୍ ମାଗି ନେଉଥିଲେ। ନିଜେ ଟଙ୍କା ଉଠାଇ ନେଇ ବାକି ଟଙ୍କା ଦିଆଯିବ ବୋଲି ଗ୍ରାହକଙ୍କୁ କହୁଥିଲେ ମଧ୍ୟ ପରେ ଦେଉ ନ ଥିଲେ। ଏ ନେଇ ଅସନ୍ତୁଷ୍ଟ ଚାଷୀମାନେ ଫୁଲବାଣୀ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାର ତଦନ୍ତ କରି ପୋଲିସ ସାଗରିକା ଏବଂ ତାଙ୍କ ସ୍ୱାମୀ ସୁଜିତ ଷଡ଼ଙ୍ଗୀଙ୍କୁ ଗିରଫ କରିଥିଲା । ଘଟଣାରେ ସଂଶ୍ଳିଷ୍ଟ ଜଣେ ମଧ୍ୟସ୍ଥଙ୍କୁ ପୋଲିସ ମୁଖ୍ୟ ସାକ୍ଷୀ କରିଥିବା ଜଣାପଡିଛି ।



ସାଗରିକା ନାୟକ।







ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ।
–ଶ୍ରୀମା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ସାଥୀ ଚୟନରେ ପୋଷା ପ୍ରାଣୀ

ଆମେ ଜାଣୁ ଯେ ଆମ ମାନସିକ ସ୍ୱାସ୍ଥ୍ୟ ପାଇଁ କୁକୁର ଉପଯୋଗୀ। ଅନେକ ଅନୁଧ୍ୟାନରୁ ବି ଏ ସତ୍ୟ ପ୍ରମାଣିତ ହୋଇଛି। ୟେଲ୍ ବିଶ୍ୱବିଦ୍ୟାଳୟର କାନାଇନ୍ କଗ୍ନିଶନ ସେଣ୍ଟରର ନିର୍ଦ୍ଦେଶକ ତଥା ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ଡ. ଲୁରି ସାଣ୍ଟୋସ୍‌ଙ୍କ ଦ୍ୱାରା ପରିଚାଳିତ ଗବେଷଣାରୁ ଜଣାପଡ଼ିଛି ଯେ, କୁକୁର ସହିତ ଅଳ୍ପ ସମୟର ମିଳାମିଶା ଦ୍ୱାରା ମଧ୍ୟ ଆମର ଉଦ୍‌ବେଗ ଓ ଦୁଶ୍ଚିନ୍ତା ଦୂର ହୋଇଯାଏ ଏବଂ ମନୋଭାବ ବଦଳିଯାଏ। ଗବେଷଣାରୁ ଜଣାପଡ଼ିଛି ଯେ, କୁକୁର ପାଳିବାର ଓ କୁକୁର ସହ ମିଳାମିଶା କରିବାର ଅନୁକୂଳ ପ୍ରଭାବ ତା'ର ମାଲିକ ବା ଅଭିଭାବକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ, ଯେପରି ରକ୍ତଚାପ କମିବା, ଏକଲାପଣ ଦୂରହେବା, ଶାରୀରିକ କ୍ରିୟାକଳାପ ବଢ଼ିବା ଏବଂ ସାମଗ୍ରିକଭାବେ ନିଜେ ଭଲରେ ଅଛି ବା ସୁଖରେ ଅଛି ବୋଲି ଭାବ ସୃଷ୍ଟି ହେବା।

ପୋଷା ପ୍ରାଣୀ, ବିଶେଷତଃ କୁକୁରକୁ ଆଜିକାଲି ଅଧିକରୁ ଅଧିକ ଲୋକ ନିଜ ପରିବାର ସଦସ୍ୟ ବୋଲି ବିଚାର କଲେଣି। ଅଧିକାଂଶ ଆମେରିକୀୟ ଓ ଇସ୍ରାଏଲୀ ବୟସ୍କମାନେ କୁକୁର ଓ ବିରାଡ଼ିଙ୍କୁ ତାଙ୍କ ପରିବାର ସଦସ୍ୟ ବୋଲି ବିଚାର କରୁଥିବା ଗବେଷଣାରୁ ଜଣାପଡ଼ିଛି। କୁକୁର ଓ ବିରାଡ଼ିଙ୍କୁ ପରିବାର ସଦସ୍ୟଭାବେ ବିଚାର କରାଯାଉଥିବାରୁ ମଣିଷଙ୍କ ପ୍ରେମ ଓ ସାଥୀ ଚୟନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ପ୍ରଭାବ ରହିଥାଏ।

ଗୋଟିଏ ଝିଅ ଏକ ଡେଟ୍ ବା ସମ୍ଭାବ୍ୟ ସାଥୀ ବାଛିବା ବେଳେ ପୋଷା କୁକୁରର ମତାମତ କିପରି ଭୂମିକା ନିର୍ବାହ କରିଥାଏ ? ପୁରୁଷମାନେ କୁକୁରଙ୍କୁ ତାଙ୍କ ସାଥୀ ଓ ବନ୍ଧୁ ଭାବୁଥିବା ବେଳେ ମହିଳାମାନେ ତାଙ୍କୁ ନିଜର ବନ୍ଧୁ ଛଡ଼ା ସନ୍ତାନ ଦୃଷ୍ଟିରେ ମଧ୍ୟ ଦେଖିଥାନ୍ତି। ତେଣୁ ସାଥୀ ଚୟନ ବେଳେ ମହିଳାମାନେ ଚିନ୍ତା କରିଥାନ୍ତି, ତାଙ୍କର ନୂତନ ସାଥୀ ପୋଷା କୁକୁର ପ୍ରତି କିପରି ବ୍ୟବହାର କରିବ। ସାଇକୋଲୋଜି ଟୁଡେରେ ପ୍ରକାଶିତ ନେଭାଡା ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିତ୍ ପିଟର ଗ୍ରେଙ୍କ ଗବେଷଣା ଅନୁସାରେ କୁକୁର ସହିତ ଜଣେ ପୁରୁଷର ଭାବବିନିମୟକୁ ଦେଖି ଜଣେ ମହିଳା ଉକ୍ତ ପୁରୁଷ ସହ ତାଙ୍କର ସମ୍ପର୍କ ଓ ଡେଟ୍ କିପରି ହେବ ତାହା ବିଚାର କରିଥାନ୍ତି। ଯଦି ଉକ୍ତ ପୁରୁଷ ବି କୁକୁର ପାଳିଥାନ୍ତି, ବିଶେଷତଃ ଏକ ଉଦ୍ଧାର କରାଯାଇଥିବା କୁକୁର ଓ ତା'ର ଯତ୍ନ ନେଉଥାନ୍ତି, ତେବେ ସେ ତାଙ୍କର ଓ ପରିବାରର ଯତ୍ନ ନେଇପାରିବେ ଏବଂ ସେ ଜଣେ ସହୃଦୟ ସ୍ନେହୀ ମଣିଷ ବୋଲି ମହିଳାଙ୍କର ବୁଝିବାକୁ ବାକି ରହେ ନାହିଁ।

ସାଥୀ ଚୟନରେ ପୋଷା ପ୍ରାଣୀଙ୍କ ଭୂମିକା ବିଷୟରେ ଜାଣିବା ପାଇଁ ଅନ୍‌ଲାଇନ ଡେଟିଂ ସାଇଟ୍ Match.comରେ ନାମ ପଞ୍ଜୀକରଣ କରିଥିବା ଦଳେ ଅବିବାହିତଙ୍କ ଉପରେ ଏକ ସର୍ଭେ କରାଯାଇଥିଲା। ଏହାର ଫଳାଫଳରୁ ଜଣାପଡ଼ିଲା ଯେ, ସମ୍ଭାବ୍ୟ ସାଥୀଟି ପୋଷା ପ୍ରାଣୀଙ୍କ ପ୍ରତି କିପରି ବ୍ୟବହାର କରୁଛି ତାହାକୁ ମହିଳାମାନେ ଦେଖିଥାନ୍ତି। ସେଥିରୁ ସେମାନେ ଉକ୍ତ ପୁରୁଷଟି ଭବିଷ୍ୟତରେ ଜଣେ ଭଲ ଜୀବନସାଥୀ ହୋଇପାରିବ କି ନାହିଁ ତାହା ଆକଳନ କରିଥାନ୍ତି। ପୋଷା ପ୍ରାଣୀ ପ୍ରତି ପୁରୁଷଟିର ବ୍ୟବହାରକୁ ଦେଖି ତାଙ୍କ ସହ ଡେଟ୍‌ରେ ଯିବା ଉଚିତ ହେବ କି ନାହିଁ ତାହା ମଧ୍ୟ ମହିଳାମାନେ ସ୍ଥିର କରିଥାନ୍ତି। ଏପରି ପୁରୁଷକୁ ବିବାହ କଲେ ପରେ ସେ ନିଜ ପିଲାଛୁଆଙ୍କର ଯତ୍ନ କିପରି ନେବେ ତାହା ମଧ୍ୟ ପୋଷା ପ୍ରାଣୀ ପ୍ରତି ତାଙ୍କ ବ୍ୟବହାରରୁ ଜଣାପଡ଼ିଥାଏ। ଅପରପକ୍ଷେ ଉକ୍ତ ପୁରୁଷ ବା ସମ୍ଭାବ୍ୟ ସାଥୀ ପ୍ରତି କୁକୁରର ପ୍ରତିକ୍ରିୟା ବା ବ୍ୟବହାର ମଧ୍ୟ ସାଥୀ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସର୍ବେକ୍ଷଣରୁ ଜଣାପଡ଼ିଲା ଯେ, ଯେତେବେଳେ ପୋଷା ପ୍ରାଣୀ ପ୍ରତି ଉକ୍ତ ପୁରୁଷ ଓ ମହିଳା ଉଭୟଙ୍କର ବ୍ୟବହାର ସମାନ ହୋଇଥାଏ, ସେତେବେଳେ ଉଭୟେ ପରସ୍ପରକୁ ସାଥୀ ଭାବେ ପାଇ ଖୁସି ହୋଇଥାନ୍ତି ଏବଂ ବିବାହ ପରେ ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଥାଏ।

ଡେଟିଂ ୱାର୍ଲଡରେ ବିରାଡ଼ିଙ୍କ ଅପେକ୍ଷା କୁକୁରମାନେ ଅଧିକ ସାମାଜିକ ମାର୍ଗଦର୍ଶିକା ଭାବେ ଭୂମିକା ତୁଲାଇଥାନ୍ତି। ବିରାଡ଼ିମାନେ କୁକୁରଙ୍କ ଅପେକ୍ଷା କମ୍ ସାମାଜିକ ଓ ମାଲିକଙ୍କ ଜୀବନ ସହିତ କମ୍ ସଂହତ ହୋଇଥିବାରୁ ସାଥୀ ଚୟନରେ କମ୍ ସାହାଯ୍ୟ କରିପାରନ୍ତି। ଅନୁଧ୍ୟାନ ବେଳେ ଅଧିକାଂଶ ଅବିବାହିତ କହିଲେ ଯେ, ଯଦି ସମ୍ଭାବ୍ୟ ସାଥୀଟିର ଏକ କୁକୁର ଥାଏ, ତେବେ ଭାବର ଆଦାନପ୍ରଦାନରେ ସୁବିଧା ହୋଇଥାଏ, କାରଣ କୁକୁରମାନେ ସହଜ ବାର୍ତ୍ତାଳାପ ଆରମ୍ଭକାରୀ ହୋଇଥାନ୍ତି।

ପୁରୁଷମାନେ ବି ଏକଥା ହୃଦୟଙ୍ଗମ କରିଛନ୍ତି। ଯେତେବେଳେ ସେମାନଙ୍କୁ ପଚରାଗଲା ଯେ ସମ୍ଭାବ୍ୟ ଡେଟ୍ ଧାର୍ଯ୍ୟ କରିବାରେ ସେମାନେ କେବେ ଏକ ପୋଷା ପ୍ରାଣୀକୁ ବ୍ୟବହାର କରିଛନ୍ତି କି, ସେତେବେଳେ ଅଧିକାଂଶ ପୁରୁଷ ହଁ ବୋଲି ଉତ୍ତର ଦେଇଥିଲେ। ଏଥିରୁ ଜଣାପଡୁଛି ଯେ ବାଞ୍ଛିତ ସାଥୀଙ୍କୁ ମନେଇବାରେ ପୋଷା ପ୍ରାଣୀମାନେ ସାହାଯ୍ୟ କରନ୍ତି ବୋଲି ସେମାନେ ଜାଣିଛନ୍ତି। ଟିଫରେଟ ଓ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନ ରିପୋର୍ଟ ଇଭଲ୍ୟୁଶନାରୀ ସାଇକୋଲୋଜିରେ ପ୍ରକାଶ ପାଇଛି ଯେ, ମହିଳାଙ୍କ ପାଖରେ ପୋଷା କୁକୁର ରଖିଥିବା ପୁରୁଷମାନେ ଅଧିକ ଆକର୍ଷଣୀୟ ହୋଇଥାନ୍ତି। ପୋଷା ପ୍ରାଣୀଙ୍କ ପସନ୍ଦ କରୁ ନ ଥିବା ପୁରୁଷମାନେ ମହିଳାଙ୍କ ପାଖରେ କମ୍ ଗ୍ରହଣୀୟ ହୋଇଥାନ୍ତି।

ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗବେଷକ କାଜୁଓ ଫୁଜିଟା ୧୮ଟି କୁକୁରଙ୍କ ଉପରେ ପରୀକ୍ଷା କରିଥିଲେ। ଏହି ପରୀକ୍ଷାରେ କୁକୁରଙ୍କ ଉପସ୍ଥିତିରେ ତାଙ୍କ ମାଲିକମାନେ ଏକ ବାକ୍ସ ଖୋଲିବାରେ ସାହାଯ୍ୟ କରିବା ପାଇଁ ଅପରିଚିତ ଲୋକମାନଙ୍କୁ ଡାକିଲେ। କିଛି ଅପରିଚିତ ଲୋକ ସାହାଯ୍ୟ କରିବାକୁ ମନା କରିଦେଲେ ଓ କିଛି ଲୋକ ସାହାଯ୍ୟ କଲେ। ଆଉ କିଛି ଲୋକ ସାହାଯ୍ୟ କରିବାକୁ ମନା କଲେନି କି ସାହାଯ୍ୟ କଲେନି। ତା'ପରେ ଉକ୍ତ ଅପରିଚିତ ଲୋକମାନେ କୁକୁରଙ୍କୁ ଖାଇବାକୁ ଯାଚିଲେ। ସେତେବେଳେ ଉକ୍ତ କୁକୁରମାନେ ସାହାଯ୍ୟ କରିବାକୁ ମନା କରିଥିବା ଲୋକଙ୍କ ହାତରୁ କିଛି ଖାଇଲେ ନାହିଁ, କେବଳ ସାହାଯ୍ୟ କରିଥିବା ବା ସାହାଯ୍ୟ କରି ନ ଥିଲେ ବି ସାହାଯ୍ୟ କରିବାକୁ ମନା କରି ନ ଥିବା ଲୋକଙ୍କ ହାତରୁ ଖାଦ୍ୟ ଖାଇଲେ।

ପୋଷା ରଖିବା ଭିତରଦେଇ ମଣିଷ–କୁକୁରଙ୍କ ସମ୍ପର୍କ ଦୃଢ଼ୀଭୂତ ହୋଇଛି। ମାଲିକମାନଙ୍କ ବ୍ୟବହାରକୁ କୁକୁରମାନେ ଅନୁଧ୍ୟାନ କରିଆସିଛନ୍ତି। ସେମାନେ ଆମର ପ୍ରତ୍ୟେକ କାର୍ଯ୍ୟକଳାପକୁ ନିରୀକ୍ଷଣ କରିଥାନ୍ତି ଓ ଆମେ କେମିତିକା ମଣିଷ ତାହା ଅନୁମାନ କରିନେଇଥାନ୍ତି। ବୁଲିଯିବାର ସମୟ ହେଲା ବା ଭୋଜନ ସମୟ ହେଲା ବା ଆପଣ କୁଆଡ଼େ ଯିବାକୁ ବାହାରିଛନ୍ତି ତାହା କୁକୁରମାନେ ବୁଝିପାରନ୍ତି। ସେମାନେ ମଣିଷର ଶାରୀରିକ ଚଳନ ଓ କଥିତ ଭାଷା ବୁଝିବାର କ୍ଷମତା ଅର୍ଜନ କରିଥାନ୍ତି ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେଣୁ ତାଙ୍କ ମାଲିକାଣୀ ଚାହୁଁଥିବା ପୁରୁଷଟି ଭଲ ମଣିଷ କି ନା ଏବଂ ତାଙ୍କ ସହ ସମ୍ବନ୍ଧ ବାନ୍ଧିବା ଭବିଷ୍ୟତ ପାଇଁ ଭଲ ହେବ କି ନା ସେ ସମ୍ପର୍କରେ କୁକୁରମାନେ ନିଜ ବ୍ୟବହାର ମାଧ୍ୟମରେ ସ୍ୱଷ୍ଟ ମତାମତ ଜଣାଇଦେଇ ପାରନ୍ତି। ସେମାନେ ଉପରଠାଉରିଆ ଭାବେ ଆକର୍ଷିତ ହେଉ ନ ଥିବାରୁ ଏବଂ ବ୍ୟବହାରକୁ ବିଶ୍ଳେଷଣ କରିବାରେ ସମୟ ଦେଇଥିବାରୁ ସେମାନଙ୍କ ବିଚାର ଉପରେ ନିର୍ଭର କରାଯାଇପାରେ। ଏହାଦ୍ୱାରା ଆପଣଙ୍କ ଜୀବନ ନଷ୍ଟ ହେବାରୁ ରକ୍ଷା ପାଇପାରିବ।

ଆପଣଙ୍କ କୁକୁର ଆପଣଙ୍କ ସମ୍ଭାବ୍ୟ ସାଥୀକୁ ନାପସନ୍ଦ କରୁଛି କିନା ତାହା ତା'ର ନିମ୍ନଲେଖ୍ୟ ବ୍ୟବହାରରୁ ଜାଣିପାରିବେ: * ପଛ ଦୁଇ ଗୋଡ଼ ମଝିରେ ଲାଞ୍ଜ ସ୍ଥିର ଥାଇ କାନ ଦୁଇଟା ପିଠିକୁ ଲାଗିଯାଇଥିବ। * ଗର୍ଜନ କରିବା ବା ରାଗରେ ଗର ଗର ହେବା। * ଊରୁ ସନ୍ଧିକୁ ନମ୍ର ଭାବରେ ଶୁଙ୍ଘିବା ହେଉଛି ଅନୁମୋଦନର ଲକ୍ଷଣ। କିନ୍ତୁ ଊରୁ ସନ୍ଧିକୁ କାମୁଡ଼ିବା ଏହାର ବିପରୀତ ଲକ୍ଷଣ। * ତୃତୀୟ ଡେଟ୍‌ରେ ଯଦି ଆପଣଙ୍କ କୁକୁର ଆପଣଙ୍କ ପୁରୁଷ ସାଥୀକୁ ଚାଟୁଛି, ତେବେ ସବୁ ଠିକ୍ ଅଛି। ପ୍ରଥମ ଡେଟ୍‌ରୁ ଯଦି ଉକ୍ତ ଚାଟିବା ଦେଖାଯାଏ, ତେବେ ଉକ୍ତ ସାଥୀକୁ ଆପଣ ସନ୍ଦେହ ଭିତରେ ରଖିପାରନ୍ତି। * ଯଦି ଆପଣଙ୍କ ଡେଟ୍ ଦିନ ଏକ ବାଡ଼ିକୁ ଫୋପାଡ଼ି ଦିଆଯାଏ ଏବଂ ସବୁ ଜିନିଷକୁ ଗୋଟେଇ ଆଣୁଥିବା କୁକୁର ଯଦି ଉକ୍ତ ବାଡ଼ିକୁ ଆଣିବାକୁ ନ ଯାଏ, ତେବେ ସେ ପୁରୁଷ ସାଥୀ ଆପଣଙ୍କ ପାଇଁ ଠିକ୍ ନୁହେଁ। * କୁକୁର ଯଦି ଉକ୍ତ ଲୋକକୁ ସ୍ୱାଗତ ନ କରେ। * ଉକ୍ତ ସାଥୀ ସହ ଆପଣଙ୍କୁ ଏକୁଟିଆ ଛାଡ଼ି କୁକୁର ଯଦି କୁଆଡ଼େ ଯିବାକୁ ନ ଚାହେଁ। * କୁକୁର ସହ ଆପଣଙ୍କ ସାଥୀ ଗଲାବେଳେ କୁକୁର ଯଦି ତାଙ୍କୁ ଆଗରେ ଯିବାକୁ ନ ଦିଏ। ଅର୍ଥାତ୍ କୁକୁର ଯଦି ନିଜେ ଆଗରେ ଯାଏ, ତେବେ ପୁରୁଷ ଲୋକଟି ପ୍ରତି ତା'ର ସମ୍ମାନ ନ ଥିବା ବୁଝାପଡ଼ିବ। ଏହିସବୁ ଲକ୍ଷଣରୁ ଆପଣ ବୁଝିପାରିବେ ଉକ୍ତ ସାଥୀ ଅପଣଙ୍କ ପାଇଁ ଉପଯୁକ୍ତ କି ନା।

Email: gandhim@nic.in

# ବିଦ୍ୟାସାଗରଙ୍କ ବିଚାର

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଊନବିଂଶ ଶତାବ୍ଦୀରେ ଦେଶର ସାମାଜିକ ଜୀବନକୁ ବହୁଳ ଭାବେ ପ୍ରଭାବିତ କରିଥିବା ସମାଜ ସଂସ୍କାରକମାନଙ୍କ ମଧ୍ୟରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପ୍ରମୁଖ ଥିଲେ। ମହାଦେବ ଗୋବିନ୍ଦ ରାନାଡ଼େ, ରାଜା ରାମମୋହନ ରାୟ, ମହାତ୍ମା ଜ୍ୟୋତିବା ଫୁଲେଙ୍କ ଭଳି ଯଦିଓ ତାଙ୍କର କାର୍ଯ୍ୟ ପରିସର ଦେଶର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହିଁ ସୀମିତ ଥିଲା କିନ୍ତୁ ତାଙ୍କର ବିଚାରଧାରା ଓ ଆନ୍ଦୋଳନର ପ୍ରଭାବ ସମଗ୍ର ଦେଶରେ ଅନୁଭୂତ ହୋଇଥିଲା। ଧାର୍ମିକ ରକ୍ଷଣଶୀଳତା, କୁସଂସ୍କାର, ବାଲ୍ୟ ବିବାହ, ବିଧବା ବିବାହ, ନାରୀ ଶିକ୍ଷା, ଜାତି ବିଦ୍ୱେଷ ଭଳି ସେ ଉଠାଇଥିବା ପ୍ରସଙ୍ଗଗୁଡ଼ିକ ଦେଶବାସୀଙ୍କୁ ଆନ୍ଦୋଳିତ କରିଥିଲା।

ଆଜକୁ ଦୁଇଶହ ବର୍ଷ ତଳେ ୨୬ ସେପ୍ଟେମ୍ବର ୧୮୨୦ ମସିହାରେ ବଙ୍ଗଳାର ଅବିଭକ୍ତ ମେଦିନୀପୁର ଜିଲାର ବୀରସିଂହ ଗ୍ରାମରେ ଏକ ଗରିବ ପରିବାରରେ ଈଶ୍ୱରଚନ୍ଦ୍ରଙ୍କ ଜନ୍ମ। ପିଲାବେଳରୁ ଜ୍ଞାନଲାଭ ପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା। ଅଭାବ ସତ୍ତ୍ୱେ ସେ ନିଜର ପ୍ରାଥମିକ ଶିକ୍ଷା ନିଜ ଗ୍ରାମରେ ସଂସ୍କୃତ ଭାଷାରେ ଶେଷ କରିବା ପରେ ଉଚ୍ଚଶିକ୍ଷା ପାଇଁ କଲିକତାରେ ଏକ ସମ୍ପର୍କୀୟଙ୍କ ଘରେ ରହି ପଢ଼ିଥିଲେ। ସେଠାରେ ସଂସ୍କୃତ କଲେଜରେ ପଢ଼ିବା ସମୟରେ ସେ ବେଦାନ୍ତ, ବ୍ୟାକରଣ, ସାହିତ୍ୟ, ଦର୍ଶନ ଆଦି ଅନେକ ବିଷୟରେ ପଢ଼ିବାର ସୁଯୋଗ ପାଇଥିଲେ। ସଂସ୍କୃତ ତଥା ଅନ୍ୟାନ୍ୟ ବିଷୟରେ ତାଙ୍କର ଅଗାଧ ଜ୍ଞାନ ପାଇଁ ୧୮୩୯ ମସିହାରେ କଲେଜ ପକ୍ଷରୁ ତାଙ୍କୁ ବିଦ୍ୟାସାଗର ଉପାଧି ପ୍ରଦାନ କରାଯାଇଥିଲା। ୧୮୪୧ ମସିହାରେ ଆଇନରେ ସ୍ନାତକ ଡିଗ୍ରୀ ହାସଲ ପରେ ସେ ଫୋର୍ଟୱିଲିୟମ୍ କଲେଜରେ ସଂସ୍କୃତ ବିଭାଗର ମୁଖ୍ୟ ରୂପେ ଅଧ୍ୟାପନାରେ ଯୋଗ ଦେଇଥିଲେ।

ସେତେବେଳେ ଶିକ୍ଷା କହିଲେ ମୂଳତଃ ଗୁରୁକୁଳ ଆଧାରିତ ଥିଲା, ଯେଉଁଥିରେ କେବଳ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କୁ ହିଁ ପଢ଼ିବାର ସୁଯୋଗ ମିଳୁଥିଲା। ଏପରିକି ଉଚ୍ଚଜାତିର ମହିଳାମାନେ ବି ଶିକ୍ଷାଲାଭରୁ ବଞ୍ଚିତ ରହୁଥିଲେ। ବିଦ୍ୟାସାଗର ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷାର ସୁଯୋଗ ପାଇଁ ଉଦ୍ୟମ କରିଥିଲେ। ସେ ଅଧ୍ୟାପକ ଥିବା କଲେଜରେ ସର୍ବପ୍ରଥମେ ଅନ୍ୟ ଜାତିର ପିଲାଙ୍କୁ ପଢ଼ିବାର ସୁଯୋଗ ଦେଇଥିଲେ।

ଅଧିକରୁ ଅଧିକ ସାଧାରଣ ଲୋକଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ସେ ନିଜର ମାତୃଭାଷାକୁ ଅଧିକ



ଜନ୍ମ–ଦ୍ୱିଶତବାର୍ଷିକୀ ଉପଲକ୍ଷେ

ସହଜ ଓ ବୋଧଗମ୍ୟ କରିବାକୁ ବଙ୍ଗଳାରେ 'ବର୍ଣ୍ଣ ପରିଚୟ' ନାମକ ପୁସ୍ତକ ରଚନା କରିଥିଲେ, ଯାହାକୁ ଆଜି ବି ପିଲା ପଢ଼ୁଛନ୍ତି। ନାରୀମାନଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ସେ ନିଜର ସହଯୋଗୀ ରାମଗୋପାଳ ଘୋଷ ଏବଂ ମଦନମୋହନଙ୍କ ସହ ମିଶି ଅନେକ ବାଳିକା ବିଦ୍ୟାଳୟ ଆରମ୍ଭ କରିଥିଲେ।

ବିଦ୍ୟାସାଗର ତତ୍କାଳୀନ ସମାଜରେ ଚାଲିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ତାକୁ ଏକ ସାମାଜିକ ଆନ୍ଦୋଳନର ରୂପ ପ୍ରଦାନ କରିଥିଲେ। ସେତେବେଳେ ସମାଜରେ ବାଲ୍ୟବିବାହ ଏକ ସାଧାରଣ କଥା ଥିଲା। ବାଲ୍ୟାବସ୍ଥାରେ ନିଜର ଅଜାଣତରେ ବିବାହ କରୁଥିବା ଅନେକ ବାଳିକା ପରବର୍ତ୍ତୀ ଅବସ୍ଥାରେ ବିଧବା ହୋଇ ସାରା ଜୀବନ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଜୀବନ ଅତିବାହିତ କରୁଥିଲେ। ବିଦ୍ୟାସାଗର ବାଲ୍ୟବିବାହ ଓ ବିଧବା ପ୍ରଥା ବିରୋଧରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିବା ସହିତ ବିଧବାମାନଙ୍କ ପୁନର୍ବିବାହ ପାଇଁ ସଚେତନତା ସୃଷ୍ଟି କରୁଥିଲେ ଏବଂ ନିଜ ଉଦ୍ୟମରେ ଶହ ଶହ ବିଧବାଙ୍କ ପୁନର୍ବିବାହର ବ୍ୟବସ୍ଥା କରିଥିଲେ।

ବିଦ୍ୟାସାଗର ତତ୍କାଳୀନ ସମାଜରେ ଆରମ୍ଭ ହୋଇଥିବା ନବଜାଗରଣ ଆନ୍ଦୋଳନର ଅନ୍ୟତମ ବିଦ୍ଧାଣୀ ଥିଲେ। ତାଙ୍କର ପୂର୍ବସୂରୀ ରାଜା ରାମମୋହନ ରାୟ (୧୭୭୨–୧୮୩୦), ମହାରାଷ୍ଟ୍ରର ମହାଦେବ ଗୋବିନ୍ଦ ରାନାଡେ (୧୮୪୮–୧୯୦୧) ପ୍ରମୁଖ ସମାଜ ସଂସ୍କାରକ ଆରମ୍ଭ କରିଥିବା ଏହି ଆନ୍ଦୋଳନକୁ ସେ ଆଗକୁ ନେଇଥିଲେ। ରାଜା ରାମମୋହନଙ୍କ ଅଭିଯାନର ଫଳସ୍ୱରୂପ ବ୍ରିଟିଶ ସରକାର ୧୮୨୯ ମସିହାରେ ସତୀଦାହ ପ୍ରଥାକୁ ନିଷିଦ୍ଧ କରିଥିବା ବେଳେ ବିଦ୍ୟାସାଗରଙ୍କ ସଂଗ୍ରାମର ଚାପରେ ୧୮୫୬ ମସିହାରେ ବିଧବା ପୁନର୍ବିବାହ ଆଇନ ପ୍ରଣୟନ ହୋଇଥିଲା। ୧୮୭୦ ମସିହାରେ କନ୍ୟାଭ୍ରୂଣ ହତ୍ୟା ନିଷିଦ୍ଧ ହୋଇଥିବା ବେଳେ ୧୮୯୧ ମସିହାରେ ବିବାହ ପାଇଁ ମହିଳାଙ୍କ ସମ୍ମତିର ବୟସକୁ ସରକାର ୧୦ରୁ ୧୨ ବର୍ଷକୁ ବୃଦ୍ଧି କରିଥିଲେ, ଯାହାକି ପରେ ୧୯୨୯ ମସିହାରେ ଏହା ୧୪ ବର୍ଷକୁ ବୃଦ୍ଧି କରାଯାଇଥିଲା। ବିଦ୍ୟାସାଗର ଧାର୍ମିକ ରକ୍ଷଣଶୀଳତା, କୁସଂସ୍କାର ଓ ସାମାଜିକ ଭେଦଭାବ ବିରୋଧରେ ସଂଗ୍ରାମ କରୁଥିବାରୁ ତାଙ୍କୁ ସମାଜର ରୂଢ଼ିବାଦୀ ଶକ୍ତିମାନଙ୍କ ବିରୋଧର ଶିକାର ହେବାକୁ ପଡ଼ୁଥିଲା।

ମୋ– ୯୪୩୭୬୬୩୯୧,
bhalachandra.odisha@gmail.com

## ଏଇ ଭାରତରେ

ଏଡ୍‌ସ ଏକ ମାରାତ୍ମକ ରୋଗ ହେଲେ ମଧ୍ୟ ଏଥିରେ ପୀଡିତ ବ୍ୟକ୍ତି ସମାଜରେ ଅଛୁଆଁ ନୁହନ୍ତି। ସାଧାରଣ ଜୀବନଶୈଳୀରେ ବଞ୍ଚିବା ସହ ସମାଜର ସବୁ କାର୍ଯ୍ୟରେ ଏମାନଙ୍କ ଯୋଗଦାନ ରହିଛି ବୋଲି ବାର୍ତ୍ତା ଦେଇଛି କୋଲକାତାର ଏକ ଦୁର୍ଗାପୂଜା ମଣ୍ଡପ। ୧୦ ଜଣ ଏଡ୍‌ସ ପୀଡିତ ମହିଳା ଦୁର୍ଗାପୂଜା ମଣ୍ଡପ ନିର୍ମାଣ କରିଛନ୍ତି। ପୂର୍ବ କୋଲକାତାର କମରଟାଙ୍ଗା ସାଧାରଣ ଦୁର୍ଗୋତ୍ସବ ସମିତି ସହିତ ପରାଧୀନ ଭାରତର ଇତିହାସ ଯୋଡି ହୋଇ ରହିଛି। ଟେଙ୍ଗରାର ପାଣ୍ଡରୀ ରୋଡସ୍ଥିତ ଦୁର୍ଗା ମଇଦାନରେ ଏହି ପୂଜା ପ୍ରଥମେ ଆରମ୍ଭ ହୋଇ ଏଥର ଶହେବର୍ଷରେ ପଦାର୍ପଣ କରିଛି। ପୂଜା ମଣ୍ଡପକୁ ଏଡ୍‌ସ ପୀଡିତ ମହିଳାମାନେ 'ଅପରୂପ ବଙ୍ଗଳା' ଥିମ୍‌ରେ ନିର୍ମାଣ କରିଛନ୍ତି। ମଣ୍ଡପରେ ବଙ୍ଗଳାର ସଭ୍ୟତା, ସଂସ୍କୃତି ଓ ସୌନ୍ଦର୍ଯ୍ୟକୁ ପ୍ରଦର୍ଶନ କରାଯାଇଛି। ସମସ୍ତ ଏଡ୍‌ସ ପୀଡିତା ଉତ୍ତର ୨୪ ପ୍ରଗଣାରେ ରହନ୍ତି। ମଣ୍ଡପରେ ୧୧୦ କିଲୋ ରୁପାରେ ନିର୍ମିତ ମା' ଦୁର୍ଗାଙ୍କ ୧୫ ଫୁଟ ଉଚ୍ଚା ମୂର୍ତ୍ତି ପୂଜା ପାଇବ। ମା'ଙ୍କ ମୂର୍ତ୍ତିକୁ ଉତ୍ତର ୨୪ ପ୍ରଗଣା ଜିଲା ହାଓଡାସ୍ଥିତ ବାଣୀପୁରରେ ପ୍ରାୟ ୬ ମାସ ହେବ ୧୦ ଜଣ କାରିଗର ନିର୍ମାଣ କରୁଛନ୍ତି। ଏଥିରେ ୬୦ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏଥର ମା' ଦୁର୍ଗା ହାତରେ ଅସ୍ତ୍ରଶସ୍ତ୍ର ନ ଧରି ପ୍ରଜ୍ୱଳିତ ଦୀପ ଧରିବେ। ଏହା ଶାନ୍ତିର ପ୍ରତୀକ ବୋଲି କୁହାଯାଉଛି।

## ଚିରନ୍ତନୀ

ଯେଉଁ ଶୂନ୍ୟତାକୁ ଭେଦି
ରବିରଶ୍ମି ନ ପାରଇ ପଶି
କରିବ ଉଜ୍ଜ୍ୱଳ ତାହା ପରେ
ସଦା ଝରି ମୋର ମସୀ।
ଲୁହାର କପାଟ ସମ
କାଟି ଦେଇ ବିଶ୍ୱର ବିଷାଦ
ଜଣାଇବି ଆଜି କୋଟି
ଶତାବ୍ଦୀ ସଞ୍ଚିତ ପ୍ରତିବାଦ।

(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 1 | 6 | | | | | 9 | | | 7 | | | |
| | | | | | | E | C | D | | | | 5 | B | |
| | 8 | E | 9 | D | | | | 7 | | | | A | 0 | |
| | | A | | 1 | C | 8 | 2 | 0 | E | 6 | 9 | | | |
| | | 3 | A | | | | B | | | | | | | |
| | | | 8 | | 6 | | | 2 | 0 | | | | | |
| | | | | | | B | | | | | A | | | |
| | | | | | | | | | | 8 | E | | 3 | C |
| 3 | 6 | D | | | 7 | | | | B | | | | | 8 |
| 9 | 4 | | | | 1 | D | 0 | 6 | | 2 | | | | E |
| 0 | | C | | 3 | 8 | | | | A | 7 | | | | |
| 2 | | | 7 | | 9 | | 1 | 5 | D | | | 4 | A | |
| | D | | 4 | | | | E | C | | | B | | | 7 |
| | | 5 | | | | 3 | | | | 4 | | | 9 | |
| | | 9 | 1 | | 5 | | D | | C | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | C | 0 | 1 | 3 | 7 | E | 4 | A | 9 | 8 | 6 | 5 | D |
| 5 | 4 | 3 | E | D | 2 | 8 | 6 | 9 | C | 1 | 7 | 0 | A | B |
| A | 7 | D | 9 | C | 6 | 0 | 1 | B | 5 | 2 | 4 | E | 8 | 3 |
| 1 | 0 | 9 | A | 8 | B | 2 | 3 | 5 | D | E | 6 | C | 4 | 7 |
| E | 8 | 6 | 5 | 4 | 7 | D | A | C | 0 | B | 3 | 1 | 9 | 2 |
| C | 1 | 4 | D | 6 | 8 | A | 2 | 0 | E | 3 | 9 | B | 7 | 5 |
| 3 | 5 | 2 | 1 | 9 | A | 4 | B | E | 7 | 0 | D | 8 | 6 | C |
| B | A | E | 7 | 0 | C | 5 | 8 | D | 2 | 6 | 1 | 4 | 3 | 9 |
| 0 | 6 | 8 | 4 | 3 | 5 | 9 | 7 | 1 | B | C | A | 2 | D | E |
| D | 9 | 7 | B | 2 | E | 6 | C | 3 | 8 | 4 | 5 | A | 0 | 1 |
| 7 | 2 | 0 | 8 | B | 1 | 3 | 4 | A | 9 | D | E | 5 | C | 6 |
| 8 | E | 1 | 3 | 7 | D | C | 5 | 6 | 4 | A | B | 9 | 2 | 0 |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର

# ମାନ୍ଦାବସ୍ଥାର ମହୌଷଧି



ବିଚିତ୍ର ବିଶ୍ୱାଳ

ଚାଷୀର ଫସଲ ଅମଳ ସମୟରେ ତଥା ବଜାରରେ ଚାହିଦା ନ ଥିବା ବେଳେ ଚାଷୀ ଯେମିତି ତା' ତିରିଶ ଟଙ୍କା କିଲୋ ପିଆଜକୁ ମାତ୍ର ପାଞ୍ଚ ଟଙ୍କାରେ ବିକିବାକୁ ବାଧ୍ୟ ହୋଇଥାଏ, ସେମିତି ବଜାରରେ ମାନ୍ଦାବସ୍ଥା ବେଳେ ଅଟୋମୋବାଇଲ୍ କମ୍ପାନୀମାନେ ତାଙ୍କ ପନ୍ଦର ଲକ୍ଷ ଟଙ୍କା ଗାଡ଼ିକୁ ଦୁଇ ତିନି ଲକ୍ଷ ଟଙ୍କାରେ ବିକ୍ରି କରିବେ କି! ଗତ କିଛି ଦିନ ତଳର ଏହିଭଳି ଏକ ଫେସ୍‌ବୁକ୍ ପୋଷ୍ଟକୁ ବହୁତ ଲୋକ ପସନ୍ଦ କରୁଥିବାର ଦେଖାଯାଉଛି। ଯଦିଓ ଏହି କଥାଟି ମଜାଳିଆ ଢଙ୍ଗରେ କୁହାଯାଇଛି, କିନ୍ତୁ ଏହାର ଗମ୍ଭୀରତାକୁ ବି ଏଡ଼ାଇ ଦେଇହେବ ନାହିଁ। ଏହା ସତ୍ୟ ଯେ, ଚାଷୀମାନେ ଚାଷରେ ବର୍ଷ ବର୍ଷ ଧରି ମାନ୍ଦାବସ୍ଥାର ଶିକାର ହୋଇ ଆସୁଛନ୍ତି। ପ୍ରତିବର୍ଷ ଆମ ଦେଶର ଚାଷୀମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟର ନ୍ୟାୟପୂର୍ଣ୍ଣ ମୂଲ୍ୟ ପାଉନାହାନ୍ତି। ଚାଷରେ ଯେତିକି ସେମାନେ ଖର୍ଚ୍ଚ କରୁଛନ୍ତି, ଉତ୍ପାଦିତ ଦ୍ରବ୍ୟକୁ ବିକିଲେ ସେମାନଙ୍କ ଖର୍ଚ୍ଚ ବି ଉଠୁନାହିଁ। ସରକାର ଘୋଷଣା କରୁଥିବା ସର୍ବନିମ୍ନ ସହାୟକ ମୂଲ୍ୟ ବି ଚାଷୀମାନଙ୍କ ପ୍ରତି ଉପହାସ ଭଳି। ଅନେକ କ୍ଷେତ୍ରରେ ଚାଷୀମାନେ ତାଙ୍କ ଉତ୍ପାଦନକୁ ଅମଳ କରି ବଜାରକୁ ଆଣିବା ଅପେକ୍ଷା ଜମିରେ ଗୋରୁ ଛାଡ଼ିଦେବାକୁ ପସନ୍ଦ କରୁଛନ୍ତି। ଏହା କହିବା ବାହୁଲ୍ୟ ଯେ, କ୍ରମାଗତ ଭାବେ ଚାଷୀମାନେ କ୍ଷତି ସହି ସହି ତାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲାଣି।

ଅଟୋମୋବାଇଲ୍ ଶିଳ୍ପ, କପଡ଼ା ଶିଳ୍ପ, ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ର ପରି ଚାଷ ମଧ୍ୟ ଆମ ଦେଶ ଅର୍ଥନୀତିର ଏକ ଅଂଶ। ଚାଷରେ ମାନ୍ଦାବସ୍ଥା ଆସିଲେ ଅର୍ଥନୀତି ଉପରେ ମଧ୍ୟ ମାନ୍ଦାବସ୍ଥା ଆସିବ। କାରଣ ଆମ ଦେଶର ପ୍ରାୟ ପଚାଶ ପ୍ରତିଶତରୁ ଅଧିକ ଲୋକ ଚାଷକରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। କାର୍ ବିକ୍ରି କମିଯିବା ଯୋଗୁ ହେଉ ବା ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଧିମାପଣ ଆସିଥିବା ଯୋଗୁ ଯେମିତି ଅର୍ଥନୈତିକ ପରିସ୍ଥିତିରେ ମାନ୍ଦାବସ୍ଥା ଉପୁଜୁଛି, ସେମିତି ଆମ ଦେଶର ଚାଷୀମାନେ ଯେତେବେଳେ ତାଙ୍କ ଉତ୍ପାଦିତ ଦ୍ରବ୍ୟକୁ ଅତ୍ୟନ୍ତ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ଓ ପ୍ରଚୁର ପରିମାଣରେ କ୍ଷତି ସହୁଛନ୍ତି, ସେତେବେଳେ ଏହାର ନକାରାତ୍ମକ ପ୍ରଭାବ କ'ଣ ଅର୍ଥନୀତି ଉପରେ ପଡୁନାହିଁ? ଚାଷୀମାନେ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପାଉ ନ ଥିବାରୁ ସେମାନଙ୍କ କ୍ରୟଶକ୍ତି ହ୍ରାସ ପାଉଛି। ଅନେକ ପ୍ରକାର ଖାଉଟି ସାମଗ୍ରୀ କିଣିବାକୁ ସେମାନଙ୍କର ଶକ୍ତି ପାଉନି। ଦେଶର ଗୋଟେ ବଡ଼ ଭାଗ ଜନସଂଖ୍ୟାର କ୍ରୟଶକ୍ତି ହ୍ରାସ ପାଇଲେ ଏହାର ପ୍ରଭାବ ଅର୍ଥନୀତି ଉପରେ ନିଶ୍ଚୟ ପଡ଼ିବ ଓ ପଡୁଛି ମଧ୍ୟ। କିନ୍ତୁ ସେତେବେଳେ ସରକାର ଚାଷୀମାନଙ୍କ ପାଇଁ ଅଧିକ କିଛି କରୁଥିବାର କୌଣସି ବି ନଜିର ନାହିଁ। ଦେବାଳିଆ ହୋଇଗଲେ, ଅଧିକ ଋଣଭାରରେ ବୁଡ଼ିଗଲେ ବା ବିକ୍ରିବଟାରେ ମାନ୍ଦାବସ୍ଥା ଆସିଲେ, ସରକାର ଯେମିତି ବ୍ୟାଙ୍କ ଓ ବଡ଼ ବଡ଼ କମ୍ପାନୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଦେଉଛନ୍ତି, ଚାଷୀମାନଙ୍କ କ୍ଷେତ୍ରରେ ସେମିତି କିଛି କରିବାର ସରକାରଙ୍କ ତରଫରୁ ଦେଖାଯାଇ ନାହିଁ। ଏଥିରୁ ସରକାରଙ୍କର ଚାଷୀମାନଙ୍କ ପ୍ରତି ଥିବା ଗରମ ମନୋଭାବ ଓ କମ୍ପାନୀଗୁଡ଼ିକ ପ୍ରତି ଥିବା ନରମ ମନୋଭାବର ସ୍ୱଷ୍ଟ ପରିଚୟ ମିଳୁଛି।

ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ଗତ କିଛି ଦିନ ହେବ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସବୁଠାରୁ ଅଧିକ ସମାଲୋଚନା କରାଯାଉଥିଲା। କିନ୍ତୁ ଗତ ଚାରି ପାଞ୍ଚ ଦିନ ହେବ ହଠାତ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସବୁଠାରୁ ଅଧିକ ସାହସୀ ଓ ଆଇରନ୍ ଲେଡି ଭାବେ ଉପସ୍ଥାପନ କରାଯାଉଛି। ଏଇ ଚାରି ପାଞ୍ଚ ଦିନ ଭିତରେ କ'ଣ ଏମିତି ହଠାତ୍ ବଦଳିଗଲା ଯେ, ସବୁଠାରୁ ଦୁର୍ବଳ ଭାବେ ଗଣନା କରାଯାଉଥିବା ବ୍ୟକ୍ତିଙ୍କୁ ସବୁଠାରୁ ସାହସୀ ବ୍ୟକ୍ତି ଭାବେ ପ୍ରଚାର କରାଯାଉଛି! କାରଣ ଗତ ସେପ୍ଟେମ୍ବର ୨୦ ତାରିଖରେ ଅର୍ଥମନ୍ତ୍ରୀ ମାନ୍ଦାବସ୍ଥା ପରିସ୍ଥିତିରୁ ଦେଶକୁ ଉଦ୍ଧାର କରିବା ପାଇଁ କମ୍ପାନୀଗୁଡ଼ିକ ଉପରେ ବସୁଥିବା କର୍ପୋରେଟ୍ ଟିକସକୁ ୩୦%ରୁ କମ୍ କରି ୨୨% କରିଦେଇଛନ୍ତି ଓ ନୂଆ ଉତ୍ପାଦନଭିତ୍ତିକ କମ୍ପାନୀଗୁଡ଼ିକ ପାଇଁ ଟିକସକୁ ୨୫%ରୁ କମ୍ କରି ୧୫% କରିଛନ୍ତି। ସିଧା କଥାରେ କହିଲେ ଅର୍ଥମନ୍ତ୍ରୀ କମ୍ପାନୀଗୁଡ଼ିକ ପାଇଁ ପ୍ରାୟ ୮ରୁ ୧୦% ଟିକସ ରିହାତି ଘୋଷଣା କରିଛନ୍ତି। ସୀତାରାମନ୍‌ଙ୍କ ଏହି ପଦକ୍ଷେପ ପାଇଁ ତାଙ୍କୁ ଭୂରି ଭୂରି ପ୍ରଶଂସା କରାଯାଉଛି। କର୍ପୋରେଟ୍ କଥାରେ ନାଚୁଥିବା ମିଡ଼ିଆହାଉସ୍ ଓ ଅର୍ଥନୀତି ବିଶାରଦମାନେ ନିର୍ମଳା ସୀତାରାମନ୍‌ଙ୍କ ପ୍ରଶଂସାରୁ ବିରତ ହେଉନାହାନ୍ତି ଓ ଏହାଦ୍ୱାରା ଆମ ଅର୍ଥନୀତିରେ ତୀବ୍ରତା ଆସିବ ବୋଲି କୁହାଯାଉଛି। କିନ୍ତୁ ଗୋଟିଏ କଥା ବୁଝିହେଉ ନାହିଁ ଯେ, ଯେତେବେଳେ କୁହାଯାଉଛି, ଘରୋଇ ଚାହିଦା କମ୍ ହେଉଥିବାରୁ ଅର୍ଥାତ୍ ଲୋକଙ୍କର କ୍ରୟଶକ୍ତି ହ୍ରାସ ପାଇଥିବାରୁ ଅର୍ଥନୀତିରେ ମାନ୍ଦାବସ୍ଥା ଆସିଛି, ସେତେବେଳେ କର୍ପୋରେଟ୍ ଟିକସ କମ୍ କରିଦେଲେ ଘରୋଇ ଚାହିଦା କିପରି ବଢ଼ିବ ଓ ଏହା କିପରି ଭାବେ ଅର୍ଥନୀତିରେ ଉନ୍ନତି ଆଣିବ! ଅବଶ୍ୟ ବଡ଼ ଲୋକଙ୍କୁ ଉତ୍ତର ଦେବ କିଏ! ଆମ ଦେଶର ନୀତି ଓ ଆଇନକାନୁନ୍ ମୁଖ୍ୟତଃ କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ହିଁ ପରିଚାଳିତ ହେଉଛି ବୋଲି ଆଉ ବୁଝିବାରେ ବାକି ନାହିଁ। ତେଣୁ ସୀତାରାମନ୍‌ଙ୍କ ଏହି ପଦକ୍ଷେପରେ ବେଶି କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ତଥ୍ୟ ଅନୁସାରେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ମିଳୁ ନ ଥିବା ଯୋଗୁ ୨୦୦୭ରୁ ୨୦୧୭ ମଧ୍ୟରେ ଆମ ଦେଶର ଚାଷୀମାନେ ପ୍ରାୟ ୪୫ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ଠିକ୍ ଏହି ସମୟରେ କର୍ପୋରେଟ୍‌ମାନଙ୍କୁ ବିଭିନ୍ନ ପ୍ରକାର ଟିକସ ରିହାତି ମାଧ୍ୟମରେ ବର୍ଷକୁ ପ୍ରାୟ ୧.୪୫ ଲକ୍ଷ କୋଟି ଟଙ୍କା ରିହାତି ପ୍ରଦାନ କରାଯାଉଛି। ଏବେ ପୁଣି କର୍ପୋରେଟ୍ ଟିକସକୁ କମ୍ କରାଯାଇଛି। ଏହାଦ୍ୱାରା କର୍ପୋରେଟ୍‌ମାନଙ୍କର ପୁଞ୍ଜି ସିନା ବଢ଼ିବ କିନ୍ତୁ ଆମ ଦେଶର ଅର୍ଥନୀତି ତା'ର ଈପ୍‌ସିତ ଲକ୍ଷ୍ୟ ହାସଲ କରିପାରିବ ନାହିଁ।

ସମ୍ପ୍ରତି ଆମ ଦେଶରେ ଦେଖାଦେଇଥିବା ଅର୍ଥନୈତିକ ମାନ୍ଦାବସ୍ଥାରେ ଉନ୍ନତି ଆଣିବାକୁ ହେଲେ ଘରୋଇ ଚାହିଦା ବଢ଼ାଇବାକୁ ହେବ, ଅର୍ଥାତ୍ ଲୋକଙ୍କ କ୍ରୟଶକ୍ତି ବଢ଼ାଇବାକୁ ହେବ। ଫଳସ୍ୱରୂପ ସେମାନେ ଜଣେ ଜଣେ ଦକ୍ଷ ଖାଉଟି ହୋଇପାରିବେ ଓ ପ୍ରକାରାନ୍ତରେ ତାହା ହିଁ ଅର୍ଥନୈତିକ ମାନ୍ଦାବସ୍ଥାରେ ସୁଧାର ଆଣିବ। ଘରୋଇ ଚାହିଦା ବଢ଼ାଇବା ପାଇଁ ସବୁଠାରୁ ବଡ଼ କାମ ହେବ ଆମ ଦେଶର ପଚାଶ ପ୍ରତିଶତ ଚାଷୀଙ୍କ ଅବସ୍ଥାରେ ଉନ୍ନତି ଆଣି ତାଙ୍କ କ୍ରୟଶକ୍ତି ବଢ଼ାଇବା। ନଚେତ୍ କର୍ପୋରେଟ୍ ଟିକସ କମ୍ କଲେ ଏହା କିଛି ଦିନ ପାଇଁ ବଜାରରେ ହଲ୍‌ଚଲ୍ ତିଆରି କରିବ। କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ସମାଧାନ ଆସିବ ନାହିଁ। ଅସଲରେ ଚାଷୀଙ୍କ ଉନ୍ନତି ହିଁ ଅର୍ଥନୈତିକ ମାନ୍ଦାବସ୍ଥାର ସବୁଠାରୁ ଅମୂଲ୍ୟ ମହୌଷଧି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ– ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ଅପଚୟରୁ କ୍ଷାନ୍ତ ରୁହନ୍ତୁ

ମହାଶୟ,

ଧରିତ୍ରୀ ସମ୍ପାଦକୀୟ ପୃଷ୍ଠାରେ ସ୍ମିତ ପ୍ରକାଶ ତ୍ରିପାଠୀଙ୍କ 'ଅଧା ଗ୍ଲାସ୍ ପାଣି' ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ରାଜସ୍ଥାନ ମରୁଅଞ୍ଚଳ। ସେଠାରେ କମ୍ ପରିମାଣରେ ବର୍ଷା ହୋଇଥାଏ। ଜଳାଭାବରୁ ଲୋକ ମାଇଲ ମାଇଲ ଦୂର ଯାଇ ଜଳ ଆଣି ଶୋଷ ମେଣ୍ଟାଇଥାନ୍ତି। ସୁତରାଂ ଅଧା ଗ୍ଲାସ୍ ପାଣିରେ ଯଦି ଶୋଷ ମେଣ୍ଟିଯାଉଛି, ତେବେ ପୂରା ଗ୍ଲାସ୍ ମାଗିବା କାହିଁକି ? ଜଳ ହିଁ ଜୀବନ। ଆମ ଦେଶରେ ଦୈନିକ ୩୦୦ କୋଟି ଲିଟର ପାଣି ନଷ୍ଟ ହେଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର 'ମନ୍‌କୀ ବାତ୍'ରେ ଜଳ ସଂରକ୍ଷଣ ସାଙ୍ଗକୁ ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସୁତରାଂ ଜଳ ଯେପରି ଅପଚୟ ନ ହୁଏ, ସେ ଦିଗରେ ସମସ୍ତେ ସତର୍କ ହେବା ଉଚିତ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ନୀତି ଓ ନୈତିକତାର ଶିକ୍ଷା

ଏବେର ଶିକ୍ଷା ବ୍ୟବସ୍ଥାରେ ନୀତି ଓ ନୈତିକତାର ଶିକ୍ଷା ବ୍ୟବସ୍ଥା ନ ଥିବାରୁ ବିଦ୍ୟାର୍ଥୀମାନେ କେବଳ ଚାକିରିସର୍ବସ୍ୱ ହେଉଛନ୍ତି। ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚରିତ୍ର ଗଠନ ଓ ଯୋଗ୍ୟତା ଅର୍ଜନ। ପାଠ୍ୟପୁସ୍ତକ ଜନିତ ବିଦ୍ୟାର୍ଜନ ପ୍ରତି କେବଳ ଗୁରୁତ୍ୱ ଦିଆଯାଇ ଚରିତ୍ରଗଠନକୁ ଉପେକ୍ଷା କରାଯାଉଛି। ଏହା ଫଳରେ ସମାଜରେ ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର, ହିଂସା, ଦ୍ୱେଷ ଓ ପରଶ୍ରୀକାତରତା ପରି ଦୁର୍ଗୁଣ ବୃଦ୍ଧିପାଉଛି। ଭୌତିକ ଅଗ୍ରଗତି ଯେତିକି ହେଉଛି ନୈତିକ ଓ ମାନବିକ ମୂଲ୍ୟବୋଧର ସେତିକି ଅବକ୍ଷୟ ହେଉଛି। ଜାପାନରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହୁଏ ନାହିଁ। କେବଳ ଉତ୍ତମ ଆଚାର ଓ ବ୍ୟବହାରର ଶିକ୍ଷା ଦିଆଯାଏ। ବସ୍ତାନି ବୋଝ ନ ଥାଏ। ଆମ ଶିକ୍ଷା ବ୍ୟବସ୍ଥାରେ ନୀତି ଓ ନୈତିକତାର ଶିକ୍ଷା ଦିଆ ନ ଯିବା ପର୍ଯ୍ୟନ୍ତ ଏହିପରି ଦୁର୍ଗତି ଲାଗି ରହିଥିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୪

- ଶକ୍ତି କ୍ଷେତ୍ର ପାଇଁ ଆମେରିକା ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ।
- ବିଳମ୍ବରେ ହେଲେ ମଧ୍ୟ ଭାରତ–ବାଂଲାଦେଶ ସୀମାନ୍ତରେ କଣ୍ଟାବାଡ଼ ବସାଇବା କାର୍ଯ୍ୟ ଆରମ୍ଭ ହେଲା।



ତେଲୁଗୁ ଫିଲ୍ମର ଜଣାଶୁଣା କମେଡିଆନ୍ ବେଣୁମାଧବଙ୍କ ସିକନ୍ଦରାବାଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଲିଭର ଓ କିଡ୍‌ନୀଜନିତ ରୋଗରେ ସେ ପୀଡ଼ିତ ଥିଲେ। ଏନେଇ ତାଙ୍କ ପରିବାରବର୍ଗ ଓ ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ଟଲିଉଡ୍‌ରେ ସେ ୧୯୯୬ରୁ ୨୦୧୬ ମଧ୍ୟରେ ପ୍ରାୟ ୬୦୦ ଫିଲ୍ମରେ ଅଭିନୟ କରିଥିବା ଜଣାପଡ଼ିଛି। ଫିଲ୍ମକୁ ଆସିବା ପୂର୍ବରୁ ସେ ଟିଡିପି ଅଫିସରେ ଟେଲିଫୋନ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ପରେ ମିମିକ୍ରି କରି ଫିଲ୍ମ ଅଫର ପାଇଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଆଦିତ୍ୟ କୁମାର



ପଦ୍ମାବତୀ ମିଶ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଜଙ୍ଗଲରେ ନର୍ସିଂ ଛାତ୍ରୀ ଗଣବଳାତ୍କାର ଘଟଣାର ପର୍ଦ୍ଦାଫାଶ

# ୮ ଅଭିଯୁକ୍ତ ଗିରଫ

**ଜୁନାଗଡ,୨୫।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଜଙ୍ଗଲରେ ଗଣବଳାତ୍କାର ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ନାବାଳକ ଏଥିରେ ସଂପୃକ୍ତ ଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଗଣବଳାତ୍କାର ଘଟଣାରେ ୬ଜଣ ସମ୍ପୃକ୍ତ ରହିଛନ୍ତି। ସେମାନେ ହେଲେ ଜୁନାଗଡ ଥାନା ବଜ୍ରିତୁଲସୀପାଲି ଗ୍ରାମର ଅମିତ ନାଏକ (୩୦), ପ୍ରକାଶ ନାଏକ ଓରଫ ଲୁକୁ (୨୨), ଶାନ୍ତ ନାଏକ (୨୪), ଲାବଣ୍ୟ ଛତ୍ରିଆ (୨୧), ଅନିରୁଦ୍ଧ ଛତ୍ରିଆ (୨୦) ଓ ଜଣେ ନାବାଳକ। ଭିଡିଓ ଭାଇରାଲ କରିଥିବା ଘଟଣାରେ ୩ ଜଣଙ୍କୁ ବି ପୋଲିସ ଗିରଫ କରିଛି। ସେମାନେ ହେଲେ ଜୁନାଗଡ ଥାନା ବଜ୍ରିତୁଲସୀପାଲି ଗ୍ରାମର ବିନୋଦ ନାଏକ ଓରଫ ଘାଟୁ (୩୨), ସ୍ୱୟମ୍ବର ବାଗ (୩୦) ଓ କୋକସରା ଥାନା ତେନ୍ତୁଳିପଡାର ଟିକମଣି ପୋଢ (୩୨)। ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ବୁଧବାର ଜୁନାଗଡ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧର କହିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କଠାରୁ ଭାଇରାଲରେ ବ୍ୟବହୃତ ମୋବାଇଲ ଫୋନ୍ ଓ ଘଟଣାସ୍ଥଳରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ଏସ୍‌ପି କହିଛନ୍ତି। ଗୁରୁବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ। ପୀଡିତାଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏ ନେଇ ଜୁନାଗଡ ଥାନାରେ ଆଇପିସି ଦଫା ୩୭୬–ଡି/୨୯୨(୨)ଏ/୫୦୦/୫୦୯/୫୦୬/୩୪ ଆଇପିସି, ଆର/ଡବ୍ଲୁ ସେକ୍ସନ ୬୭/୬୭(ଏ) ଆଇଟି ଆକ୍ଟରେ ଏକ ମାମଲା (ନଂ. ୨୨୪/୧୯) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧୪ ତାରିଖ ୧.୪୫ ମିନିଟ୍‌ରେ ଛାତ୍ରୀ ଜଣକ ଧର୍ମଗଡ ଥାନା ପର୍ଲା ଗ୍ରାମର ଲଳିନ୍ଦ୍ର ଶବରଙ୍କ ସହ ବାଇକ୍‌ରେ ଭବାନୀପାଟଣାରୁ ନିଜ ଗାଁକୁ ଆସୁଥିଲେ। ଏହି ସମୟରେ ଜୁନାଗଡ ଥାନା ବନମାଳୀପୁର ୨୬ ନଂ. ଜାତୀୟ ରାଜପଥରେ ୬ଜଣ ବ୍ୟକ୍ତି ମୁହଁରେ କପଡା ବାନ୍ଧି ସେମାନଙ୍କୁ ଅଟକାଇ ଥିଲେ। ପରେ ଛାତ୍ରୀଙ୍କୁ ନିକଟସ୍ଥ ଘନା ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ସେମାନେ ତାଙ୍କୁ ଛୁରି ଦେଖାଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏହି ଘଟଣା କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ଏପରିକି ଜଣେ ବ୍ୟକ୍ତି ଏହି ଘଟଣାର ଭିଡିଓ ସୁଟିଂ କରିଥିଲେ। ବହୁ କଷ୍ଟରେ ଛାତ୍ରୀ ଜଣକ ସେମାନଙ୍କ କବଳରୁ ଆସି ରାସ୍ତାରେ ପହଞ୍ଚି ଥିଲେ। ଏହାର କିଛିଦିନ ପରେ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏହା ଜଣାପଡିବା ପରେ ପୀଡିତା ଗତ ରବିବାର ବିଳମ୍ବିତ ରାତିରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ।

ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ଗୋପୀନାଥ ମଣିପାତ୍ର, ଧର୍ମଗଡ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ.ପି ବି.ଗଙ୍ଗାଧର ସୂଚନା ଦେଉଛନ୍ତି।

- ଆଜି ହେବେ କୋର୍ଟ ଚାଲାଣ
- ଜଣେ ନାବାଳକ ବି ସଂପୃକ୍ତ
- ଭାଇରାଲରେ ବ୍ୟବହୃତ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ

## ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ

# ତଦନ୍ତରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ଗୁରୁତ୍ୱ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିଯୋଗୀ।

**କଟକ ଅଫିସ, ୨୫।୯**

ଅପରାଧ ଅନୁସନ୍ଧାନ ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ହେଲେ ପାରମ୍ପରିକ ପଦ୍ଧତିରେ ଅନୁସନ୍ଧାନ ଏବେ ଗୁରୁତ୍ୱ ହରାଇଛି। ସମୟର ପରିବର୍ତ୍ତନ ସଙ୍ଗେ ପୋଲିସ ପାଇଁ ନୂତନ ସମସ୍ୟା ଓ ଆହ୍ୱାନ ଦେଖାଦେଇଛି। ଏହି କ୍ଷେତ୍ରରେ ପୋଲିସକୁ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ଆଣିବାକୁ ପଡିବ ବୋଲି ଡିଜିପି ବିଜୟ କୁମାର ଶର୍ମା କହିଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ସ୍ଥାନୀୟ ରାମକୃଷ୍ଣ ପାଢୀ ସ୍ମୃତିକକ୍ଷରେ ବୁଧବାର ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଡିଜିପି ଶର୍ମା ଏହା କହିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ୩୭ ପୋଲିସ ଜିଲା ଓ ପ୍ରତିଷ୍ଠାନରୁ ୨୧୨ଜଣ ପ୍ରତିଯୋଗୀ ଏବଂ ୨୨ଟି ପୋଲିସ ଶ୍ୱାନ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ୪୫ଜଣ ଇନ୍ସପେକ୍ଟର, ୫୨ ସବ୍‌ଇନ୍ସପେକ୍ଟର, ୪୯ ଏଏସ୍‌ଆଇ ଓ ୬୬ଜଣ କନଷ୍ଟେବଲ ରହିଛନ୍ତି। ତିନିଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଫଟୋଗ୍ରାଫି, ଡିଏନ୍‌ଏ ଫିଙ୍ଗର ପ୍ରିଣ୍ଟିଙ୍ଗ, ସାଇଣ୍ଟିଫିକ ଇନ୍‌ଭେଷ୍ଟିଗେଶନ, କମ୍ପ୍ୟୁଟର ଜ୍ଞାନକୌଶଳ, ସାଇବର କ୍ରାଇମ୍, ଟେକ୍ନିକାଲ ସର୍ଭେଲାନ୍ସ, ପୋଲିସ ଆଇନ କାନୁନ୍, ପୋଲିସ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ହେବ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସର୍ବଭାରତୀୟ ପୋଲିସ ବୃତ୍ତି ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିବେ। କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜିପି ସନ୍ତୋଷ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଓ କ୍ରାଇମବ୍ରାଞ୍ଚ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ରାଜ୍ୟ ପୋଲିସର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ସର୍ବଶିକ୍ଷା ଅଭିଯାନର କୋଟିପତି କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭବାନୀପାଟଣା, ୨୫।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ସର୍ବଶିକ୍ଷା ଅଭିଯାନର ଟେକନିକାଲ କନସଲଟେନସି କନିଷ୍ଠ ଯନ୍ତ୍ରୀ ଅଭୟ କୁମାର ପତି ଭିଜିଲାନ୍ସ ଜାଲରେ ପଡିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଭବାନୀପାଟଣା ସମେତ ପୁରୀ, ଭୁବନେଶ୍ୱର, ଢେଙ୍କାନାଳ ଏବଂ ଖୋର୍ଦ୍ଧା ଆଦି ସ୍ଥାନରେ ଥିବା ଅଫିସ, ଭଡା ଘର, ପୌତୃକ ଘର ଏବଂ ନିଜସ୍ୱ ଘରେ ଏକ ସଙ୍ଗେ ଚଢ଼ାଉ କରାଯାଇଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ଉପରୋକ୍ତ ସ୍ଥାନରେ ଚଢାଉ ଜାରି ରହିଥିବା ଭିଜିଲାନ୍ସ ବିଭାଗର ଜଣେ ଅଧିକାରୀ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କନିଷ୍ଠ ଯନ୍ତ୍ରୀ ପତି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର କନିଷ୍ଠ ଯନ୍ତ୍ରୀ ପତିଙ୍କ ଭବାନୀପାଟଣାସ୍ଥିତ ସମଗ୍ର ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ, ଭବାନୀପାଟଣା ବ୍ୟାଙ୍କ କଲୋନୀସ୍ଥିତ ଭଡା ଘର, ଢେଙ୍କାନାଳର ପୈତୃକ ଘର, ଭୁବନେଶ୍ୱର, ପୁରୀ ଏବଂ ଖୋର୍ଦ୍ଧାରେ ଥିବା ତାଙ୍କର ନିଜସ୍ୱ ଘର ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉରେ ପ୍ରାଥମିକ ଭାବେ ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ପତିଙ୍କ ବହୁତଳ ବିଶିଷ୍ଟ କୋଠା ଥିବା ଜଣାପଡିଛି। ଉପରୋକ୍ତ ସ୍ଥାନରେ ଚଢାଉ ସରିବା ପରେ କନିଷ୍ଠ ଯନ୍ତ୍ରୀ ପତି କେତେ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି ତାହା ଜଣାପଡିବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ଏହି ଚଢାଉରେ ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଶିଶିର କୁମାର ସାହୁ, ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ, ଭୁବନେଶ୍ୱରରୁ ଭିଜିଲାନ୍ସ ଇନ୍ସପେକ୍ଟର ଫଣିତା ରାୟ ପ୍ରମୁଖ ସାମିଲ ହୋଇଛନ୍ତି।



କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରାଯାଉଛି।

# ଆନ୍ଦୋଳନ ବେଳେ ୮୩ ଗିରଫ

## ତାଳଚେରରେ ଖଣି କାର୍ଯ୍ୟ ସ୍ୱାଭାବିକ

**ତାଳଚେର,୨୫।୯(ନି.ପ୍ର.):** କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ)କୁ ବିରୋଧ କରାଯିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର ଦାବିରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ବୁଧବାର ୩ୟ ଦିନ ପାଇଁ ତାଳଚେର କୋଲ୍ ଫିଲ୍‌ଡସରେ ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ, କଣିହାଁ ସମେତ ୯ ଗୋଟି ଖଣିରୁ କୋଇଲା ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଥିଲା। ତେବେ ଏମ୍‌ସିଏଲ୍ ପକ୍ଷରୁ ଏହି ଆନ୍ଦୋଳନକୁ ବେଆଇନ ଘୋଷଣା କରାଯାଇଥିବାରୁ ପୂର୍ବାହ୍ନରେ ପୋଲିସ ୮୩ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶ୍ରମ ସଙ୍ଗଠନର ଏହି ଆନ୍ଦୋଳନ ଯୋଗୁ ୩ ଦିନ ହେଲା ତାଳଚେର କୋଲ୍ ଫିଲଡ୍‌ସରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଖଣି କାର୍ଯ୍ୟ ବନ୍ଦ ରହିଥିବାରୁ ରାଜ୍ୟ ତଥା ରାଜ୍ୟ ବାହାର ସମେତ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଥିଲା। ତେବେ ପୋଲିସ ତାଳଚେର କୋଲ୍ ଫିଲଡ୍‌ସରୁ ୬୬ ଜଣ ଓ କଣିହାଁ ଓପନକାଷ୍ଟରୁ ୧୭ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ ବନ୍ଦ ରହିଥିବା ଖଣି କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଗିରଫ ହୋଇଥିବା ୮୩ ଜଣଙ୍କୁ ପୋଲିସ ପିଆର୍ ବଣ୍ଡରେ ଛାଡି ଦେଇଥିବା ଜଣାପଡ଼ିଛି।



ପୋଲିସ ଦ୍ୱାରା ଗିରଫ ଆନ୍ଦୋଳନକାରୀ।


**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ 1196 (ଗୋପନୀୟ ବିଭାଗ) ତା 24.9.19 ରିଖ

୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ରାଜ୍ୟର ସମସ୍ତ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ On-Line Enrolment ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ ନିମନ୍ତେ କାର୍ଯ୍ୟସୂଚୀ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ/ ବିଦ୍ୟାଳୟମୁଖ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବର୍ତ୍ତମାନ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ତଥା ୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ନାମ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପଞ୍ଜୀକୃତ ହେବ ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ କରିବା ପାଇଁ ସୁଯୋଗ ମିଳିବ । ଏହି ପଞ୍ଜୀକରଣ ପ୍ରକ୍ରିୟା ଗତ ବର୍ଷ ପରି ON-LINE ମାଧ୍ୟମରେ ହେଉଥିବାରୁ ସମସ୍ତ ବିଦ୍ୟାଳୟ ମୁଖ୍ୟ, ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକୁ ଶେଷ କରିବାକୁ ହେବ ।

୧. ପଞ୍ଜୀକରଣ କରିବାର ତାରିଖ ଓ ସମୟ – ପଞ୍ଜୀକରଣ (Deposit of Fee, Final Submission ଏବଂ ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ) ତା୨୬/୦୯/୨୦୧୯ରିଖ ଠାରୁ ଆରମ୍ଭ ହୋଇ ତା୨୨/୧୦/୨୦୧୯ରିଖ ରାତ୍ର ଘ.୧୧.୪୫ମି. ସୁଧା ସମ୍ପନ୍ନ ହେବ । ଏହି ଦିବସ ମାନଙ୍କରେ ଉକ୍ତ ପ୍ରକ୍ରିୟା ଅନବରତ (24 × 7) ଚାଲୁରହିବ । ତା୨୨/୧୦/୨୦୧୯ରିଖ ମଧ୍ୟରେ Fees Deposit ହୋଇଥିଲେ ତା୨୩/୧୦/୨୦୧୯ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଫର୍ମ ପୂରଣ କରି Final Submission କରାଯାଇପାରିବ ।

୨. ଫିସ୍ ଦାଖଲ – ପ୍ରତ୍ୟେକ ପିଲା ପାଇଁ ଟ୧୦୦.୦୦ଙ୍କା ହିସାବରେ ପଞ୍ଜୀକରଣ ଫିସ୍ Axis Bank Easy Pay ଜରିଆରେ ଉଭୟ Online ଓ Offline ମାଧ୍ୟମରେ କରାଯାଇପାରିବ । ସ୍କୁଲର Regular ଛାତ୍ରଛାତ୍ରୀଙ୍କ ସହିତ Quasi Regular ଛାତ୍ରଛାତ୍ରୀଙ୍କର ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟା ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ । ଶିକ୍ଷକମାନଙ୍କର ପଞ୍ଜୀକରଣ ବା ତଥ୍ୟ ସଂଶୋଧନ ନିମନ୍ତେ କୌଣସି ଶୁଳ୍କ ଲାଗିବ ନାହିଁ । Govt. ଏବଂ Govt. Aided ସ୍କୁଲମାନଙ୍କରେ SC/ ST ବର୍ଗର Regular ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ନିମନ୍ତେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ ।

୩. ପଞ୍ଜୀକରଣ ସମ୍ପର୍କିତ Application Format & Step By Step Instruction ମାଧ୍ୟମିକ ଶିକ୍ଷା ପରିଷଦର ନିଜସ୍ୱ website i.e. "www.bseodisha.ac.in" ରେ ଉପଲବ୍ଧ ହେବ । ଏହି ନିର୍ଦ୍ଦେଶାବଳୀ ମଧ୍ୟ Online Enrolment ସମୟରେ download କରି ସଂଗ୍ରହ କରାଯାଇପାରିବ । ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢିସାରି ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବେ । ପଞ୍ଜୀକରଣ କରିସାରିଲା ପରେ ଉଭୟ Descriptive Roll Sheet ଏବଂ Registered Teacher Listକୁ download କରିବେ । Registered Teacher Listକୁ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର Countersignature କରି ଉଭୟ Listକୁ ସମ୍ପୃକ୍ତ ବୋର୍ଡର ଶାଖା କାର୍ଯ୍ୟାଳୟରେ ତା୨୫/୧୦/୨୦୧୯ରିଖ ସୁଦ୍ଧା ଦାଖଲ କରିବାକୁ ହେବ ।

୪. ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମ ପଞ୍ଜୀକୃତ କରିପାରିନଥିବେ ସେମାନେ School Regular ବା Quasi Regular ହିସାବରେ ୨୦୨୧ ମସିହାରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇପାରିବେ ନାହିଁ । ଏହି କ୍ଷେତ୍ରରେ ସେମାନେ ପରିଷଦ ଦ୍ୱାରା ପରିଚାଳିତ Correspondence Courseରେ ନାମ ପଞ୍ଜୀକୃତ କରି ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହେବେ ।

୫. ଯେଉଁ ବିଦ୍ୟାଳୟଗୁଡିକ Quasi Regular ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ, ସେମାନଙ୍କୁ ବୋର୍ଡ ଶାଖା କାର୍ଯ୍ୟାଳୟର ଉପ ସମ୍ପାଦକ ମାନେ, ନିକଟବର୍ତ୍ତୀ ଏକ Recognised ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ଲିଖିତ ନିର୍ଦ୍ଦେଶ ଦେବେ ।

୬. ନାମ ପଞ୍ଜୀକରଣ ପାଇଁ Link "www.bseodisha.ac.in" ରେ ଉପଲବ୍ଧ ହେବ ।

ସ୍ୱା/-ସମ୍ପାଦକ



**SCHOOL OF EDUCATION BERHAMPUR UNIVERSITY**
**BHANJA BIHAR**
**BERHAMPUR-760007, (GANJAM) ODISHA**

No.197 /SOF/BU/2019 Date: 25.09.2019

**ADMISSION NOTIFICATION 2019-2021**

Applications are invited for admission into B. Ed. two years course (Regular on Self Financing Mode) under ***SCHOOL OF EDUCATION*** of ***BERHAMPUR UNIVERSITY*** for the session 2019-2021.

The candidates are required to download the prospectus and application form from Berhampur University Website **(www.buodisha.edu.in)** which contains the detailed information relating to the eligibility criteria, application procedure. selection procedure, Fee structure etc. from dated 27.9.2019 (Friday) till the last date mentioned below.

**NO PRINTED FORMS WILL BE SOLD BY THE SCHOOL OF EDUCATION, BERHAMPUR UNIVERSITY**

COURSE **B. Ed. 2 years course (Regular on Self Financing Mode).**

DATES TO REMEMBER

| | |
|---|---|
| Last date of receipt of duly filled-in-application form alongwith processing- cum- application fee | **15.10.2019 (Tuesday)** |

For details visit the Berhampur University Website **(www.buodisha.edu.in)** from **27.9.2019** onwards.

**Sd./- (Dr. S.R. Das)**
**Coordinator**
**School of Education**
**Berhampur University**



**OFFICE OF THE NOTIFIED AREA COUNCIL, KONARK**
**email: nackonark@gmail.com**
**Phone No:- 06758-236826**

**No.1600** **Dt 25.09.19**

**QUOTATION CALL NOTICE**

The Executive Officer, Konark N.A.C on behalf of Notified Area Council, Konark invites sealed quotation from the 'authorized Service Providing firms/institutions for supply of Man Power ie Un Skilled, Semi Skilled, Skilled, Highly Skilled labour for different works under N.A.C.

The sealed quotation from the interested person/firms/ institutions shall reach to the office of the Undersigned on or before Dt. 10.10.19 by 3.00 P.M and the same will be opened at 3.30 PM on the same day in presence of the quotationer or their authorised representatives. Quotation received after due date and time shall not be en entertained and the authority shall not be responsible for delay or missing of the tender during postal/ Courier transit. The E.M.D. of Rs.10,000.00 in shape of B.D/ B.C/ Deposit receipt in schedule Bank duly pledged in favour of the Executive Officer, Konark N.A.C shall be accompanied with the bid document . Attested copies of up to date epf, esi, Service Tax No, GST Regd. Registration Service certificate, Affidavit etc. and Rs. 500.00 in shape of Cash or B.D/ B.C/ Deposit receipt in schedule Bank duly pledged in favour of the Executive Officer, Konark N.A.C towards paper cost and EMD shall be furnished with the quotation failing which the quotation will be out rightly rejected. The intending quotationer can visit to the official website of Konark NAC. **www.nackonark.in.**

The authority reserves the right to accept or reject any or all quotations without assigning any reasons thereof.

**Executive Officer,**
**KONARK N.A.C**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ସେପ୍ଟେମ୍ବର, ୨୦୧୯





ବୁଲଗେରିଆର ପ୍ରଖ୍ୟାତ ଅର୍ଥନୀତିଜ୍ଞ କ୍ରିଷ୍ଟାଲିନା ଜିଓରଜିଏଭା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ପରବର୍ତ୍ତୀ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ହେବେ। ବୁଧବାର ଏ ସମ୍ପର୍କରେ ଘୋଷଣା କରାଯାଇଛି। ବୁଲଗେରିଆରେ କମ୍ୟୁନିଷ୍ଟ ଶାସନ କାଳରେ ଜନ୍ମିତ ଜିଓରଜିଏଭା ବିଶ୍ୱ ବ୍ୟାଙ୍କରେ ନିଜର ଦକ୍ଷତାର ଛାପ ଛାଡ଼ିଥିଲେ। ସେ ଆଇଏମ୍ଏଫ୍‌ର ସିଇଓ ଭାବେ କାର୍ଯ୍ୟ କରୁଥିବା ବେଳେ ଛୁଟିରେ ଥାଇ ବିଶ୍ୱ ବ୍ୟାଙ୍କରେ କାର୍ଯ୍ୟ କରିଥିଲେ।

**କିଛି ତଥ୍ୟ**

୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ପୁଞ୍ଜି ବଜାରକୁ ଇକ୍ୱିଟି ବାବଦରେ ୧୬.୩ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି। ଏହା ୨୦୧୮-୧୯ ସମାନ ସମୟରେ ୧୨.୭ ବିଲିୟନ ଡଲାର ଥିଲା। **– ଷ୍ଟକ ବଜାର ଡିପୋଜିଟୋରୀ ଡାଟା**

## ସଂକ୍ଷେପରେ

### କଳାହାଣ୍ଡି: ସବୁ ପୌରାଞ୍ଚଳରେ ସ୍ମାର୍ଟ ପାର୍କ, ଶ୍ମଶାନ ନିର୍ମାଣ ହେବ

ଭୁବନେଶ୍ୱର,୨୫।୯(ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କଳାହାଣ୍ଡି ଜିଲା ଭବାନୀପାଟଣା ପୌରପରିଷଦ ସମେତ କେସିଙ୍ଗା, ଧର୍ମଗଡ଼ ଓ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର କାର୍ଯ୍ୟକାରିତା ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଉପରୋକ୍ତ ପ୍ରତ୍ୟେକ ପୌରାଞ୍ଚଳକୁ ଗୋଟିଏ କରି ସ୍ମାର୍ଟ ପାର୍କ ବାବଦରେ ଏକ କୋଟି ଓ ଶ୍ମଶାନ ପାଇଁ ଏକ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରି ତୁରନ୍ତ ପ୍ରଦାନ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ସମସ୍ତ ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଜଳସମ୍ପଦ ବିଭାଗ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବା ଏବଂ ବଜେଟ ବ୍ୟବସ୍ଥା କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କହିଥିଲେ।

### ବାଲ୍ୟବିବାହକୁ ବିରୋଧକରି ଚର୍ଚ୍ଚାରେ ନାବାଳିକା

**ବାରିପଦା ଅଫିସ,୨୫।୯:** ବାରିପଦା ବ୍ଲକ ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକା ବାଲ୍ୟ ବିବାହକୁ ବିରୋଧ କରି ଚର୍ଚ୍ଚାକୁ ଆସିଛନ୍ତି। ପରିବାର ଲୋକେ ତାଙ୍କ ବିବାହ ପାଇଁ ଯୋଜନା କରୁଥିଲେ। ମାତ୍ର କମ୍ ବୟସରେ ବିବାହ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇ ମଙ୍ଗଳବାର ରାତି ୧୨ଟା ସମୟରେ ସେ ଘରୁ ପଳାଇ ଆସି ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ଘରେ ଲୁଚିଥିଲେ। ତାଙ୍କଠାରୁ ସମସ୍ତ କଥା ଶୁଣିବା ପରେ ଅଙ୍ଗନୱାଡି କର୍ମୀ ବୁଧବାର ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ। ଲକ୍ଷ୍ମୀପୋଷି ପୋଲିସ ସହାୟତାରେ ଚାଇଲ୍ଡ ଲାଇନର ପ୍ରମୋଦ କୁମାର ଚୌଧୁରୀ, ଭାବଗ୍ରାହୀ ଆଚାର୍ଯ୍ୟ ନାବାଳିକାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜିର କରାଇଛନ୍ତି। ପରେ ସ୍ଥାନୀୟ ଗୋପବନ୍ଧୁ ବାଳାଶ୍ରମରେ ତାଙ୍କ ରହିବା ଓ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଚାଇଲ୍ଡ ଲାଇନ ଦ୍ୱାରା ନାବାଳିକାଙ୍କ ସାହସକୁ ପ୍ରଶଂସା କରାଯାଇଛି।

# ଅତିରିକ୍ତ ଏସ୍‌ପି, ଡିଏସ୍‌ପି ସ୍ତରରେ ଅଦଳବଦଳ

କଟକ ଅଫିସ, ୨୫।୯

ଷ୍ଟେଟ୍ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ ଓଡ଼ିଶା ପୋଲିସର ଅତିରିକ୍ତ ଏସ୍‌ପି ଓ ଡିଏସ୍‌ପିସ୍ତରରେ ବୁଧବାର ଅଦଳବଦଳ କରାଯାଇଛି। ଏ ନେଇ ବୁଧବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଢେଙ୍କାନାଳ ଜିଲା ଅତିରିକ୍ତ ଏସ୍‌ପି ଥିବା ଓ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସରେ ଡେପୁଟେଶନରେ ଥିବା ନଗେନ୍ଦ୍ର ପ୍ରସାଦ ନାୟକଙ୍କୁ ବୌଦ୍ଧ ଜିଲାର ଅତିରିକ୍ତ ଏସ୍‌ପି ଭାବେ ଦାୟିତ୍ୱ ଦିଆଯାଇଛି, ହେଲେ ସେ କମିଶନରେଟ୍ ପୋଲିସ, ଭୁବନେଶ୍ୱର ମଧ୍ୟ କାର୍ଯ୍ୟ କରିବେ। ସେହିପରି ଗୋଇନ୍ଦା ବିଭାଗ ଭଞ୍ଜନଗରରେ ଡେପୁଟେଶନରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସନ୍ତୋଷ କୁମାର ଦାସଙ୍କୁ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ଅତିରିକ୍ତ ଡିସିପି, ଯାଜପୁର ଜିଲା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ କମିଶନରେଟ୍ ପୋଲିସ ଏସିପି, କମିଶନରେଟ୍ ପୋଲିସରେ କାର୍ଯ୍ୟରତ ଏସିପି ନାରାୟଣ ଚନ୍ଦ୍ର ବାରିକଙ୍କୁ ଯାଜପୁର ଜିଲା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କମିଶନରେଟ୍ ପୋଲିସରେ କାର୍ଯ୍ୟରତ ଏସିପି କିଶୋର ଚନ୍ଦ୍ର ଦାସଙ୍କୁ କ୍ରାଇମବ୍ରାଞ୍ଚ ଡିଏସ୍‌ପି, କ୍ରାଇମବ୍ରାଞ୍ଚ ଡିଏସ୍‌ପି ପ୍ରମୋଦ କୁମାର ରଥଙ୍କୁ କମିଶନରେଟ୍ ପୋଲିସ ଏସିପି ଭାବେ ବଦଳି କରାଯାଇଛି। ସେହିପରି କମିଶନରେଟ୍ ପୋଲିସରେ ଥିବା ଏସିପି ଅନୁପ କାନୁନ୍‌ଗୋଙ୍କୁ ଖୋର୍ଦ୍ଧା ଜିଲା ଆଇୟୁସିଏଡବ୍ଲ୍ୟୁ ଭାରପ୍ରାପ୍ତ ଡିଏସ୍‌ପି ଭାବେ ବଦଳି କରାଯାଇଛି।

ସେହିପରି ନିମାପଡା ଏସ୍‌ଡିପିଓ ଶରତ କୁମାର ମିଶ୍ରଙ୍କୁ ପୁରୀ ଜିଲା ଅତିରିକ୍ତ ଏସ୍‌ପି ତଥା ଶ୍ରୀମନ୍ଦିର(ସୁରକ୍ଷା) ଦାୟିତ୍ୱ ଦିଆଯାଇଛି। ଆଲୋକ କୁମାର ଦାଶଙ୍କୁ ଅତିରିକ୍ତ ଏସ୍‌ପିଭାବେ ପଦୋନ୍ନତି ଦିଆଯାଇଛି। ନୃପଚରଣ ଦଣ୍ଡସେନା ଉତ୍ତର-କେନ୍ଦ୍ରାଞ୍ଚଳ ଏସ୍‌ଡିପିଓ ସହ ଝାରସୁଗୁଡା ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ କରିବେ। ପୋଲିସ ମୁଖ୍ୟାଳୟ କଟକରେ ଥିବା ରବିନାରାୟଣ ବେହେରାଙ୍କୁ ସେହିସ୍ଥାନରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭିଜିଲାନ୍ସ ଇନ୍‌ଚାର୍ଜ ଡିଏସ୍‌ପି ଥିବା ସୁଶାନ୍ତ କୁମାର ସେନ୍‌ଙ୍କୁ କେନ୍ଦ୍ରାପଡା ଜିଲା ପିସିଆର ସେଲ୍‌ର ଭାରପ୍ରାପ୍ତ ଡିଏସ୍‌ପି ଭାବେ ବଦଳି କରାଯାଇଛି। ବାରିପଦା ସଦର ଏସ୍‌ଡିପିଓ ଥିବା କୃଷ୍ଣପ୍ରସାଦ ପଟ୍ଟନାୟକଙ୍କୁ କନ୍ଧମାଳ ଜିଲା ଡିଏସ୍‌ପି ହୋମଗାର୍ଡ ଭାବେ ବଦଳି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଆରପିଓ, ଖୋର୍ଦ୍ଧାରୁ ଅରୁଣ କୁମାର ସାହୁଙ୍କୁ ଭାରପ୍ରାପ୍ତ ଡିଏସ୍‌ପି ଏସ୍‌ଟିଏଫ୍, ସିଆଇଡି, କ୍ରାଇମବ୍ରାଞ୍ଚ ଭୁବନେଶ୍ୱରକୁ ବଦଳି କରାଯାଇଛି। ସେହିପରି କଟକ କ୍ରାଇମ୍‌ବ୍ରାଞ୍ଚରେ ଡିଏସ୍‌ପି ଥିବା ବ୍ରଜମୋହନ ପ୍ରଧାନଙ୍କୁ ରାଜ୍ୟ ମାନବାଧିକାର କମିଶନରେ ଅତିରିକ୍ତ ଡିଏସ୍‌ପି ଦାୟିତ୍ୱ ଦିଆଯାଇଛି।

### କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନରେ ଅନିୟମିତତା ମାମଲା

# ବିଧାୟକ ସାଲୁଜାଙ୍କୁ ଜବାବ ତଲବ

କଟକ ଅଫିସ, ୨୫।୯

୨୦୧୯ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନରେ ଅନିୟମିତତା ହେବା ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ବୁଧବାର ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ପକ୍ଷଭୁକ୍ତ ହୋଇଥିବା ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଜବାବ ତଲବ କରିଛନ୍ତି। ଏଥିସହିତ ଭାରତୀୟ ନିର୍ବାଚନ ଅଧିକାରୀ, ରାଜ୍ୟ ନିର୍ବାଚନ କମିଶନଙ୍କୁ ଆସନ୍ତା ଅକ୍ଟୋବର ୧୮ତାରିଖ ସୁଦ୍ଧା ଜବାବ ରଖିବାକୁ ନୋଟିସ ଜାରି କରିଛନ୍ତି। ଅଜୟ କୁମାର ଦାଶଙ୍କ ଅଭିଯୋଗକୁ ବିଚାରକୁ ନେଇ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ପାଇଁ ୧ ଲକ୍ଷ ୮୨ ହଜାର ୪୧୧ ଜଣ ଭୋଟର ମତଦାନ କରିଥିଲେ। ମାତ୍ର ଭୋଟ୍ ଗଣନା ଦିନ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୦୭୭ ଖଣ୍ଡ ଭୋଟ୍ ବାହାରିଥିଲା। ପୋଲିଂ ଏବଂ ଗଣତି ପରେ ଯେଉଁ ଭୋଟ୍ ପରିସଂଖ୍ୟାନ ଆସିଛି, ଏଥିରେ ୮୬୬୬ ଖଣ୍ଡ ଭୋଟ୍‌ର ବ୍ୟବଧାନ ରହିଥିଲା। ଏଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ନିର୍ବାଚନ ଫଳାଫଳ ଉପରେ ପ୍ରଭାବ ପଡ଼ିଛି। ଏଭଳି ତ୍ରୁଟିକୁ ନେଇ ଆବେଦନକାରୀ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏହି ଫଳାଫଳକୁ ଅସିଦ୍ଧ ଘୋଷଣା କରିବା ଲାଗି ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।



ବୁଧବାର ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର ବମିଖାଲ ରାସ୍ତାରେ ପାଣିର ସୁଅ ।

### ■ ବର୍ଷାରେ ସାରା ରାଜ୍ୟ ଜଳାର୍ଣ୍ଣବ

# ୬ ନଦୀରେ ଉଚ୍ଛୁଳୁଛି ବନ୍ୟାଜଳ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ୧୦୦ ମିମିରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। କେତେବେଳେ ଝିପିଝିପି ତ ଆଉ କେତେବେଳେ ତୁହାକୁ ତୁହା ବର୍ଷୁଛି। ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇ ରହିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଦୋକାନ, ବଜାରରେ ବ୍ୟବସାୟ ମାନ୍ଦା ରହିଥିବାବେଳେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ଯୋଗୁ ବୁଧବାର ଗଞ୍ଜାମ ଓ ଗଜପତି ଜିଲାର ସମସ୍ତ ସ୍କୁଲ କଲେଜକୁ ଜିଲା ପ୍ରଶାସନ ଛୁଟି ଘୋଷଣା କରିଥିଲେ। ବିଳମ୍ବରେ ଖବର ମିଳିବାବେଳକୁ ପିଲାମାନେ ଓଦା ହୋଇ ସ୍କୁଲ୍‌କୁ ଯାଉଥିବା ଦେଖାଯାଇଥିଲା। ମୁଷଳ ଧାରାରେ ବର୍ଷା ହେବା ଯୋଗୁ ସହରାଞ୍ଚଳର ବିଭିନ୍ନ ଖାଲୁଆ ସ୍ଥାନରେ ଦୀର୍ଘ ସମୟ ଧରି ପାଣି ରହିଥିଲା। ଜଳ ନିଷ୍କାସନ ହୋଇ ନ ପାରିବାରୁ କଟକ, ଭୁବନେଶ୍ୱର, ପୁରୀ ଆଦି ସହରର କିଛି ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁ ରାଜ୍ୟର ୫ ପ୍ରମୁଖ ନଦୀ ଫୁଲିବାରେ ଲାଗିଛି। ବନ୍ୟାଜଳ କ୍ରମଶଃ ଉଚ୍ଛୁଳୁଛି। ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ, ବ୍ରାହ୍ମଣୀ ନଦୀର ଜେନାପୁର ଓ ପାନପୋଷଠାରେ ବନ୍ୟା ଜଳ ବୃଦ୍ଧି ପାଉଛି। ସେହିଭଳି ବୈତରଣୀର ଚମ୍ପୁଆ, ଆନନ୍ଦପୁର, ସୁବର୍ଣ୍ଣରେଖାର ଜାମଶୋଳା ଓ ରାଜଘାଟ, ବୁଢାବଳଙ୍ଗ, ବଂଶଧରା ଓ ଋଷିକୁଲ୍ୟା ନଦୀରେ ମଧ୍ୟ ବନ୍ୟା ଜଳସ୍ତର ବୃଦ୍ଧି ପାଇଛି। ତେବେ ବର୍ଷା ପରିମାଣ କମୁଥିବାରୁ ସେପରି ବନ୍ୟା ଆଶଙ୍କା ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ୨୯ ଯାଏ ହାଲ୍‌କା ବର୍ଷା

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଭୋଗରାଇରେ ୧୫୨.୩ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱର ୧୦୩.୬, ରଣପୁର ୧୨୯.୨, ଛତ୍ରପୁର ୧୦୭.୨, କଟକ ୧୦୭, ଭୁବନେଶ୍ୱର ୧୨୬, ଟାଙ୍ଗୀ ୯୮.୨, ଚାନ୍ଦବାଲି ୪୨.୧, ପାରାଦୀପ ୬୬.୪, ଗୋପାଳପୁର ୯୦.୬, ପୁରୀ ୫୦.୧, ବାରିପଦା ୪୯, ଝାରସୁଗୁଡ଼ା ୫୦.୯, କେନ୍ଦୁଝର ୪୫, କେନ୍ଦ୍ରାପଡ଼ା ୬୨, ପଟ୍ଟାମୁଣ୍ଡାଇ ୮୫, ଭଞ୍ଜନଗର ୯୧, ଭୋଗରାଇ ୧୫୨.୩, ଯାଜପୁର ୭୦.୮, ସୋର ୫୩, ନିମାପଡ଼ା ୯୭.୨, ବାଣପୁର ୮୬, ବାଙ୍କୀରେ ୭୦.୩, ଖଣ୍ଡପଡ଼ା ୭୫.୬ ମିମି ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ଓ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ବରଗଡ଼, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଗଞ୍ଜାମ, ଗଜପତି,ସୁନ୍ଦରଗଡ଼ ଏବଂ ଝାରସୁଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ ଆଦି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ତେବେ ଆସନ୍ତା ୨୯ ତାରିଖ ଯାଏ ଦକ୍ଷିଣ, ପଶ୍ଚିମ ଏବଂ ଉପକୂଳ ଓଡ଼ିଶାର ଅଧିକାଂଶ ଜିଲାରେ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

# ଗାଡ଼ି ଦର ୫ହଜାର ହ୍ରାସ କଲା ମାରୁତି

ନୂଆଦିଲ୍ଲୀ,୨୫।୯

ଦେଶର ସର୍ବବୃହତ୍ ଗାଡ଼ି ନିର୍ମାତା ମାରୁତି ସୁଜୁକି ନିଜର ୧୦ ମଡେଲ ଦାମ ହ୍ରାସ କରିଛି। ଅଲ୍‌ଟୋ୮୦୦, ଅଲ୍‌ଟୋ କେ୧୦, ସ୍ୱିଫ୍ଟ ଡିଜେଲ, ସେଲେରିଓ, ବଲେନୋ ଡିଜେଲ, ଇଗ୍‌ନିସ୍, ଡିଜାୟାର ଡିଜେଲ, ଟୁର୍ ଏସ୍ ଡିଜେଲ,ଭିଟାରା ବ୍ରେଜା, ଏସ୍ କ୍ରସ୍‌ର ସମସ୍ତ ଭେରିଆଣ୍ଟରେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଦର ହ୍ରାସ କରାଯାଇଛି। କମ୍ପାନୀ ପକ୍ଷରୁ ଷ୍ଟକ୍ ମାର୍କେଟକୁ ଦିଆଯାଇଥିବା ତଥ୍ୟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଗାଡ଼ି ଦର ଉପରେ ଏହି ଛାଡ଼ ଫେଷ୍ଟିଭ ସିଜନ ପାଇଁ ଦିଆଯାଇଥିବା ଅଫର୍ ଠାରୁ ଅଲଗା ହେବ। କର୍ପୋରେଟ ଟିକସ ହ୍ରାସର ଫାଇଦା ଗ୍ରାହକଙ୍କୁ ଦେବା ଉଦ୍ଦେଶ୍ୟରେ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା ମାରୁତି ସୁଜୁକି ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଏଣ୍ଟ୍ରି ଲେଭେଲ କାର୍ କିଣିବା ଶସ୍ତା ହେବ। ଫଳରେ ଫେଷ୍ଟିଭ ସିଜନ୍‌ରେ ଅଟୋ ସେକ୍ଟରରେ ମନୋଭାବ ବଦଳିବ ବୋଲି କମ୍ପାନୀ ମନେକରୁଥିବା କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଆଁଲଗା ଜର ଆସୁଛି**
**ଧାନକୁଟା ବେଳକୁ,**
**ନିଆଁଲଗା ଜର ଛାଡୁଛି**
**ଭାତ ଫୁଟା ବେଳକୁ ।**

ଖାଇବାକୁ ଆଗୁସାର ଅଥଚ କଷ୍ଟକରି କାମ କରିବାକୁ ବିମୁଖ। ନିଜର କାମ ହାସଲ ପାଇଁ ତତ୍ପର, ସୁବିଧା ହାସଲ ପାଇଁ ଧୁରନ୍ଧର। ସାମାନ୍ୟ ପରିଶ୍ରମ ପଡ଼ିଲେ କୌଣସି ନା କୌଣସି କାରଣ ବା ବାହାନା ଦେଖାଇ କାମ ନ କରିବା କିଛି ସ୍ୱାର୍ଥୀ ବ୍ୟକ୍ତିଙ୍କ ମନ୍ଦପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନ ଗଲା ଜୀବନ ହଟହଟା**
**ଚାକୁଣ୍ଡା ଶାଗରେ ମେଥି ଜରଜର**
**ତହିଁରେ ମରିଚ ଗୋଟା ଗୋଟା ।**

ଗରିବ ହେଲେ ଅନେକ ଦୁଃଖକଷ୍ଟ ସହ୍ୟ କରିବାକୁ ପଡ଼ିଥାଏ। ଜୀବନ ଜିଇଁବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। ଅର୍ଥାଭାବରୁ ଭଲରେ ଦି'ମୁଠା ଖାଇପାରୁ ନ ଥିବା ବ୍ୟକ୍ତି ଯାହିତାହି କରି ଜୀବନ ବିତାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଶିଳ୍ପ ସଂସ୍ଥା ନିର୍ମାଣ ପୂର୍ବରୁ ରାସ୍ତା ତିଆରି ହେଉ : ମନ୍ତ୍ରୀ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଖୋର୍ଦ୍ଧାସ୍ଥିତ ଶିଳ୍ପାଞ୍ଚଳ ପରିଦର୍ଶନ କରି ଇନ୍‌ଫୋ-ଭ୍ୟାଲି ଅଞ୍ଚଳରେ ରହିଥିବା ଇଏମ୍‌ସି, ଇନ୍‌ଫୋସିସ୍, ଶାନ୍ତି ସୋଲାର, ସିଫୁଡ୍ ପାର୍କ, ବି. ୱାନ୍ ବିଜ୍‌ନେସ୍ ହାଉସ୍, ଏସ୍‌ଏମ୍‌ଏସ୍ ଗ୍ରୁପ୍, ଏଚ୍‌ସିସିବି ବିଜ୍‌ନେସ୍ ଇତ୍ୟାଦି ଶିଳ୍ପାନୁଷ୍ଠାନ ବୁଲି ଦେଖିଛନ୍ତି। ଭବିଷ୍ୟତରେ କୌଣସି ଶିଳ୍ପର ନିର୍ମାଣ ଆରମ୍ଭ ପୂର୍ବରୁ ପ୍ରାଥମିକତା ଭିତ୍ତିରେ ସଡ଼କ ନିର୍ମାଣ କରାଗଲେ ଶିଳ୍ପ ନିର୍ମାଣ କାର୍ଯ୍ୟ ସୁବିଧାରେ ହୋଇପାରିବ। ଏଥିସହିତ ଶିଳ୍ପ ସଂସ୍ଥାରେ ବେସ୍‌ମେଣ୍ଟ ରହିଲେ ଯାନବାହନ ପାର୍କିଂ ସକାଶେ ଯଥେଷ୍ଟ ସ୍ଥାନ ମିଳିବ। ଏହି ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ପ୍ଲାନ୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ପଲ୍ଲୀସଭା ଆୟୋଜନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବା ଉପରେ ଗୁରୁତ୍ୱ ଦିଆଯାଇଛି। ଇନ୍‌ଫୋ-ଭ୍ୟାଲି ସହ ସଂଯୋଗ କରୁଥିବା ଏନ୍ଏଚ୍-୧୬ ସଡକକୁ ଦୁର୍ଘଟଣା ପ୍ରତିରୋଧକ କରିବା ଓ ଶିଳ୍ପୋଦ୍ୟୋଗୀମାନଙ୍କୁ ଆକୃଷ୍ଟ କଲାଭଳି ଆକର୍ଷଣୀୟ ଆଧୁନିକ ଗେଟ୍ ଯଥାଶୀଘ୍ର ନିର୍ମାଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏନ୍ଏଚ୍-୧୬ରୁ ଇନ୍‌ଫୋ ସିଟିକୁ ସଂଯୋଗ କରୁଥିବା ରାସ୍ତାରେ ଫ୍ଲାଇ-ଓଭର ନିର୍ମାଣ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇନ୍‌ଫୋସିସ୍‌ର ଆଞ୍ଚଳିକ ପରିଚାଳକ ବିଶ୍ୱଜିତ୍ ନାୟକ ମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି। ଅନୁରୂପଭାବେ ଡେରାସଠାରେ ଥିବା ସି-ଫୁଡ୍ ପାର୍କ ପରିଦର୍ଶନ କରିଥିଲେ। ସି-ଫୁଡ୍ ପାର୍କ ନିମନ୍ତେ ରହିଥିବା ବୁଲାଣିଆ ରାସ୍ତାକୁ ପରିବର୍ତ୍ତିତ କରି ସିଧା ରାସ୍ତା ନିର୍ମାଣ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ସିଫୁଡ୍ ପାର୍କଠାରେ ବି-ୱାନ୍ ବ୍ୟାପାର ଗୃହରେ ପ୍ରକ୍ରିୟାକୃତ ସମୁଦ୍ରଖାଦ୍ୟ ସିଙ୍ଗାପୁରକୁ କିଭଳି ପ୍ରେରଣ କରାଯାଉଛି। ସେହିଭଳି ଖୋର୍ଦ୍ଧା ଏନ୍ଏଚ୍-୧୬ ନିକଟରେ କାର୍ଯ୍ୟକ୍ଷମ ଥିବା ଓଡ଼ିଶାର ବୃହତ୍ତମ ଇଡ୍‌କୋ ଫୁଡ୍‌ପାର୍କ ପରିଦର୍ଶନ କରିଥିଲେ।

# ପ୍ରେମିକାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ

ବାରିପଦା ଅଫିସ,୨୫।୯

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳର ଜଣେ ଯୁବକ ତାଙ୍କ ପ୍ରେମିକାଙ୍କ ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଛି। ଏହିଘଟଣାରେ ସଦର ଥାନା ପୋଲିସ ସମ୍ପୃକ୍ତ ଯୁବକ ଗୁଲସନ ମହାନ୍ତଙ୍କୁ ବୁଧବାର ଗିରଫ କରିଛି। ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୦୩/୧୯) ରୁଜୁ କରିଛି। ଏଥିସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଯୁବକଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

# ଅସାଧୁ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥାଇ ଅସାଧୁ କାର୍ଯ୍ୟ କଲେ ବାଧ୍ୟତାମୂଳକ ଅବସର ନେବାକୁ ପଡ଼ିପାରେ। ଏ ସମ୍ପର୍କରେ ସମସ୍ତ ବିଭାଗର ସଚିବମାନଙ୍କୁ ସାଧାରଣ ପ୍ରଶାସନ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ୩୨ ବର୍ଷ ପୁରୁଣା ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ଏମିତିକି ଯେଉଁ ସଚିବ ଏପରି ନିଷ୍ପତ୍ତିକୁ ଅଣଦେଖା କରିବେ ତାଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ସରକାରୀ ଚାକିରିରେ ୩୦ ବର୍ଷ କିମ୍ବା କର୍ମଚାରୀଙ୍କ ବୟସ ୫୦ ବର୍ଷ ହୋଇଥିଲେ(ଯେଉଁଟି ପ୍ରଥମେ ଆସିବ) ବିଭାଗୀୟ ସମୀକ୍ଷା କରାଯିବ। ସେହିପରି ୫୫ ବର୍ଷ ବୟସରେ ମଧ୍ୟ କର୍ମଚାରୀଙ୍କ ସମ୍ପର୍କରେ ସମୀକ୍ଷା କରାଯିବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ସମୀକ୍ଷା ପ୍ରତିବର୍ଷ ମାର୍ଚ୍ଚ ୩୧, ଜୁନ୍ ୩୦, ସେପ୍ଟେମ୍ବର ୩୦ ଏବଂ ଡିସେମ୍ବର ୩୧ରେ କରାଯିବ। ସେହିପରି ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କର ଜୁନ୍ ୩୦ ଏବଂ ଡିସେମ୍ବର ୩୧ରେ ସମୀକ୍ଷା ହେବ। ରାଜ୍ୟ ଏବଂ ଜିଲା ପ୍ରଶାସନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ନିଜ ଚାକିରିକାଳରେ ଏପରି ସମୀକ୍ଷାର ସମ୍ମୁଖୀନ ହେବେ। ଓଡ଼ିଶା ସରକାର ବନାମ ଏସ୍. ରାମଚନ୍ଦ୍ର ରାଜୁ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏପରି ରାୟ ଦେଇଥିବା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି କେଉଁ ନିୟମ ଆଧାରରେ କର୍ମଚାରୀମାନଙ୍କ ସମୀକ୍ଷା କରାଯିବ, ସେ ସମ୍ପର୍କିତ କମିଟିରେ କିଏ ଅଧ୍ୟକ୍ଷ ଏବଂ ସଦସ୍ୟ ରହିବେ, ସେ ନେଇ ମଧ୍ୟ ତାଲିକା ପ୍ରକାଶ ପାଇଥିବା ଜଣାପଡିଛି।

# ଡିଜିଏଫ୍‌ଟି କଟକ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିର ପୁନର୍ବିଚାର କରାଯାଉ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି)ର କଟକସ୍ଥିତ କାର୍ଯ୍ୟାଳୟକୁ ବନ୍ଦ କରି କଲିକତା ସହ ମିଶାଇବାକୁ ନିଆଯାଇଥିବା ନିଷ୍ପତ୍ତିର ପୁନର୍ବିଚାର କରାଯାଉ। ଏନେଇ ବୁଧବାର କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଏହି ମାମଲାରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଧର୍ମେନ୍ଦ୍ର ତାଙ୍କୁ ଅନୁରୋଧ କରିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାରଙ୍କ କଟକସ୍ଥିତ ଡିଜିଏଫ୍‌ଟି କାର୍ଯ୍ୟାଳୟ ଓଡ଼ିଶାର ରପ୍ତାନି ଓ ଆମଦାନୀକାରୀଙ୍କୁ ବିଭିନ୍ନ ପ୍ରକାର ବୈଷୟିକ ସହାୟତା ଯୋଗାଇ ଦେଉଛି। ଅନ୍ତଃରାଷ୍ଟ୍ରୀୟ ବ୍ୟବସାୟର ବିକାଶ, ବିଶ୍ୱ ବାଣିଜ୍ୟ ଚୁକ୍ତି(ଡବ୍ଲ୍ୟୁଟିଓ) ଅନୁସାରେ କିମ୍ବା ବିଭିନ୍ନ ନିୟମକାନୁନ ତଥା ଆଣ୍ଟି ଡମ୍ପି ପ୍ରସଙ୍ଗରେ ଏହି କାର୍ଯ୍ୟାଳୟ ଓଡ଼ିଶାର ରପ୍ତାନିକାରୀଙ୍କୁ ସାହାଯ୍ୟ ସହଯୋଗ କରୁଛି। ଓଡ଼ିଶାରେ ପାରାଦୀପ ଭଳି ବନ୍ଦର ରହିଛି । ଜାହାଜରେ ମାଲ୍ ରପ୍ତାନି କରିବା ଦିଗରେ ଏହି ବନ୍ଦର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଜାପାନକୁ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଓଡିଶା ସର୍ବାଧିକ ଖଣିଜ ଦ୍ରବ୍ୟ, ହସ୍ତତନ୍ତ, ବନଜାତ ଦ୍ରବ୍ୟ, ସାମୁଦ୍ରିକ ଖାଦ୍ୟ ଏବଂ କୃଷିଜାତ ଦ୍ରବ୍ୟ ରପ୍ତାନି କରୁଛି । ଉପରୋକ୍ତ କାର୍ଯ୍ୟାଳୟକୁ ବନ୍ଦ କରାଯିବା ନିଷ୍ପତ୍ତି ଓଡ଼ିଶାର ବିକାଶରେ ବାଧା ପହଞ୍ଚାଇବ। ଏଣୁ ଏଥିରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଗୋୟଲଙ୍କୁ ସେ ଅନୁରୋଧ କରିଛନ୍ତି ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

BUSINESS BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

ASTROLOGY ASTROLOGY

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ବିଶ୍ୱକୁ ବାଟ ଦେଖାଇଲେ ଗ୍ରେଟା

ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ନେଇ ବିଶ୍ୱବ୍ୟାପୀ ନାନା ଆଶଙ୍କା ଲାଗିରହିଥିବାବେଳେ ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମ୍ମିଳନୀରେ ଭାବଗର୍ଭକ ଭାଷଣ ଦେଇ ସମସ୍ତଙ୍କୁ ବିସ୍ମିତ କରିଦେଇଛନ୍ତି ଗ୍ରେଟା ଥନ୍‌ବର୍ଗ। ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ଏହି ୧୬ ବର୍ଷୀୟା ପରିବେଶ କର୍ମୀଙ୍କୁ ଏହାର ଦୁଇଦିନ ପରେ ମିଳିଛି 'ରାଇଟ୍ ଲିଭ୍‌ଲିହୁଡ୍ ଆୱାର୍ଡ'। ବୈଜ୍ଞାନିକ ଉପାୟରେ ଜଳବାୟୁ ପରିବର୍ତ୍ତନଜନିତ ଭୟବହତାରୁ ବିଶ୍ୱକୁ ରକ୍ଷା କରିବା ପାଇଁ ରାଜନୈତିକ ଦାବିକୁ ଜୋରଦାର କରିବାରେ ସକ୍ଷମ ହୋଇଥିବାରୁ ତାଙ୍କୁ ଦିଆଯାଇଛି 'ଅଲ୍‌ଟରନେଟିଭ୍ ନୋବେଲ' ନାମରେ ପରିଚିତ ସ୍ୱିଡେନର ଏହି ବାର୍ଷିକ ଅନ୍ତର୍ଜାତୀୟ ପୁରସ୍କାର। ତୁମେ ମୋର ସ୍ୱପ୍ନ ଓ ପିଲାଦିନ ଚୋରି କରିନେଇଛ। ଏଥିଲାଗି ତୁମେ କିପରି ସାହସ କଲ ବୋଲି ବିଶ୍ୱନେତାଙ୍କୁ ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ଗ୍ରେଟା ପ୍ରଶ୍ନ କରିଥିଲେ। ତାଙ୍କର ଏହି ପ୍ରଶ୍ନ ପରିବେଶ ସୁରକ୍ଷା ନେଇ ଚିନ୍ତା କରିବା ପାଇଁ ସମସ୍ତଙ୍କୁ ବାଧ୍ୟ କରିଛି।

ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରିବା ସକାଶେ ନୋବେଲ ଫାଉଣ୍ଡେଶନକୁ ଏକ ପ୍ରସ୍ତାବ ଦିଆଯାଇଥିଲା। ୧୯୮୦ରେ ଫାଉଣ୍ଡେଶନ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ 'ରାଇଟ୍ ଲିଭ୍‌ଲିହୁଡ୍ ଆୱାର୍ଡ' ଆରମ୍ଭ କରାଯାଇଥିଲା। ପୂର୍ବରୁ ଏଡ୍‌ୱାର୍ଡ ସ୍ନୋଡେନ୍, ୱାଙ୍ଗରି ମାଥାଇ ଏବଂ ଅଲାନ୍ ରୁସ୍‌ବ୍ରିଜରଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ମିଳିସାରିଛି। ଷ୍ଟକ୍‌ହୋମରେ ୨୦୧୯ ରାଇଟ୍ ଲିଭ୍‌ଲିହୁଡ୍ ଆୱାର୍ଡ ପ୍ରଦାନ ପରିପ୍ରେକ୍ଷୀରେ ରାଇଟ୍ ଲିଭ୍‌ଲିହୁଡ୍ ଫାଉଣ୍ଡେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓଲେ ଭୋନ୍ ଉକ୍ସକୁଲ୍ କହିଛନ୍ତି, କୋଟି କୋଟି ଲୋକଙ୍କୁ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ସଶକ୍ତ କରିଥିବା ୪ ବିଜେତାଙ୍କ ଦୂରଦର୍ଶୀ ନେତୃତ୍ୱକୁ ଆମେ ସମ୍ମାନ ଜଣାଉଛୁ। ଏହି ଅବସରରେ ଗ୍ରେଟା କହିଛନ୍ତି, ଏହି ମହାନ୍ ପୁରସ୍କାରର ଅନ୍ୟତମ ବିଜେତା ହୋଇଥିବାରୁ ସେ କୃତଜ୍ଞ। ତେବେ ସେ ବିଜେତା ନୁହନ୍ତି, ବରଂ ଏହି ବିଶ୍ୱସ୍ତରୀୟ ଆନ୍ଦୋଳନର ଏକ ଅଂଶ, ଯାହାକୁ ସ୍କୁଲ ଛାତ୍ରୀଛାତ୍ର, ଯୁବପିଢ଼ି ଓ ସର୍ବୋପରି ସବୁ ବୟସର ବ୍ୟକ୍ତି ଆଗକୁ ବଢ଼ାଇଆସିଛନ୍ତି। ଆମ ଜୀବନ୍ତ ବିଶ୍ୱର ସୁରକ୍ଷା ପାଇଁ କାର୍ଯ୍ୟ କରିବା ସକାଶେ ସେମାନେ ହିଁ ନିଷ୍ପତ୍ତି ନେଇଥିଲେ ଓ ପ୍ରେରଣା ଯୋଗାଇଥିଲେ। ଏହି ପୁରସ୍କାର ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି। ଅନ୍ୟ ୩ ବିଜେତା ହେଲେ ୱେଷ୍ଟର୍ନ ସାହାରାର ମାନବାଧିକାର କର୍ମୀ ଆମିନାଟୋଉ ହାଇଦର, ଚାଇନାରେ ମହିଳାଙ୍କ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ଆଇନଜୀବୀ ଗୁଓ ଜିଆନ୍‌ମେଇ ଏବଂ ବ୍ରାଜିଲର ଆଦିବାସୀଙ୍କ ଅଧିକାର ଓ ଜଙ୍ଗଲ ସଂରକ୍ଷଣ ପାଇଁ ଲଢ଼େଇ କରୁଥିବା ଡାଭି କୋପେନାୱା। ଏହି ବିଜେତାମାନଙ୍କୁ ପୁରସ୍କାର ବାବଦକୁ ୧ ନିୟୁତ ସ୍ୱିଡିଶ୍ କ୍ରୋନା (୮୩,୦୦୦ ପାଉଣ୍ଡ) ଲେଖାଏ ଦିଆଯିବ। ଏହି ପୁରସ୍କାର ରାଶିରେ ସେମାନେ ଦୀର୍ଘକାଳୀନ ଭିତ୍ତିରେ ନିଜ ଅଭିଯାନକୁ ଆଗେଇ ନେବେ। ଯେଉଁମାନଙ୍କ ଜୀବନ ଓ ସ୍ୱାଧୀନତା ବିପଦରେ ରହିଛି, ସେମାନଙ୍କୁ ସାହାଯ୍ୟ କରି ସୁରକ୍ଷା ଦେବା ଭଳି କାର୍ଯ୍ୟରେ ନିୟୋଜିତ ରହିବେ।




**ଜଳବାୟୁ ପରିବର୍ତ୍ତନ ଆନ୍ଦୋଳନର ବାର୍ତ୍ତାବହଙ୍କୁ ଅଲ୍‌ଟରନେଟିଭ୍ ନୋବେଲ**

## ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ

ସ୍ୱିଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କ ଜନ୍ମ ୨୦୦୩ ଜାନୁୟାରୀ ୩ରେ। ୨୦୧୮ ଅଗଷ୍ଟରେ ତାଙ୍କୁ ୧୫ ବର୍ଷ ହୋଇଥିବାବେଳେ ସେ ସ୍କୁଲ୍‌ରୁ ସମୟ ବାହାର କରି ସ୍ୱିଡେନ ପାର୍ଲାମେଣ୍ଟ ବାହାରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଉଦ୍ୟମକ୍ରମେ ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସେମାନେ ମିଶି ଜଳବାୟୁ ପରିବର୍ତ୍ତନ ବିରୋଧରେ 'ଫ୍ରାଇଡେଜ୍ ଫର୍ ଫ୍ୟୁଚର' ନାମରେ ସ୍କୁଲ ଜଳବାୟୁ ଆନ୍ଦୋଳନର ଆୟୋଜନ କରିଥିଲେ। ୨୦୧୮ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଗ୍ରେଟାଙ୍କ ଉଦ୍‌ବୋଧନ ପରେ ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରତି ସପ୍ତାହରେ ଛାତ୍ର ଧର୍ମଘଟ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବିଭିନ୍ନ ସହରରେ ଆୟୋଜିତ ଦୁଇଟି ବିକ୍ଷୋଭରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ପ୍ରକୃତରେ ଗ୍ରେଟାଙ୍କ କହିବା ଶୈଳୀ ଥିଲା ନିଆରା। ସାଧାରଣ ଜନତା, ରାଜନେତାଙ୍କୁ ଏବଂ ବିଭିନ୍ନ ଆସେମ୍ବ୍ଲିରେ ସେ ଜଳବାୟୁ ସଙ୍କଟ ନେଇ ଉଦ୍‌ବୋଧନ ଦେବା ସହ ଏହାକୁ ରୋକିବା ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଉଥିଲେ। ନିଜ ଘରେ ମଧ୍ୟ ସେ ତାଙ୍କ ମାତାପିତାଙ୍କୁ କାର୍ବନ ସୃଷ୍ଟି ହ୍ରାସ ପାଇଁ ଜୀବନଶୈଳୀ ବଦଳାଇବା ଲାଗି ପରାମର୍ଶ ଦେଉଥିଲେ। ଗତ ମେ ମାସରେ ଟାଇମ ପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ ଗ୍ରେଟାଙ୍କ ଫଟୋ ସ୍ଥାନ ପାଇଥିଲା, ଯେଉଁଥିରେ ତାଙ୍କୁ 'ନୂଆ ପିଢ଼ିର ନେତା' ବୋଲି ଉଲ୍ଲେଖ କରାଯାଇଥିଲା। ସେ ରାତାରାତି ଅନେକଙ୍କ ପାଇଁ ରୋଲ୍ ମଡେଲ ବନିଯାଇଥିଲେ। ଗ୍ରେଟା ଓ ସ୍କୁଲ୍ ଷ୍ଟ୍ରାଇକ୍ ମୁଭ୍‌ମେଣ୍ଟ ପକ୍ଷରୁ ୩୦ ମିନିଟ୍‌ର ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରାଯାଇଥିଲା, ଯାହାର ନାଁ ଥିଲା 'ମେକ୍ ଦି ୱାର୍ଲ୍ଡ ଗ୍ରେଟା ଏଗେନ୍'। ବିଶ୍ୱ ମଞ୍ଚରେ ତାଙ୍କର ପ୍ରଭାବକୁ କେତେକ ଗଣମାଧ୍ୟମ 'ଗ୍ରେଟା ଥନ୍‌ବର୍ଗ ପ୍ରଭାବ' ବୋଲି ଅଭିହିତ କରିଥିଲେ।



## ସ୍କୁଲ ଛାତ୍ରୀରୁ ଜଳବାୟୁ ପରିବର୍ତ୍ତନ ଯୋଦ୍ଧା

ଗତବର୍ଷ ମାତ୍ର ୧୫ ବର୍ଷ ବୟସରେ ଗ୍ରେଟା ଥନ୍‌ବର୍ଗ ଯେତେବେଳେ ସ୍ୱିଡେନ୍ ପାର୍ଲାମେଣ୍ଟ ଆଗରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ହାତଲେଖା ବ୍ୟାନର ଧରି ଆନ୍ଦୋଳନ ଆରମ୍ଭ କଲେ ତାଙ୍କ ସହ କେହି ନ ଥିଲେ। ତାଙ୍କୁ ବି କେହି ଜାଣି ନ ଥିଲେ। ଏପରିକି ତାଙ୍କ ମାଆବାପା ତାଙ୍କୁ ଏଥିରୁ ଓହରିଯିବା ଲାଗି ଉଦ୍ୟମ କରିଥିଲେ। ସହପାଠୀମାନେ ତାଙ୍କ ସହ ଯୋଗଦେବାକୁ ମନା କରିଦେଇଥିଲେ। ସେହିବାଟ ଦେଇ ଚାଲିଯାଉଥିବା ଲୋକେ ତାଙ୍କୁ ଥଟ୍ଟା ପରିହାସ କରୁଥିଲେ। ୮ ମାସ ଧରି ତାଙ୍କର ଆନ୍ଦୋଳନ ସତ୍ତ୍ୱେ ବିଶେଷ କିଛି ଫରକ ଦେଖାଯାଇ ନ ଥିଲା। ପରେ ତାଙ୍କ ପ୍ରତି ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆସିଲା। ସେ ପ୍ରତିବଦ୍ଧତା, ପ୍ରେରଣା ଓ ସକାରାତ୍ମକ କାର୍ଯ୍ୟର ମଡେଲ ଭାବେ ବିଶ୍ୱରେ ପରିଚିତ ହେଲେ। ତାଙ୍କ ସ୍କୁଲ୍ ଷ୍ଟ୍ରାଇକ୍ ଫର କ୍ଲାଇମେଟ ବ୍ୟାନର ବିଭିନ୍ନ ଭାଷାରେ ଅନୂଦିତ ହେଲା। ଏବେ ସେ ଆଉ ଏକା ନୁହନ୍ତି। ଜଳବାୟୁ ପରିବର୍ତ୍ତନ ବିରୋଧୀ ଆନ୍ଦୋଳନରେ ତାଙ୍କ ସହ ସାମିଲ ହୋଇଛନ୍ତି ଲକ୍ଷ ଲକ୍ଷ ଛାତ୍ରୀଛାତ୍ର।

### ଜାତିସଂଘ ଜଳବାୟୁ ସମିଟ୍‌ରେ ଗ୍ରେଟାଙ୍କ ଉଦ୍‌ବୋଧନ

## ମୋ ସ୍ୱପ୍ନ ଓ ଶୈଶବକୁ ଚୋରାଇନେଇଛ

ଜାତିସଂଘରେ ଅନୁଷ୍ଠିତ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମିଟ୍‌ରେ ସୋମବାର ସ୍ୱିଡେନ୍‌ର ୧୬ ବର୍ଷୀୟା ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗ ଆବେଗଭରା ଉଦ୍‌ବୋଧନ ଦେଇଥିଲେ, ଯାହା ବିଶ୍ୱ ନେତାମାନଙ୍କୁ ପ୍ରଭାବିତ କରିଥିଲା। ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବକୁ ବନ୍ଦ କରିବାର ଜରୁରୀ ଆବଶ୍ୟକତା ସମ୍ପର୍କରେ ସେ ରାଷ୍ଟ୍ରନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ, ଆପଣମାନେ ଯୁବପିଢ଼ିଙ୍କ ଲାଗି ଆଶା ନେଇ ଆସିଛନ୍ତି। ଆପଣମାନେ ଫାଙ୍କା ଶବ୍ଦ ମାଧ୍ୟମରେ ମୋର ସ୍ୱପ୍ନ ଓ ଶୈଶବକୁ ଚୋରି କରିନେଇଛନ୍ତି। ଏହା କରିବାକୁ ଆପଣମାନେ କିପରି ସାହସ କଲେ ବୋଲି ଗ୍ରେଟା ପ୍ରଶ୍ନ କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଲକ୍ଷ ଲକ୍ଷ ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ସମଗ୍ର ପରିବେଶ ଭୁଶୁଡ଼ି ପଡିଛି କହିଲାବେଳେ ଗ୍ରେଟାଙ୍କ ଆଖିରେ ଲୁହ ଭରିଯାଇଥିଲା। ଜଳବାୟୁ ପରିବର୍ତ୍ତନକୁ ରୋକିବା ଦିଗରେ ବିଶ୍ୱର ନେତାମାନେ କୌଣସି ପଦକ୍ଷେପ ନେଉ ନ ଥିବା ସେ ଅଭିଯୋଗ କରିଥିଲେ।

ଆମେ ଏବେ ଗଣବିଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛେ। ଆପଣମାନେ ମୁଦ୍ରା ଓ ଆର୍ଥିକ ଅଭିବୃଦ୍ଧିର ପରୀ ରାଇଜ କାହାଣୀ ଶୁଣାଉଛନ୍ତି କିପରି ବୋଲି ଗ୍ରେଟା ପ୍ରଶ୍ନ କରିଥିଲେ। ଏହି ସମିଟ୍‌ରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧି ଉପସ୍ଥିତ ଥିଲେ।

## ବିରୋଧ କଲେ ମାକ୍ରଁ

ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ ସ୍ୱିଡେନ୍‌ର ସ୍ୱଳ୍ପବୟସ୍କା ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ବିରୋଧ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ନେଇ ଫ୍ରାନ୍ସ ସମେତ ୫ ଦେଶ ପଦକ୍ଷେପ ନେଉ ନ ଥିବା ଦର୍ଶାଇ ଗ୍ରେଟା ଓ ଅନ୍ୟ ୧୫ କର୍ମୀ ଜାତିସଂଘରେ ଏକ ଲିଗାଲ୍ ପିଟିଶନ ଦାଏର କରିଛନ୍ତି। ଏହାକୁ ନେଇ ମାକ୍ରଁ କହିଛନ୍ତି, ସେମାନଙ୍କର ଏହି କାର୍ଯ୍ୟ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସେତେଟା ପ୍ରଭାବଶାଳୀ ନୁହେଁ, ବରଂ ନିଶ୍ଚିତ ଭାବେ ସମାଜରେ ଶତ୍ରୁତା ସୃଷ୍ଟି କରିବ। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଫ୍ରାନ୍ସ ସହ ଜର୍ମାନୀ, ଆର୍ଜେଣ୍ଟିନା, ବ୍ରାଜିଲ ଓ ତୁର୍କୀର ନିଷ୍କ୍ରିୟତା ଶିଶୁ ଅଧିକାର ନେଇ ଜାତିସଂଘର ଚୁକ୍ତିକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଗ୍ରେଟା ଏହି ରାଷ୍ଟ୍ରଗୁଡ଼ିକ ବିରୋଧରେ ଅଭିଯୋଗ ଆଣିଥିବାବେଳେ ମାକ୍ରଁ ବିଶ୍ୱନେତାମାନଙ୍କୁ କହିଛନ୍ତି, ସେମାନେ ପୋଲାଣ୍ଡକୁ ଯାଆନ୍ତୁ।



**ସମାଜରେ ଶତ୍ରୁତା ସୃଷ୍ଟି କରିବେ ଗ୍ରେଟା**

## ଟ୍ରମ୍ପଙ୍କ ଟୁଇଟ୍‌ର ଜବାବ ଦେଲେ ଗ୍ରେଟା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟୁଇଟ୍‌ର ଜବାବ ରଖିଛନ୍ତି ସ୍ୱିଡ଼େନର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ। ସେ ତାଙ୍କ ଟୁଇଟର ବାୟୋକୁ ବଦଳାଇଦେଇଛନ୍ତି। ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମିଟ୍‌ରେ ଗ୍ରେଟା ଦେଇଥିବା ଭାଷଣର ଭିଡିଓକୁ ଟ୍ରମ୍ପ ଟୁଇଟ୍ କରିବା ସହ ଏହା ଉପରେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦେଇଥିଲେ। ସେ ଗ୍ରେଟାଙ୍କୁ ସୁଖୀ ଝିଅ ବୋଲି ଲେଖିଥିଲେ। ଟ୍ରମ୍ପଙ୍କ ଏହି ଟୁଇଟ୍‌କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଗ୍ରେଟା ତାଙ୍କ ଟୁଇଟର ବାୟୋକୁ 'ଏ ଭେରି ହାପି ୟଙ୍ଗ ଗର୍ଲ ଲୁକିଙ୍ଗ ଫରୱାର୍ଡ ଟୁ ଏ ବ୍ରାଇଟ୍ ଆଣ୍ଡ ୱଣ୍ଡରଫୁଲ୍ ଫ୍ୟୁଚର'ରେ ପରିବର୍ତ୍ତନ କରିଛନ୍ତି।




**ଘୋଷଣାନାମା**

ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ବାସୁଦେବପୁର
ରାଜଶ୍ରୀ ବିଶ୍ୱାଳ, ପିତା: ଅକ୍ଷୟ ବିଶ୍ୱାଳ, ସା/ପୋଷ୍ଟ: ଅରଣ୍ଡୁଆ, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ (ଅଙ୍ଗନବାଡ଼ି କର୍ମୀ ଅରଣ୍ଡୁଆ ବିଶ୍ୱାଳ ସାହି)
ତୁମେ ଗତ ୨୫।୧୦।୨୦୧୭ରିଖ ଠାରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁପସ୍ଥିତ ରହିଛ। କାର୍ଯ୍ୟରେ ଯୋଗଦାନ କରିବା ପାଇଁ ପତ୍ର ସଂଖ୍ୟା ୬୬୨, ତା୩୦।୧୦।୨୦୧୮ ଓ ୭୮୭, ତା୨୭।୧୨।୨୦୧୮ରିଖରେ ନିର୍ଦ୍ଦେଶ ଥିଲେ ମଧ୍ୟ ତୁମେ ଅଙ୍ଗନବାଡ଼ିକୁ ଆସୁନାହଁ। ଉକ୍ତ ଘୋଷଣା ପ୍ରକାଶନର ସାତ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦାନ ନ କଲେ ତୁମକୁ କାର୍ଯ୍ୟରୁ ବହିଷ୍କାର କରାଯିବ।
ସ୍ୱା./- ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରିଣୀ, ବାସୁଦେବପୁର

**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**

Cont. 13 (196)/2019/HKD-ATB Date : 25.09.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular **(i) H&TC for handling of food grains at RH, Hirakud and transportation from RH, Hirakud to FSD. Attabira and vice-versa and (ii) Handling Contractor for handling of food grains at FSD, Nabarangpur for a period of two years.** The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI website **www.fci.gov.in.**

**Government of Odisha**
**General Administration & Public Grievance Department**
**QUOTATION CALL NOTICE** 68-T

Sealed quotations are invited in the prescribed format from Travel agencies /tour operators / individual vehicle owners having valid uptodate PAN / GST Registration Number for providing following nos. of vehicles as detailed below for engagement in G.A. & P.G. Department on monthly rent basis.

| Sl. No. | Type of vehicle | Nos. of vehicle required | Maximum hire charges per month | Mileage per litre |
|---|---|---|---|---|
| 1. | TUV300 / Bolero / Sumo Gold / Ertiga | 1 (one) | Rs. 31,000/- | 10 |
| 2. | Indigo / Tiago / Bolt / Celerio or equivalent Class | 2 (two) | Rs. 20,000/- | 17 |

The details of the terms and conditions of the above service along with the tender document can be downloaded from State Government website **www.odisha.gov.in**. Last date for submission of quotation is **30.09.2019 at 02:00 PM.**

Sd/-
09001/11/0019/1920 OSD-cum-Deputy Secretary to Government

**OFFICE OF MUNICIPAL COUNCIL, SUNABEDA**
**E-PROCUREMENT NOTICE**

**No.: 5861** **Date: 21.09.2019**
**Bid Identification No. M.C.-SBD-03/2019-20**
No.:212-C

Total No. of Works : 02 Nos.
Tender Value : Rs.58,85,287/- to Rs.58,85,287/-
Bid Security : Rs.58,900/-
Available Period : Dt.25.09.2019 at 11.00 A.M. to 11.10.2019 at 5.00 P.M.
Tender Opening Date : 16.10.2019 at 11.00 A.M.
Bidders are requested to participate in advance with their Class - B and Class - A, Class - D and Class - C DSC before the closing date.
Further details please visiti: **https://www.tendersorissa.gov.in**.

**Sd./- Executive Officer**
**Sunabeda Municipality**
13076/11/0005/1920

**ODISHA LIFT IRRIGATION CORPORATION LTD**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER, L.I. DIVISION, KORAPUT**
e-Mail: exengerolickpt@gmail.com Tel. 06852-251328
**Tender Call Notice No. 04 /2019-20 Dt.23.9.19**

**No. CAD-424:** Sealed Tenders in the prescribed tender schedule are invited from the reputed Manufactures /Distributors /authorised dealers for supply of Control Panel suitable for submersible Pump sets as mentioned below . The tender papers and detailed schedules will be sold in the office of the undersigned from dt. **09.10.2019 to 16.10.2019** (11.00AM to 5.00 PM) on payment of the cost of tender paper (non-refundable) as mentioned below in shape of Bank Draft drawn in favour of Executive Engineer, Lift Irrigation Division, Koraput from any nationalised bank **payable at Koraput & GST 5% should be deposited in OLIC GST Regd. no 21AAACO5986G1ZF** (CGST 2.5% & SGST 2.5%) The tender paper will be sold on receipt of written request along with Paper Cost & GST Challan. The tender paper will be received by Hand or by Post on or before **2.00 PM on 17.10.2019** and will be opened on **Dt.17.10.2019** at **3.30 PM** in L.I. Division office, Koraput in presence of the bidder or their authorised representatives if any. The EMD to be deposited @ 1% of the bid value in shape of FDR/TDR/KVP/NSC/Small Saving Certificate duly pledged in favour of Executive Engineer, L.I. Division, Koraput along with self attested copies of GST, PAN, Dealership certificate of company if any in absence of which the tender will be summarily rejected.

| Sl. No. | Package No. | Brief Description of the item | Quantity in Nos. | Estimated cost in (Rs) | EMD | T.P.Cost (in Rs.) | GST of T.P.Cost |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 1 | Control panel with DOL starter suitable up to 3.0 HP submersible Pump sets. | 236 | 8,02,400/- | 8,024/- | 4,000/- | 200/- |
| 2 | 2 | Control panel with DOL starter suitable up to 5.0 HP submersible Pump sets. | 147 | 5,08,032/- | 5,080/- | 4,000/- | 200/- |

The undersigned reserves the right to increase or decrease the quantity, may be accept or reject any or all the tenders without assigning any reasons thereof .

32173/11/0002/1920 Executive Engineer, L.I.Division, Koraput

**OFFICE OF THE NOTIFIED AREA COUNCIL, SURADA, GANJAM**

**No.780/NAC** **Dt: 21.09.2019**

**e-Procurement Notice**

**Tender Call Notice No.- SURADA/NAC/2019-20/01**
**TENDER ID-2019_ORULB_56412**

1. Name of the work : Construction of 5TPD capacity Micro Composting Center at Surada NAC., 2. No. of works put to tender : One No. of work., 3. Estimated cost : Rs.5561843/-, 4. Period of Completion : 120 days., 5. Date & time of availability of bid documents in the portal : From 10.00 hours of dtd: 22.09.2019 to 17.30 hours of dtd: 09.10.2019., 6. Last Date / time for receipt of bids in the portal : 17.30 hours of 09.10.2019., 7. Date to required documents to be submitted : 10.10.2019., 8. Date and time of opening of bid : 11.00 hours of 11.10.2019., 9. Name and address of the officer : Executive Officer, Officer Inviting Bid : Surada NAC, Surada

Further details can be seen from the e-procurement portal **https://tendersorissa.gov.in**

**Sd./- Executive Officer**
**NAC, Surada, Ganjam**

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22.
Ph: 0674-2541545, 2542921, Fax: 0674-2541543, Email: ophwc.od@nic.in,
Website: www.ophwc.nic.in e-procurement notice No.- 17/OPHWC/2019-20
No. CAD-419

**INVITATION FOR BIDS (IFB)**

| | | | |
|---|---|---|---|
| 1. | The Chief Engineer (OSPH&WC), Odisha, Bhubaneswar invites **Percentage rate** bid in **Double Cover** system in **ONLINE MODE** only, for the work as detailed below: | | |
| 2. | Nature of work | : | Building works |
| 3. | No. of Work | : | 05 Nos. |
| 4. | Bid Cost | : | Rs.11,800/- Each No. (To be paid online) |
| 5. | Value of Tender | : | Rs.1,75,53,999.00 to Rs.1,86,55,146.00 |
| 6. | Class of Contractor | : | 'B' Class to 'A' Class |
| 7. | Availability of Bid Documents in the website | : | Dt.27.09.2019 to Dt.15.10.2019 |
| 8. | Last date /time of Receipt of Bids in the Portal | : | Dt.15.10.2019 up to 5:00 P.M |
| 9. | Date of Opening Bid | : | Dt.16.10.2019 at 11:30 A.M |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd/-
12025/11/0028/1920 Chief Engineer (OSPH&WC), Odisha

**N.B. - The quoted rate should be all inclusive but excluding G.S.T.as applicable Under works contract.**

**GOVERNMENT OF ODISHA**
**DAM REHABILITATION AND IMPROVEMENT PROJECT**
**AGREEMENT NO. OR 10HH003**
**NATIONAL COMPETITIVE BIDDING** 254-A
Bid No. NCB 01 /ORDRIP(HDP)-01 / 2019-20

| | |
|---|---|
| Package No. | ORDRIP(HDP)-01 |
| Name of work | Development of Proposed Resettlement Colony in village Jamada of Additional Spillway Project of Hirakud Dam (phase-2). |
| Approximate value of Work (in INR.) | Rs. 213.37 Lakhs |
| Bid Security ( in INR) | Rs. 4,27,000.00 |
| Bid submission fee. | Rs. 10000/-. |
| Period of completion | 04 Calendar Months including Rainy & Festival |
| Classification of Bidders | Registered with State or Central Govt. or their Public Sector Undertakings |
| Tender documents named HDP-01, HDP-02 | Can be downloaded from website (http://www.odisha.gov.in) & (http:/tendersodisha.gov.in) |
| Document download starting date | 01.10.2019 16.00 Hrs.(IST) |
| Bid Clarification start date | 04.10.2019 11.30 Hrs.(IST) |
| Bid Clarification closing date | 15.10.2019 12.30 Hrs.(IST) |
| Online bid submission closing date and | 30.10.2019 16.00 Hrs.(IST) |
| Date, Time and Venue of opening of bid in e-method. | 04.11.2019 11.30 Hrs. (IST) Superintending Engineer, Hirakud Dam Circle, Burla, Dist- Sambalpur, Pin- 768017( Odisha) |

Sd/-
Superintending Engineer
Hirakud Dam Circle, Burla
Dist: Sambalpur (Odisha) Pin-768017

32044/11/0002/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ସେପ୍ଟେମ୍ବର ,୨୦୧୯



‘କହୋ ନା ପ୍ୟାର୍ ହୈ’ ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।
-ହୃତିକ ରୋଶନ୍, ବଲିଉଡ୍ ଅଭିନେତା



# ଆଜିର ଆହ୍ୱାନ ଜନସଂଖ୍ୟା ନିୟନ୍ତ୍ରଣ

ଭାରତ ସମେତ ବିଶ୍ୱର ଅନେକ ଦେଶରେ ଗର୍ଭନିରୋଧ ପ୍ରତି ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ପାଳନ କରାଯାଉଛି ଗର୍ଭ ନିରୋଧକ ଦିବସ। ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ଏହି ଦିବସ ପାଳନ କରାଯାଉଛି। ଯୁବପିଢ଼ିଙ୍କୁ ଗର୍ଭ ନିରୋଧ ସମ୍ପର୍କରେ ଉଚିତ ସୂଚନା ଦେବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଜନସଂଖ୍ୟା



## ବିଶ୍ୱ ଗର୍ଭ ନିରୋଧକ ଦିବସ

ନିୟନ୍ତ୍ରଣ କରିବା ବି ଏହାର ଆଉ ଏକ ଲକ୍ଷ୍ୟ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏହି ଦିବସ ଉପଲକ୍ଷେ ଏକ ସ୍ଲୋଗାନ ଦେଇଛି ‘ଆପଣଙ୍କ ଭିବଷ୍ୟତ- ଆପଣଙ୍କ ପସନ୍ଦ, ଆପଣଙ୍କ ଗର୍ଭନିରୋଧକ ଉପାୟ’ । ଭାରତରେ ଲୋକମାନଙ୍କୁ ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଯୌନ ସଚେତନତା ବୃଦ୍ଧି କରିବା ତଥା ଅବାଞ୍ଛିତ ଗର୍ଭଧାରଣରୁ ରକ୍ଷା ପାଇବା ପାଇଁ ଥିବା ଉପାୟ ସମ୍ବନ୍ଧରେ ଏହି ଦିବସରେ ଅବଗତ କରାଯାଇଥାଏ। ଭାରତରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ(ଡବ୍ଲ୍ୟୁସିଡି) ଏହା ଲାଗି କାର୍ଯ୍ୟ କରୁଛି। ଯୌନସ୍ୱାସ୍ଥ୍ୟ କ୍ଷେତ୍ରରେ କେତେକ ଏନଜିଓ ଓ ହସ୍ପିଟାଲ ସହାୟତାରେ ଏହା କାର୍ଯ୍ୟ କରୁଛି। କେବଳ ସହର ନୁହେଁ ଗାଁଯାଏ ଲୋକଙ୍କୁ ବି ଏହା ସମ୍ପର୍କରେ ଜଣାଇ ଦିଆଯାଉଛି।

ଡବ୍ଲ୍ୟୁସିଡି ରିପୋର୍ଟ ମୁତାବକ ଭାରତରେ ୨୧ଟି ରାଜ୍ୟର ୯୪.୫ ପ୍ରତିଶତ ବିବାହିତ ମହିଳା ଗର୍ଭ ନିରୋଧକ ଉପାୟ ଓ ଏହାର ଉପଯୋଗ ସମ୍ପର୍କରେ ଜାଣିଥିଲେ ବି ୫୦ ପ୍ରତିଶତ ମହିଳା ଏହା ପାଳନ କରନ୍ତି। ଏହା ବ୍ୟତୀତ ୪୪ ପ୍ରତିଶତ ବିବାହିତ ମହିଳା ଏହା ବିଷୟରେ ଜାଣିଥିଲେ ମଧ୍ୟ ଏହି ଉପାୟ ଆପଣାଇନଥାନ୍ତି। ଏକ ସର୍ଭେରୁ ଜଣାପଡିଛି ଯେ,ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀରରେ ଯଥାକ୍ରମେ ୯୫ ଓ ୮୩ ପ୍ରତିଶତ ମହିଳାଙ୍କର ଗର୍ଭ ନିରୋଧକ ଉପାୟ ଉପରେ ଧାରଣା ରହିଛି। କିନ୍ତୁ ପଶ୍ଚିମବଙ୍ଗରେ ୬୭ ପ୍ରତିଶତ ଓ ଜମ୍ମୁ-କଶ୍ମୀରରେ ୨୭ ପ୍ରତିଶତ ଏହାକୁ ଉପଯୋଗ କରନ୍ତି ନାହିଁ। ଭାରତରେ ଜମ୍ମୁ-କଶ୍ମୀରରେ ସବୁଠାରୁ କମ୍ ଗର୍ଭ ନିରୋଧକ ଉପାୟ ଆପଣାଇଥାନ୍ତି। ଜନସଂଖ୍ୟା ନିୟନ୍ତ୍ରଣ ଲାଗି ଲୋକମାନଙ୍କୁ ଗର୍ଭ ନିରୋଧକ ଉପାୟ ସମ୍ପର୍କରେ ସୂଚନା ଦେବା ଓ ପ୍ରଚାର ପ୍ରସାର ମାଧ୍ୟମରେ ସଚେତନ କରିବା,ପରିବାର ନିୟୋଜନ ଉପାୟରେ କିପରି ଜନସଂଖ୍ୟା ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ବନ୍ଧରେ ଜଣାଇବା ଦ୍ୱାରା ଯଥେଷ୍ଟ ଲାଭ ମିଳି ପାରିବ। କେତେକ ରାଜ୍ୟରେ ନବବିବାହିତଙ୍କୁ କଣ୍ଡୋମ କିଟ୍ , ଗର୍ଭନିରୋଧକ ବଟିକା ଇତ୍ୟାଦି ଯୋଗାଇ ଦେବାର ଯୋଜନା କରାଯିବା ସହ ଯୌନ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଯାଉଛି। ଜନସଂଖ୍ୟା ନିୟନ୍ତ୍ରଣ ଓ ବିଭିନ୍ନ ଯୌନ ରୋଗ ସଂକ୍ରମଣରୁ ରକ୍ଷା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । କେବଳ ଗର୍ଭ ନିରୋଧକ ଦିବସ ନୁହେଁ,କୌଣସି ଦିନ ବି ପରିବାର ନିୟୋଜନ ବିଷୟରେ ଏକ ସମୟ ସୀମା ମଧ୍ୟରେ ଏବଂ ସହଜ ତରିକା ସମ୍ପର୍କରେ ନିକଟସ୍ଥ ଡିସ୍ପେନ୍ସାରି ଓ ହସ୍ପିଟାଲ୍‌ରୁ ଜାଣିପାରିବେ ।

# ଇଦ୍‌ରେ ଆସିବ ‘ରାଧେ’

## ସଲମାନ୍ ଖାନ୍



**ମୁମ୍ବାଇ:** ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ ‘ରାଧେ’ ୨୦୨୦ ଇଦ୍‌ରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି। ଏନେଇ ସଲମାନ୍‌ଙ୍କ ଫ୍ୟାନ୍‌ମାନେ ସୋସିଆଲ ମିଡ଼ିଆରେ ପ୍ରଚାର କରିବା ଆରମ୍ଭ କରିଦେଲେଣି। ସଲମାନ୍‌ଙ୍କ ଫିଲ୍ମ ଦେଖିବା ଲାଗି ସେମାନଙ୍କ ମନରେ ଉତ୍କଣ୍ଠା ଭରି ରହିଛି। ପୂର୍ବରୁ ସଲମାନ୍ ନିଶ୍ଚିତ ଭାବେ ଇଦ୍‌ରେ ତାଙ୍କର ଏକ ଫିଲ୍ମ ରିଲିଜ୍ ହେବ ବୋଲି କହିଥିଲେ। ତେବେ କେଉଁ ଫିଲ୍ମଟି ତାଙ୍କର ଇଦ୍‌ରେ ମୁକ୍ତିଲାଭ କରିବ, ସେ ନେଇ କିଛି କୁହାଯାଇନାହିଁ। ଏହାକୁ ନେଇ ଫ୍ୟାନ୍‌ଙ୍କ ମଧ୍ୟରେ ସସ୍‌ପେନ୍ସ ଲାଗିରହିଛି। ଖୁବ୍‌ଶୀଘ୍ର ଏନେଇ ଅଫିସିଆଲ ଆନାଉନ୍ସମେଣ୍ଟ କରାଯିବ ବୋଲି ଜଣାପଡ଼ିଛି। ‘ଦବଙ୍ଗ-୩’ ପରେ ସଲମାନ୍‌ଙ୍କ ପରବର୍ତ୍ତୀ ଫିଲ୍ମ ହେଉଛି ‘ରାଧେ’। ପ୍ରଭୁଦେବାଙ୍କ ନିର୍ଦ୍ଦେଶନାରେ ଏହା ପ୍ରସ୍ତୁତ କରାଯାଉଛି। ଏହା ସମ୍ଭବତଃ ୨୦୨୦ ଇଦ୍‌ରେ ମୁକ୍ତିଲାଭ କରିବ। ଏହାକୁ ନେଇ ଏବେଠାରୁ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି ।

# ଧାନବାଦକୁ ଘାରିଛି କୁକୁର ଭୟ

**ଧାନବାଦ:** ରାସ୍ତା ସମସ୍ୟା କି ପରିମଳ ସମସ୍ୟାକୁ ନେଇ କୌଣସି ନଗର ନିଗମ ଚିନ୍ତିତ ହେଉଥିବାବେଳେ କୁକୁରଙ୍କୁ ନେଇ ଅସୁବିଧାରେ ପଡିଯାଇଛି ଝାଡଖଣ୍ଡର ଧାନବାଦ ସହର। ଆତଙ୍କବାଦୀଙ୍କ ଭୟ ସହରକୁ ଯେତିକି ନାହିଁ ତା’ଠାରୁ କୁକୁର ଭୟ ବେଶି ଘାରିଛି। ସହରରେ ପ୍ରତିଦିନ ୧୦୦ରୁ ୧୫୦ ଜଣ କୁକୁର କାମୁଡାରେ ଆକ୍ରାନ୍ତ ହେଉଛନ୍ତି। ବର୍ଷକୁ ୪୨,୦୦୦ ଲୋକ କୁକୁର କାମୁଡାର ଶିକାର ହୋଇ ଆଣ୍ଟି ରାବିସ ଇଞ୍ଜେକଶନ ନେଉଛନ୍ତି। ସକାଳ ହେବା କ୍ଷଣି କୁକୁରଙ୍କ ଆତଙ୍କ ଆରମ୍ଭ ହୋଇଯାଉଛି। ବୁଲାକୁକୁରଙ୍କ ବଂଶବୃଦ୍ଧି ରୋକିବାକୁ ୨୦୧୬ରେ ହୋଇଥିବା ଯୋଜନା ଫାଇଲରେ ରହିଯାଇଛି। ଷ୍ଟ୍ରିଟ୍ ଡଗ୍ ବାର୍ଥ କଣ୍ଟ୍ରୋଲ ସୋସାଇଟି ଗଠନ ବି କରାଯାଇ ସୋସାଇଟି ଆକ୍ଟରେ ପଞ୍ଜୀକରଣ କରାଯାଇଥିଲା। କିନ୍ତୁ ତିନିବର୍ଷ ପରେ ତାହାକୁ ନବୀକରଣ କରାଯାଇପାରନି। ୯ ସଦସ୍ୟ ବିଶିଷ୍ଟ ଏହି କମିଟିରେ ତିନି ବର୍ଷ ମଧ୍ୟରେ ଥରେ ବୈଠକ ହୋଇଛି। ୬ଥର ସୋସାଇଟି ରେଜିଷ୍ଟ୍ରେଶନ ଲାଗି ଚିଠି ଲେଖାଯାଇଥିଲେ ବି ତାହା ସମ୍ଭବ ହୋଇପାରିନାହିଁ। ନଗର ନିଗମର ଅବହେଳା ଯୋଗୁ ଗତ ଏକବର୍ଷ ମଧ୍ୟରେ କୁକୁର ୯୦୦ ଶିଶୁଙ୍କୁ କାମୁଡି ସାରିଲେଣି।



# ମାରିଟାଇମ ଜଗତରେ ମହିଳା ସଶକ୍ତୀକରଣ



**ଜାତିସଂଘ:**୨୦୧୯ସେପ୍ଟେମ୍ବର ୨୬, ଗୁରୁବାର ପାଳନ କରାଯାଉଛି ବିଶ୍ୱ ମାରିଟାଇମ ଦିବସ। ‘ସାମୁଦ୍ରିକ ଜଗତ ସମ୍ପର୍କରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା’ ସ୍ଲୋଗାନ ନେଇ ଏହି ଦିବସ ପାଳନ କରାଯାଉଛି। ଏହା ଜାତିସଂଘ ଦ୍ୱାରା ଇଣ୍ଟରନ୍ୟାଶ୍‌ନାଲ ମାରିଟାଇମ ଅର୍ଗାନାଇଜେଶନ(ଆଇଏମ୍‌ଓ) ବା ଆନ୍ତର୍ଜାତିକ ସାମୁଦ୍ରିକ ସଂଘ ମାଧ୍ୟମରେ ପାଳନ କରାଯାଉଛି। ୧୯୭୮ ମାର୍ଚ୍ଚ ୧୭ରେ ପ୍ରଥମେ ବିଶ୍ୱ ମାରିଟାଇମ୍ ଦିବସ ପାଳନ କରାଯାଇଥିଲା। ସେ ସମୟରେ ଆଇଏମ୍‌ଓର ସଦସ୍ୟ ସଂଖ୍ୟା ଥିଲା୨୧ ଏବଂ ଏବେ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇ ପହଞ୍ଚିଛି ୧୬୭ରେ। ସାମୁଦ୍ରିକ ଶିଳ୍ପରେ ମହିଳାମାନଙ୍କ ଯୋଗଦାନକୁ ଲୋକଲୋଚନକୁ ଆଣିବା ଏଥର ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ୩୦ ବର୍ଷୀୟା କ୍ୟାପ୍ଟେନ ସେରେନା ମେଲାନିଙ୍କ ଉଦ୍ୟମକୁ ବି ପ୍ରଶଂସା କରାଯାଇପାରେ। ମେଲାନି କ୍ରୁସି ଇଣ୍ଡଷ୍ଟ୍ରିରେ ବିଶ୍ୱରେ ପ୍ରଥମ ମହିଳା କ୍ୟାପ୍ଟେନ ନୂଆ କରି ନିର୍ମାଣକରାଯାଇଥିବା

## ବିଶ୍ୱ ମାରିଟାଇମ ଦିବସ

ଏକ କ୍ରୁସି ସେଭେନ ସି ସ୍ଲେଣ୍ଡରକୁ ୨୦୨୦ରେ ଚଳାଇବାକୁ ନେଇ ରିଜେଣ୍ଟ ସେଭେନ ସି କ୍ରୁସି କମ୍ପାନୀ ବେଶ୍ ଖୁସି ରହିଛି। ଏଣୁ ସାମୁଦ୍ରିକ ଶିଳ୍ପରେ ମହିଳାଙ୍କ ଯୋଗଦାନକୁ ଏହା ଉତ୍ସାହିତ କରିବ ।

ଆନ୍ତର୍ଜାତିକ ସ୍ତରରେ ଅର୍ଥନୀତି ବିଶେଷକରି ଶିପିଂ କ୍ଷେତ୍ରରେ ମାରିଟାଇମ ଇଣ୍ଡଷ୍ଟ୍ରିର ଯୋଗଦାନକୁ ମନେପକାଇବା ପାଇଁ ବିଶ୍ୱ ମାରିଟାଇମ ଦିବସ ପାଳନ କରାଯାଉଛି। କିନ୍ତୁ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ସପ୍ତାହର ଗୁରୁବାରରେ ଭିନ୍ନ ଭିନ୍ନ ପାଳନ ତାରିଖରେ ପାଳନ କରାଯାଉଛି। ଚଳିତ ବର୍ଷ ସେପ୍ଟେମ୍ବର ୨୬ରେ ଏହି ଦିବସ ପାଳନ କରାଯାଉଥିବା ବେଳେ ଆସନ୍ତା ବର୍ଷ ଏହା ସେପ୍ଟେମ୍ବର ୨୪ରେ ପାଳନ କରାଯିବ। ଏହି ଦିବସ ଶିପିଂ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଏ। ସାମୁଦ୍ରିକ ପରିବେଶ ଓ ସୁରକ୍ଷାକୁ ସୁନିଶ୍ଚିତ କରେ। ବିଭିନ୍ନ ଦେଶରେ ଥିବା ବିଭିନ୍ନ ମାରିଟାଇମ ଅର୍ଗାନାଇଜେଶନ ଏହି ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି।

# ଗୀତ ଗାଉଛନ୍ତି ପକ୍ଷୀ

**ବ୍ୟାଙ୍କକ୍:** ଥାଇଲାଣ୍ଡ। ସାରା ଦୁନିଆର ଖ୍ୟାତିସମ୍ପନ୍ନ ଟୁରିଜମ୍ ଡେଷ୍ଟିନେଶନ ମଧ୍ୟରୁ ଗୋଟିଏ। ବୌଦ୍ଧଧର୍ମ, ପ୍ରାଚୀନ କିମ୍ବଦନ୍ତୀ, ଐତିହ୍ୟକୁ ସାଥୀରେ ନେଇ ଚାଲୁଥିବା ‘ଥାଇ’ଙ୍କ ଆତିଥ୍ୟ ବି କିଛି କମ୍ ନୁହେଁ। ଖାସ୍ ଏଇଥିପାଇଁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଛୁଟି ଆସନ୍ତି ଏଠାକୁ। ହେଲେ ଅନେକେ ହୁଏତ ଜାଣି ନ ଥିବେ ଥାଇଲାଣ୍ଡର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ନରାଥିୱତ ପ୍ରଦେଶ ଅନ୍ତର୍ଗତ ରୁଏସ୍କୋ ଜିଲାରେ ପକ୍ଷୀଙ୍କୁ ନେଇ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି ‘ଥାଇଲାଣ୍ଡ ବାର୍ଡ ସିଙ୍ଗିଙ୍ଗ୍ କମ୍ପିଟିଶନ’। କଥାକୁହା ପକ୍ଷୀଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏପରି ଭିନ୍ନ ଧରଣର ପ୍ରତିଯୋଗିତାକୁ ମନଭରି ଉପଭୋଗ କରିଥାନ୍ତି ହଜାର ହଜାର ପକ୍ଷୀପ୍ରେମୀ। ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଥାଇଲାଣ୍ଡ, ସିଙ୍ଗାପୁର, ମାଲେସିଆ ଆଦି ସ୍ଥାନରୁ ୧୮୦୦ ପକ୍ଷୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବୁଲବୁଲ୍, ଶୁଆ, ପାରା ଭଳି ପକ୍ଷୀ। ପ୍ରତିଯୋଗିତା ନିର୍ଦ୍ଦିଷ୍ଟ କେତେକ ନିୟମ ଉପରେ ଆଧାରିତ। ୧୫ଫୁଟ ଉଚ୍ଚତା ବିଶିଷ୍ଟ ଖମ୍ବରେ ଟଙ୍ଗାଯାଇଥିବା ବାଉଁଶ ନିର୍ମିତ ପଞ୍ଜୁରିରେ ପକ୍ଷୀଙ୍କୁ ଝୁଲାଇ ରଖାଯାଇଥାଏ। ସେମାନଙ୍କୁ ପର୍ଯ୍ୟାୟକ୍ରମେ ତଳକୁ ଅଣାଯାଏ। ଏହାପରେ ସେମାନେ ଗୀତ ଗାଇଥାନ୍ତି। ୪ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ପକ୍ଷୀଙ୍କ ଗାଇବା ଶୈଳୀକୁ ନେଇ ମାର୍କ ମିଳିଥାଏ। ପକ୍ଷୀଙ୍କୁ ହାରାହାରି ୨୫ ସେକେଣ୍ଡ ମଧ୍ୟରେ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ପଡ଼େ। ୧୮୦୦ ପକ୍ଷୀଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀ ବାଛିବା ଏତେ ସହଜ କଥା ନୁହେଁ। ଏଥିପାଇଁ ବେଶ୍ କସରତ କରନ୍ତି ଆୟୋଜକ ଏବଂ ବିଚାରକ। ସେମାନଙ୍କୁ ଅତି ସତର୍କତାର ସହ ପକ୍ଷୀଙ୍କ ଗୀତ ଶୁଣିବାକୁ ପଡ଼େ। ଏଠାରେ ଗୀତର ଗୁଣବତ୍ତା ଦେଖାଯାଏ ନାହିଁ। କମ୍ ସମୟ ମଧ୍ୟରେ ଅଧିକ ଗୀତ ଗାଉଥିବା ପକ୍ଷୀଙ୍କୁ ବିଜେତା ଭାବେ ଘୋଷଣା କରାଯାଇଥାଏ। ସବୁଠାରୁ ରୋଚକ କଥା, ପ୍ରତିଯୋଗିତାରେ ଭାଗ ନେଉଥିବା ପକ୍ଷୀ ମାଲିକଙ୍କୁ ୪ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିଯାଏ। ସେମାନେ ନିୟମିତ ପକ୍ଷୀଙ୍କୁ ତାଲିମ ଦେଇଥାନ୍ତି। ଗତବର୍ଷ ପ୍ରତିଯୋଗିତାର ପୁରସ୍କାର ରାଶି ଥିଲା ୭୦ ହଜାର ଟଙ୍କା। ହେଲେ ପ୍ରତିଯୋଗିତାର କଳେବର ବଢ଼ାଇବା ଏବଂ ପକ୍ଷୀ ମାଲିକଙ୍କୁ ଅଧିକ ଉତ୍ସାହିତ କରାଇବାକୁ ଚଳିତବର୍ଷ ପୁରସ୍କାର ରାଶି ଦେଢ଼ ଲକ୍ଷକୁ ବୃଦ୍ଧି କରାଯାଇଛି।

## ଥାଇଲାଣ୍ଡ ବାର୍ଡ ସିଙ୍ଗିଙ୍ଗ୍ କମ୍ପିଟିଶନ

# ମହାଭାରତ ସମୟରେ ପ୍ରସ୍ତୁତ ହୋଇଥିଲା ଗୁପ୍‌ଚୁପ୍

**ନୂଆଦିଲ୍ଲୀ:** ଗୁପ୍‌ଚୁପ୍ ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ନାମରେ ପରିଚିତ। ଏହା ପୁଚ୍‌କା, ପାନିପୁରୀ, ବତାଶେ ଭଳି ନାମରେ ଲୋକପ୍ରିୟତା ହାସଲ କରିଛି। ଗୁପ୍‌ଚୁପ୍ ମହାଭାରତ ସମୟରେ ପ୍ରଥମେ ପ୍ରସ୍ତୁତ କରାଯାଇଥିଲା ବୋଲି କେତେକ କୁହନ୍ତି। ମଗଧ ସାମ୍ରାଜ୍ୟରେ ମଧ୍ୟ ଏହା ଲୋକପ୍ରିୟତା ହାସଲ କରିଥିଲା। କୁହାଯାଏ ଯେ, ପାଞ୍ଚ ପାଣ୍ଡବଙ୍କୁ ବିବାହ କରିବା ପରେ ଦ୍ରୌପଦୀଙ୍କ ପରୀକ୍ଷା ନେବାକୁ ମାତା



କୁନ୍ତୀ ଚିନ୍ତା କରିଥିଲେ। ସେ ଦ୍ରୌପଦୀଙ୍କୁ କିଛି ପନିପରିବା ସହିତ ଅଳ୍ପ ପରିମାଣର ଅଟା ଦେଇ ଖାଦ୍ୟ ପ୍ରସ୍ତୁତ କରିବାକୁ କହିଥିଲେ। ପାଞ୍ଚାଳି ଅଟାକୁ ଛୋଟ ଛୋଟ ଗୁଳା କରି ତା’ ଭିତରେ ପନିପରିବାକୁ ପୂର ଭଳି ପୂରାଇ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଯାହାକି ଗୁପ୍‌ଚୁପ୍‌ର ପ୍ରଥମ ରୂପ ବୋଲି କେତେକ କହିଥାନ୍ତି। ସେହିପରି ମଗଧ ସାମ୍ରାଜ୍ୟରେ ଛୋଟ ଅଟା ଗୁଳା ମଧ୍ୟରେ ପନିପରିବା ଦେଇ ପ୍ରସ୍ତୁତ ହେଉଥିଲା ସ୍ୱାଦିଷ୍ଟ ଖାଦ୍ୟ। ଏହାକୁ ଲୋକେ ଅଧିକ ପସନ୍ଦ କରୁଥିଲେ। ଏହାକୁ ଖାଇବା ପାଇଁ ଗାଁରୁ ଲୋକେ ସହରକୁ ଆସୁଥିଲେ ବୋଲି ଇତିହାସରେ ଉଲ୍ଲେଖ ରହିଛି।

# ରାଜସ୍ଥାନ ଝିଅଙ୍କୁ ଚେଞ୍ଜ୍ ମେକର୍ ଆୱାର୍ଡ

**ନୂଆଦିଲ୍ଲୀ:** ବିଲ୍ ଆଣ୍ଡ ମିଲିନ୍ଦା ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୁହେଁ ଆଉ ଜଣେ ଭାରତୀୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ୍ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଗ୍ଲୋବାଲ୍ ଗୋଲ୍‌କିପର୍ସ ଆୱାର୍ଡ ଦେଇ ସମ୍ମାନିତ କରିଛି ଫାଉଣ୍ଡେଶନ। ସେହିପରି ସମାଜରେ ପରିବର୍ତ୍ତନ ଆଣି ଅନ୍ୟମାନଙ୍କ ପ୍ରେରଣା ପାଲଟିଥିବା ରାଜସ୍ଥାନର ଝିଅ ପାୟଲ ଜାଙ୍ଗିଦ୍‌ଙ୍କୁ ଚେଞ୍ଜମେକର ଆୱାର୍ଡରେ ସମ୍ମାନିତ କରାଯାଇଛି। ପାୟଲ ନିଜ ପରିବାରରୁ ହିଁ ପ୍ରଥମେ ପରିବର୍ତ୍ତନର ଲଢ଼େଇ ଆରମ୍ଭ କରିଥିଲେ। ତାଙ୍କ ପରିବାର ଲୋକେ ଅତି କମ୍ ବୟସରେ ତାଙ୍କୁ ବିବାହ କରିବାକୁ ବାଧ କରିଥିଲେ। କିନ୍ତୁ ଏହାର ବିରୋଧ କରି ଏତେ କମ୍ ବୟସରେ ବିବାହ କରିବେ ନାହିଁ ବୋଲି ସେ ମନା କରିଦେଇଥିଲେ। ଏହାସହ ସେ ବାଲ୍ୟ ଅଧିକାରରୁ ବଞ୍ଚିତ ଶିଶୁମାନଙ୍କ ପାଇଁ ଲଢ଼େଇ ଆରମ୍ଭ କରିଦେଇଥିଲେ। ବିଭିନ୍ନ ରାଲି, ପୋଷ୍ଟର ଓ ଘରକୁ ଘର ଯାଇ ମାଆ-ବାପାଙ୍କୁ ବାଲ୍ୟ ଅଧିକାର ବିଷୟରେ ସଚେତନ କରନ୍ତି ପାୟଲ। ପ୍ରତ୍ୟେକ ପିଲାଙ୍କୁ ତାଙ୍କ ଶିକ୍ଷା ଅଧିକାରରୁ ବଞ୍ଚିତ ନ କରି ଗୋଟିଏ ସୁଯୋଗ ଦେବାକୁ ସେ ଅଭିଭାବକଙ୍କୁ ସଚେତନ କରାଇଥାନ୍ତି। ପାୟଲଙ୍କ ଲକ୍ଷ୍ୟ, ବିଶ୍ୱର ସମସ୍ତ ଶିଶୁଙ୍କୁ ଶିକ୍ଷାର ସୁଯୋଗ ମିଳୁ ଓ ସମସ୍ତେ ପଢ଼ନ୍ତୁ। ପାୟଲଙ୍କ ବାପା ପପ୍ପୁରାମ ଜାଙ୍ଗିଦ୍‌ଙ୍କ କହିବା ଅନୁସାରେ, ପାୟଲଙ୍କ ଏହି ଅଭିଯାନ ପରେ ତାଙ୍କ ଗ୍ରାମରେ ପ୍ରାୟ ସମସ୍ତ ପିଲା ସ୍କୁଲ ଯାଇ ପାଠ ପଢୁଛନ୍ତି ଏବଂ ବାଲ୍ୟ ବିବାହ ଏବେ ଦେଖିବାକୁ ମିଳୁନି। ତେବେ ଏଭଳି ମହତ୍ ଉଦ୍ଦେଶ୍ୟ ଦିଗରେ କାମ କରି ସାମାଜିକ ପରିବର୍ତ୍ତନ ଆଣିପାରିଥିବାରୁ ପାୟଲ ଜାଙ୍ଗିଦଙ୍କୁ ବିଲ୍ ଆଣ୍ଡ ମିଲିନ୍ଦା ଗେଟ୍ସ ଫାଉଣ୍ଡେଶନ ଚେଞ୍ଜ ମେକର ଆୱାର୍ଡ ଦେଇ ସମ୍ମାନିତ କରିଛି।

## ସାମାଜିକ ପରିବର୍ତ୍ତନ ପାଇଁ ପାୟଲଙ୍କୁ ସମ୍ମାନ



# ୭୦ ବର୍ଷୀୟ ୟୁନିଭର୍ସିଟି ଟପ୍ପର୍

**ରାଞ୍ଚି:**ଜୀବନର ଅପରାହ୍ନରେ ଯେତେବେଳେ ଶରୀର ସାଥିରେ ମନ ରହିବାକୁ ଚାହେଁନି ଠିକ୍ ସେତିକିବେଳେ ୭୦ ବର୍ଷୀୟ ଜଣେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଠାକୁର ୟୁନିଭର୍ସିଟି ଟପ୍ପର ହୋଇଛନ୍ତି। ୧୯୫୦ରେ ଜନ୍ମିତ ଠାକୁର ଲେଖାପଢା ଓ ଶିଖିବାରେ କୌଣସି ବୟସ ନ ଥାଏ ବୋଲି ପ୍ରମାଣ କରିଛନ୍ତି। ରାଞ୍ଚି ୟୁନିଭର୍ସିଟିରୁ ଏବେ ସେ କେବଳ ମାଷ୍ଟର୍ସ ଡିଗ୍ରୀ ହାସଲ କରିନାହାନ୍ତି ବରଂ ୨୦୧୭-୧୯ ବ୍ୟାଚ୍‌ରେ ୟୁନିଭର୍ସିଟି ଟପ୍ପର୍ ହୋଇଛନ୍ତି। ପରୀକ୍ଷାରେ ସେ ୮୩ ପ୍ରତିଶତ ନମ୍ବର ରଖିଛନ୍ତି। ୩୦ ସେପ୍ଟେମ୍ବରରେ ହେବାକୁ ଥିବା ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିବେ। ବିହାରର ଖଗଡିଆରେ ରହୁଥିବା ଠାକୁର ୧୯୭୭ରେ ଘାଘରା ସରକାରୀ



ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇ ୨୦୧୦ରେ ସରକାରୀ ହାଇସ୍କୁଲରୁ ଅବସର ନେଇଛନ୍ତି।



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ, ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।

- ବକ୍

## ନନ୍ଦନକାନନରେ ହର୍ପିସ ହରର୍



ବୁଧବାର କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍ଏ)ଙ୍କ ଟିମ୍ ନନ୍ଦନକାନନରେ ହାତୀ ମୃତ୍ୟୁ ତଦନ୍ତ କରୁଛନ୍ତି।



ଡମ୍ପିଂୟାର୍ଡ ଯୋଗୁ ୪ହାତୀ ମୃତ୍ୟୁ ଅଭିଯୋଗ ଆଣି ନନ୍ଦନକାନନ ସମ୍ମୁଖରେ ପଶୁପକ୍ଷୀ ସୁରକ୍ଷା କମିଟିର ବିକ୍ଷୋଭ।

# ହାତୀ ମୃତ୍ୟୁ ତଦନ୍ତ କଲା କେନ୍ଦ୍ରୀୟ ଟିମ୍

ବାରଙ୍ଗ,୨୫।୯(ଡି.ଏନ.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ହର୍ପିସ ଭୂତାଣୁ ସଂକ୍ରମିତ ଦ୍ୱାରା ଗତ ଏକ ମାସରେ ୪ଟି ହାତୀଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍ଏ)ର ଏସ୍.ପି ଯାଦବ ଓ ଜାତୀୟ ହର୍ପିସ ପ୍ରୋଜେକ୍ଟର ମୁଖ୍ୟ ଆସାମର ଗୌରାଙ୍ଗ ମହୋତଙ୍କୁ ନେଇ ଗଠିତ ଦୁଇଜଣିଆ ଟିମ ବୁଧବାର ପ୍ରାଣୀ ଉଦ୍ୟାନକୁ ପରିଦର୍ଶନ କରି ଘଟଣାର ତଦନ୍ତ କରିଛନ୍ତି। ହର୍ପିସ ଭୁତାଣୁ ଦ୍ୱାରା ହାତୀଙ୍କର ମୃତ୍ୟୁ ହୋଇଥାଏ। ତେବେ ଚିଡ଼ିଆଖାନା ଇତିହାସରେ ଏହା ପ୍ରଥମ ଘଟଣା ବୋଲି କେନ୍ଦ୍ରୀୟ ଦଳ କହିଛନ୍ତି। ଏହି ହାତୀ ମୃତ୍ୟୁ ଘଟଣା ଆମକୁ ଏକ ଶିକ୍ଷା ଦେଇଛି ବୋଲି ସେମାନେ କହିଛନ୍ତି। ଏହି ଦଳ ଗୁରୁବାର ନନ୍ଦନକାନନ ଓ ଚନ୍ଦକା ଅଭୟାରଣ୍ୟ ଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ନନ୍ଦନକାନନରେ ହୋଇଥିବା ଅଲୋଚନାରେ ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ, ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଏସିଏଫ୍ ଅଞ୍ଜନ କୁମାର ମହାନ୍ତି, ଏସିଏଫ୍ ଅଶୋକ କୁମାର ଦାସଙ୍କ ସମେତ ନନ୍ଦନକାନନ ଡାକ୍ତରମାନେ ଉପସ୍ଥିତ ଥିଲେ।

- ଚିଡ଼ିଆଖାନା ଇତିହାସରେ ପ୍ରଥମ ବୋଲି କହିଲା ସିଜେଡ୍ଏ
- ପ୍ରତିବାଦରେ ଗେଟ୍ ବନ୍ଦ କଲା ପଶୁପକ୍ଷୀ ସୁରକ୍ଷା କମିଟି

ଅନ୍ୟପକ୍ଷେ ନନ୍ଦନକାନନ ପଶୁପକ୍ଷୀ ସୁରକ୍ଷା କମିଟି ପକ୍ଷରୁ ବୁଧବାର ନନ୍ଦନକାନନ ଗେଟକୁ ୧ଘଣ୍ଟା ପାଇଁ ବନ୍ଦ କରାଯାଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ତପନ କୁମାର ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। ନନ୍ଦନକାନନ ମୁଖ୍ୟ ଫାଟକକୁ ବନ୍ଦ କରାଯାଇଥିଲା। ଦାରୁଠେଙ୍ଗଠାରେ ହୋଇଥିବା ଡମ୍ପିଂୟାର୍ଡ ଯୋଗୁ ନନ୍ଦନକାନନରେ ୪ହାତୀ ସହିତ ପଶୁପକ୍ଷୀମାନେ ମରୁଥିବାର ଅଭିଯୋଗ ହୋଇଥିଲା। ନୂତନ ଜୀବଜନ୍ତୁ ଆସିବା, ପଶୁପକ୍ଷୀମାନଙ୍କର ସୁରକ୍ଷା ଆଦି ୮ଦଫା ଦାବି ନେଇ ସୁରକ୍ଷା କମିଟିର ସଦସ୍ୟମାନେ ଗେଟ ଆଗରେ ବିକ୍ଷୋଭ କରିଥିଲେ। ବୁକିଂ କାଉଣ୍ଟର ଓ ପ୍ରବେଶ ପଥ ଫାଟକକୁ ବନ୍ଦ କରିବାରୁ ଆସିଥିବା ଯାତ୍ରୀମାନେ ଟିକେଟ କରି ନ ପାରି ଅପେକ୍ଷା କରିଥିବାବେଳେ କେତକ ଯାତ୍ରୀ ଫେରିଯାଇଥିଲେ। ପରେ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ ସେମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ଏହାପରେ ଗେଟ ଖୋଲିଥିଲା।

### ଧଳାବାଘ ଶୁଭ୍ରାଂଶୁ ଅସୁସ୍ଥ, ବାରା ଶିଙ୍ଗା ଜନ୍ମ

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହର୍ପିସ ଭୂତାଣୁ ନେଇ କର୍ତ୍ତୃପକ୍ଷ ନାନା ଆଶଙ୍କାରେ ଥିବାବେଳେ ବୁଧବାର ଅନ୍ୟତମ ଆକର୍ଷଣୀୟ ଧଳାବାଘ ଶୁଭ୍ରାଂଶୁ ଅସୁସ୍ଥ ହୋଇପଡ଼ିଛି। କିଛିଦିନ ହେବ ଶୁଭ୍ରାଂଶୁ ଖାଦ୍ୟ ଆହର କମାଇବା ପରେ ହଠାତ୍ ଏଭଳି ଅସୁସ୍ଥ ହୋଇପଡ଼ିବା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢ଼ାଇଦେଇଛି। ଅସୁସ୍ଥ ପରେ ବାଘ ସଫାରିର ଫିଡିଂ ଚାମ୍ବରରେ ରଖାଯାଇ ତା'ର ଚିକିତ୍ସା ଚାଲିଛି। ତରଳ ଝାଡ଼ା ସହ ଲିଭରଜନିତ ସମସ୍ୟା ଥିବା ଜଣାପଡ଼ିଛି। ଚିକିତ୍ସା ପରେ ଖାଇବା ଠିକ ପରିମାଣର ଗ୍ରହଣ କରୁଥିବା ଡାକ୍ତରମାନେ କହିଛନ୍ତି। ଏହାସହ ତା'ର ରକ୍ତନମୁନା ଓୟୁଏଟିକୁ ପଠାଯାଇଛି ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଅନ୍ୟପକ୍ଷେ ୩୮ନଂ ଏନକ୍ଲୋଜରରେ ଥିବା ବାରାଶିଙ୍ଗା ସୋମବାର ପରେ ପୁଣି ବୁଧବାର ଗୋଟିଏ ଶାବକ ଜନ୍ମ ଦେଇଛି। ଫଳରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୧ରେ ପହଞ୍ଚିଛି।


- ଗୋଟିଏ ହାତୀ ଫେବୃୟାରୀ ମାସ ଅପେକ୍ଷା ମାର୍ଚ୍ଚ ମାସରେ କାହିଁକି ଅଧିକ ପାଣି ପିଏ ?
- ଏମିତି କ'ଣ ଜିନିଷ, ଯାହା ଖରାରେ ଶୁଖେନି ?

ଏଭଳି ପ୍ରଶ୍ନର ଉତ୍ତର ପାଇଁ ଦେଖନ୍ତୁ 'ଫନ୍ ୱିଥ୍ ପବ୍ଲିକ'ର ଏପିସୋଡ୍-୧୪
YouTube /dharitrilive





## ବୌଦ୍ଧ ବିଧାନସଭା ନିର୍ବାଚନ ମାମଲା
# ଅନ୍ୟ କୋର୍ଟରେ ଶୁଣାଣି ପାଇଁ ନିର୍ଦ୍ଦେଶ

କଟକ ଅଫିସ, ୨୫।୯

ବୌଦ୍ଧ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ପାଇଁ ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ମନା କରି ଦେଇଛନ୍ତି। ଫଳରେ ଏହି ମାମଲା ମୁଖ୍ୟ ବିଚାରପତିଙ୍କ ଅଦାଲତକୁ ଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଉକ୍ତ ମାମଲାର ଶୁଣାଣି ଅନ୍ୟ ଅଦାଲତରେ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ନିର୍ବାଚନ ଅନିୟମିତତା ନେଇ ଆବେଦନକାରୀ ସୁଶାନ୍ତ କୁମାର ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ବିଧାନସଭା ନିର୍ବାଚନରେ ବୌଦ୍ଧରୁ ଭାଜପା ପ୍ରାର୍ଥୀ ଭାବେ ପ୍ରଧାନ ଲଢ଼ି ପରାଜିତ ହୋଇଥିଲେ। ବିପକ୍ଷ ପ୍ରାର୍ଥୀ ବିଜେଡିର ପ୍ରଦୀପ କୁମାର ଅମାତ ଏହି ନିର୍ବାଚନରେ ବିଜୟୀ ହୋଇଥିଲେ। ନିର୍ବାଚନ ପରିଚାଳନାରେ ତ୍ରୁଟି ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ମାମଲା ରୁଜୁ କରି ବିଧାୟକ ପଦବୀ ରଦ୍ଦ ପାଇଁ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ୧୪ତମ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହର ବୁଧବାର ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ପଳାଶୁଣୀ ଦୁର୍ଗାପୂଜା ସମିତି
# ନବମୀରେ ଖେଚୁଡ଼ି, ଦଶମୀରେ ଦହିପଖାଳ



## ମା' ଆସୁଛନ୍ତି

ବାଲିଅନ୍ତା,୨୫।୯(ଡି.ଏନ.ଏ.)

ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଓହ୍ଲାଇବେ ମା' ଜଗତ୍‌ଜନନୀ। ଏଥିପାଇଁ ରାଜ୍ୟ ସାରା ଚଳଚଞ୍ଚଳ ହୋଇଉଠିଛି। ରାଜ୍ୟର କୋଣ ଅନୁକୋଣରେ ସାଜସଜ୍ଜା ପ୍ରସ୍ତୁତି ଖୁବ ଜୋରସୋରରେ ଚାଲିଛି। ରାଜଧାନୀରେ ବହୁ ଦୁର୍ଗାପୂଜା କମିଟି ପ୍ରତିବର୍ଷ ନୂଆ ଶୈଳୀରେ ତୋରଣ କରି ଲୋକଙ୍କୁ ଆକର୍ଷିତ କରିଥାନ୍ତି। ଏଭଳି ଭିନ୍ନ ଶୈଳରେ ପ୍ରସ୍ତୁତ କରୁଥିବା କମିଟି ମଧ୍ୟରୁ ପଳାଶୁଣୀ ଦୁର୍ଗାପୂଜା ସମିତି ଅନ୍ୟତମ। ରାଜଧାନୀର ପ୍ରବେଶ ପଥର ୧୬ନଂ ଜାତୀୟ ରାଜପଥ ପଳାଶୁଣୀ ଛକରେ ଦୀର୍ଘ ୩୪ବର୍ଷ ଧରି ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଝୁମର ୱାଲା ତୋରଣରେ ବିରାଜିତ ହେବେ ମା' ଦୁର୍ଗା। ତୋରଣରେ ଶଙ୍ଖ ଓ ଶାମୁକାକୁ ନେଇ ବେଶି ଗୁରୁତ୍ୱ ଦିଆଯାଉଥିବାରୁ ଏହାର ଶୋଭା ବଢ଼ାଇବ। ରୀତି ଅନୁଯାୟୀ ଷଷ୍ଠୀ ତିଥିରେ ଖଲ୍ଲିକୋଟର ମା' ନାରାୟଣୀଙ୍କ ପୀଠରୁ ଆଜ୍ଞାମାଳ ଆଣିବା ପରେ ଏଠାରେ ପୂଜା ଆରମ୍ଭ ହୋଇଥାଏ ବୋଲି ସମିତିର ସହସମ୍ପାଦକ ସିଲୁ ଲେଙ୍କା କହିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ନବମୀରେ ଖେଚୁଡ଼ି ଓ ଦଶମୀରେ ଦହି ପଖାଳ ଭକ୍ତମାନଙ୍କୁ ପ୍ରସାଦ ଆକାରରେ ଦିଆଯିବ। ପାରମ୍ପରିକ ରୀତି ଅନୁଯାୟୀ ଏଠାରେ ୫ଦିନ ଧରି ପୂଜା ଅନୁଷ୍ଠିତ ହୋଇଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମ ରୂପେ ସପ୍ତମୀରେ ଭଜନ ସମାରୋହ, ଅଷ୍ଟମୀ ଓ ନବମୀରେ ମେଲୋଡ଼ି ପରିବେଷିତ ହେବ। ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ଜାତୀୟ ରାଜପଥ ପାର୍ଶ୍ୱ। ଏଥିସହିତ ୬୦ଫୁଟର ଏଲ୍ଇଡି ଲାଇଟ୍ ପୂଜା ମଣ୍ଡପ ଚତୁଃପାର୍ଶ୍ୱରେ ରହିବ। ଚଳିତବର୍ଷ ପୂଜାର ବଜେଟ ୧୮ଲକ୍ଷ ଟଙ୍କା ରଖାଯାଇଛି। ଭସାଣିରେ ପାରମ୍ପରିକ ବାଦ୍ୟ ସହ ବାଣ, ଘୋଡ଼ା ଓ ଷଣ୍ଢ ନାଚ ସାମିଲ କରାଯାଇଛି।

### ଚଳିତବର୍ଷ ପଲିଥିନ ମୁକ୍ତ ପୂଜା



ବିଗତ ବର୍ଷ ତୁଳନାରେ ଚଳିତବର୍ଷକ ପୂଜାକୁ ଉନ୍ନତଧରଣର କରିବା ପାଇଁ କମିଟି ପକ୍ଷରୁ ଉଦ୍ୟମ ଜାରି ରହିଛି। ତୋରଣ, ଟେଷ୍ଟ, ଲାଇଟ ସବୁଥିରେ ପରିବର୍ତ୍ତନ ତଥା ନୂତନ ଛାପ ରହିଛି। ଏହାସହ ଏହି ବର୍ଷ ପୂଜାକୁ ପଲିଥିନ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମା'ଙ୍କ ପାଖକୁ ପଲିଥିନରେ ଭୋଗ ଆଣିବାକୁ ବାରଣ କରାଯାଇଛି।

-ପ୍ରଭାତ କୁମାର ପରିଡ଼ା, ସଭାପତି

### ଭକ୍ତଙ୍କ ଶୃଙ୍ଖଳାକୁ ବେଶି ଗୁରୁତ୍ୱ



ଶାନ୍ତିଶୃଙ୍ଖଳା ବଜାୟ ରଖିବା ଆମ ପୂଜାର ମୂଳଲକ୍ଷ୍ୟ ଅଟେ। ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ୪୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ପୂଜା ମଣ୍ଡପରେ ୧୦ଟି ସିସିଟିଭି କ୍ୟାମେରା ଲଗାଯିବ। ପୂର୍ବବର୍ଷ ଭଳି ଏଥର ମଧ ସୁଚାରୁ ରୂପେ ପୂଜା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

-ଅଶୋକ କୁମାର ସାହୁ, ସମ୍ପାଦକ

# ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୫।୯(ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସତ୍ୟନଗର ପ୍ଲଟ ନମ୍ବର ୬୭ରେ ରହୁଥିବା ସୌଦାଗର ପାଶୱାନ ଓରଫ ଶିବୁ। ସୂଚନା ମୁତାବକ, ନାବାଳିକା ଜଣକ ସ୍ଥାନୀୟ ଅଞ୍ଚଳରେ ପରିବାର ସହ ରହୁଛନ୍ତି। ମଙ୍ଗଳବାର ରାତିରେ ସେ ରହୁଥିବା କଲୋନୀ ବାଥ୍‌ରୁମରୁ ଫେରିବା ବେଳେ ଅଭିଯୁକ୍ତ ଶିବୁ ତାଙ୍କୁ ଟଣାଓଟରା କରିବା ସହ ଅସଦାଚାରଣ କରିଥିଲେ। ଏ ନେଇ ନାବଳିକାଙ୍କ ମା'ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୪୧/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଠକ ଅଧାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ରାଜ୍ୟରେ ବିଜେଡି ୫ମ ଥର ପାଇଁ ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଭଳି କଡ଼ା ଆଭିମୁଖ୍ୟ ପୋଷଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗରେ ସଂସ୍କାର ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ତେଣୁ ଯେଉଁ ସରକାରୀ ଅଧାପକ କଲେଜ ନ ଆସି ଠକୁଛନ୍ତି କିମ୍ବା ଶିକ୍ଷାଦାନରେ ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂଆ ନିୟମାବଳୀ ପ୍ରସ୍ତୁତ କରାଯାଉଛି। ସମସ୍ତ କଲେଜରେ ପରିଚାଳନା କମିଟି ରହିଛି। ଏଥିରେ ସ୍ଥାନୀୟ ବିଧାୟକ ଏବଂ କେତେଜଣ ଶିକ୍ଷାବିତ୍‌ଙ୍କ ସହିତ ଅନ୍ୟମାନେ ରହିଥାନ୍ତି। ମାତ୍ର ଏହି ପରିଚାଳନା କମିଟି ନାଁକୁ ମାତ୍ର ରହିଥିବା ବିଭାଗ ଚିନ୍ତା କରିଛି। ତେଣୁ ଏହି କମିଟିର ପରିଚାଳନା ଠିକ୍ ଭାବେ କରିବା ପାଇଁ ନୂଆ ନିୟମାବଳୀ ପ୍ରସ୍ତୁତ କରାଯାଉଛି। ଆଗକୁ କଲେଜଗୁଡ଼ିକରେ ଯଦି କୌଣସି ଅଧାପକଙ୍କ ବିରୋଧରେ କିଛି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆସେ ତେବେ ଉକ୍ତ କମିଟି ତା'ର ବିଚାର କରିବ। ମନଇଚ୍ଛା କଲେଜ ନ ଆସି ଦୀର୍ଘଦିନ ଛୁଟିରେ ରହୁଥିବା ଅଧାପକ ଏବଂ ଛାତ୍ରୀଛାତ୍ରମାନଙ୍କ ସମସ୍ୟା ସମ୍ପର୍କରେ ଏହି କମିଟି ବିଚାର କରିବ। ଅନ୍ୟପକ୍ଷରେ ନିକଟରେ ସରକାର ମୋ କଲେଜ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଛନ୍ତି। ଏହାର ଉପଦେଷ୍ଟା ଭାବେ ପୂର୍ବତନ ବିଧାୟକ ଆକାଶଦାସ ନାୟକଙ୍କୁ ଦାୟିତ୍ୱ ଦେଇଛନ୍ତି। ହେଲେ ମୋ କଲେଜ କାର୍ଯ୍ୟକ୍ରମ କ'ଣ ଏବଂ କିପରି ହେବ ସେନେଇ କିଛି ନିୟମ ପ୍ରସ୍ତୁତ କରାଯାଇନାହିଁ। ତେଣୁ ଏହି କାର୍ଯ୍ୟକ୍ରମ ପାଇଁ ନୂତନ ନିୟମାବଳୀ ପ୍ରସ୍ତୁତ କରାଯାଉଛି।

- କଲେଜ ପରିଚାଳନା କମିଟି ପାଇଁ ଆସିବ ନୂଆ ନିୟମାବଳୀ
- ମୋ କଲେଜ ପାଇଁ ମଧ ପ୍ରସ୍ତୁତି ଚାଲିଛି ନିୟମାବଳୀ

## ଫଟୋରେ ଖବର



ଷୋଳପୂଜା ଅବସରରେ ବୁଧବାର ପୁରୀ ବାଙ୍କୀମୁହାଣ ରାମଚଣ୍ଡୀଙ୍କ ଭୈରବୀ ବେଶ।



ଶ୍ରୀକ୍ଷେତ୍ରର ମା' ବାସେଳୀଙ୍କ ସିଂହବାହିନୀ ବେଶ।



ମା' ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ।



ଅକ୍ଟୋବର ୧ରୁ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କଡ଼ାକଡ଼ି ହେବ ବୋଲି ଭୁଲ୍ ସୂଚନା ମିଳିବା ପରେ ବୁଧବାର ଭୁବନେଶ୍ୱରର ଏକ ପରୀକ୍ଷଣ କେନ୍ଦ୍ରରେ ଲୋକଙ୍କ ଭିଡ଼।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୃଦ୍ଧ କରାଇପାରିବେ।
- ମଦନମୋହନ ମାଳବ୍ୟ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସିଏସ୍ଆଇଆର- ଆଇଏମ୍ଏମ୍‌ଟିର ପ୍ରତିଷ୍ଠା ଦିବସ, ଅନୁଷ୍ଠାନର ମିଟିଂ ହଲ ଓ ଅଡିଟୋରିୟମ, ପୂର୍ବାହ୍ନ ୯ଟା ୩୦ରୁ ରାତି ୮ଟା ୩୦।
- ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଉଦ୍‌ଘାଟନ, ମେ ଫେୟାର କନଭେନଶେନ, ପୂର୍ବାହ୍ନ ୧୧ଟା।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି ଛକ, ପୂର୍ବାହ୍ନ ୧୧ଟା ୩୦।
- ସ୍ନେହୀ ସମାଜର ସମ୍ବର୍ଦ୍ଧନା ଉତ୍ସବ, ଦୀନବନ୍ଧୁ ସ୍ନେହୀ ସଦନ, କଳ୍ପନା ଛକ, ଅପରାହ୍ନ ୪ଟା ୩୦।
- ଓଡ଼ିଶା ଖଣି ନିଗମର ୬୪ତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଗଣେଶ ପରିଜା ସ୍ମାରକୀ ବକ୍ତୃତା, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।
- ଅଭିନୟ ଜାଗୃତି ଇନଷ୍ଟିଚ୍ୟୁଟ ଅଫ ଥିଏଟର ପକ୍ଷରୁ 'ନାକଟା' ଚିତ୍ରକର, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

## ୨୭ରେ ବାୟୁମଣ୍ଡଳ ନ୍ୟାୟ ପାଇଁ ବିଶ୍ୱ ସତ୍ୟାଗ୍ରହ

ଭୁବନେଶ୍ୱର, ୨୫।୯(ବ୍ୟୁରୋ): ବିଶ୍ୱରେ ତାପ ବୃଦ୍ଧି ଯୋଗୁ ବାୟୁମଣ୍ଡଳ ପରିବର୍ତ୍ତନ ହେବା ସହ ପୃଥିବୀରେ ସାଂଘାତିକ ସ୍ଥିତି ଉପୁଜୁଛି। ବିକାଶର ଢାଞ୍ଚା ବାହାନାରେ ବର୍ତ୍ତମାନର ମଣିଷ ପ୍ରାକୃତିକ ସମ୍ପଦକୁ କ୍ଷତି ପହଞ୍ଚାଇ ଚାଲିଛି। ଏପରି ଏକ ସଙ୍କଟର ସାମନା କରିବାକୁ ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶରେ ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତର ସୁରକ୍ଷା ପାଇଁ ଡାକରା ଦେଲେଣି। ସ୍ୱିଡେନ ଦେଶର ହାଇସ୍କୁଲ ଛାତ୍ରୀ ଗ୍ରେଟା ଥନବର୍ଗ ପ୍ରଥମେ ଏହାକୁ ବିରୋଧ କରି ପ୍ରତ୍ୟେକ ଶୁକ୍ରବାର ସ୍ୱିଡେନ ସଂସଦ ସାମ୍ନାରେ ଧାରଣା ଦେଇଥିଲେ, ଯାହାକୁ ପରେ ସାରା ବିଶ୍ୱରେ ଆଦୃତ କରାଗଲା। ଫଳରେ ଏହି ବିଶ୍ୱ ସତ୍ୟାଗ୍ରହରେ ସାମିଲ ହେଇ ଗ୍ରେଟାଙ୍କୁ ସହଯୋଗର ହାତ ବଢ଼ାଇବା ଲାଗି ଲୋକଶକ୍ତି ଅଭିଯାନ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛି। ୨୭ରେ ସ୍ଥାନୀୟ ଗାନ୍ଧୀ ପାର୍କରେ ସକାଳ ୯ରୁ ୧୦ ଯାଏ ବାୟୁମଣ୍ଡଳ ନ୍ୟାୟ ପାଇଁ ବିଶ୍ୱ ସତ୍ୟାଗ୍ରହ କରାଯିବ। ଏଥିରେ ଯୋଗଦେବାକୁ ଅନୁରୋଧ କରାଯାଇଛି।

## ଆହତ ମହିଳାଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୫।୯: ଖୋର୍ଦ୍ଧାରେ ସଡକ ଦୁର୍ଘଟଣାରେ ଆହତ ହୋଇ ଏମ୍‌ସରେ ଚିକିତ୍ସାଧୀନ ଥିବା ଖୋର୍ଦ୍ଧା ସଦର ଥାନା କାଇପଦର ବିନୋଦିନୀ ପରିଡାଙ୍କର ମଙ୍ଗଳବାର ମୃତ୍ୟୁ ହୋଇଯାଇଛି। ବିନୋଦିନୀ ପୁତୁରା ସତ୍ୟବ୍ରତଙ୍କ ସହ ବାଇକ୍ ଯୋଗେ ଗତ ୨୩ରେ ଆସୁଥିବାବେଳେ ପୂର୍ବାହ୍ନ ସାଢ଼େ ୧୧ଟାରେ ଓଡି୦୨ ଏଏନ ୦୦୫୫ ନଂ. କାର ଧକ୍କା ଦେଇଥିଲା। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି।

## ଅଟୋ ଭିତରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୫।୯(ବ୍ୟୁରୋ): ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ ଅଟୋ ଭିତରୁ ଡ୍ରାଇଭରଙ୍କ ମୃତଦେହକୁ ସନ୍ଦେହଜନକ ଅବସ୍ଥାରେ ଜିଆରପି ଥାନା ପୋଲିସ ବୁଧବାର ଉଦ୍ଧାର କରିଛି। ମୃତ ଡ୍ରାଇଭର ହେଲେ ନୟାଗଡ ଜିଲା ଓଡଗାଁ ଥାନା ଅଞ୍ଚଳର କବି ନାୟକ। ସୂଚନା ମୁତାବକ, କବି ୨୦ ବର୍ଷ ହେବ ରାଜଧାନୀରେ ଅଟୋରିକ୍ସା ଚଳାଇବା ସହ ଷ୍ଟେଶନରେ ରାତି କାଟୁଥିଲେ। କିଛିଦିନ ତଳେ ସେ ଏକ ଅଟୋ କିଣି ଚଳାଇବା ସହ ଗୁଜରାଣ ମେଣ୍ଟାଉ ଥିଲେ। ରାତି ପ୍ରାୟ ସାଢେ ୭ଟାରେ ଷ୍ଟେଶନ ସମ୍ମୁଖ ଅଟୋ ଷ୍ଟାଣ୍ଡରେ ଗାଡ଼ି ପାର୍କିଂ କରି ପଛ ସିଟ୍‌ରେ ଶୋଇଥିବା ଲୋକେ ଦେଖିଥିଲେ। ହେଲେ ବହୁ ସମୟ ପର୍ଯ୍ୟନ୍ତ ସେ ନ ଉଠିବାରୁ ଅନ୍ୟ ଚାଳକମାନେ ତାଙ୍କୁ ଡାକିଥିଲେ। ମାତ୍ର ସେ ନ ଉଠିବାରୁ ଜିଆର୍‌ପି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ ତଦନ୍ତ କରୁଛି।

## ■ ପ୍ରକାଶ ପାଇଲା ସରକାରୀ ବିଜ୍ଞପ୍ତି

# ଅଧିଗ୍ରହଣ ହେବ ୧୫ ଏକର ଜମି

### ଆଜିଠୁ ପୁଣି ଆରମ୍ଭ ହେବ ସର୍ଭେ

ପୁରୀ ଅଫିସ, ୨୫।୯

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ସୁରକ୍ଷା ଜୋନରେ ପ୍ରଶାସନ ପକ୍ଷରୁ ସର୍ଭେ ଚାଲିଥିଲା। ହେଲେ ସରକାରୀ ବିଜ୍ଞପ୍ତି ପାଇ ନ ଥିବାବେଳେ କେଉଁ ଆଧାରରେ ସର୍ଭେ ଚାଲିଛି ବୋଲି ଲୋକେ ବିରୋଧ କରିଥିଲେ। ଫଳରେ ଏହାକୁ ନେଇ ସର୍ଭେ କାର୍ଯ୍ୟ ଅଧାରୁ ଅଟକି ଯାଇଥିଲା। ତେବେ ମଙ୍ଗଳବାର ସୁରକ୍ଷା ଜୋନରେ ଥିବା ଜମି ଅଧିଗ୍ରହଣ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଚିଠି ନଂ. ୨୮୮୯୭ ତା ୨୪।୯।୨୦୧୯ରେ ରାଜସ୍ୱ ବିଭାଗ ଏହାର ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍ଆଇଏ) ସର୍ବେକ୍ଷଣ ପାଇଁ ଅଧିସୂଚନା ପ୍ରକାଶ କରିଛି। ଫଳରେ ଗୁରୁବାରଠାରୁ ପୁଣି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ଏକ ମାସ ମଧ୍ୟରେ ଶେଷ ହେବ ବୋଲି ଜଣାପଡିଛି।

ବିଜ୍ଞପ୍ତି ମୁତାବକ, ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ୨୦୧୩ ଜମି ଅଧିଗ୍ରହଣ ଆଇନ ଧାରା ୪ ଅନୁଯାୟୀ ଏହି ସର୍ଭେକ୍ଷଣ କରାଯିବ। ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ, ପୁରୀର ନିର୍ବାହୀ ଯନ୍ତ୍ରୀ ପ୍ରକଳ୍ପ ବିକାଶକାରୀ ଭାବେ ବିଜ୍ଞପ୍ତିରେ ଦର୍ଶାଯାଇଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ନିରାପତ୍ତା ବଳୟ ଉନ୍ନତିକରଣ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ ରହିଛି। ଏଥିପାଇଁ ମୋଟ ୧୫.୧୯୧ ଏକର ଜମି ଅଧିଗ୍ରହଣ କରାଯିବ, ଯେଉଁଥିରେ ୧୨.୫୪୪୫ ଏକର ଘରୋଇ ଏବଂ ୨.୬୪୬୫ ଏକର ସରକାରୀ ଜମି ରହିଛି। ଏଥିମଧ୍ୟରେ ପୁରୀ ତହସିଲ ଅନ୍ତର୍ଗତ ୫ଟି ଗ୍ରାମ ବାସେଳିସାହି, ମର୍ଚ୍ଚିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡ଼ଙ୍ଗ ସାହିର ଜମି ଅଧିଗ୍ରହଣ କରାଯିବ। ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ପରେ ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା ଉପଲବ୍ଧ ହୋଇପାରିବ। ତେବେ ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ୩୦ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରଯାଇଛି। ୭୫ ମିଟର ମଧ୍ୟରେ ୩୦୦ ପ୍ଲଟ ରହିଛି। ଏଥିମଧ୍ୟରୁ ୨୩୦ ପ୍ଲଟ ବ୍ୟକ୍ତିଗତ ମାଲିକାନାରେ ରହିଛି। ଜମି ଅଧିଗ୍ରହଣ ସୂଚନା ଏବଂ ବିଭିନ୍ନ ସରକାରୀ ସୂଚନା ତଥା ଥଇଥାନ ସମ୍ପର୍କରେ ବିସ୍ଥାପିତଙ୍କୁ ସୂଚନା ଦେବା ଲାଗି ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ୍‌କୁ ଆସି କ୍ଷତିଗ୍ରସ୍ତ ଲୋକେ ସିଧାସଳଖ ପ୍ରଶାସନ ପାଖରେ ତାଙ୍କ ଆପତ୍ତି ଅଭିଯୋଗ ସହ ଜରୁରୀ ସୂଚନା ପାଇପାରିବେ। ଏଥିସହ ପ୍ରଶାସନିକ ଅଧିକାରୀ ମଧ୍ୟ ଘର ଘର ବୁଲି ଆଲୋଚନା କରିବେ। ଏହି ଦାୟିତ୍ୱରେ ୫ ଜଣ ଶିକ୍ଷାନବୀସ ଆଇଏଏସ୍ ଅଫିସର, ୫ ଜଣ ରାଜସ୍ୱ ଅଧିକାରୀ, ୫ ଓଏଏସ୍ ଓ ଅନ୍ୟ ୫ ଜଣ ଶିକ୍ଷାନବୀଶ ଓଏଏସ୍ ଅଫିସର ରହିଛନ୍ତି। ଏମାନଙ୍କ ସହ ପୂର୍ତ୍ତ ବିଭାଗର ପ୍ରାୟ ୧୦ ଜଣ ଅଫିସର ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସାମିଲ ହେବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି ମଙ୍ଗଳବାର ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୁରୁବାରଠାରୁ ପୁଣି ସର୍ଭେ କାର୍ଯ୍ୟ ଆରମ୍ଭ ହେବ।

## କବି ସମାଜର ଦ୍ରଷ୍ଟା



ଭୁବନେଶ୍ୱର, ୨୫।୯(ବ୍ୟୁରୋ)

କବିକୁ ଯୁଗେ ଯୁଗେ ସମାଜ ଦ୍ରଷ୍ଟା ଓ ସ୍ରଷ୍ଟାର ଆସନ ପ୍ରଦାନ କରିଆସିଛି। ଲାବଣ୍ୟବତୀ, ବିଦଗ୍ଧ ଚିନ୍ତାମଣି, ଶ୍ରୀ ଅରବିନ୍ଦଙ୍କ 'ଫ୍ୟୁଚର ପୋଏଟ୍ରି' ଓ ଓଡ଼ିଆ କବି ଜୟକୃଷ୍ଣ ମିଶ୍ରଙ୍କ ରଚନା, ଏହି କାବ୍ୟଗୁଡ଼ିକ ଜଣେ ସତ୍‌କବିର ଗୁଣ ଏବଂ କର୍ମ ବର୍ଣ୍ଣନା କରିଥାଏ। ନୂତନ ସୃଷ୍ଟି ପାଇଁ ଏହା ଅଦୃଶ୍ୟ ପ୍ରେରଣା ବୋଲି ବିଶିଷ୍ଟ ସାହିତ୍ୟିକା ତଥା ପ୍ରାବନ୍ଧିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର କହିଛନ୍ତି। ବୁଧବାର ସ୍ଥାନୀୟ ଅଭିଲେଖାଗାରର ସଭାଗୃହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଡ. ମିଶ୍ର 'କବିତ୍ୱ ଓ ସୃଜନଶୀଳତା' ପ୍ରସଙ୍ଗ ଉପରେ ବକ୍ତବ୍ୟ ଦେଇଥିଲେ। ଅନୁଭୂତି, ଅନ୍ତଃଦୃଷ୍ଟି, କଳ୍ପନା, ପୂର୍ବାଗ୍ରହ, କେନ୍ଦ୍ରବିନ୍ଦୁ ନିର୍ଣ୍ଣୟ, ଯୁଗଭେଦରେ ପରିବର୍ତ୍ତନର ଅଧ୍ୟୟନ, ଆତ୍ମାର ଆକୁଳତା ଓ ନୂତନତାର ସମ୍ଭାବନା ନିର୍ମାଣ ଇତ୍ୟାଦି କବିତ୍ୱର ଲକ୍ଷଣ। କବି ଓ କବିତା ଏକ ଜଗତ ତିଆରି କରି ରସଗ୍ରାହୀକୁ ଆତ୍ମିକ ଆନନ୍ଦ ପ୍ରଦାନ କରିଥାଏ। ସ୍ଥୂଳ ଓ ସୂକ୍ଷ୍ମକୁ ଯୋଡ଼ି ଉଚ୍ଚତର ଆତ୍ମିକ ସୋପାନକୁ ନେଇଯିବା କବିତ୍ୱର ବିଶେଷତ୍ୱ ହୋଇଥିବାରୁ ତାକୁ 'ବ୍ରହ୍ମାନନ୍ଦ ସହୋଦର' ବୋଲି କୁହାଯାଇଥାଏ। ମୌଳିକତା, ସଚଳତା, ବହୁମୁଖୀ ଚିନ୍ତା, ବିସ୍ତୃତି, ମୂଳଭୂତ ପ୍ରେରଣା, ମୂଲ୍ୟାୟନ, ପ୍ରତିଭା, ଅବଚେତନର ସାମୂହିକ ସ୍ମୃତି ଓ ପ୍ରରୋଚନା ଇତ୍ୟାଦି ସୃଜନଶୀଳତାର ଅଙ୍ଗ ବୋଲି ଡ. ମିଶ୍ର କହିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ। ବିଭାଗ ପକ୍ଷରୁ ପ୍ରଫେସର ଡ. ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଭୁବନେଶ୍ୱର ପଳାସପଲ୍ଲୀସ୍ଥିତ ଓଡ଼ିଶା ବଧିର ମହାସଂଘଠାରେ ବିଶ୍ୱ ଶ୍ରବଣବାଧିତ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।

## ଶ୍ରବଣବାଧିତଙ୍କ ଲାଗି ଅଧିକ ଶିକ୍ଷାନୁଷ୍ଠାନ ଖୋଲିବ: ମନ୍ତ୍ରୀ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଶ୍ରବଣ ବାଧିତଙ୍କ ପାଇଁ ରାଜ୍ୟରେ ଅଧିକ ଶିକ୍ଷାନୁଷ୍ଠାନ ଖୋଲିବାକୁ ପ୍ରତିଶ୍ରୁତି ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ୬୨ତମ ବିଶ୍ୱ ଶ୍ରବଣବାଧିତ ସପ୍ତାହ ପାଳନ ଅବସରରେ ବୁଧବାର ପଳାସପଲ୍ଲୀସ୍ଥିତ ଓଡ଼ିଶା ବଧିର ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ଶ୍ରବଣବାଧିତଙ୍କ ସାମାଜିକ ଉନ୍ନତି ଓ ମାନବିକ ଅଧିକାର ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଭିନ୍ନକ୍ଷମଙ୍କୁ ସମସ୍ତପ୍ରକାର ସୁରକ୍ଷା ଓ ସହାୟତା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜଟଣୀଠାରେ ହେବାକୁ ଥିବା ଭିନ୍ନକ୍ଷମ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରରେ ମଧ୍ୟ ଶ୍ରବଣବାଧିତଙ୍କ ପାଇଁ ଛାତ୍ରାବାସ ଓ ଶିକ୍ଷାନୁଷ୍ଠାନ ରହିବ ବୋଲି ମନ୍ତ୍ରୀ କହିଥିଲେ।

ଭିନ୍ନକ୍ଷମ କମିଶନର ଅଧ୍ୟକ୍ଷା ସୁଲୋଚନା ଦାସ ଏବଂ ବିଧାୟକ ଅନନ୍ତ ନାରାୟଣ ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ଭିନ୍ନକ୍ଷମଙ୍କ ସମସ୍ୟା ତଥା ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ପାତ୍ର ଭିନ୍ନକ୍ଷମଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ସ୍ଥାନରୁ ୮୦୦ରୁ ଅଧିକ ଶ୍ରବଣବାଧିତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ ସମିତିର ସଭାପତି ବିଜୟ କୁମାର ପରିଡ଼ା ଓ ସମ୍ପାଦକ ନାରାୟଣ ଯୋଶୀ ଉପସ୍ଥିତ ଥିଲେ।

## ୨୫ଲକ୍ଷ ମୋହରେ ୧୨ହଜାର ହରାଇଲେ ମହିଳା

ପୁରୀ ଅଫିସ, ୨୫।୯

ଚନ୍ଦନପୁର ଥାନା ଅଧୀନ ବୀରନରସିଂହପୁର ପଞ୍ଚାୟତ ଅଧୀନ ଥେଣ୍ଟପୁର ଗ୍ରାମର ସୂର୍ଯ୍ୟକାନ୍ତି ସାହୁ ଠକାମିର ଶିକାର ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ବୁଧବାର ଆଇଟି ଆକ୍ଟରେ ୧୪୫/୧୯ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଗତ ମଙ୍ଗଳବାର ସୂର୍ଯ୍ୟକାନ୍ତିଙ୍କୁ ଏକ ମୋବାଇଲ ନମ୍ବରରୁ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଜଣଙ୍କ ସୂର୍ଯ୍ୟକାନ୍ତିଙ୍କୁ ୨୫ଲକ୍ଷ ଟଙ୍କାର ଲଟେରି ଉଠିଥିବା କହିଥିଲେ। ତେବେ ଟଙ୍କା ପାଇବା ଲାଗି ପ୍ରଥମେ ୧୨ହଜାର ଟଙ୍କା ଡିପୋଜିଟ କରିବାକୁ ପଡିବ ବୋଲି କହିଥିଲେ। ୨୫ଲକ୍ଷ ଟଙ୍କ ମୋହରେ ସୂର୍ଯ୍ୟକାନ୍ତି ସେହି ବ୍ୟକ୍ତି ଦେଇଥିବା ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ଟଙ୍କା ଡିପୋଜିଟ କରିଥିଲେ। ତା' ପର ଦିନ ପୁଣି ୨୫ହଜାର ଟଙ୍କା ଡିପୋଜିଟ ଲାଗି ସେହି ନମ୍ବରରୁ ଏକ ମେସେଜ ଆସିବା ପରେ ସେ ଠକାମିର ଶିକାର ହୋଇଥିବା ସନ୍ଦେହ କରିଥିଲେ।

## ବାର୍‌ହା ଆକ୍ରମଣରେ ୫ ଆହତ

ଖୋର୍ଦ୍ଧା ଅଫିସ,୨୫।୯

ଖୋର୍ଦ୍ଧା ଜିଲା ବାଣପୁର ଥାନା ଝିଣ୍ଟିକାପଲ୍ଲୀ ଗାଁର ଏକ ନଡ଼ିଆ ବଗିଚାରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ବାର୍‌ହା ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ସୁରଥ ପ୍ରଧାନ(୪୮), ଅଜୟ ପରିଡା(୨୧), ଲକ୍ଷ୍ମଣ ନରେନ୍ଦ୍ରସିଂହ(୪୨) ଓ ଅଶୋକ ନରେନ୍ଦ୍ରସିଂହ(୪୩), ଶଙ୍କର୍ଷଣ ନରେନ୍ଦ୍ରସିଂହ(୪୦)। ସେମାନଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ୪ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଝିଣ୍ଟିକାପଲ୍ଲୀ ଗାଁଟି ଭାଲେରୀ ପାହାଡ ପାଦଦେଶରେ ଅବସ୍ଥିତ। ଗତ କିଛିମାସ ତଳେ କଣ୍ଟ ଜେନା ଭାଲୁ ଆକ୍ରମଣରେ ଆହତ ହୋଇଥିଲେ। ମଙ୍ଗଳବାର ରାତିରେ ଗାଁର ଏକ ନଡିଆ ବଗିଚାକୁ ଏକ ବାର୍‌ହା ପଲ ଆସିଥିଲା। ସେଥିରୁ ଗୋଟିଏ ବାର୍‌ହା ରହି ଯାଇଥିଲା। ବୁଧବାର ପୂର୍ବାହ୍ନରେ ସୁରଥ ନଡିଆ ବଗିଚାକୁ ଯାଇଥିଲେ। ସୁରଥଙ୍କୁ ଦେଖି ବାର୍‌ହା ଆକ୍ରମଣ କରିଥିଲା। ବାର୍‌ହା ଆକ୍ରମଣ କରିବାରୁ ସୁରଥ ଚିତ୍କାର କରିଥିଲେ। ଚାଷ ଜମିରୁ ଫେରୁଥିବା ଅଜୟ, ଲକ୍ଷ୍ମଣ ଓ ଅଶୋକ, ଶଙ୍କର୍ଷଣ ପ୍ରମୁଖ ଉଦ୍ଧାର କରିବାକୁ ଯାଇଥିଲେ। ସେମାନେ ବି ବାର୍‌ହା ଆକ୍ରମଣରେ ଆହତ ହୋଇଥିଲେ। ଏ ଘଟଣା ପ୍ରଚାରିତ ହେବା ପରେ ଗାଁଲୋକେ ଆହତମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ବାର୍‌ହା ଆକ୍ରମଣରେ ଆହତମାନଙ୍କୁ ମାଗଣା ଚିକିତ୍ସା କରିବାକୁ ଦାବି ହୋଇଛି।

### ୨୭ରୁ ଦୁଇଦିନିଆ ପୂର୍ବାଞ୍ଚଳ ଗ୍ୟାଷ୍ଟ୍ରୋକନ୍-୨୦୧୯

## ଯୋଗ ଦେବେ ୩ ଶହରୁ ଊର୍ଦ୍ଧ୍ୱ ଡାକ୍ତର

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ଓଡ଼ିଶା ଏକ ହବ୍‌ରେ ପରିଣତ ହୋଇଛି। ବର୍ତ୍ତମାନ ଉନ୍ନତ ଚିକିତ୍ସା କ୍ଷେତ୍ରରେ ଭାରତରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତଥାପି କେତେକ ଚିକିତ୍ସା କ୍ଷେତ୍ରରେ ଓଡ଼ିଶା ପଛରେ ରହିଛି। ରାଜ୍ୟବାସୀ ଯେପରି ଚିକିତ୍ସା କ୍ଷେତ୍ରରେ ରାଜ୍ୟ ବାହାର ହସ୍ପିଟାଲ ଉପରେ ନିର୍ଭର ନ କରିବେ, ସେଥିପାଇଁ ଓଡ଼ିଶାର ଡାକ୍ତରମାନେ ଉଦ୍ୟମ ଜାରି ରଖିଛନ୍ତି ବୋଲି ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିଷ୍ଟ ପ୍ରଫେସର ମନୋଜ କୁମାର ସାହୁ କହିଛନ୍ତି।

ଆସନ୍ତା ୨୭ ତାରିଖରୁ ଦୁଇଦିନିଆ ପୂର୍ବାଞ୍ଚଳ ଗ୍ୟାଷ୍ଟ୍ରୋକନ୍-୨୦୧୯ ସମ୍ମିଳନୀ ହେବ। ଏ ନେଇ ବୁଧବାର ଖବରଦାତା ସମ୍ମିଳନୀରେ ପ୍ରଫେସର ସାହୁ କହିଛନ୍ତି, ପୂର୍ବାଞ୍ଚଳ ଗ୍ୟାଷ୍ଟ୍ରୋକନ୍ ଜଏଣ୍ଟ ଅର୍ଗାନାଇଜିଂ କମିଟି ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଭାରତ ବର୍ଷର ୩ ଶହରୁ ଅଧିକ ଖ୍ୟାତନାମା ପ୍ରଫେସର ଓ ଡାକ୍ତର ଯୋଗଦେବେ। ବିଶେଷକରି ଭାରତ ବର୍ଷର ବଛା ବଛା ୨୫ ଜଣ ଖ୍ୟାତମାନା ପ୍ରଫେସର ଉପସ୍ଥିତ ରହି ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଏବଂ ହେପାଟୋଲୋଜି ରୋଗର ଉନ୍ନତ ଓ ଅତ୍ୟାଧୁନିକ ଚିକିତ୍ସା ଉପରେ ପରାମର୍ଶ ଦେବେ। ଉକ୍ତ ଦିନ ସନ୍ଧ୍ୟାରେ ସମ୍ମିଳନୀକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉଦ୍‌ଘାଟନ କରିବେ। ଏଥିରେ ବିହାର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଆସାମ ଆଦି ପୂର୍ବାଞ୍ଚଳ ରାଜ୍ୟଗୁଡିକର ଡାକ୍ତର ଅଂଶଗ୍ରହଣ କରିବେ ବୋଲି ସେ କହିଛନ୍ତି।

ଏହି ଅବସରରେ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିଷ୍ଟ ସୁଶାନ୍ତ କୁମାର ସେଠୀ କହିଛନ୍ତି, ଆୟୋଜିତ ହେବାକୁଥିବା ଉକ୍ତ ସମ୍ମିଳନୀରେ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଓ ହେପାଟୋଲୋଜି ସମ୍ବନ୍ଧୀୟ ସମସ୍ତ ରୋଗର ଚିକିତ୍ସା ଉପରେ ଆଲୋଚନା ହେବ। ଯେଉଁଥିରେ ଲିଭର ଡିଜିଜ୍, ପ୍ୟାନ୍‌କ୍ରିଆଜ୍, ଗଲ୍ ବ୍ଲାଡ୍‌ର, ଏସିଡ୍ ପେଟିକ୍ ଆଦି ଅନେକ ପେଟରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା ହେବ। ବିଶେଷକରି ବର୍ତ୍ତମାନ ରୋଗୀଙ୍କ ପାଖରେ ଦେଖା ଦେଉଥିବା ଅସୁବିଧା ଓ ସରଳ ଅତ୍ୟାଧୁନିକ ଚିକିତ୍ସା ଉପରେ ଡାକ୍ତରମାନେ ନିଜର ମତ ରହିବେ। ରୋଗୀଙ୍କୁ ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଉପରେ ଆଲୋଚନା ହେବ। ଏଥିରୁ ଯେଉଁ ନିର୍ଯ୍ୟାସ ବାହାରିବ ତାହାକୁ ରୋଗୀଙ୍କ କ୍ଷେତ୍ରରେ ପ୍ରୟୋଗ କରାଯିବ। ପରେ ଏ ନେଇ ଏକ ରିପୋର୍ଟ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ, ଯେଉଁଥିରେ ରୋଗୀ ଚିକିତ୍ସା କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି ହେବ। ରାଜ୍ୟବାସୀଙ୍କୁ ସ୍ୱଳ୍ପଖର୍ଚ୍ଚରେ ଉତ୍ତମ ସେବା ଯୋଗାଇବା ହିଁ ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

### ରାଜଧାନୀରେ ଯୋଜନାବଦ୍ଧ ଜବରଦଖଲ

# ଗଳାବାଟ ଦେଖାଉଛନ୍ତି ଅଧିକାରୀ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

- ■ ଲୋକଦେଖାଣିଆ ଚାଲିଛି ଉଚ୍ଛେଦ, ଫଳ ଶୂନ
- ■ ଚିଠି, ରିପୋର୍ଟ, ସର୍ଭେ ନାଁରେ ଗଡୁଛି ସମୟ

ଦିନ ଆସିବ ଭୁବନେଶ୍ୱରର ସରକାରୀ ଜମି ଆଉ ସରକାରଙ୍କ ହାତରେ ନ ଥିବ। ସରକାରଙ୍କ ନାଁରେ ରେକର୍ଡ ଥିବ, ହେଲେ ଉପଭୋଗ କରୁଥିବେ ଜମି ମାଫିଆ ଓ ପ୍ରଭାବଶାଳୀ ବ୍ୟକ୍ତି। ସହରରେ ବଢ଼ି ଚାଲିଥିବା ଜବରଦଖଲ ଓ ଲୋକଦେଖାଣିଆ ଉଚ୍ଛେଦରୁ ଏଭଳି ଏକ ଆଶଙ୍କା ସହରବାସୀଙ୍କ ମନରେ ସୃଷ୍ଟି ହୋଇଛି। କାରଣ ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଜବରଦଖଲ ଉଚ୍ଛେଦ କରୁଛି। ହେଲେ ଉଚ୍ଛେଦର କେଇଘଣ୍ଟା ନ ଯାଉଣୁ ଉକ୍ତ ସ୍ଥାନକୁ ସର୍ବସମ୍ମୁଖରେ ପୁନଃ ଦଖଲ କରାଯାଇ ବସତି ଓ ବ୍ୟବସାୟ କରାଯାଉଛି। ପୁଣି ଅଭିଯୋଗ ବା ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏନ୍‌ଫୋର୍ସମେଣ୍ଟ ଟିମ୍ ଦେଖୁଥିଲେ ମଧ୍ୟ ହାତ ମାରୁନି। ଏପଟେ ବର୍ଷବର୍ଷ ଧରି ଏଭଳି ଭେଳିକି ଭିତରେ ଜବରଦଖଲକାରୀମାନେ ଆଇନର ଗଳାବାଟ ଦେଇ ତାହାକୁ ନିଜ ନାମରେ ହେଉ ଅବା ସ୍ଥାୟୀ ଭାବେ ଅକ୍ତିଆର କରି ରଖୁଛନ୍ତି। ତେବେ ସବୁଠାରୁ ସମ୍ବେଦନଶୀଳ ଘଟଣା ହେଲା, ଜବରଦଖଲକାରୀଙ୍କୁ ଖୋଦ୍ ବିଭାଗୀୟ ଅଧିକାରୀମାନେ ହିଁ ଗଳାବାଟ ଦେଖାଉଥିବା ଜଣାପଡିଛି। କ'ଣ କଲେ ଆମେ ହାତମାରିପାରିବୁନି ତାହାକୁ ମଧ୍ୟ ଶିଖାଉଛନ୍ତି। ଉଚ୍ଛେଦ ପୂର୍ବରୁ ଏସବୁ ପାଇଁ ଡିଲ୍ ମଧ୍ୟ ହେଉଛି। ଟିମ୍ ପହଞ୍ଚିବା ପୂର୍ବରୁ ଜବରଦଖଲକାରୀମାନେ କୋର୍ଟ ଦସ୍ତାବିଜ ଦେଖାଇ ତଡ଼ି ଦେଉଛନ୍ତି। ବହୁ ସ୍ଥାନରେ ଉଚ୍ଛେଦ ଟିମ୍‌କୁ ଘେରାଉ କରୁଛନ୍ତି। ଏଭଳି ଘଟଣାର ଅନେକ ନଜିର ରହିଛି। ଏବେ ପରିସ୍ଥିତି ଏପରି ହୋଇଛି ସହରରେ ଚାଲିଥିବା ଉଚ୍ଛେଦକୁ ଜବରଦଖଲକାରୀମାନେ ଆଉ ଖାତିର କରୁନାହାନ୍ତି। ଅନ୍ୟପକ୍ଷରେ ସେଭଳି ଆଇନ ଅଭିଜ୍ଞତା ଅଧିକାରୀଙ୍କର ନ ଥିବାରୁ ସେମାନେ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ବିଭାଗୀୟ ଆଇନ ସେଲ୍ ସତେ ଯେପରି ନିଷ୍କ୍ରିୟ ହୋଇଯାଇଛି। ଆଗାମୀ ଦିନରେ ଜବରଦଖଲ ହିଁ ସହରର ସୌନ୍ଦର୍ଯ୍ୟକରଣ ହେଉ ବିକାଶଧାରାର ବଡ଼ ବାଧକ ସାଜିବ ବୋଲି ବାରି ହୋଇପଡୁଛି।

### ନାଁ ବଦଳାଇ ପୁଣି ଜବରଦଖଲ

## ରଙ୍ଗିଲା ହଟିଲା, ତାରିଣୀ ଲାଗିଲା




ଉଚ୍ଛେଦ ପରେ ମା' ତାରିଣୀ ଢାବା ନାମରେ ପୁଣି ଖୋଲାଯାଇଛି ରଙ୍ଗିଲା।

ପ୍ରବଳ ଉତ୍ତେଜନା ଓ ଆନ୍ଦୋଳନ ପରେ ଉଚ୍ଛେଦ ହୋଇଥିଲା ମାଷ୍ଟରକ୍ୟାଣ୍ଟିନ ବସ୍ ଟର୍ମିନାଲ ନିକଟରେ ଜବରଦଖଲରେ ଥିବା ରଙ୍ଗିଲା ଢାବା। ମୁଖ୍ୟ ଶାସନ ସଚିବଙ୍କ ଚିଠି ଓ ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶ ଆଧାରରେ ବିଏମ୍‌ସି ପ୍ରଥମେ ଉକ୍ତ ଢାବାକୁ ଥଇଥାନ କରିଥିଲା। ଏହାପରେ ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଜୁଲାଇ ୧୫ରେ ସରକାରୀ ଜମି ପ୍ଲଟ୍ ନଂ. ୯୫୫ ଓ ୧୪୮୯ରେ ଥିବା ରଙ୍ଗିଲା ଢାବା ସହ ଏକ ସାଇକେଲ ଷ୍ଟାଣ୍ଡକୁ ସେଠାରୁ ହଟାଇଥିଲା। ମାତ୍ର ମାସକ ନ ପୂରୁଣୁ ଉକ୍ତ ସରକାରୀ ପ୍ଲଟ୍‌ରେ ପୁଣି ଜବରଦଖଲ ଗଢ଼ି ଉଠିଥିଲା। ରଙ୍ଗିଲା ବଦଳରେ ତାରିଣୀ ହୋଟେଲର ବୋର୍ଡ ଲଗାଯାଇ ବେପାର ଆରମ୍ଭ ହୋଇଛି। ଅଧରାତି ଯାଏ ଉକ୍ତ ଢ଼ାବା ଖୋଲା ରହି ଅସାମାଜିକଙ୍କ ଆଡ୍ଡା ଜମୁଥିଲେ ମଧ୍ୟ ପୋଲିସ ଓ ପ୍ରଶାସନ କେହିହେଲେ ମୁହଁ ଖୋଲୁନାହାନ୍ତି।

ସୂଚନାଯୋଗ୍ୟ, ଢ଼ାବା ଯୋଗୁ ମୋ ବସ୍ ଚଳାଚଳ ପ୍ରଭାବିତ ହେଉଥିବାରୁ କ୍ରୁଟ କର୍ତ୍ତୃପକ୍ଷ ଏନେଇ ବିଡିଏକୁ ଅବଗତ କରାଇଥିଲେ। ଏଥିସହ ବସ୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର ସହ ଧମକଚମକ ଦେଉଥିବା ଜଣାଇଥିଲେ। ଏପିରକି ଏହାର ପ୍ରତିବାଦରେ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ ବନ୍ଦ କରି ବସ୍ ଟର୍ମିନାଲରେ ଧାରଣା ଦେଇଥିଲେ। ଏହାପରେ ଉକ୍ତ ଢାବାକୁ ଉଚ୍ଛେଦ କରାଯାଇଥିଲା। ଏବେ ସେଠାରେ ପୁଣି ଜବରଦଖଲ ହୋଇଛି। ଏ ସଂକ୍ରାନ୍ତରେ ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି, ରଙ୍ଗିଲା ସେଠାରେ ପୁଣିଥରେ ଢାବା ଆରମ୍ଭ କରିବା ନେଇ ମୋ'ବସ୍ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ହେଲେ ଢାବା ମାଲିକ ହାଇକୋର୍ଟ କାଗଜପତ୍ର ଦେଖାଉଛନ୍ତି। ତାହାକୁ ଆମେ ବିଏମ୍‌ସିକୁ ହସ୍ତାନ୍ତର କରିଛୁ, କର୍ତ୍ତୃପକ୍ଷ ଯାହା କରିବେ। କିନ୍ତୁ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଅବନୀକାନ୍ତ ପଟ୍ଟନାୟକ ଜାଣି ନ ଥିବା କହି ଜୋନାଲ ଡେପୁଟି କମିଶନର ରୂପକ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ପଟ୍ଟନାୟକ କୁହନ୍ତି, ବିଡିଏ କର୍ତ୍ତୃପକ୍ଷ ଏନେଇ ଜଣାଇଛନ୍ତି। କିନ୍ତୁ ଉକ୍ତ ଘଟଣାର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ମାମଲାଟି ବିଏମ୍‌ସିର ଆଇନ୍ ବିଭାଗ ନିକଟରେ ପଡ଼ିରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଆଇନ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଆଶୋକ ମହାନ୍ତି ଉକ୍ତ କାଗଜପତ୍ର ସଂକ୍ରାନ୍ତରେ କିଛି ଜାଣି ନ ଥିବା କହିଛନ୍ତି। ତେବେ ଅଧିକାରୀଙ୍କ ମଧ୍ୟରେ ତାଳମେଳ ନ ରହିବା ଓ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରାଯାଉଥିବାରୁ ନାନା ପ୍ରଶ୍ନକରିଛନ୍ତି ସାମାଜିକ କର୍ମୀ ନାରାୟଣଚନ୍ଦ୍ର ଓଝା। ସେ କୁହନ୍ତି, ସହରରେ ବହୁ ସ୍ଥାନରେ ଉଚ୍ଛେଦ ପରେ ଜମିମାଫିଆମାନେ ଅଧିକାରୀଙ୍କ ଜାଣତରେ ହିଁ ପୁଣି ଜବରଦଖଲ କରୁଛନ୍ତି। ଏହାର ଠିକ୍ ତଦନ୍ତ ଆବଶ୍ୟକ। ହେଲେ ବିଭାଗୀୟ ଅଧିକାରୀମାନେ ନିରପେକ୍ଷତା ଭୁଲିଗଲେଣି ବୋଲି ସେ କହିଛନ୍ତି।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ବନରକ୍ଷୀଙ୍କୁ ମାଡ଼ ଅଭିଯୋଗ

**ବାଲିପାଟଣା,୨୫।୯(ଡି.ଏନ.ଏ):** ବାଲିପାଟଣା ବନଖଣ୍ଡର ଭଅଁରା ବିଟ ହାଉସର ବନରକ୍ଷୀ ଓ ଜଣେ ଶ୍ରମିକଙ୍କୁ ୩ଜଣ ଯୁବକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଭଅଁରାଗଡ଼ର ୩ଜଣ ଯୁବକ ଭଅଁରା ଜଙ୍ଗଲରେ ପ୍ରବେଶ କରି ବିଟ୍ ହାଉସକୁ ଯାଇଥିଲେ। ସେଠାରେ ଜଣେ କାର୍ଯ୍ୟରତ ଶ୍ରମିକ କାହିଁକି ବିଟ ହାଉସକୁ ଆସିଛ ପଚାରିବାରୁ ଉକ୍ତ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ। ବନରକ୍ଷୀ ବ୍ରଜରଞ୍ଜନ ଡାକୁଆ ପ୍ରତିରୋଧ କରିବାରୁ ସେମାନେ ତାଙ୍କୁ ମଧ ମାଡ଼ ମାରିଥିଲେ। ଏ ନେଇ ବନରକ୍ଷୀ ଡାକୁଆ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ।

### ବ୍ଲକସ୍ତରୀୟ ପ୍ରତିଯୋଗିତା

**ବାଲିପାଟଣା,୨୫।୯(ଡି.ଏନ.ଏ):** ବାଲିପାଟଣାସ୍ଥିତ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟରେ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ସରକାରୀ ବିଦ୍ୟାଳୟର ୨୩୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଲିପାଟଣା ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ବ୍ରତୀ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବିଆରସିସି ନଳିନୀକାନ୍ତ ମହାନ୍ତି, ଶିଶୁ ଅନନ୍ତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧାପକ ଡ. ଭବାନୀ ଶଙ୍କର ଦାଶ, ଦିଲୀପ ଓଝା, ରଶ୍ମିରଞ୍ଜନ ପଣ୍ଡା, ଛବିନାଥ ସାଥୁଆ, କାହ୍ନୁ ଚରଣ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଝୁନାରାଣୀ ସାହୁ ଓ ନିରଞ୍ଜନ କୁଣ୍ଡୁ ସହଯୋଗ କରିଥିଲେ।

### ସ୍ପର୍ଶ ହସ୍ପିଟାଲ ପକ୍ଷରୁ ଅନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ

**ଭୁବନେଶ୍ୱର,୨୫-୯:** ସ୍ପର୍ଶ ହସ୍ପିଟାଲ ପକ୍ଷରୁ ଅନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ ପାଳନ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ ଏବଂ ଉନ୍ନତି ଆଣିବା ଦିଗରେ ସାରା ବିଶ୍ୱରେ ସେପ୍ଟେମ୍ବର ୫କୁ ଫାର୍ମାସିଷ୍ଟ ଦିବସ ଭାବେ ପାଳନ କରାଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାର୍ମାଶିଷ୍ଟର ଭୂମିକା ଏବଂ ଔଷଧ ବିଶେଷଜ୍ଞଙ୍କ ମହତ୍ୱ ସମ୍ପର୍କରେ ସଚେତନ କରାଇବା ଲାଗି ହସ୍ପିଟାଲ ପକ୍ଷରୁ ପ୍ରୟାସ ହୋଇଛି। ହସ୍ପିଟାଲର କର୍ମଚାରୀ ଏବଂ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

### ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ପାଳିତ

**ବାଲିପାଟଣା,୨୫।୯(ଡି.ଏନ.ଏ):** ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ସେବା ଯୋଜନାର ଜୟନ୍ତୀ ବର୍ଷ ପାଳିତ ହୋଇଯାଇଛି। ଜାତୀୟ ସେବା ଓ ଯୋଜନା ଅଧିକାରୀ ସହଦେବ ମଲ୍ଲିକଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସେବା ହିଁ ପରମ ଧର୍ମ। ନିଃସ୍ୱାର୍ଥପର ସେବା ଦ୍ୱାରା ସମାଜର ମଙ୍ଗଳ ହେବ। ଅଧାପିକା ଲିଜିନା ସାହୁ ଓ ସମାପିକା ଷଡ଼ଙ୍ଗୀ ସଭା ପରିଚାଳନା କରିଥିଲେ। କଲେଜରୁ ଏକ ସଚେତନତା ଶୋଭାଯାତ୍ରା ବହାରି ବାଲିପାଟଣା ଛକଠାରେ ପହଞ୍ଚିଥିଲା।

# ଲଗାଣ ବର୍ଷାରେ ବୁଡ଼ିଲା ରାଜଧାନୀ ରାସ୍ତା

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**



ବୁଧବାର ଲଗାଣ ବର୍ଷାରେ ରସୁଲଗଡ-ବମିଖାଲ ରାସ୍ତା ଜଳମଗ୍ନ।

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦୁଇଦିନ ହେବ ଲଗାଣ ବର୍ଷା ଜାରି ରହିଛି। ତେବେ ଭୁବନେଶ୍ୱରରେ ତୁହାକୁ ତୁହା ପ୍ରବଳ ବର୍ଷା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାଗୁଡ଼ିକରେ ବର୍ଷା ଓ ଡ୍ରେନ୍ ପାଣି ମାଡ଼ି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ପରିସ୍ଥିତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡ୍ରେନେଜ ବ୍ୟବସ୍ଥା ଓ ସ୍ମାର୍ଟସିଟିର ବାସ୍ତବାକୁ ପଦାରେ ପକାଇ ଦେଇଛି। ବର୍ଷା ପାଣି ନିଷ୍କାସିତ ହୋଇ ନ ପାରିବାରୁ ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଡ୍ରେନ ସମ୍ପ୍ରସାରଣ ଓ ଭଲ ଭାବେ ସଫେଇ ନ ହେବା କାରଣରୁ ଲୋକେ ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତି ଓ ବୁଧବାର ସକାଳେ ହୋଇଥିବା ଲଗାଣ ବର୍ଷାରେବିଶେଷକରି ନୟାପଲ୍ଲୀ ବେହେରାସାହି, କଟକ ରୋଡ, ମାଉସୀମା ଛକ, ୟୁନିଟ ୮ ଅଞ୍ଚଳ, ବମିଖାଲ, ଚିନ୍ତାମଣିଶ୍ୱର, ଜିଜିପି କଲୋନୀ ଆଦି ବିଭିନ୍ନ ଅଞ୍ଚଳରେ ସ୍ଥିତି ଅଧିକ ଜଟିଳ ରହିଛି। ହଠାତ୍ ଜୋର୍‌ରେ ବର୍ଷା ହେଲେ ରାସ୍ତାରେ ବହୁ ସମୟ ଧରି ପାଣି ଜମି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି।

# ନଭେମ୍ବର ୭ରେ ବାରଙ୍ଗ ଆସିବେ ଶଙ୍କରାଚାର୍ଯ୍ୟ

**ବାରଙ୍ଗ,୨୫।୯(ଡି.ଏନ.ଏ.)**

ପୁରୀ ଗୋବର୍ଦ୍ଧନ ପୀଠାଧିଶ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଆସନ୍ତା ନଭେମ୍ବର ୭ରେ ବାରଙ୍ଗ ଆସିବେ। ଏଠାରେ ଶଙ୍କରାଚାର୍ଯ୍ୟଙ୍କ ଦୁଇଦିନିଆ ଗସ୍ତର କାର୍ଯ୍ୟକ୍ରମ ରହିଥିବା ବୁଧବାର କନକଦୁର୍ଗା ମନ୍ଦିର ପରିସରରେ ଆୟୋଜିତ ବୈଠକରେ ଚାରଣଗୋଷ୍ଠିପୁରୀର ବାରଙ୍ଗ ଶାଖା ପକ୍ଷରୁ କୁହାଯାଇଛି। ଏ ନେଇ ଚାରଣଗୋଷ୍ଠିର ଆହ୍ୱାନକ୍ରମେ କଟକ ଆଦିତ୍ୟବାହିନୀ, ବାରଙ୍ଗ ୪୮ସଙ୍କୀର୍ତ୍ତନ ମଣ୍ଡଳ, ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି, ବାରଙ୍ଗ ବରିଷ୍ଠ ନାଗରିକ ସଂଘର ସହଯୋଗରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ସହ ଶଙ୍କରାଚାର୍ଯ୍ୟଙ୍କ ଆଗମନ ଓ ଆଶୀର୍ବଚନ ମୁଖ୍ୟ ଆୟୁଧ ସାଜିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରତାପ ଚନ୍ଦ୍ରପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ ଫକୀରଚରଣ ନାୟକ, ଚିତ୍ତରଞ୍ଜନ ବେହେରା, ପ୍ରକାଶ ଚନ୍ଦ୍ରପାଣି ପ୍ରମୁଖ ଆଲୋଚନାରେ ଭାଗନେଇ ଜଗତଗୁରୁଙ୍କ ଭବ୍ୟ ସମ୍ବର୍ଦ୍ଧନା ପ୍ରତିଜାଗାରେ କରାଯିବାକୁ ସ୍ଥିର ହୋଇଥିଲା। ଶାଖାର ଏଭଳି ନିଷ୍ପତ୍ତିକୁ ପ୍ରଂଶସା କରିବା ସହ ପୂର୍ଣ୍ଣ ସହମତି ଦେବାକୁ ଉପସ୍ଥିତ କମିଟି ସଭ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଗ୍ରାମମୁରବୀ, ଲୋକପ୍ରତିନିଧି, ଶିକ୍ଷାବିତ୍‌ମାନଙ୍କ ସହ ବାରଙ୍ଗ ଅଞ୍ଚଳର ବହୁ ଗ୍ରାମର ଲୋକେ ଯୋଗ ଦେଇଥିଲେ।

# କୃଷକଙ୍କ ଆୟ ବୃଦ୍ଧିରେ ଫସଲ ବିବିଧୀକରଣର ଆବଶ୍ୟକ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**




ନାବାର୍ଡ ପକ୍ଷରୁ ବୁଧବାର କୃଷକ ଉତ୍ପାଦକ ସଙ୍ଗଠନର ରାଜ୍ୟସ୍ତରୀୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠନର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। କୃଷକଙ୍କ ଆୟ ବୃଦ୍ଧିରେ ଫସଲ ବିବିଧୀକରଣର ଆବଶ୍ୟକତା ରହିଛି ବୋଲି ଗର୍ଗ କହିଛନ୍ତି। କୃଷି କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷି ସାମଗ୍ରୀ, ବୈଷୟିକ ଜ୍ଞାନ ଓ ବଜାର ସହଜରେ ଉପଲବ୍ଧ କରାଇବା ଦିଗରେ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ଉତ୍ପାଦିତ କୃଷିଦ୍ରବ୍ୟର ବିଭିନ୍ନ ବଜାର ଦର ବିଷୟରେ ଅବଗତ ହେବା ଦ୍ୱାରା କୃଷକମାନେ ଅଧିକ ମୂଲ୍ୟରେ ବିକ୍ରି କରିବାର ସୁବିଧା ପାଇପାରୁଛନ୍ତି ବୋଲି ଗର୍ଗ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା, ଇନ୍‌ପୁଟ୍ ସବ୍‌ସିଡି, କୃଷି ଯାନ୍ତ୍ରିକୀକରଣ, ଫସଲ ସଂଗ୍ରହ ଆଦି ସୁବିଧାର କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ସଦୁପଯୋଗ କରିବା ଦିଗରେ ଗର୍ଗ ପରାମର୍ଶ ଦେଇଥିଲେ। ବୈଠକରେ ନାବାର୍ଡର ଚିଫ୍ ଜେନେରାଲ୍ ମ୍ୟାନେଜର ଏ. ଚନ୍ଦ୍ରଶେଖର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ରୋଜଗାର ବୃଦ୍ଧି ଦିଗରେ କୃଷକ ଉତ୍ପାଦକ ସଙ୍ଗଠନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ପ୍ରତି ରାଜ୍ୟରେ ନାବାର୍ଡ ସହାୟତାରେ ୧୦୦ରୁ ଊର୍ଦ୍ଧ୍ୱ କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ବୈଠକରେ ନବକିଷାନ ଫାଇନାନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭେଙ୍କଟ୍ କ୍ରିଷ୍ଣା, ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଭୁବନେଶ୍ୱର ଓ ବିଭିନ୍ନ ଜିଲାର କୃଷକ ଉତ୍ପାଦନ ସଙ୍ଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ।

# ରେଳ ଷ୍ଟେଶନରେ ଶିଶୁ ସଚେତନତା ଉଦ୍‌ଯାପିତ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ରେଲୱେ ଚାଇଲ୍ଡ ଲାଇନ ଓ 'ହମାରା ବଚ୍‌ପନ ଟ୍ରଷ୍ଟ'ର ମିଳିତ ଆନୁକୂଲ୍ୟରେ ୫ଦିନ ଧରି ଚାଲିଥିବା ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଶେଷ କରି ନିଖୋଜ ଶିଶୁଙ୍କ ଉପରେ ଯାତ୍ରୀଙ୍କୁ ସଚେତନ ଓ ହେଲ୍ପଲାଇନ ୧୦୯୮ ବିଷୟରେ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ଦୁଇ ହଜାର ଯାତ୍ରୀ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଟ୍ରଷ୍ଟର ନିର୍ଦ୍ଦେଶକ ସୁଧୀର କୁମାର ଦିଗଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିବାବେଳେ ଚାଇଲ୍ଡ ଲାଇନ ସଂଯୋଜକ ନେପାଳ ଘଡ଼େଇ ଓ ଚିଲଡ୍ରେନ ଇଣ୍ଡିଆର ଶିଶୁମଙ୍ଗଳ ଅଧିକାରୀ ଅବିନାଶ ସୁତାର ପରିଚାଳନା କରିଥିଲେ। ଏଥିରେ ରେଲୱେ ଚାଇଲ୍ଡ ଲାଇନ କର୍ମକର୍ତ୍ତା ସାହାଯ୍ୟ କରିଥିଲେ ବୋଲି କୁହାଯାଇଛି।

# ସୁବାସ, ରଜନୀକାନ୍ତଙ୍କୁ ମୂର୍ଚ୍ଛନା ସମ୍ମାନ




ଉତ୍ସବରେ ଯୋଗଦେଇଥିବା ବିଧାୟକ ଶଶିଭୂଷଣ ବେହେରା ଓ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

ବିଶିଷ୍ଟ ସଙ୍ଗୀତକାର ଅକ୍ଷୟ ମହାନ୍ତିଙ୍କ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ 'ମୂର୍ଚ୍ଛନା' ର ୧୬ତମ ବାର୍ଷିକ ଉତ୍ସବ ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଓ ମୁଖ୍ୟବକ୍ତା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସୁବାସ ରାମଙ୍କୁ 'ମୂର୍ଚ୍ଛନା ସଙ୍ଗୀତକାର ସମ୍ମାନ' ଓ ରଜନୀକାନ୍ତ ନାୟକଙ୍କୁ 'ମୂର୍ଚ୍ଛନା ଗୀତିକାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ହୋଇଥିବା ଡ୍ରାମା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ବୈଷ୍ଣବ ପ୍ରସାଦ ମହାନ୍ତି ଉଦ୍‌ବୋଧନ ଦେଇଥିବା ବେଳେ ସମ୍ପାଦକ ଅଜୟ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସ, ଶୁଭାଶିଷ ମହାକୁଡ, ଜୟଶ୍ରୀ ସାହୁ, ଅଜୟ ମହାନ୍ତି, ଚିତ୍ରଭାନୁ ମହାନ୍ତି, ଶତରୂପା ଓ ଲୋଭା ବିଶ୍ୱାଳ ଓଡ଼ିଆ ଚଳଚ୍ଚିତ୍ର ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ଦାଶ ପରିଚାଳନା କରିଥିବାବେଳେ ଉପସଭାପତି ଗୋଲକ ଚରଣ ମାର୍ଥା ଧନ୍ୟବାଦ ଦେଇଥିଲେ। କର୍ମକର୍ତ୍ତା ହେମନ୍ତ ପରମଗୁରୁ, ରବୀନ୍ଦ୍ର ମହାନ୍ତି, ତୁଷାରକାନ୍ତି ଚୌଧୁରୀ, ପୁଷ୍ପମିତ୍ରା ମହାନ୍ତି ଓ ଗୀତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧୀ ଜୟନ୍ତୀ ପାଳନ ଲାଗି ବିଜେଇଏମ୍ ସ୍କୁଲର ପ୍ରସ୍ତୁତି ଚୂଡ଼ାନ୍ତ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**




ସମ୍ମିଳନୀରେ ଉପସ୍ଥିତ ବିଜେଇଏମ ସ୍କୁଲର ଅଧାପିକା ଅଧାପକ।

ଅକ୍ଟୋବର ୨ରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ବକ୍ସି ଜଗବନ୍ଧୁ ଇଂଲିସ୍ ମିଡିୟମ ସ୍କୁଲ (ବିଜେଇଏମ) ଓ ବଡଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ହାତ ମିଳାଇଛି। ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ଭଲ ପାଇବା ନୀତି ତଥା ସ୍ୱାଧୀନତାର ସଂଘର୍ଷମୟ ଜୀବନର ଭିତ୍ତିଭୂମିକୁ ପୁଣି ଜାଗ୍ରତ କରିବା ସହ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି।

ସେପ୍ଟେମ୍ବର ୧ରେ ବିଜେଇଏମ୍ ସ୍କୁଲ ପ୍ରାଙ୍ଗଣରେ ଭୁବନେଶ୍ୱର ୪୦ଟି ସ୍କୁଲର ଶତାଧିକ ପ୍ରତିଯୋଗୀଙ୍କ ଭିତରେ ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୯ ତାରିଖରେ କୁଇଜ ପ୍ରତିଯୋଗିତା ଆକାରରେ ଶେଷ ହେବ। ପରେ ଅକ୍ଟୋବର ୨ରେ ବିଜେଇଏମ୍ ସ୍କୁଲ ପରିସରରେ ଗାନ୍ଧିଜୀଙ୍କ ୧୫୦ଜମ ଜନ୍ମ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ବହୁ ଯୋଜନା ହେଉଥିବା ବେଳେ ଏ ସମସ୍ତ ପ୍ରତିଯୋଗିତାକୁ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ସମାଜ ପାଇଁ ତାଙ୍କର ଅବଦାନ ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ କରାଯାଇଛି। ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ହାରୁନ ରଶିଦ ଖାନ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରିଛନ୍ତି। କିଛିଦିନ ପୂର୍ବେ ବଡଗଡ ହାଇସ୍କୁଲର ଶତବାର୍ଷିକ ଉତ୍ସବ ପାଳନ ଅବସରରେ କେତେକ ପୁରୁଣା ଛାତ୍ରଙ୍କ ସହ ଆଲୋଚନା କରି ଦେଶ ଗଠନରେ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶର ଭୂମିକା ଏକାନ୍ତ ଆବଶ୍ୟକ ବୋଲି ସେ ହୃଦୟଙ୍ଗମ କରିଥିଲେ। ସେଥିପାଇଁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି କୁହାଯାଇଛି। ଜୟନ୍ତୀ ଦିନ ସ୍କୁଲ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେବାକୁ ସହମତି ପ୍ରକାଶ କରିଛନ୍ତି ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

### ବୈଦ୍ୟୁତିକ ଗଣମାଧ୍ୟମ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

କ୍ୟାପିଟାଲ ଥାନା ଅଧୀନ ମାର୍କେଟ ବିଲ୍ଡିଂ ଅଞ୍ଚଳରେ ବୁଧବାର ରାତିରେ ଜଣେ ବୈଦ୍ୟୁତିକ ଗଣମାଧ୍ୟମ କର୍ମଚାରୀଙ୍କୁ ୪ଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କର୍ମଚାରୀ ପୃଥ୍ୱୀରାଜ ବେହେରା ରାତି ପ୍ରାୟ ୧୦ଟା ବେଳକୁ ମାର୍କେଟିଂ ସାରି ଘରକୁ ଫେରୁଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଅଟକାଇବା ସହ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏହାଦେଖି ପୋଲିସକୁ ଜଣାଇବା ସହ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ। ଖବରପାଇ ସ୍ଥାନୀୟ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅଣ୍ଡିଲୋ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି

**ବାଲିଅନ୍ତା,୨୫।୯(ଡି.ଏନ.ଏ.)**



ଲଗାଣ ବର୍ଷା ଯୋଗୁ ବାଲିଅନ୍ତା ବ୍ଲକ ଅଧୀନ ଅଣ୍ଡିଲୋ ଗ୍ରାମ ଦାଣ୍ଡରେ ଆଣ୍ଠୁଏ ପାଣି ଜମି ରହୁଛି। ବର୍ଷା ପାଣି ନିଷ୍କାସନ ପାଇଁ ବାଟ ନ ଥିବାରୁ ଏଭଳି ଅବସ୍ଥା ଉପୁଜୁଛି। ଗ୍ରାମର ଏହା ମୁଖ୍ୟ ସମସ୍ୟା ଥିବାବେଳେ ପ୍ରଶାସନର ନଜର ପଡୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୁଶଭଦ୍ରା ନଦୀ ଓ ପୁରୀ ମୁଖ୍ୟ କେନାଲ ମଧ୍ୟସ୍ଥଳରେ ଅବସ୍ଥି ଏହି ଗାଁର ଲୋକେ ଦୀର୍ଘ ୧୦ବର୍ଷ ହେଲା ବର୍ଷା ସମୟରେ ଏହି ସମସ୍ୟା ଭୋଗ କରୁଛନ୍ତି। ପ୍ରତିବର୍ଷ ବର୍ଷାଋତୁ ଆସିଲେ ଗାଁ ଲୋକେ ଜଳବନ୍ଦୀ ଅବସ୍ଥାରେ ରୁହନ୍ତି। ବର୍ଷାପାଣି ସାଙ୍ଗକୁ ଆବର୍ଜନା ମିଶି ଏଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ପ୍ରତିଦିନ ଏହି ରାସ୍ତାରେ ପିଲାଠାରୁ ଆରମ୍ଭ କରି ସମସ୍ତେ ଯିବାଆସିବା କରୁଥିବାରୁ ଗୋଡରେ କୁଣ୍ଡାଇ ହୋଇ ଫଳିଯାଉଛି ବୋଲି ଗ୍ରାମର ଅଲେଖ ବେହେରା କହିଛନ୍ତି। ଗାଁ ରାସ୍ତା ଉପରୁ ବର୍ଷା ପାଣି ନିଷ୍କାସିତ ନ ହେବା ଯୋଗୁ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାରସ୍ୱରୂପ ଜଳ ନିଷ୍କାସନ ପାଇଁ ଗ୍ରାମବାସୀ ଜିଲା ଓ ବ୍ଲକ ପ୍ରଶାସନ ପାଖରେ ଦାବି କରିଛନ୍ତି।

## ■ ବି.କେ. ଆର୍ଟ କଲେଜରେ ମିଳିତ ମୁଦ୍ରଣ କଳା ପ୍ରଦର୍ଶନୀ

# ଛାତ୍ରାବାସ ମରାମତି ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି



ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

ଓଡ଼ିଶାର ପାରମ୍ପରିକ ଚିତ୍ରକଳା, କାରୁକଳା ଓ ଭାସ୍କର୍ଯ୍ୟକୁ ବିଶ୍ୱବିଦିତ କରିବା ପାଇଁ ରାଜ୍ୟର ଚାରୁ ଓ କାରୁକଳା ଛାତ୍ରୀଛାତ୍ରମାନେ ପ୍ରୟାସ କରିବା ଆବଶ୍ୟକ ବୋଲି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଆୟୋଜିତ ମିଳିତ ମୁଦ୍ରଣ କଳା ଓ ଡ୍ରଇଂ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଓଡ଼ିଶାର ମହାନ ଶିଳ୍ପୀମାନଙ୍କ ଗୌରବମୟ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର କୃତିତ୍ୱକୁ ବ୍ୟାପକ କରିବା ଦିଗରେ ଉଭୟ ଛାତ୍ରୀଛାତ୍ର ଏବଂ ଅଧାପକମାନେ ଉଦ୍ୟମ ଅବ୍ୟାହତ ରଖିବାକୁ ସେ କହିଥିଲେ। ମହାବିଦ୍ୟାଳୟର ମୁଦ୍ରଣ ବିଭାଗର ଅଧାପକ ଗଜେନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଶେଷରେ ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଦର୍ଶନୀରେ ୮୫ରୁ ଅଧିକ କୃତି ସ୍ଥାନିତ ହୋଇଛି। ମହାବିଦ୍ୟାଳୟର ୩୧ଜଣ ଛାତ୍ରୀଛାତ୍ର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବାବେଳେ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି ଅବସରରେ ମନ୍ତ୍ରୀ କଲେଜ ପରିସର ମଧ ପରିଦର୍ଶନ କରିଥିଲେ। ଏହାସହ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ୫୦ଛାତ୍ର ଓ ୫୦ଛାତ୍ରୀଙ୍କ ପୃଥକ ଛାତ୍ରାବାସ ଗୃହ ତୁରନ୍ତ ମରାମତି ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ରେଳପଥ ସମସ୍ୟା, ବିକାଶ ନେଇ ଆଲୋଚନା କଲେ ୯ ଏମ୍‌ପି



ବୈଠକରେ ଉପସ୍ଥିତ ଏମ୍‌ପି ଓ ରେଳ ବିଭାଗର ଅଧିକାରୀ।

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

ପୂର୍ବତଟ ରେଳପଥ ପକ୍ଷରୁ ବୁଧବାର ଖୋର୍ଦ୍ଧାରୋଡ ମଣ୍ଡଳ ପରିସୀମା ଅନ୍ତର୍ଗତ ଏମ୍‌ପିମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଏମ୍‌ପିମାନେ ବୈଠକରେ ନିଜ ନିଜ କ୍ଷେତ୍ର ଭିତରେ ଆସୁଥିବା ରେଳପଥର ସମସ୍ୟା, ବିକାଶ ଓ ନୂତନ ପ୍ରକଳ୍ପ ବିଷୟରେ ଆଲୋଚନା ସହ ରେଳପଥକୁ ପ୍ରସ୍ତାବ ଦେଇଛନ୍ତି। ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପୁରୀ ଏମ୍‌ପି ପିନାକୀ ମିଶ୍ର, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଆସ୍କା ଏମ୍‌ପି ପ୍ରମିଳା ବିଶୋଇ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏବଂ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଓ ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ପ୍ରମୁଖ ଯୋଗଦେଇଥିଲେ। ଏମ୍‌ପିମାନେ ଦେଇଥିବା ପ୍ରସ୍ତାବଗୁଡିକ ଜୋନସ୍ତରୀୟ ବୈଠକରେ ବିଶ୍ଳେଷଣ କରାଯିବ। ସେଠାରୁ ଉନ୍ନୀତ ହେଲେ ପ୍ରସ୍ତାବଗୁଡିକୁ ରେଳ ବୋର୍ଡକୁ ସୁପାରିସ କରାଯିବ। ବୈଠକରେ ରେଲୱେ ନେଟୱର୍କର ଉନ୍ନତୀକରଣ, ଷ୍ଟେଶନଗୁଡିକରେ ଅତିରିକ୍ତ ସୁବିଧା ସହ ନିର୍ଦ୍ଦିଷ୍ଟ ଷ୍ଟେଶନଗୁଡିକରେ ଟ୍ରେନ ରହଣି ବିଷୟରେ ଆଲୋଚନା ହୋଇଛି। ଏହି ଅବସରରେ ପୂର୍ବତଟ ରେଳପଥର କାର୍ଯ୍ୟ ସମୀକ୍ଷା ମଧ କରାଯାଇଥିଲା।

# ଜନଜାତି ସାମଗ୍ରୀର ନୂଆ ଠିକଣା

# 'ଆଦିଶା'



ମାଣ୍ଡିଆ ଚୂନାରୁ ଆରମ୍ଭ କରି ଶାଳଫୁଲ ଚାଉଳ ପର୍ଯ୍ୟନ୍ତ କଳା ତୁଳସୀ ପାଉଡରରୁ ପାଳୁଅ ଚୂନା ପର୍ଯ୍ୟନ୍ତ ଓଡ଼ିଶାର ଆଦିମ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଜଙ୍ଗଲୀ ଓ ପ୍ରାକୃତିକ ଦ୍ରବ୍ୟ ଏବେ ମିଳୁଛି ଗୋଟିଏ ସ୍ଥାନରେ। ତାହା ପୁଣି ନୂଆରୂପ ଓ ନୂଆବ୍ରାଣ୍ଡ୍‌ରେ। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ୍(ଟିଡିସିସିଓଏଲ୍) ଦ୍ୱାରା ପ୍ରଥମଥର ପାଇଁ ଓଡ଼ିଶା ଜନଜାତି ସାମଗ୍ରୀକୁ ନେଇ ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍ 'ଆଦିଶା' ବଜାରକୁ ଆସିଛି।





## ଢିଙ୍କିକୁଟା ଚାଉଳରୁ ମଲ୍ଟିଗ୍ରେନ୍ ଅଟା

ଟିଡିସିସିଓଏଲ୍ ତରଫରୁ ଏବେ ରାଜ୍ୟର ୬ଟି ଜିଲାରେ ୧୧ଟି ସ୍ୱତନ୍ତ୍ର ଷ୍ଟୋର୍ ସହ ଭୁବନେଶ୍ୱର ରୂପାଲି ଛକସ୍ଥିତ ଟିଡିସିସିଓଏଲ୍ ପରିସରରେ 'ଆଦିଶା'ର ଏକ ଅତ୍ୟାଧୁନିକ ଷ୍ଟୋର୍ ଖୋଲାଯାଇଛି। ଓଡ଼ିଶା ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ତଥା ପ୍ରସ୍ତୁତ ଲଘୁ ବନଜାତ ଦ୍ରବ୍ୟ, କୃଷି ଉତ୍ପାଦିତ ଦ୍ରବ୍ୟ, ଜନଜାତି ହସ୍ତତନ୍ତ ହସ୍ତକଳା, ହସ୍ତଶିଳ୍ପ, ଅଳଙ୍କାର, ମସଲାଜାତ ଦ୍ରବ୍ୟ, ଚିତ୍ରକଳା ଓ ଖାଦ୍ୟ ସାମଗ୍ରୀକୁ ଆଦିଶା ବ୍ରାଣ୍ଡ୍ ମାଧ୍ୟମରେ ବିକ୍ରିବଟା କରାଯାଉଛି। ଆଦିଶାରେ ଉପଲବ୍ଧ ବିଭିନ୍ନ ଖାଦ୍ୟସାମଗ୍ରୀ





ମଧ୍ୟରେ ରହିଛି କଳା ଓ ଧଳା ସୋରିଷ, ଅଁଳା, ନିମପତ୍ର ପାଉଡ଼ର, ପାଳୁଅ ଚୂନା ବା ଆରୋରୁଟ୍ ପାଉଡ଼ର୍, ମାଣ୍ଡିଆ ଚୂନା, ରିଠା, ସିକାକାଇ, ସୋୟାବିନ୍, ମଲ୍ଟିଗ୍ରେନ୍ ଅଟା, କଳାତୁଳସୀ ପାଉଡ଼ର୍, ଗୋଟାହଳଦୀ, ଶୁଖିଲା ଅଦା ବା ଡ୍ରାଏ ଜିଞ୍ଜର ପାଉଡ଼ର୍, ଗୁଡମାରୀ ପତ୍ର ପାଉଡ଼ର୍, ଢିଙ୍କିକୁଟା ଚାଉଳ, ବ୍ରାଉନ୍ ରାଇସ୍ ବା ଆଦିବାସୀ ଅଞ୍ଚଳରେ ଉତ୍ପାଦିତ ବିରଳ କଳାଧାନରୁ ପ୍ରସ୍ତୁତ ଚାଉଳ, ଗୋଲମରିଚ, ତେନ୍ତୁଳି, ପ୍ରସିଦ୍ଧ କାନ୍ଦୁଲଡାଲି ଆଦି ରହିଛି। ଏହାବ୍ୟତୀତ ଜଙ୍ଗଲୀ ମହୁ, ପିଙ୍ଗୁ ତେଲ, ଜାମୁକୋଳି ପାଉଡର୍, ବେଲପତ୍ର ପାଉଡର୍, ଲେମନ୍‌ଗ୍ରାସ୍ ଅଏଲ୍, ନିମତେଲ, କୁସୁମତେଲ, କରଞ୍ଜ ତେଲ, ପ୍ରାକୃତିକ ପଦ୍ଧତିରେ ପ୍ରସ୍ତୁତ ସୋରିଷ ତେଲ ଭଳି ଏକାଧିକ ଔଷଧୀୟ ତେଲ ଓ ସାମଗ୍ରୀ ଏଠାରେ ଉପଲବ୍ଧ ହେଉଛି। କେବଳ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ଶୁଦ୍ଧ ଖାଦ୍ୟସାମଗ୍ରୀ ନୁହେଁ, ବିଭିନ୍ନ ପ୍ରକାରର ଘରସଜ୍ଜା ତଥା ଜନଜାତି ହସ୍ତକଳା ସାମଗ୍ରୀ ଏଠାରୁ ମିଳୁଛି। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଜନଜାତି ଅଳଙ୍କାରର ଡିମାଣ୍ଡ୍ ରହୁଥିବାବେଳେ ଖୁବ୍ ଶୀଘ୍ର ଆଦିଶା ଆଦିମ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ମଧ୍ୟ ବିକ୍ରି ପାଇଁ ଉପଲବ୍ଧ କରିବ ବୋଲି କୁହାଯାଇଛି।



## କୁକିଜ୍, ବ୍ରେଡ୍‌ର ଚାହିଦା

ଆଦିଶାରେ ଉପଲବ୍ଧ ବିଭିନ୍ନ ସାମଗ୍ରୀ ମଧ୍ୟରୁ ସବୁଠାରୁ ଅଧିକ ଡିମାଣ୍ଡ୍‌ରେ ରହୁଛି ମାଣ୍ଡିଆ କୁକିଜ୍ ଓ ବ୍ରେଡ୍ ଭଳି ରେଡିମେଡ୍ ଖାଦ୍ୟ ସାମଗ୍ରୀ। ସ୍ୱାସ୍ଥ୍ୟ ସଚେତନ ଲୋକ ଧୀରେ ଧୀରେ ଅର୍ଗାନିକ୍ ଖାଦ୍ୟ ଆଡକୁ ଢଳୁଥିବା ବେଳେ ଏଭଳିସ୍ଥଳେ ପାରମ୍ପରିକ ଜନଜାତି ଖାଦ୍ୟ ଲୋକଙ୍କ ପାଇଁ ନୂଆ ଅପସନ୍ ଆଣିଦେଇଛି। କେବଳ ଓଡ଼ିଶାରେ ନୁହେଁ ଓଡ଼ିଶା ବାହାରେ ମଧ୍ୟ ଓଡ଼ିଶା ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ, ପାଳୁଅ, ଡାଲି ଆଦିର ଚାହିଦା ରହିଛି। ବର୍ତ୍ତମାନର ମାର୍କେଟ ଓ ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଟିଡିସିସିଓଏଲ୍ ପକ୍ଷରୁ ମାଣ୍ଡିଆରେ ପ୍ରସ୍ତୁତ ବ୍ରେଡ୍, ମାଣ୍ଡିଆ ବିସ୍କୁଟ୍, ମଲ୍ଟିଗ୍ରେନ୍ ବ୍ରେଡ୍, ମଲ୍ଟିଗ୍ରେନ୍ କୁକିଜ୍, ମାଣ୍ଡିଆ ଓ ଦେଶୀ ଘିଅରେ ପ୍ରସ୍ତୁତ କୁକିଜ୍, ମାଣ୍ଡିଆ କୁକିଜ୍, ରେଡିମେଡ୍ ଖେଚୁଡ଼ି ମିକ୍ସ ଭଳି ସ୍ୱାସ୍ଥ୍ୟ ଉପଯୋଗୀ ରେଡିମେଡ୍ ଖାଦ୍ୟ ପ୍ରସ୍ତୁତ କରାଯାଇ ଆକର୍ଷଣୀୟ ପ୍ୟାକେଜିଂରେ ବିକ୍ରି କରାଯାଉଛି।

## ଆମାଜନ୍‌ରେ କୋରାପୁଟ କଫି

କେବଳ ଆଦିଶା ଷ୍ଟୋର୍ ନୁହେଁ, ଜନଜାତି ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ପ୍ରଥମଥର ପାଇଁ ଏହାକୁ ଇ-କମର୍ସ ପ୍ଲାଟଫର୍ମ ସହ ଯୋଡ଼ାଯାଇଛି। ଗ୍ଲୋବାଲ୍ ମାର୍କେଟ ସୁଯୋଗ ସୃଷ୍ଟି କରିବାକୁ ଆମାଜନ୍' ସହ ଆଦିଶାର ନିଜସ୍ୱ ୱେବ୍‌ସାଇଟ୍ www.adisha.in ରେ ସମସ୍ତ ସାମଗ୍ରୀ ଅନ୍‌ଲାଇନ୍ ବିକ୍ରି ପାଇଁ ଉପଲବ୍ଧ କରାଯାଇଛି। ତେବେ ଟିଡିସିସିଓଏଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆମାଜନ୍‌ରେ କୋରାପୁଟ କଫିର ସର୍ବାଧିକ ଡିମାଣ୍ଡ୍ ରହିଥିବା ବେଳେ ଦୈନିକ ଶତାଧିକ ଅର୍ଡର ମିଳୁଛି। କୋରାପୁଟ କଫିର ସ୍ୱାଦ ଅନ୍ୟ ଅଞ୍ଚଳରେ ମିଳୁଥିବା କଫିର ସ୍ୱାଦଠାରୁ ଭିନ୍ନ ଏବଂ ଏଥିରେ ଥିବା ଔଷଧୀୟ ଗୁଣ ଯୋଗୁ କୋରାପୁଟ କଫି ବିଶେଷ ଲୋକପ୍ରିୟତା ହାସଲ କରିଛି। ସ୍ୱତନ୍ତ୍ର ବ୍ରାଣ୍ଡିଂ ସହ ବୈଜ୍ଞାନିକ ପଦ୍ଧତିରେ କରାଯାଇଥିବା ପ୍ୟାକେଜିଂ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହାସହ ଭୁବନେଶ୍ୱରରେ ଥିବା 'ଆଦିଶା' ଷ୍ଟୋର୍‌ରେ କେବଳ କୋରାପୁଟ କଫିକୁ ନେଇ ଏକ ସ୍ୱତନ୍ତ୍ର କାଫେଟେରିଆ ଖୋଲାଯାଉଛି। ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ସବାଇ ଘାସ ଚେୟାରରେ ବସି ଲୋକ ଏଠାରେ କଫିର ମଜା ନେଇପାରିବେ।

-ସସ୍ମିତା ପାଇକରାୟ
ଫଟୋ: ବିକାଶ



# ଜଣେ ରୋଗୀ ମୋତେ କନ୍ଦାଇ ଦେଇଥିଲେ

ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୁବ ବୟସରେ ବେଶ୍ ପ୍ରତିଷ୍ଠା ଲାଭ କରିଛନ୍ତି ଡା. ସମ୍ରାଟ କର। ଭାରତର ଆଗଧାଡ଼ିର ଡାକ୍ତରମାନଙ୍କ ମଧ୍ୟରେ ସେ ଅନ୍ୟତମ। କଟକ ନିବାସୀ ଡା. ସମ୍ରାଟ ମଧ ଜଣେ ସ୍ୱେଚ୍ଛାସେବୀ। ଏଥର ତାଙ୍କ ଅନୁଭୂତିରୁ କିଛି..



ଡା. ସମ୍ରାଟ କର

## ମୋ ଅନୁଭୂତି

ଅନେକ ମାନସିକ ରୋଗୀଙ୍କୁ ଚିକିତ୍ସା କରିଛି। ଯେଉଁମାନେ ଭଲ ହୋଇ ଯାଇ ପୂର୍ବ ଅବସ୍ଥାକୁ ଫେରି ଆସନ୍ତି ସେମାନଙ୍କୁ ଦେଖି ମୋତେ ଖୁସି ଲାଗେ। ହେଲେ ଏପରି ଜଣେ ରୋଗୀଙ୍କୁ ମୁଁ ଭଲ କରିଥିଲି, ଯାହା ପରବର୍ତ୍ତୀ ସମୟରେ ମୋତେ କନ୍ଦାଇ ଦେଇଥିଲା। ବେଳେବେଳେ ଅନୁତାପ ମଧ୍ୟ କରେ। ସେ ସୁସ୍ଥ ହୋଇଯିବା ଠିକ୍ ନା ଭୁଲ୍ ଥିଲା, ତାହାର ହିସାବ ମୋ ପାଖରେ ନାହିଁ। ଏବେ ମୋ ପାଖକୁ ଚିକିତ୍ସା ପାଇଁ ଆସୁଥିଲେ ମଧ୍ୟ ତାଙ୍କ ସହ ଜଣେ ଡାକ୍ତର ଭାବେ କଥା ହୋଇପାରେନା। ଡା. ସମ୍ରାଟ କହନ୍ତି, ରୋଗୀ ଜଣଙ୍କ ହେଉଛନ୍ତି କଟକ ଉପକଣ୍ଠରେ ରହୁଥିବା ଜଣେ ମହିଳା। ତାଙ୍କ ସ୍ୱାମୀ ଆର୍ମି ଅଫିସର ଥିଲେ। କିଛି ବର୍ଷ ପୂର୍ବେ ଏକ ଯୁଦ୍ଧରେ ତାଙ୍କ ସ୍ୱାମୀ ଶହୀଦ ହୋଇଥିଲେ। ଯେଉଁଦିନ ତାଙ୍କ ସ୍ୱାମୀଙ୍କ ମରଶରୀର ଆସିଲା ସେଦିନ ମହିଳା ଜଣଙ୍କ ବାରମ୍ବାର ଚେତା ହରାଉଥିଲେ। ସମଗ୍ର ଘଟଣାବଳୀ ସେ ଦେଖି ପାରି ନ ଥିଲେ। ସ୍ୱାଭାବିକ ପରିସ୍ଥିତିକୁ ଆସିବାକୁ ତାଙ୍କୁ ୨/୩ ଦିନ ସମୟ ଲାଗିଥିଲା। ହେଲେ ଏହାପରେ ସେ ଅଦ୍ଭୁତ ବ୍ୟବହାର କରିଥିଲେ। ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇନି ବୋଲି ସେ ଜିଦ୍ ଧରି ବସିଥିଲେ। ସଧବା ନାରୀ ଭଳି ସିନ୍ଦୂର, ଶଙ୍ଖା ପିନ୍ଧୁଥିଲେ। ମନରେ ଟିକେ ବି ଦୁଃଖ ନ ଥିଲା। ସ୍ୱାମୀଙ୍କର ମୃତ୍ୟୁ ହୋଇଛି ବୋଲି ବୁଝାଇଲେ ସୁଦ୍ଧା ସେ ବୁଝିବାକୁ ଆଦୌ ରାଜି ହେଉ ନ ଥିଲେ। କିଛି ମାସ ପରେ ମହିଳାଙ୍କ ପରିବାର ଲୋକ ମୋ ପାଖକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ପ୍ରାୟ ୬/୭ ମାସର ଚିକିତ୍ସା କରାଯିବା ପରେ ମହିଳା ଜଣଙ୍କ ମାନସିକ ଭାବେ ସୁସ୍ଥ ହୋଇଥିଲେ। ଯେଉଁଦିନ ସୁସ୍ଥ ହୋଇ ମହିଳା ଜଣଙ୍କ ମୋ ଚାମ୍ବରକୁ ଆସିଥିଲେ, ମୁଁ ଭାବି ନ ଥିଲି ଏପରି କିଛି ଘଟଣା ଘଟିବ ବୋଲି। ଚାମ୍ବରକୁ ଆସିବା ମାତ୍ରେ ସେ ଖୁବ୍ ଜୋରରେ କାନ୍ଦିଥିଲେ। ଏହାସହ ମନକୁ ଯାହା ଆସିଲା ତାକୁ ନେଇ ମୋତେ ଗାଳି ଦେଇଥିଲେ। ସେ ଏମିତି କିଛି କଥା କହିଲେ, ଯାହାର ଉତ୍ତର ମୋ ପାଖରେ ନ ଥିଲା। ମହିଳା ଜଣଙ୍କ କହିଥିଲେ ଯେ, ଆପଣଙ୍କ ଯୋଗୁ ଏବେ ମୁଁ ସାରା ଜୀବନ ଦୁଃଖରେ ରହିବି। ମୁଁ କିଛି ମାସ ହେବ ଖୁସିରେ ଥିଲି। ସ୍ୱାମୀ ମୋ ସାଥିରେ ସବୁବେଳେ ଅଛନ୍ତି ବୋଲି ମୋ ମନରେ ଥିଲା। 'ଆପଣଙ୍କ ଯୋଗୁଁ ଏବେ ମୋତେ ସବୁଦିନ କାନ୍ଦିବାକୁ ପଡୁଛି' ବୋଲି ମହିଳାଙ୍କ ଗାଳିମିଶା କିଛି ଅନ୍ତରର କଥା ମୋତେ କନ୍ଦାଇ ଦେଇଥିଲା। ଏହି ଦିନକୁ କେବେ ବି ଭୁଲି ପାରିବିନି।

– କୁମାରଶ୍ରୀ ସାହୁ

## ଫିଟ୍‌ନେସ୍

# ଦିନକୁ ତିନିଥର ଉଷୁମ ପାଣି ପିଏ



ଶୋଭନା ମିଶ୍ର

ଶୋଭନା ମିଶ୍ର। ଟେଲି ଜଗତରେ ଜଣେ ସୁପରିଚିତ ନାଁ। ଟେଲିଭିଜନରେ ପ୍ରସାରିତ ବିଭିନ୍ନ କାର୍ଯ୍ୟକ୍ରମରେ ଆଙ୍କରିଂ କରନ୍ତି। ନିଜ କଥାର ଯାଦୁରେ ସେ ଦୀର୍ଘ ସମୟ ଧରି ଦର୍ଶକଙ୍କୁ କାର୍ଯ୍ୟକ୍ରମ ଦେଖିବା ପାଇଁ ବାଧ କରିଥାନ୍ତି। ସେ ଦେଖିବାକୁ ଯେମତି ଚୁଲବୁଲି ତାଙ୍କ ଉପସ୍ଥାପନା ମଧ୍ୟ ସେମିତି ରୋମାଞ୍ଚକର।

କମ୍ ବୟସରେ ଶୋଭନା ଆଙ୍କରିଂ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି। ତେବେ ବ୍ୟସ୍ତତା ଜୀବନରେ ସେ ନିଜର ସ୍ୱାସ୍ଥ୍ୟ ପ୍ରତି କେବେ ହେଲେ ଅବହେଳା କରନ୍ତି ନାହିଁ। ପ୍ରଥମେ ପ୍ରଥମେ ଯଦିଓ ଶୁଟିଂ କାମ ମଧ୍ୟରେ ନିଜ ଶରୀର ପ୍ରତି ଧ୍ୟାନ ଦେଇପାରୁନଥିଲେ। କିନ୍ତୁ ଏବେ ସେ କେମିତି ଫିଟ୍ ରହିବେ ସେଥିପାଇଁ ସବୁବେଳେ ପ୍ରୟାସ କରୁଛନ୍ତି। ପ୍ରତିଦିନ ସକାଳୁ ଉଠିଲେ ଏକ କଫି ମଗ୍ ଉଷୁମ ପାଣି ପିଅନ୍ତି। ଏହାପରେ ବ୍ରେକ୍‌ଫାଷ୍ଟରେ କେକ୍ ଓ କିଛି ମିଠା ସହିତ ଲୁଣିଆ ଖାଦ୍ୟ ଖାଇଥାନ୍ତି। ଲଞ୍ଚରେ ଅଳ୍ପ ଭାତ ସହିତ ଅଧିକ ଗ୍ରିନ୍ ଭେଜିଟେବୁଲରେ ପ୍ରସ୍ତୁତ ତରକାରୀ ଅଧିକ ଖାଆନ୍ତି। ଏହା ସହିତ ସାଲାଡ୍ ଖାଇବାକୁ ସେ ଭୁଲନ୍ତି ନାହାନ୍ତି। ଖାଇବାର ଅଧଘଣ୍ଟା ପରେ ପୁଣି ଥରେ ଉଷୁମ ପାଣି ପିଅନ୍ତି। ସେହିପରି ଡିନର୍‌ରେ ଗୋଟିଏ ରୋଟି ସହିତ ଅଧିକ ତରକାରୀ ଖାଆନ୍ତି। ଶୋଭନା ରାତିରେ ଶୋଇବାର ୧୫ମିନିଟ୍ ପୂର୍ବରୁ ଉଷୁମ ପାଣି ପିଅନ୍ତି। ଉଷୁମ ପାଣି ପିଇଲେ ସ୍କିନ୍ ଗ୍ଲୋଜ୍ କରିବା ସହିତ ମୋଟାପଣକୁ ଦୂରେଇ ରଖିଥାଏ। ତେଣୁ ସେ ଦିନକୁ ତିନିଥର ଉଷୁମ ପାଣି ପିଇଥାନ୍ତି ବୋଲି ଶୋଭନା କୁହନ୍ତି। ତାଙ୍କ ମତରେ ଉଷୁମ ପାଣି ପିଇଲେ ବ୍ରେନ୍ ସକ୍ରିୟ ରହିବ। ତେଲମସଲା ଖାଦ୍ୟଠାରୁ ସେ ଦୂରେଇ ରୁହନ୍ତି। ଆଉ ସବୁବେଳେ ଘରୋଇ ଖାଦ୍ୟକୁ ପସନ୍ଦ କରନ୍ତି। ଜଣେ ସେଲିବ୍ରିଟି ବୋଲି ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବାକୁ ହେଲେ ଫିଟ୍ ରହିବା ଜରୁରୀ। ବିଶେଷ କରି ମହିଳାମାନେ ନିଜେ ଫିଟ୍ ରହିବା ଆବଶ୍ୟକ ବୋଲି ଶୋଭନା କୁହନ୍ତି।

-ଅସମାପିକା ସାହୁ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବିଜୟ



ମୁକେଶ



ସୁମନ୍ତ



ଭାସ୍କର



ଗଣେଶ



ଅମୂଲ୍ୟ



ପ୍ରସାଦ



ରଘୁନାଥ



ଆଶିଷ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଭାରତୀୟ ବାୟୁସେନାର ଏକ ମିଗ୍ ବିମାନ ଗ୍ୱାଲିୟର ଏୟାରବେସ୍ ନିକଟରେ ବୁଧବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଦୁର୍ଘଟଣା ପରେ ବିମାନରେ ନିଆଁ ଲାଗିଯାଇଥିଲାବେଳେ ପାଇଲଟ୍ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଣେ ପାଇଲଟ୍ ଗୁରୁତର ଥିବା ଜଣାପଡ଼ିଛି। ଏହି ଟ୍ରେନର ଏୟାରକ୍ରାଫ୍ଟ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

**ସଂକ୍ଷେପରେ**

## ମନ୍ତ୍ରୀଙ୍କ ଗସ୍ତ ଚିଠିକୁ ନେଇ ପ୍ରକାଶ ପାଇଲା ପ୍ରତିକ୍ରିୟା

**ଢେଙ୍କାନାଳ/ ଭୁବନେଶ୍ୱର, ୨୫।୯ (ବ୍ୟୁରୋ):** ଢେଙ୍କାନାଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଶିଳ୍ପ, ଏମ୍ଏସ୍ଏମ୍ଇ, ଶକ୍ତି ଏବଂ ଗୃହ(ରାଷ୍ଟ୍ର) ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୁରୁବାର ଢେଙ୍କାନାଳ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ନେଇ ଜିଲା ପ୍ରଶାସନ(ଯୋଜନା ଶାଖା) ପକ୍ଷରୁ ସ୍ଥାନୀୟ ଏମ୍ପି, ପରଜଙ୍ଗ/ହିନ୍ଦୋଳ ବିଧାୟକ, ଜିଲାପରିଷଦ ଅଧ୍ୟକ୍ଷ ଏବଂ ଜିଲା ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ହେଲେ ଜିଲାପାଳଙ୍କ ସ୍ୱାକ୍ଷର ସମ୍ବଳିତ ଏହି ଚିଠିରେ ଜିଲା ବିଜେଡି ସଭାପତିଙ୍କୁ ଉଲ୍ଲେଖ କରାଯିବା ନେଇ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉକ୍ତ ଚିଠି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଏଥିନେଇ କେତେକେ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ସମୀକ୍ଷକଙ୍କ କହିବାନୁଯାୟୀ, ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ମଲ୍ଲିକ ରାଜ୍ୟ କ୍ୟାବିନେଟ୍ର ସଦସ୍ୟ ହେବା ସହ କାମାକ୍ଷାନଗର ବିଧାୟକ। ତେଣୁ ଚିଠିରେ କୌଣସି ରାଜନୈତିକ ଦଳ ନେତାଙ୍କୁ ଉଲ୍ଲେଖ ନ କରି କାମାକ୍ଷାନଗର ବିଧାୟକ କିମ୍ବା ମନ୍ତ୍ରୀଙ୍କୁ ଉଲ୍ଲେଖ କରାଯାଇପାରିଥାନ୍ତା ବୋଲି କୁହାଯାଇଛି। ଏହି ପ୍ରସଙ୍ଗରେ ଆମ ଢେଙ୍କାନାଳ ଜିଲା ପ୍ରତିନିଧି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ପ୍ରତିକ୍ରିୟା ନେଇଥିଲେ। ଜିଲାପାଳ କହିଥିଲେ ଯେ, ବିଭାଗୀୟ ମନ୍ତ୍ରୀ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଗୁରୁବାର ଗସ୍ତରେ ଆସୁଛନ୍ତି। ମନ୍ତ୍ରୀ ନିଜ ବିଭାଗ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିବେ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କରିଥିବା ପତ୍ର ଦ୍ୱାରା ଉଲ୍ଲେଖ କରାଯାଇଥିବା ବ୍ୟକ୍ତିବିଶେଷଙ୍କୁ ଚିଠି କରାଯାଇଛି। ମନ୍ତ୍ରୀ ଜିଲା ଗସ୍ତରେ ଆସୁଛନ୍ତି ସମ୍ପର୍କରେ ଅବଗତ କରାଯାଇଛି, କୌଣସି ବୈଠକ ପାଇଁ ଆମନ୍ତ୍ରଣ କରାଯାଇନାହିଁ ବୋଲି ଜିଲାପାଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜିଲାର ଅନ୍ୟ ସମସ୍ତ ବିଧାୟକଙ୍କୁ ଉପସ୍ଥିତ ରହିବା ପାଇଁ କୁହାଯାଇଥିବାବେଳେ ଢେଙ୍କାନାଳ ବିଧାୟକଙ୍କୁ ଚିଠିରେ ଉଲ୍ଲେଖ କରାଯାଇନାହିଁ।

### ବିଜେପୁର ଉପନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି

# ପଶ୍ଚିମ ଓଡ଼ିଶା ନେତାଙ୍କୁ ଗୁରୁଦାୟିତ୍ୱ

- ଅରୁଣ, ରଣେନ୍ଦ୍ର, ସଞ୍ଜୟଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ
- ପଞ୍ଚାୟତ ବୁଝିବେ ବିଧାୟକ
- ୩୦ରେ ନାମାଙ୍କନ କରିବେ ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ନେଇ ବିଜେଡି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଆସନରେ ଗତ ଦୁଇଥର ଭଳି ବିଜୟଧାରା ବଜାୟ ରଖିବା ପାଇଁ ରଣକୌଶଳ ପ୍ରସ୍ତୁତ କରାଯାଇଛି। ସେହିକ୍ରମରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦଳର ବରିଷ୍ଠ ନେତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପନିର୍ବାଚନରେ ବିଜୟୀ ହେବା ସହ ଭୋଟ ବ୍ୟବଧାନ ଯେପରି ଆଖିଦୃଶିଆ ରହିବ, ସେଥିପ୍ରତି ଆଲୋଚନା କରାଯାଇଛି।

ବୈଠକରୁ ମିଳିଥିବା ସୂଚନାନୁଯାୟୀ ଦଳ ପକ୍ଷରୁ ତ୍ରିସ୍ତରୀୟ (ଥ୍ରୀ-ଟାୟାର) ସାଙ୍ଗଠନିକ ଦାୟିତ୍ୱ ଦିଆଯାଇଛି। ତୃଣମୂଳର ଶୀର୍ଷସ୍ତରରେ ୪ ପଶ୍ଚିମ ଓଡ଼ିଶା ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏମାନେ ହେଉଛନ୍ତି-ସୁଶାନ୍ତ ସିଂ(ବିଜେପୁର ବ୍ଲକ), ଦେବେଶ ଆଚାର୍ଯ୍ୟ(ବିଜେପୁର ଏନ୍ଏସି), ନବ ଦାସ(ଗାଇସିଲଟ) ଏବଂ ନିରଞ୍ଜନ ପୂଜାରୀ(ବରପାଲି)। ଏହା ବ୍ୟତୀତ ଗାଇସିଲଟ ବ୍ଲକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସଞ୍ଜୟ ଦାସବର୍ମାଙ୍କୁ ବରପାଲି ବ୍ଲକର କେତେକ ପଞ୍ଚାୟତ ଦାୟିତ୍ୱ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଦାନ କରାଯାଇଛି। ବିଜେପୁର ବ୍ଲକ/ଏନ୍ଏସି ଦାୟିତ୍ୱ ମନ୍ତ୍ରୀ ଅରୁଣ ସାହୁ, ଦିବ୍ୟଶଙ୍କର ମିଶ୍ର ଏବଂ କିଶୋର ମହାନ୍ତି ପ୍ରମୁଖଙ୍କୁ ଦିଆଯାଇଛି। ଉପରୋକ୍ତ ତ୍ରିସ୍ତରୀୟ ସାଙ୍ଗଠନିକ ଦାୟିତ୍ୱ ପରେ ପ୍ରତି ପଞ୍ଚାୟତରେ ଜଣେ ବିଧାୟକ ଏବଂ ଜଣେ ଦଳୀୟ ନେତାଙ୍କୁ ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।



ବୈଠକ ପରେ ନବୀନ ନିବାସରୁ ଫେରୁଥିବା ବିଜେଡି ନେତୃବୃନ୍ଦ।

ନବୀନ ନିବାସରେ ହୋଇଥିବା ଏହି ବୈଠକରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ , ବଲାଙ୍ଗୀରର ପୂର୍ବତନ ଏମ୍ପି କଳିକେଶ ନାରାୟଣ ସିଂଦେଓ ଏବଂ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଗଣମାଧ୍ୟମକୁ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଚଳିତ ମାସ ୩୦ରେ ବିଜେଡିର ବିଜେପୁର ପ୍ରାର୍ଥୀ ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ। ଦଳର ସମସ୍ତ କର୍ମୀ, ନେତା ଏବଂ ନିର୍ବାଚିତ ପ୍ରତିନିଧି ଶୃଙ୍ଖଳିତ ଢଙ୍ଗରେ ଦଳର ବିଜୟ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। କାହା ନାମକୁ ବିଜେଡି ସଭାପତି ଚୂଡ଼ାନ୍ତ କରିଛନ୍ତି, ସେ ନେଇ ବୈଠକରେ ଥିବା କୌଣସି ନେତା ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲି ନ ଥିଲେ। ହେଲେ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ମୁଖ୍ୟତଃ ୩ଟି ନାଁ ଉପରେ ବିଚାରବିମର୍ଶ ସରିଛି। ଏମାନେ ହେଉଛନ୍ତି ପୂର୍ବତନ ବିଧାୟିକା ରୀତା ସାହୁ, ପୂର୍ବତନ ଏମ୍ପି ପ୍ରଭାସ ସିଂ ଏବଂ ଏପିକଲ୍ ଅଧ୍ୟକ୍ଷ ପ୍ରଭାତଆଦିତ୍ୟ ମିଶ୍ର। ସମ୍ଭବତଃ ରୀତାଙ୍କ ନାଁରେ ଦଳୀୟ ମୋହର ବାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଗୁରୁବାର ସନ୍ଧ୍ୟା ସୁଦ୍ଧା ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ ବୋଲି ଜଣାପଡ଼ିଛି। ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲ୍ଲିକ ଏବଂ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ସମ୍ପୂର୍ଣ୍ଣ ଉପନିର୍ବାଚନ ଦାୟିତ୍ୱରେ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡ଼ିଛି।

## କଂଗ୍ରେସର ୯ ନେତାଙ୍କୁ ଦାୟିତ୍ୱ

**ଦଳ ପାଖରେ ଟଙ୍କା ନାହିଁ କହିଲେ ନିରଞ୍ଜନ**

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ):** ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ସବୁ ଦଳ ନିଜର ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ବୁଧବାର ଶାସକ ବିଜେଡି ଉପନିର୍ବାଚନ ଦାୟିତ୍ୱ ନେତାଙ୍କ ମଧ୍ୟରେ ବାଣ୍ଟିଥିବା ବେଳେ କଂଗ୍ରେସ ମଧ୍ୟ ନିଜ ରଣନୀତି ପ୍ରସ୍ତୁତ କରିଛି। ବିଜେପୁର ଉପନିର୍ବାଚନର ସୁପରିଚାଳନା କରିବା ନିମନ୍ତେ କଂଗ୍ରେସ ପକ୍ଷରୁ ବିଭିନ୍ନ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ୯ ନେତାଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟିଛନ୍ତି। ଏହି ପରିପ୍ରେକ୍ଷୀରେ ଗାଇସିଲଟ ବ୍ଲକ ପାଇଁ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଓ ୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ହୋଇଥିବା ସମରେନ୍ଦ୍ର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ବିଜେପୁର ବ୍ଲକ ପାଇଁ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ବିଧାୟକ ରମେଶ ଜେନା ଓ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବିଧାୟକ ସନ୍ତୋଷ ସିଂ ସାଲୁଜା, ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପ୍ରଦୀପ ଦେବତା ଓ ବରପାଲି ବ୍ଲକ ପାଇଁ ନୀହାର ମହାନନ୍ଦ ଏବଂ ସରୋଜ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ଦଳ ପାଖରେ ବର୍ତ୍ତମାନ ଟଙ୍କା ନ ଥିବା ପିସିସି ସଭାପତି କହିଛନ୍ତି। ନିରଞ୍ଜନ କହିଛନ୍ତି, ନିକଟରେ ସାଧାରଣ ନିର୍ବାଚନ ହୋଇଥିବାରୁ ଦଳ ପାଖରେ ଟଙ୍କା ନାହିଁ। ଦଳର ବରିଷ୍ଠ ନେତା ଏବଂ ବଦାନ୍ୟ ବ୍ୟକ୍ତି ଅର୍ଥ ଦିଅନ୍ତୁ ବୋଲି ସେ କହିଛନ୍ତି।

### ଭେଡେନ୍ ଗଣବଳାତ୍କାର, ହତ୍ୟା ମାମଲା

# ମାନବିକ ଅଧିକାର ଉଲ୍ଲଂଘନ କରିଛି ପୋଲିସ: ଓଏଚ୍ଆର୍ସି

**କଟକ ଅଫିସ, ୨୫।୯:** ବରଗଡ ଜିଲା ଭେଡେନ୍ ଥାନା ଅଞ୍ଚଳରେ ଘଟିଥିବା ତିନି ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ଦୁଇ ଜଣଙ୍କୁ ହତ୍ୟା ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍ସି) ବୁଧବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ନ ଥିବାରୁ ଓଏଚ୍ଆର୍ସି ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ମାମଲା ରୁଜୁ କରିବାକୁ ବରଗଡ଼ ଏସ୍ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ପୋଲିସ ମାନବିକ ଅଧିକାର ଉଲ୍ଲଂଘନ କରିଥିବା ଓଏଚ୍ଆର୍ସି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ କାହିଁକି କ୍ଷତିପୂରଣ ଦିଆ ନ ଯିବ ତାହାର ଜବାବ ରଖିବାକୁ ଓଏଚ୍ଆର୍ସି ବରଗଡ଼ ଏସ୍ପିଙ୍କୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଗତ ୨୦ରେ ଦେଇଥିବା ରିପୋର୍ଟକୁ କମିଶନ ଅଗ୍ରାହ୍ୟ କରିବା ସହ ନିୟମାନୁଯାୟୀ ପୋଲିସ କାର୍ଯ୍ୟ କରି ନ ଥିବାରୁ ପୀଡ଼ିତାମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ନେଇ ଓଏଚ୍ଆର୍ସି କ୍ଷୋଭ ପ୍ରକାଶ କରିଛନ୍ତି।

କମିଶନଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୦୧୬ ସେପ୍ଟେମ୍ବର ୨୩ରେ ଭେଡେନ୍ ଥାନାର କେତେଜଣ କର୍ମଚାରୀ ଘରୁ ପୋଲିସ ଭ୍ୟାନ୍ରେ ଉଠାଇ ନେଇଥିଲେ। ପରେ ସେମାନଙ୍କୁ ବଳାତ୍କାର କରାଯାଇଥିଲା। ଏହାପରେ ପୀଡ଼ିତାମାନଙ୍କୁ ପୋଲିସ ଗ୍ରାମବାସୀଙ୍କ ଜିମା ଦେଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖସି ଆସିଥିବାବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା ।

**ମାମଲା ରୁଜୁ ପାଇଁ ନିର୍ଦ୍ଦେଶ, ବରଗଡ଼ ଏସ୍ପିଙ୍କୁ ଜବାବ ତଲବ**

ଏହା ଉପରେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା । ଖସି ଆସିଥିବା ମହିଳା ଜଣଙ୍କ ଓଏଚ୍ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳା ଜଣଙ୍କ ତାଙ୍କ ବଡ ଭାଇଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ୨୦୧୭ ମେ’ ୫ରେ ତାଙ୍କ ଭାଇ ବରଗଡ ଏସ୍ପିଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବା ସହ ଅନ୍ୟ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ବଦଳରେ ୨୦୧୭ ଜୁଲାଇ ୧୯ରେ ଅଭିଯୋଗ କରିଥିବା ଭାଇଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ପୋଲିସ ଓ ଗାଁ ଲୋକଙ୍କ ସମ୍ପୃକ୍ତି ରହିଥିବା ଆବେଦନକାରିଣୀ କମିଶନଙ୍କୁ ଜଣାଇଥିଲେ। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ସହାୟତାରେ ପୀଡ଼ିତାଙ୍କ ପରିବାର ସେମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ନ୍ୟାୟିକ ସଂଗ୍ରାମ କରୁଛନ୍ତି।

## ଭଉଣୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ଆନନ୍ଦପୁର,୨୫।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ କରି ମୃତକଙ୍କ ସାନ ଭଉଣୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାରେ ଭିଣୋଇ ରତ୍ନାକର ଜେନାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଦଣ୍ଡିତ ହୋଇଥିବା ଯୁବତୀ ହେଲେ ଜଗତ୍ସିଂହପୁର ଜିଲା ନାଉଗାଁ ଥାନା ମଛାଳୋ ଗ୍ରାମର ଉଲ୍ଲାସ ଦାସଙ୍କ ସାନଝିଅ ଝୁନୁରାଣୀ ଦାସ। ଉଲ୍ଲାସ ଦାସଙ୍କ ବଡ ଝିଅ ନନ୍ଦିନୀ ଜେନା ଆନନ୍ଦପୁର ଥାନା ଅକରୁଆ ଗ୍ରାମର ରତ୍ନାକରଙ୍କୁ ବିବାହ କରିଥିଲେ।। ରତ୍ନାକରଙ୍କ ସାନ ଶାଳୀ ଝୁନୁରାଣୀ ଭିଣୋଇଙ୍କ ଘରେ ରହୁଥିଲେ। ତା୨୭।୮।୨୦୧୭ରିଖରେ ନନ୍ଦିନୀଙ୍କୁ ସାନ ଭଉଣୀ ଝୁନୁରାଣୀ ତଣ୍ଟିଚିପି ହତ୍ୟା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏହା ଜଣାପଡ଼ିବା ପରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ରତ୍ନାକର ଏବଂ ଝୁନୁରାଣୀଙ୍କୁ ଗିରଫ କରିଥିଲା।

## ଡିଏମ୍ଏଫ୍ର ଅର୍ଥ ବିନିଯୋଗ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ):** ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ବୁଧବାର ଲୋକସେବା ଭବନରେ ଜନଜାତିବହୁଳ ୯ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ୯ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ୨୦୧୭-୧୮ଏବଂ ୨୦୧୮-୧୯ବର୍ଷ ପାଇଁ ପ୍ରଦାନ କରାଯାଇଥିବା ଅର୍ଥର ବିନିଯୋଗ ଉପରେ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦଗୁଡ଼ିକର ସଂପୂର୍ଣ୍ଣ ପୁନର୍ଗଠନ ପରେ ଚଳିତ ଆର୍ଥିକ ବର୍ଷ ପାଇଁ ଉନ୍ନୟନ ପରିଷଦର ସଦସ୍ୟମାନଙ୍କ ସହ ବିଶଦ ଆଲୋଚନାପୂର୍ବକ ପ୍ରତିଟି ଜିଲାର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମଗୁଡ଼ିକର ଚିଠା ପ୍ରସ୍ତୁତ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟକ୍ରମ ଅଧୀନରେ ନିଶାନିବାରଣ ଓ ଗୁଣିଗାରେଡି ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

**OFFICE OF THE CHIEF DISTRICT VETERINARY OFFICER, JAGATSINGHPUR**
Ph. No.-06724-220091
E-mail I.D - cdvojspur@gmail.com
Notice No.2236 //CDVO (JSP) II-A-2    Dt: 24.09.2019
**"AUCTION SALE NOTICE OF VEHICLE"**
Sealed quotations in plain paper are invited from the intending persons/Firms/institutes for the auction sale of vehicle Registration No.OR-02M - 4247 (Mahindra Jeep Diesel) of Chief District Veterinary Office, Jagatsinghpur with upset price of Rs.20,000/- (Rupees Twenty thousand) only. The details regarding the above auction call notice can be viewed in the "https://jagatsinghpur.nic.in/" portal.
Sd./-
Chief District Veterinary Officer, Jagatsinghpur

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**
(DISTRICT BLINDNESS CONTROL SOCIETY)
Advt. No. 3910    Date: 24.09.2019
**TENDER CALL NOTICE**
Sealed tenders are invited from interested Travel Agencies/ / Tour Operators or Individuals for providing of diesel driven vehicles for hiring of vehicles for Mobile Vision Centre on a monthly basis under SUNETRA. Details regarding eligibility criteria, terms & conditions and the formats of submission of tender are mentioned in the tender document which may be downloaded from the website: **www.subarnapur.nic.in**. The tender should reach to the O/o undersigned on or before 10.10.2019 by 1.00 PM through Speed Post/ Registered Post/ Courier only. the individual/ agency applied earlier vide. Tender Call Notice No. 3606, dt. 05.09.2019 need not apply once again.
Sd./-
CDM & PHO, Subarnapur

**DISTRICT COURT KHURDA AT BHUBANESWAR**
**AUCTION SALE NOTICE FOR AMBASSADOR CARS**
No. 2    dt. 25.09.2019
No.21-W:- Sealed tenders are invited from intending bidders **for sale of Ambassador Cars bearing No.- OR- 05-AB-6392 & OR-02 AB -5775** on "as is where is basis" so as to reach the office of the District Judge, Khurda at Bhubaneswar (through Regd. Post/ Speed post/ Courier service/ by hand) **on or before 2.00 PM of dt. 15.10.2019.**
For details visit our website: **http://ecourts.gov.in/india/odisha/khordha/tender**.
Sd./- Registrar, Civil Courts Khurda at Bhubaneswar
18003/11/0001/1920

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-13**
**EXTENSION OF QUOTATION CALL NOTICE**
**Bhubaneswar, dated the 25th September, 2019**
No.47-N :- No.Adm-II-28/2017/5729 /CHSE(O). It is hereby notified that, the Quotation Call Notice vide No.4875 dt.19.08.2019 issued earlier on dt.27.08.2019 in Odia daily "The Dharitri" is hereby extended till Dt.18.10.2019 upto 4 P.M. and shall be opened on the same day at 04.30 P.M. The interested Travel Agencies can access from the CHSE website: **http://www.chseodisha.nic.in** for details information and application forms.
***All other terms and conditions remain unchanged.***
By Order of Chairman
Sd./- Finance Officer
C.H.S.E., Odisha, Bhubaneswar
11003/11/0006/1920

**OFFICE OF THE ANGUL MUNICIPALITY, ANGUL**
**GOVERNMENT OF ODISHA**
No.215-C:- **e-Procurement Notice**
**Angul Municipality Office, Angul**
**Bid Identification No.- EO/AGLM-04 OF 2019-20**
**e-mail ID- angulmunicipality@gmail.com**
**No. 8282    Date: 25.09.2019**

| | | | |
|---|---|---|---|
| 1. | Number of Works | : | 1 (One) number of Road work |
| 2. | Approximate estimated cost | : | Rs. 39.223 Lakhs |
| 3. | Period of completion | : | 2 (two) calendar months |
| 4. | Date & Time of availability of bid document in the portal | : | Dt. 26.09.2019 at 10.00 AM |
| 5. | Last date/ Time for receipt of bid in the portal | : | Dt. 09.10.2019 upto 5.00 PM |
| 6. | Date of opening (Technical Bid) | : | Dt. 11.10.2019 at 11.00 AM |
| 7. | Name and address of the Office Inviting Bid | : | Executive Officer, Angul Municipality, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal **https:/tendersodisha.gov.in**.
Sd./- B.C. Panda
Executive Officer,
Angul Municipality
13085/11/0005/1920

**BHUBANESWAR MUNICIPAL CORPORATION**
**No.26718 COMPETITIVE BIDDING THROUGH e-Procurement Dt.23/09/19**
**NOTICE INVITING TENDER**
**Bid Reference No. BMC-EE DIV-II-08/2019-20 Dt.23.09.2019**
On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.
Only the Bid Reference **No.(BMC-EE DIV-II-08/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.
1. Total No. of works for which Tenders invited: **06 Nos.**
2. Place of Execution : Different locations under **Division-II** of Bhubaneswar Municipal Corporation
3. Estimated Cost of Individual Work : **Rs. 8,82,301/- to Rs. 38,37,686/-**
4. Eligible Class of Contractors –: Registered Contractors of **Class-'D' to Class-'B'** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 26.09.2019 to 5 P.M of 10.10.2019** for online bidding.
8. Bids received will be opened from e-procurement system at **11.00 A.M onwards on 11.10.2019.**
9. The bidder must possess valid and Compatible Digital Signature Certificate **(DSC).**
10. Further details are available in the DTCN. The DTCN **for 6 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.
**On behalf of Commissioner, BMC, Bhubaneswar**
**Executive Engineer**
**BMC Division No.-II**
**Progress Through Partnership for a Better Bhubaneswar**

**NATIONAL HEALTH MISSION**
**ODISHA STATE HEALTH & FAMILY WELFARE SOCIETY**
**HEALTH & FW DEPARTMENT, ODISHA**
Department of Health &FW, Govt. of Odisha
Annex Building of SIH& FW, Nayapalli, Unit-8
Bhubaneswar-751012
Advt. No. 46/ 19    Dated: /09/2019
**Request for Proposal (RFP) for Operation & Management of Primary Health Center (New) in partnership mode under NHM**
No.355-E: Odisha State Health & Family Welfare Society invites application from credible entities registered under Society Registration Act/ Indian Trust Act/ Company Act./ Institutions like Medical Colleges/Hospitals run under Govt/ Public Sector/Pvt. Sector for operation & management of 07 Primary Health Centers (PHC) located in remote & inaccessible areas of the State in partnership mode. The list of the PHCs to be managed is available in the RFP document.
Sealed proposals as per the prescribed RFP document are invited from interested eligible bidders for the "Operation and Management of the PHCs" at the identified locations of the districts. The eligibility criteria and detailed requirements for "Operation & Management of PHCs" and the formats for submission of proposals are set forth in the RFP document which can be downloaded from the website: **www.nrhmorissa.gov.in**. Interested bidders fulfilling the eligibility criteria may submit their proposal(s) with **EMD & documents** as set forth in this RFP. If the bidder wishes to apply for more than one PHC they will have to submit separate proposal for each PHC along with EMD and documents as set forth in the RFP in sealed envelope (s) clearly superscribing the name of the PHC on the envelope (s). The bidders have to submit their proposal(s) to the respective District(s) in which they want to apply. The detailed address for submission of proposal at the District (s) is mentioned in the RFP document.
Proposal(s) complete in all respect should reach the District (s) by Speed Post or Registered Post or Courier only on or before 21/10/2019. The pre bid meeting of the bidders will be held on 01/10/2019, Venue: Mission Directorate, NHM, Annex Building of SIHFW, Unit–8, Bhubaneswar – 751012. The proposal(s) shall be opened in the concerned district on the date and time mentioned in the RFP. Name of the PHC and the RFP reference no. must be superscribed on the sealed envelope. Incomplete applications/applications received in an open envelope/applications received after the due date/from the blacklisted NGOs/ Trusts will be summarily rejected. The authority reserves the right for cancellation/ modification of guidelines for selection without assigning any reason thereof. No personal inquiry shall be entertained.
Sd./- Mission Director, NHM & Member Secretary, OSH&FW Society
10084/11/0029/1920



ସୁନୀଲ-ନର୍ଗିସ

# ଭାବପ୍ରବଣ ସୁନୀଲ

ସୁନୀଲ ଦତ୍ତ। ହିନ୍ଦୀ ସିନେମା ଜଗତର ଅନ୍ୟତମ ବର୍ଷୀୟାନ ଅଭିନେତା। ବେଶ୍ କେତୋଟି ହିଟ୍ ଫିଲ୍ମରେ ତାଙ୍କର ଡକାୟତ ଭୂମିକା ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଅଭିନୟ ପୂର୍ବରୁ ସେ ରେଡିଓ ସିଲୋନ୍‌ରେ ରେଡିଓ ଜକି (ଆରଜେ) ଭାବରେ କାମ କରିଥିଲେ। ସେତେବେଳେ ଥରେ ତାଙ୍କର ଅଭିନେତ୍ରୀ ନର୍ଗିସଙ୍କ ସହ ଏକ ସାକ୍ଷାତକାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ସୁନୀଲ ସାକ୍ଷାତକାର ନେବେ କ'ଣ ନର୍ଗିସଙ୍କୁ ଦେଖି ସେ ଏମିତି ସ୍ତମ୍ଭୀଭୂତ ହୋଇପଡିଲେ ଯେ ଶେଷକୁ ବାଧ ହୋଇ ଏହି ସାକ୍ଷାତକାରକୁ ବାତିଲ କରିବାକୁ ପଡିଥିଲା। ହେଲେ ଏପରି ସଂଯୋଗ, ଅଭିନୟ ଜୀବନରେ ବଲିଉଡ୍‌ର ମାଇଲଷ୍ଟୋନ ଭାବରେ ପରିଗଣିତ ହିନ୍ଦୀ ସିନେମା 'ମଦର ଇଣ୍ଡିଆ'ରେ ନର୍ଗିସଙ୍କ ସହ ସୁନୀଲ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ଧୀରେ ଧୀରେ ନର୍ଗିସ ପ୍ରେମରେ ପଡିଯାଇଥିବା ଏହି ଅଭିନେତା ଶେଷକୁ ତାଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଥିଲେ।



# ଅପେକ୍ଷା ଡିସେମ୍ବରକୁ

କରୀନା ଏବେ ବେଶ୍ ଉତ୍ସୁକତାର ସହ ଡିସେମ୍ବରକୁ ଅପେକ୍ଷା କରିଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ସେହି ମାସ ୨୭ରେ ପରଦା ଉପରକୁ ଆସୁଛି କରନ୍ ଜୋହରଙ୍କ 'ଗୁଡ୍ ନ୍ୟୁଜ୍'। ଏହି ଫିଲ୍ମରେ କରୀନାଙ୍କ ନାୟକ ଭାବରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର। କିଆରା ଆଡଓ୍ୱାନୀ ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମ ବ୍ୟତୀତ ଇରଫାନ ଖାଁ ଏବଂ କରୀନାଙ୍କୁ ନେଇ ନିର୍ମିତ 'ଅଂଗ୍ରେଜି ମିଡିୟମ' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି। 'ଏହି ଫିଲ୍ମ ଦ୍ୱୟରେ ମୋତେ ଯେଉଁ ଭୂମିକା ମିଳିଛି ତାହାର ସଫଳତାକୁ ନେଇ ବେଶ୍ ଆଶା ରହିଛି। ବିଶେଷଭାବରେ ଅକ୍ଷୟଙ୍କ ସହ ମୋର ଯୋଡିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। କରୀନା ଏବେ ଶୁଟିଂରୁ ସାମୟିକ ବ୍ରେକ୍ ପାଇଛନ୍ତି। ତେଣୁ କୁଆଡେ ବୁଲାବୁଲି ନ କରି ପରିବାର ସଦସ୍ୟଙ୍କ ସହ ସମୟ କଟାଉଛନ୍ତି।

କରୀନା

# ଆକ୍ସନ ଅବତାର

ଶ୍ରଦ୍ଧାଙ୍କ ଖୁସି ଏବେ କହିଲେ ନ ସରେ। କାରଣ ଖୁବ୍ ଶୀଘ୍ର ସେ ବଡ ପରଦାରେ ଆକ୍ସନ ଅବତାରରେ ଦେଖାଦେବେ। ତେଣୁ ଏ ନେଇ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରୋଲ୍‌ଟିକୁ ଫୁଲ୍ ଜଷ୍ଟିସ ଦେବାକୁ ସେ ଜୁଡୋ ଏବଂ ଏମଏମଏ (ମିକ୍ସଡ ମାର୍ଶଲ ଆର୍ଟ) ଟ୍ରେନିଂ ନେଉଛନ୍ତି। 'ବାଗୀ-୩'ରେ ତାଙ୍କୁ ଏପରି ଏକ ଭୂମିକା ମିଳିଛି, ଯାହାର ମେଲ୍ ଲିଡ୍‌ରେ ଅଛନ୍ତି ଟାଇଗର ଶ୍ରଫ। ଏପରି ଏକ ଭୂମିକାଟିଏ ପାଇବା ପରେ ସେ ଆଶଙ୍କାରେ ପଡିଯାଇ ଥିଲେ। ହେଲେ ଟାଇଗରଙ୍କ କେଇ ପଦ କଥା ତାଙ୍କ ମନରେ ଥିବା ସନ୍ଦେହକୁ ଦୂର କରିଦେଇଥିଲା। ଶ୍ରଦ୍ଧା ଜୁଡୋ ଏବଂ ଏମଏମଏ ଶିଖିବାକୁ ଏବେ ସର୍ବିଆରେ ଡେରା ପକାଇଛନ୍ତି। ଅହମ୍ମଦ ଖାଁଙ୍କ ଦ୍ୱାରା ପ୍ରଯୋଜିତ ଏହି ସିକୁଏଲ ଆସନ୍ତାବର୍ଷ ମାର୍ଚ୍ଚ ୬ରେ ରିଲିଜ ହେବାର ଯୋଜନା ରହିଛି। ତେବେ ଆକ୍ସନ ଭୂମିକାରେ ଶ୍ରଦ୍ଧା କେତେ ସକସେସ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ଶ୍ରଦ୍ଧା

# ଓଡ଼ିଆ ଚଳଚ୍ଚିତ୍ରର ଅଡୁଆ ଅବସ୍ଥା

"ଓଡ଼ିଆ ଚଳଚ୍ଚିତ୍ରର ଅଣଓଡ଼ିଆ ନାମକରଣ ସଂକ୍ରାମକ ରୋଗ ପରି ମାଡ଼ି ଚାଲିଛି। ତୁରନ୍ତ ଏହା ଉପରେ ଅଙ୍କୁଶ ଲଗାଯିବା ଉଚିତ। ହୋମ ବ୍ୟାନରରେ ଓଡ଼ିଆ ସିନେମାଟିଏ ନିର୍ମାଣ କରି ନିଜ ପୁଅ ହେଉ କି ସମ୍ପର୍କୀୟଙ୍କୁ ଲିଡ୍ ରୋଲ୍‌ରେ ନେବା ମଧ୍ୟ ଏକ ଧାରାରେ ପରିଣତ ହେଲାଣି। ହେଲେ ଯେଉଁ ସିନେମାଟିଏ ନିର୍ମିତ ହେଉଛି ତାହା ଦେଖିବାଯୋଗ୍ୟ ନୁହେଁ। କେବଳ ଫୁର୍ତ୍ତି କରିବା ପାଇଁ କେତେକ ଓଡ଼ିଆ ସିନେମା ତିଆରି କରୁଛନ୍ତି, ଯାହା ଧୀରେ ଧୀରେ ଅସହ୍ୟ ବୋଧ ହେଲାଣି।"

ଓଡ଼ିଆ ଚଳଚ୍ଚିତ୍ର ୮୨ ବର୍ଷରେ ପଦାର୍ପଣ କଲାଣି, ପରିପକ୍ୱତା ଅନୁସାର ଆମେ ଅପରିପକ୍ୱ କାମ କରୁଛେ। ଓଡ଼ିଆ ସିନେମାର ଅବସ୍ଥା ବର୍ତ୍ତମାନ କିପରି ଅଛି ତାହା କହିବା ବାହୁଲ୍ୟ। ଆମର ଅନ୍ୟତମ ପ୍ରମୁଖ ମନୋରଞ୍ଜନର ମାଧ୍ୟମ ଭାବରେ ପରିଚିତ ଏହି ଜଗତର ଅବସ୍ଥା ଏବେ ସଙ୍କଟାପନ୍ନ। ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ କେବଳ ଇଂଲିଶ ନୁହେଁ, ହିନ୍ଦୀ ଭାଷାରେ କରାଯିବାର କେତେ ଯଥାର୍ଥତା ରହିଛି ତାହା ବିଚାରଯୋଗ୍ୟ। ତଥାପି ସବୁ କ୍ଷେତ୍ରରେ ନୀରବତା ଯାହାକିଛି ଚାଲିଛି। ଓଡ଼ିଆ ଭାଷା ସାହିତ୍ୟର ଆଦର ଯଦି ଓଡ଼ିଆ ଚଳଚ୍ଚିତ୍ରରେ କରାଯିବ ନାହିଁ ତେବେ ଆମ ଭାଷାର ସମୃଦ୍ଧି ପାଇଁ କଡ଼ାକଡ଼ି ନିୟମ କେବେ ପାଳନ କରିବା। ନୂତନ ପିଢ଼ିମାନେ ଅଣ ଓଡ଼ିଆ ନାମକରଣ ଶୁଣି ଏପରି ବିଚିତ୍ର ଓଡ଼ିଆ ଚଳଚ୍ଚିତ୍ରକୁ କେତେ ଦୂର ଗ୍ରହଣ କରିବେ ତାହା ବିଚାର କରିବାର ସମୟ ଆସିଛି। ଦିନେ ଅଧେ ଚଳଚ୍ଚିତ୍ର ପ୍ରଯୋଜନା କରୁଥିବା ପ୍ରଯୋଜକଙ୍କର କିଛି ଯାଏ ଆସେ ନାହିଁ। ଆମେ କେବଳ ବର୍ଷକୁ ବର୍ଷ ସଂଖ୍ୟା ଗଣି ଓଡ଼ିଆ ଚଳଚ୍ଚିତ୍ରର ହିସାବ କରୁଛୁ। କିନ୍ତୁ ପାସ୍ ହାତ ଦେଖିଲେ ଫେଲ ସଂଖ୍ୟା ଅଧିକ।

ଓଡ଼ିଆ ଚଳଚ୍ଚିତ୍ରର ଅଣଓଡ଼ିଆ ନାମକରଣ ସଂକ୍ରାମକ ରୋଗ ପରି ମାଡ଼ି ଚାଲିଛି। ତୁରନ୍ତ ଏହା ଉପରେ ଅଙ୍କୁଶ ଲଗାଯିବା ଉଚିତ। ହୋମ ବ୍ୟାନରରେ ଓଡ଼ିଆ ସିନେମାଟିଏ ନିର୍ମାଣ କରି ନିଜ ପୁଅ ହେଉ କି ସମ୍ପର୍କୀୟଙ୍କୁ ଲିଡ୍ ରୋଲ୍‌ରେ ନେବା ମଧ୍ୟ ଏକ ଧାରାରେ ପରିଣତ ହେଲାଣି। ହେଲେ ଯେଉଁ ସିନେମାଟିଏ ନିର୍ମିତ ହେଉଛି ତାହା ଦେଖିବାଯୋଗ୍ୟ ନୁହେଁ। କେବଳ ଫୁର୍ତ୍ତି କରିବା ପାଇଁ କେତେକ ଓଡ଼ିଆ ସିନେମା ନିର୍ମାଣ କରୁଛନ୍ତି, ଯାହା ଧୀରେ ଧୀରେ ଅସହ୍ୟ ବୋଧ ହେଲାଣି। ଓଡ଼ିଆ ଚଳଚ୍ଚିତ୍ର ଭାଷାକୁ ବିକୃତ କରିବା ଦିଗରେ ଏବେଠାରୁ ସଚେତନ ହେବା ଜରୁରୀ। ନ ହେଲେ ଅଣଓଡିଆ ନାମକରଣ ସିଧା କପି ଚଳଚ୍ଚିତ୍ରକୁ ଦେଖି ଆତ୍ମତୃପ୍ତି ଲାଭ କରିବାକୁ ହେବ। କପି ଚଳଚ୍ଚିତ୍ର ହେଉ କିଛି ମନା ନାହିଁ, କିନ୍ତୁ ତାହା ଆମ ସାମାଜିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ହେବା ଉଚିତ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚଳଚ୍ଚିତ୍ର ହେଉଛି ମାତ୍ର ପ୍ରେକ୍ଷାଳୟରେ ତାହା କେତେ ଦିନ ପ୍ରଦର୍ଶିତ ହେଉଛି ତାହା ଆଉ ଅଛପା ହୋଇ ରହିନାହିଁ। ସିନେମାର ନିର୍ମାଣଶୈଳୀରେ ତ୍ରୁଟିକୁ ଲୁଚାଇବାକୁ ଯାଇ ଅଯଥା ବାହୁସ୍ଫୋଟ ମାରିବା ଆଦୌ ସମୀଚୀନ ନୁହେଁ। ଦିନ ଥିଲା ଭଲ ମୌଳିକ କାହାଣୀ, ଯେଉଁଥିରେ ଆମ ଓଡ଼ିଆ ମାଟିର ବାସ୍ନା ଭରି ରହିଥିଲା ସେପରି ସିନେମା ପ୍ରସ୍ତୁତ ହେଉଥିଲା, ଯାହାକୁ ଜଣେ ଦର୍ଶକ ବାରମ୍ବାର ଦେଖିବାକୁ ଆଗ୍ରହ ପ୍ରକାଶ କରୁଥିଲେ। ହେଲେ ଏବେ ଅଧିକାଂଶ ଦର୍ଶକ ଓଡ଼ିଆ ସିନେମା ଦେଖିବା କଥା ପଡ଼ିଲା ବେଳକୁ ନାକ ଟେକୁଛନ୍ତି। ପରିପକ୍ୱତା ଥିବା ଚଳଚ୍ଚିତ୍ରକୁ ଶିଳ୍ପର ମାନ୍ୟତା ମିଳିଛି ହେଲେ ଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍। ଶିଳ୍ପ ପାଇଁ କିଛି ଭିତ୍ତିଭୂମି ନାହିଁ କି ପ୍ରଯୋଜକମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ନାହିଁ। ଆମେ କେବଳ ବର୍ଷକୁ ବର୍ଷ ଓଡ଼ିଆ ଚଳଚ୍ଚିତ୍ରର ସଂଖ୍ୟା ବଢ଼ାଇ ଚାଲିଛୁ। ଭିଟାମିନ୍ ଅଭାବଗ୍ରସ୍ତ ଚଳଚ୍ଚିତ୍ର ଆଉ ବାର୍ଦ୍ଧକ୍ୟାବସ୍ଥାରେ କେତେଦିନ ବଞ୍ଚିବ ତାହା ସମୟ ହିଁ କହିବ।



-ଦିଲୀପ ହାଲି
ମୋ : ୯୮୬୧୦୦୯୨୫୨

**ଅପେରା ହାଲଚାଲ**

# ଗାଁ ପ୍ରେମରେ ଜଗା

ଜଲିଉଡ୍ ଅଭିନେତା ଜଗା ଏବେ ଗାଁ ପ୍ରେମରେ ପଡ଼ିଯାଇଛନ୍ତି। କାରଣ ଗାଁ ପରିବେଶରେ ସେ ବଢ଼ିଛନ୍ତି। ତେଣୁ ଜନ୍ମ ମାଟିର ବାସ୍ନାକୁ ସେ ବା କେମିତି ଭୁଲିଯିବେ ? ଏହାର ଅର୍ଥ ନୁହେଁ ଯେ ଜଗା ଅଭିନୟକୁ ଗୁଡବାୟ କହି ଗାଁରେ ରହୁଛନ୍ତି। ତାଙ୍କୁ ଏକ ଗାଉଁଲି ସାଦାସିଧା ଯୁବକ ଚରିତ୍ରରେ ଦେଖିବାକୁ ମିଳୁଛି ଅପେରା ବିଶ୍ୱଦରବାର ଦ୍ୱାରା ଚଳିତ ଯାତ୍ରା ସିଜନରେ ପରିବେଷିତ ନାଟକ 'ଆକାଶ କଇଁଆ ଚିଲିକା ମାଛ'ରେ। ଇଂ କିଶୋର ମହାପାତ୍ରଙ୍କ ଦ୍ୱାରା ରଚିତ ଏବଂ ଆଗଧାଡ଼ିର ନିର୍ଦ୍ଦେଶକ ଇଂ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଏହି ନାଟକରେ ଜଗା ନିଜ ଭୂମିକା (ଛୋଟୁ)କୁ ବେଶ୍ ସୁନ୍ଦର ଭାବରେ ତୁଲାଇଛନ୍ତି। ଏହି ବିଦ୍ୟାଙ୍ଗ ଚରିତ୍ର ଦର୍ଶକ ପସନ୍ଦ କରିଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନାଟକ ବ୍ୟତୀତ 'ବର୍ଷା ରାତିର ସାଥୀ' (ରଚନା - ଅଧ୍ୟାପକ ଦୀପକ ଜେନା, ନିର୍ଦ୍ଦେଶନା -ଗୁରୁ ପ୍ରସାଦ ମିଶ୍ର)ରେ ପୋଲିସ ଇନ୍ସପେକ୍ଟର ରମେଶ ଦାସ, 'ଚଉଠି ରାତିର ଚଉଦ କଥା' ଭୃଗୁ ମହାପାତ୍ର, 'ଭଲ ପାଇବାକୁ ଭୟ ଲାଗୁଛି'ରେ ରାଜ୍ ଏବଂ 'ଗୁପ୍ତ ସମ୍ପର୍କ'ରେ ଜୀବନ ଭୂମିକାରେ ତାଙ୍କୁ ଏଥର ଦେଖିବାକୁ ମିଳିଛି। 'ଭୂମିକା ପଜିଟିଭ ହେଉ ବା ନେଗେଟିଭ-ତାହାକୁ କିପରି ତୁଲାଇବି ସେ ନେଇ ସବୁବେଳେ ଗୁରୁତ୍ୱ ଦିଏ। ଦର୍ଶକ ଆମ ପାଇଁ ଭଗବାନ। ସେମାନଙ୍କର ତାଳି ଆମକୁ ଆଗକୁ ଯିବାକୁ ସାହାଯ୍ୟ କରେ। ହେଲେ ମୁଁ ସବୁବେଳେ ସେମାନଙ୍କର ତାଳି ଏବଂ ଗାଳିକୁ ସମ୍ମାନ ଦିଏ। ସଂପ୍ରତି ଚଳିତ ଯାତ୍ରା ସିଜନ୍‌ରେ ଜଗା ଅପେରା ବିଶ୍ୱ ଦରବାରରେ ନିଜର ଅଭିନୟ ଜାରି ରଖିଛନ୍ତି।



ଜଗା

# ଆଶାରେ ଅଂଶୁମାନ

ଅଂଶୁମାନ ସାମନ୍ତରାୟ। ଦେଖୁ ଦେଖୁ ୟା ଭିତରେ ୮ଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି। ଏବେ ସେ ହିନ୍ଦୀ ସିନେମାରେ ନିଜ କ୍ୟାରିୟରକୁ ଆଗେଇ ନେବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଖୁବ୍ ଶୀଘ୍ର ତାଙ୍କ ଅଭିନୀତ



'ମାରିୟା' ଏବଂ 'ଏହେସାସ' ରିଲିଜ ହେବାକୁ ଯାଉଛି। ଏ ସମ୍ପର୍କରେ ଅଂଶୁମାନ କହନ୍ତି, 'ଏହି ଫିଲ୍ମଦ୍ୱୟରେ ମୋତେ ଯେଉଁ ରୋଲ ମିଳିଛି ତାହା ମୋ ପାଇଁ ନିଶ୍ଚୟ ମାଇଲେଜ ସାବ୍ୟସ୍ତ ହେବ। 'ମାରିୟା'ରେ ମୋତେ ଜଣେ ସୁପାରିକିଲର ଭୂମିକା ମିଳିଛି। ଯଦିଓ ରୋଲ ଅଳ୍ପ ହେଲେ ସେଥିରେ ଦମ୍ ରହିଛି।' କେବଳ ସେତିକି ନୁହେଁ ହୋମ୍ ବ୍ୟାନରରେ ଏକ ସିନେମା ନିର୍ମାଣ ଚକ୍କରରେ ଅଛନ୍ତି ବୋଲି ସୂଚନା ଦେଇଛନ୍ତି ଏହି ଅଭିନେତା। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଆଇଲାରେ ଓଡ଼ିଆ ପୁଅ', ଯେଉଁଥିରେ ତାଙ୍କୁ ଖଳନାୟକ ଭାବରେ ଦେଖିବାକୁ ମିଳିଥିଲା। ତେବେ ରିଲିଜ୍ ଅପେକ୍ଷାରେ ଥିବା 'ତୁ ମୋର ନିହାତି ଦରକାର'ରେ ତାଙ୍କୁ ମିଳିଛି ଏକ ଭିନ୍ନ ଧରଣର ଭୂମିକା। ଏଥିରେ ସେ ପାଣି ଭିତରେ ଏକ ଫାଇଟ୍ ଶଟ୍ ଦେଇଛନ୍ତି।

**ନୂଆ ସିନେମା**

# ଲଭ୍ ୟୁ ପ୍ରିୟା

ଭଲ ପାଇବାରେ ଆବିଳତା ନ ଥିଲେ ସେଥିରେ ସକ୍‌ସେସ ହେବାର ଚାନ୍ସ ଅଧିକ। ଗାଁରୁ ସହର ଯାଇଥିବା ପୁଅଟି ସେଠାରେ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଏ। ହେଲେ ସେହି ଝିଅ ମନରେ ତା' ପୂର୍ବରୁ ଆଉ ଜଣେ ବସା ବାନ୍ଧି ସାରିଥାଏ। ତଥାପି ମନପ୍ରାଣ ଦେଇ ନିଜ ପ୍ରେମକୁ ସାର୍ଥକ କରିବାକୁ ଲାଗିପଡେ ସେ। ହେଲେ ସମୟ ଚକ୍ରରେ ପ୍ରେମିକାର ମନ ବଦଳି ଯାଏ କି ? ସେହି ଝିଅ ଯାହାକୁ ପୂର୍ବରୁ ଭଲ ପାଉଛି ସେ ତାକୁ ବୋହୂ ରୂପରେ ଘରକୁ ନେଇଯାଏ କି ? ଗାଁରୁ ଆସିଥିବା ସେହି ପିଲାର ପ୍ରେମକୁ ଝିଅଟି ଗ୍ରହଣ କରେ କି ? ଏସବୁ ପ୍ରଶ୍ନର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ ସିନେମା 'ଲଭ୍ ୟୁ ପ୍ରିୟା'ରେ। ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଜୟ ସେନ୍। ଜେ.ଏଚ.ବି. ଟିଭି ବ୍ୟାନରରେ ନିର୍ମିତ ହେଉଥିବା ଉକ୍ତ ସିନେମାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନବାଗତ ବିବେକ କୁମାର। ସଂଳାପ ଲେଖିଛନ୍ତି ଆଶୁତୋଷ ବାରିକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଶିଷ କୁମାର ଏବଂ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଧୀରେନ। 'ଅଜାତଶତ୍ରୁ'ରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିବା ସୋହମ ସିଂ ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ଫିମେଲ ଲିଡ୍‌ରେ ଅଛନ୍ତି ନବାଗତା ମହିମା। ଏହି ଯୋଡି ବ୍ୟତୀତ ଜୀବନ ପଣ୍ଡା, ଭୂପତି ତ୍ରିପାଠୀ, ପ୍ରୀତିରାଜ, ଗୁଲ୍ଲୁ, ପୁଷ୍ପା ପଣ୍ଡା, ମିତା ଚକ୍ରବର୍ତ୍ତୀ, ଜୟ ସେନ୍‌ଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।



ସୋହମ୍-ମହିମା



ଦେଶକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢି ତୋଳିବା ଲାଗି ସରକାର ପ୍ରୟାସ ଧାରା ଜାରି ରଖିଛନ୍ତି।

– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ



ଷ୍ଟାର୍ଟଅପ୍‌ଗୁଡିକ ନିରନ୍ତର ବିକାଶ ମଡେଲ ଦ୍ୱାରା କାର୍ଯ୍ୟ କରିବା ସହ ଋଣ ଭାରରେ ଯେଭଳି ଛନ୍ଦି ନ ହୁଅନ୍ତି ତାକୁ ଦେଖିବାକୁ ହେବ।

– କ୍ରିସ୍ ଗୋପାଳକ୍ରିଷ୍ଣନ, ଅଧ୍ୟକ୍ଷ ଅକ୍ସିଲର ଭେଞ୍ଚର୍ସ

## ସଂକ୍ଷେପରେ

### ନିବେଶକ ହରାଇଲେ ୧.୮୪ ଲକ୍ଷ କୋଟି

**ମୁମ୍ବାଇ,୨୫-୯:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହେବା ଏବଂ ଜିଡିପି ଅଭିବୃଦ୍ଧି ପରିସଂଖ୍ୟାନ ହ୍ରାସ ପାଇବା ପ୍ରଭାବ ଦେଶର ଶେୟାର ବଜାରରେ ଦେଖିବାକୁ ମିଳିଛି। ଏହି କାରଣରୁ ସପ୍ତାହର ତୃତୀୟ ଦିନ ଉଭୟ ବିଏସ୍‌ଇ ସେନ୍‌ସେକ୍ସ ଓ ଏନ୍‌ଏସଇ ନିଫ୍ଟିରେ ବ୍ରେକ୍ ଲାଗିଛି। ବୁଧବାର ସେନ୍‌ସେକ୍ସ ୫୦୩.୬୨ପଏଣ୍ଟ ହ୍ରାସ ପାଇ ୩୮,୫୯୩.୫୨ ଓ ନିଫ୍ଟି ୧୪୮ ପଏଣ୍ଟ ହ୍ରାସ ପାଇ ୧୧,୪୪୦.୨୦ରେ ବନ୍ଦ ହୋଇଛି। ଫଳରେ ଗୋଟିଏ ଦିନରେ ନିବେଶକ ପ୍ରାୟ ୧.୮୪ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

### ଅଭିବୃଦ୍ଧି ଆକଳନ ୬.୫%କୁ ଖସାଇଲା ଏଡିବି

**ନୂଆଦିଲ୍ଲୀ,୨୫-୯**

ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଆକଳନକୁ ବୁଧବାର ୫୦ ବେସିସ ପଏଣ୍ଟ ଖସାଇଛି। ଗତ ୩ ମାସ ମଧ୍ୟରେ ଏହା ପୂର୍ବରୁ କରିଥିବା ଅଭିବୃଦ୍ଧି ଆକଳନକୁ ଲଗାତର ଭାବେ ଦ୍ୱିତୀୟ ଥର ଲାଗି କମ୍ କରିଛି। ବ୍ୟାଙ୍କ ଏହାର ଏସିଆନ୍ ଡେଭଲପମେଣ୍ଟ ଆଉଟଲୁକ(ଏଡିଓ) ୨୦୧୯ ରିପୋର୍ଟରେ ଦେଶର ଅଭିବୃଦ୍ଧି ହାର ୬.୫% ରହିବ ବୋଲି ଆକଳନ କରିଛି। ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ଅଭିବୃଦ୍ଧି ୫%କୁ ଖସିଥିବାରୁ ଏହାକୁ ଧ୍ୟାନରେ ରଖି ଏଡିବି ମଧ୍ୟ ଅଭିବୃଦ୍ଧି ପୂର୍ବାନୁମାନ କମ୍ କରିଛି। ଚଳିତ ଆର୍ଥିକ ବର୍ଷ ଏବଂ ଆସନ୍ତା ଆର୍ଥିକ ବର୍ଷରେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିବ ବୋଲି ଏଡିବି ମୁଖ୍ୟ ଅର୍ଥନୀତିଜ୍ଞ ୟାସୁୟୁକି ସାୱାହା କହିଛନ୍ତି।

### ୩୦ରେ ଲଞ୍ଚ ହେବ ଆଇଆର୍‌ସିଟିସି ଆଇପିଓ

**ନୂଆଦିଲ୍ଲୀ,୨୫-୯:** ନିବେଶ ଜରିଆରେ ଆୟ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଭାରତୀୟ ରେଲୱେର ସହଯୋଗୀ ଆଇଆର୍‌ସିଟିସି ଆଣିବାକୁ ଯାଉଛି ଏକ ସ୍ୱତନ୍ତ୍ର ସୁଯୋଗ। ରେଲୱେ ଲାଗି ଟିକେଟ ବୁକିଂ ଏବଂ କ୍ୟାଟରିଂ ପରିଚାଳନା କରୁଥିବା ଆଇଆର୍‌ସିଟିସି ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ ଆସୁଛି। ଏହା ଆସନ୍ତା ୩୦ରେ ଦେଶରେ ଲଞ୍ଚ କରାଯିବ। ଏହା ଜରିଆରେ ୬୪୫ କୋଟି ଟଙ୍କା ଯୋଗାଡ କରାଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଆଇଆର୍‌ସିଟିସି ଆଇପିଓର ପ୍ରାଇସ୍ ବ୍ୟାଣ୍ଡ ୩୧୫-୩୨୦ ଟଙ୍କା ଧାର୍ଯ୍ୟ ହୋଇଛି। ଅକ୍ଟୋବର ୩ରେ ଇସ୍ୟୁ ବନ୍ଦ ହୋଇଯିବ।

## ଗ୍ଲୋବାଲ ବିଜ୍‌ନେସ ଫୋରମରେ ମୋଦି

# 'ଭାରତରେ ନିବେଶ ଲାଗି ସୁବର୍ଣ୍ଣ ସୁଯୋଗ'

**ନ୍ୟୁୟର୍କ,୨୫-୯**





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଏଠାରେ ବ୍ଲୁମ୍‌ବର୍ଗ ଗ୍ଲୋବାଲ ଇନ୍‌ଭେଷ୍ଟର ଫୋରମ୍‌ରେ ଯୋଗ ଦେଇଛନ୍ତି। ଭାରତରେ ରାଜନୈତିକ ସ୍ଥିରତା ରହିଥିବା ବେଳେ ନିବେଶ ଲାଗି ଅନୁକୂଳ ବାତାବରଣ ରହିଛି। ତଥାପି ଏଥିରେ କୌଣସି ତ୍ରୁଟି ରହିଥିଲେ ସେ ତାହାକୁ ସେତୁ ଭାବେ ପୂରଣ କରିବେ ବୋଲି ଉଲ୍ଲେଖ କରି ମୋଦି ବିଶ୍ୱର ନିବେଶକଙ୍କୁ ଭାରତ ଆସିବାକୁ ଆହ୍ୱାନ ଦେଇଛନ୍ତି। ଦେଶର ଅଭିବୃଦ୍ଧିରେ ସେ ୪ଟି ମୌଳିକ କାରଣକୁ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଗଣତନ୍ତ୍ର(ଡେମୋକ୍ରାସି), ଜନସଂଖ୍ୟାତତ୍ତ୍ୱ(ଡେମୋଗ୍ରାଫି), ଚାହିଦା(ଡିମାଣ୍ଡ) ଓ ନିର୍ଣ୍ଣାୟକତା (ଡିସାଇସିଭ୍‌ନେସ୍) ଯୋଗୁ ଭାରତ ଦ୍ରୁତଗତିରେ ଆଗକୁ ବଢୁଛି। ଭାରତରେ ନିବେଶ ଲାଗି ସୁବର୍ଣ୍ଣ ସୁଯୋଗ ରହିଛି ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଏନ୍‌ଡିଏ ସରକାର ସମ୍ପତ୍ତି ସୃଷ୍ଟିକାରୀ ଓ ବ୍ୟବସାୟୀ ଗୋଷ୍ଠୀକୁ ସମ୍ମାନ କରେ। ସରକାର କର୍ପୋରେଟ ଟିକସ ହ୍ରାସ କରିବା ଭଳି ଯୁଗାନ୍ତକାରୀ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ବ୍ୟବସାୟିକ ନେତୃତ୍ୱ ଏହାକୁ ଐତିହାସିକ ମନେକରୁଛନ୍ତି। ନିବେଶ ବଢ଼ାଇବା ଲାଗି ସରକାର ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେଇ ଚାଲିଛନ୍ତି। ନୂଆ ସରକାର ଗଠନ ପରେ ବାଧା ଉପୁଜ କରୁଥିବା ୫୦ରୁ ଅଧିକ ଆଇନକୁ ରଦ୍ଦ କରାଯାଇଛି। ନୂଆ ସରକାରକୁ ମାତ୍ର ୩-୪ ମାସ ହୋଇଛି। ତାଙ୍କ ମତରେ ବ୍ୟବସାୟିକ ପରିବେଶ ସୃଷ୍ଟି ଲାଗି ଏହା ଅୟମାରମ୍ଭ ମାତ୍ର। ଆହୁରି ଲମ୍ବା ସମୟ ପଡିଛି। ଭାରତ ସହିତ ପାର୍ଟନରଶିପ୍ କରିବା ଲାଗି ବିଶ୍ୱ ନିକଟରେ ଏହାହିଁ ସୁବର୍ଣ୍ଣ ସୁଯୋଗ। ସାରା ବିଶ୍ୱର ନିବେଶକଙ୍କୁ ଭାରତ ଆସିବାକୁ ଆହ୍ୱାନ ଜଣାଇ ମୋଦି କହିଛନ୍ତି ଯେ, ଦେଶର ମଧ୍ୟବିତ୍ତ ଶ୍ରେଣୀଙ୍କ ଆକାଂକ୍ଷା ବଢ଼ିବାରେ ଲାଗିଛି ଓ ସେମାନଙ୍କର ଦୃଷ୍ଟିକୋଣ ବିଶ୍ୱ ସ୍ତରର ବୋଲି କୁହାଯାଇପାରେ। ଏଣୁ ନୂଆ ଟ୍ରେଣ୍ଡ ସହିତ ନିବେଶ କରିବାକୁ ଚାହୁଁଥିବା ନିବେଶକ ଭାରତ ଆସନ୍ତୁ। ଦେଶର ଯୁବବର୍ଗ ଆପ୍ ଅର୍ଥନୀତିର ସବୁଠାରୁ ବଡ଼ ବ୍ୟବହାରକାରୀ। ଆପ୍ ଷ୍ଟାର୍ଟଅପ୍‌ରେ ବଡ଼ ମାର୍କେଟ ସହିତ ନିବେଶ କରିବାକୁ ଚାହୁଁଥିଲେ ଭାରତ ଆସନ୍ତୁ ବୋଲି ସେ ନିବେଶକମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଏଥିସହିତ ସେ ଭିତ୍ତିଭୂମି, ସହର ବିକାଶ ଓ ମେକ୍ ଇନ୍ ଇଣ୍ଡିଆରେ ନିବେଶ ପାଇଁ ବ୍ୟବସାୟିକ ଗୋଷ୍ଠୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ଏନ୍‌ଡିଏ ସରକାର ଦେଶରେ ଭିତ୍ତିଭୂମି କ୍ଷେତ୍ରରେ ୧୦୦ ଲକ୍ଷ କୋଟି ଡଲାର ନିବେଶ କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି।





ଶାରଦୀୟ ବାସନ୍ତୀ ହୋଣ୍ଡା କମ୍ପାନୀ ତରଫରୁ ଅଫର।

## ହୋଣ୍ଡାର ଆନନ୍ଦୋତ୍ସବ ଧମାକା

**ଚଣ୍ଡିଖୋଲ,୨୫।୯(ଡି.ଏନ୍.ଏ.)**

ଶାରଦୀୟ ପୂଜା ଅବସରରେ ହୋଣ୍ଡା ମୋଟର ସାଇକେଲ କମ୍ପାନୀ ତରଫରୁ ଚଣ୍ଡିଖୋଲସ୍ଥିତ ବାସନ୍ତୀ ହୋଣ୍ଡା ୨୦୧୯ ଆନନ୍ଦୋତ୍ସବ ଧମାକା ଆରମ୍ଭ କରିଛି। ଗ୍ରାହକମାନେ ମାତ୍ର ୧୧୦୦ ଟଙ୍କାର ଡାଉନ ପେମେଣ୍ଟ ଦେଇ କମ୍ପାନୀର ଆକ୍ଟିଭା, ସାଇନ, ଆଭିଏଟର, କ୍ଲିକ୍, ଓ ଲିଭୋ ଆଦି ଗାଡ଼ି ଘରକୁ ନେଇପାରିବେ। ସେହିଭଳି ୯୯୯୯ ଟଙ୍କା ଡାଉନ ପେମେଣ୍ଟ ଦେଇ ହୋଣ୍ଡା ୟୁନିକର୍ନ୍ ଗ୍ରାହକମାନେ ପାଇପାରିବେ ବୋଲି କମ୍ପାନୀ ତରଫରୁ ଘୋଷଣା କରାଯାଇଛି। ଚଳିତ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୩୦ପର୍ଯ୍ୟନ୍ତ ଗାଡ଼ି କିଣିବା ଉପରେ କେତେକ ଆକର୍ଷଣୀୟ ଉପହାରର ବ୍ୟବସ୍ଥା ମଧ୍ୟ କରାଯାଇଅଛି। ପ୍ରତ୍ୟେକ କ୍ରେତାଙ୍କୁ ସ୍କ୍ରାଚ କୁପନ ପ୍ରଦାନ କରାଯାଉଥିବାବେଳେ ବିଜେତାଙ୍କୁ ଗୋଲ୍ଡ କଏନ, ସିଲ୍‌ଭର କଏନ, ଏଲ୍‌ଇଡି ଟିଭି, ୱାଶିଂ ମେଶିନ, ରେଫ୍ରିଜିରେଟର ଓ ମିକ୍ସର ଗ୍ରାଇଣ୍ଡର ଆଦି ପ୍ରଦାନ କରାଯିବ ବୋଲି ବାସନ୍ତୀ ହୋଣ୍ଡାର ମାଲିକ ଜନ୍ମେଜୟ ସାହୁ ସୂଚନା ଦେଇଛନ୍ତି।

## ୨୫ ମହାଧନୀଙ୍କ ନିକଟରେ ଜିଡିପିର ୧୦% ସମ୍ପତ୍ତି

### ହୁରୁନ ତାଲିକାରେ ମୁକେଶ ଅମ୍ବାନୀ ଶୀର୍ଷରେ

**ନୂଆଦିଲ୍ଲୀ,୨୫-୯**



ଦେଶର ଶୀର୍ଷ ମହାଧନୀଙ୍କ ନିକଟରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୧୦ ପ୍ରତିଶତ ସମ୍ପତ୍ତି ରହିଛି ବୋଲି ଆଇଆଇଏଫ୍‌ଏଲ୍ ୱେଲ୍‌ଥ ହୁରୁନ ଇଣ୍ଡିଆ ପକ୍ଷରୁ ଚଳିତବର୍ଷ ଲାଗି ପ୍ରକାଶିତ ମହାଧନୀ ତାଲିକାରୁ ସ୍ପଷ୍ଟ ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ କ୍ରମାଗତ ୮ମ ବର୍ଷ ଧରି ଭାରତୀୟ ମହାଧନୀଙ୍କ ତାଲିକାରେ ଶୀର୍ଷସ୍ଥାନ ବଜାୟ ରଖିଥିବା ଏହି ରିପୋର୍ଟରେ କୁହାଯାଇଛି। ତାଙ୍କର ମୋଟ ସମ୍ପତ୍ତି ପରିମାଣ ୩,୮୦,୭୦୦ କୋଟି ଟଙ୍କା ବୋଲି ପ୍ରକାଶ ପାଇଛି।

ହୁରୁନ ଇଣ୍ଡିଆ ମହାଧନୀ ତାଲିକାର ଶୀର୍ଷ ୨୫ ଜଣରେ ମୁକେଶଙ୍କ ବ୍ୟତୀତ ଅନ୍ୟମାନେ ହେଲେ ଏସ୍.ପି. ହିନ୍ଦୁଜା ଓ ପରିବାର, ଅଜିମ ପ୍ରେମଜୀ, ଏଲ୍.ଏନ୍.ମିତ୍ତଲ ଓ ଗୌତମ ଆଦାନୀ ରହିଛନ୍ତି। ଆଇଆଇଏଫ୍‌ଏଲ୍ ୱେଲ୍‌ଥ ମ୍ୟାନେଜମେଣ୍ଟର ସହ ପ୍ରତିଷ୍ଠାତା ତଥା ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଯତୀନ ଶାହ୍‌ଙ୍କ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଅଧିକାଂଶ ଶିଳ୍ପପତିଙ୍କ ସମ୍ପତ୍ତି ଉତ୍ତରାଧିକାର ସୂତ୍ରରୁ ଆସିଛି। ତାଲିକାରେ ପ୍ରକାଶିତ ମହାଧନୀଙ୍କ ମଧ୍ୟରୁ ୫୩% ଉତ୍ତରାଧିକାର ସୂତ୍ରରେ ସମ୍ପତ୍ତି ପାଇଛନ୍ତି। ସମ୍ପତ୍ତି ବିସ୍ତାର ଓ ଏହାର ସଂରକ୍ଷଣ ଲାଗି ଯଥାସାଧ୍ୟ ପ୍ରୟାସ କରୁଥିବା ଯୋଗୁ ଏହା ସମ୍ଭବ ହୋଇପାରୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ହୁରୁନ ରିପୋର୍ଟ ଇଣ୍ଡିଆର ଏମ୍‌ଡି ତଥା ମୁଖ୍ୟ ଗବେଷଣାକାରୀ କହିଛନ୍ତି ଯେ, ଭାରତ ସରକାର ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାର ଜିଡିପିରେ ପରିଣତ କରିବାର ଲକ୍ଷ୍ୟଧାର୍ଯ୍ୟ କରିଥିବାରୁ ଆସନ୍ତା ୫ ବର୍ଷ ଭିତରେ ମହାଧନୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ।

ଲଣ୍ଡନସ୍ଥିତ ଏସ୍.ପି.ହିନ୍ଦୁଜା ଏବଂ ତାଙ୍କ ପରିବାର ସମ୍ପତ୍ତି ପରିମାଣ ୧,୮୬,୫୦୦ କୋଟି ଟଙ୍କା ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ୱିପ୍ରୋର ପୂର୍ବତନ ଅଧ୍ୟକ୍ଷ ଅଜିମ ପ୍ରେମ୍‌ଜୀ ଭାରତୀୟ ମହାଧନୀଙ୍କ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ପରିମାଣ ୧,୧୭,୧୦୦ କୋଟି ଟଙ୍କା ବୋଲି ଜଣାପଡିଛି। ଚଳିତଥର ତାଲିକାରେ ୧ ହଜାର କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଥିବା ଭାରତୀୟଙ୍କ ସଂଖ୍ୟା ବୃଦ୍ଧି ପାଇ ୯୫୩ରେ ପହଞ୍ଚିଛି। ଗତବର୍ଷ ଏହା ୮୩୧ ଥିଲା। ତେବେ ଡଲାର ମୂଲ୍ୟକୁ ହିସାବକୁ ନେଲେ ମହାଧନୀଙ୍କ ସଂଖ୍ୟା ୧୪୧ରୁ ୧୩୮କୁ ହ୍ରାସ ପାଇଛି।

## ସୋସିଆଲ ମିଡିଆରେ ୯ ବାଣିଜ୍ୟିକ ବ୍ୟାଙ୍କ ବନ୍ଦ ପ୍ରଚାର ଗୁଜବ

**ମୁମ୍ବାଇ,୨୫-୯**

ଗତ କିଛିଦିନ ହେବ ସୋସିଆଲ ମିଡିଆରେ ଦେଶର ୯ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବନ୍ଦ ହୋଇଯିବ ବୋଲି ଖବର ଭାଇରାଲ ହେଉଛି। ଏହା ଉପରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସ୍ପଷ୍ଟୀକରଣ ଦେଇଛି। ସୋସିଆଲ ମିଡିଆରେ ପ୍ରଚାରିତ ଖବରକୁ ଖଣ୍ଡନ କରି ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି ଯେ, କେତେକ ଖଳପ୍ରକୃତିର ବ୍ୟକ୍ତିବିଶେଷ ଏଭଳି ଭୁଲ୍ ଖବର ପ୍ରଚାର କରି ଲୋକଙ୍କୁ ଆତଙ୍କିତ କରିବାକୁ ଚେଷ୍ଟା କରୁଛନ୍ତି। କୌଣସି ବ୍ୟାଙ୍କକୁ ବନ୍ଦ କରାଯିବ ନାହିଁ। ବ୍ୟାଙ୍କଗୁଡ଼ିକ ଉପରେ ସମସ୍ତଙ୍କର ଆସ୍ଥା ରହିବା ଆବଶ୍ୟକ। ଅନ୍ୟପକ୍ଷରେ ଆର୍‌ବିଆଇ କହିଛି ଯେ, କମର୍ସିଆଲ ବ୍ୟାଙ୍କ ବନ୍ଦ ହୋଇଯିବା ଖବର ସମ୍ପୂର୍ଣ୍ଣ ମିଛ। ସୋସିଆଲ ମିଡିଆ ଖବର ସମ୍ପୂର୍ଣ୍ଣ ରୂପେ ମନଗଢ଼ା, ଭିତ୍ତିହୀନ ଓ ଗୁଜବ ଛଡା ଆଉ କିଛି ନୁହେଁ।

## ତେଲ ପାଇଁ କ୍ରେଡିଟ୍ କାର୍ଡରେ ମିଳିବନି କ୍ୟାଶ୍‌ବ୍ୟାକ

**ନୂଆଦିଲ୍ଲୀ,୨୫-୯**

ଅକ୍ଟୋବର ପହିଲାରୁ ପେଟ୍ରୋଲ ପମ୍ପରେ ତେଲ ପକାଇଲେ କ୍ରେଡିଟ୍ କାର୍ଡଧାରୀଙ୍କୁ ଆଉ କ୍ୟାଶ୍‌ବ୍ୟାକ ମିଳିବ ନାହିଁ। ଦେଶର ତୈଳ କମ୍ପାନୀଗୁଡ଼ିକ ଏ ନେଇ ନିଷ୍ପତ୍ତି ନେଇଛନ୍ତି। ତୈଳ କମ୍ପାନୀଗୁଡ଼ିକ କ୍ରେଡିଟ କାର୍ଡଧାରୀଙ୍କୁ ୦.୭୫% କ୍ୟାଶ୍‌ବ୍ୟାକ୍ ଦେଉଥିଲେ। ଏ ସମ୍ପର୍କରେ ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ନିଜର ସମସ୍ତ କ୍ରେଡିଟ୍ କାର୍ଡ ଗ୍ରାହକଙ୍କୁ ମେସେଜ ପଠାଇ ଜଣାଇ ଦେଇଛି। କେନ୍ଦ୍ର ସରକାର ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ଘୋଷଣା କରିବା ପରେ ନଗଦ ଅଭାବକୁ ଦୂର କରିବା ପାଇଁ ତୈଳ କମ୍ପାନୀଙ୍କୁ କ୍ୟାଶ୍‌ବ୍ୟାକ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ପୁନର୍ଗଠିତ

**ନୂଆଦିଲ୍ଲୀ,୨୫-୯**

କେନ୍ଦ୍ର ସରକାର ବୁଧବାର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପୁନର୍ଗଠନ କରାଯାଇଛି। ଏହି ନୂଆ ପରିଷଦ ଆସନ୍ତା ୨ ବର୍ଷ ପାଇଁ କାର୍ଯ୍ୟ କରିବ। ଗୁରୁବାରଠାରୁ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ବିବେକ ଦେବରୟ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଓ ରତନ ପି. ୱାଟଲ ସଦସ୍ୟ ସଚିବ ଭାବେ ନିଜ ଦାୟିତ୍ୱରେ ରହିବେ। ଏହି ଦୁଇ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରିଷଦରେ ଦୁଇଜଣ ସାମୟିକ ସଦସ୍ୟ ରହିବେ। ପୂର୍ବର ପରିଷଦରେ ୩ ଜଣ ସାମୟିକ ସଦସ୍ୟ ଥିଲେ। ବର୍ତ୍ତମାନର ଦୁଇ ଜଣ ସାମୟିକ ସଦସ୍ୟ ରଥୀନ ରୟ ଏବଂ ଶମିକା ରବିଙ୍କୁ ନୂଆ ପରିଷଦରେ ସ୍ଥାନ ମିଳିନାହିଁ। ତେବେ ଡ.ଅସୀମା ଗୋୟଲ ଓ ଡ.ସାଜିଦ୍ ଚିନୟଙ୍କୁ ସାମୟିକ ସଦସ୍ୟ ଭାବେ ନିଯୁକ୍ତି ମିଳିଛି।

## ମିଆ ବାଏ ତନିଷ୍କର ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୨୫-୯**

ଲୋକପ୍ରିୟ ଜୁଏଲେରି ବ୍ରାଣ୍ଡ ମିଆ ବାଏ ତନିଷ୍କ ପକ୍ଷରୁ ଦୁର୍ଗାପୂଜା ଉପଲକ୍ଷେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଗ୍ରାହକ ୨୫,୦୦୦ ଟଙ୍କାର କ୍ରୟ ଉପରେ ବିନା ମୂଲ୍ୟରେ ସୁନା ପଦକ ପାଇପାରିବେ। ସେହିଭଳି ମିଆ କ୍ଲାସିକ କଲେକ୍ସନରେ ୧୦% ପର୍ଯ୍ୟନ୍ତ ଛାଡ ବ୍ୟବସ୍ଥା ମଧ୍ୟ ରହିଛି। କୋଲକାତା, ସିଲିଗୁଡି, ଗୁଆହାଟିସ୍ଥିତ ମିଆ ଷ୍ଟୋରରେ ଏହି ଅଫର ଚଳିତମାସ ୨୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଭୁବନେଶ୍ୱର ସମେତ ରାଞ୍ଚି, ଜାମସେଦପୁର ଏବଂ ଗ୍ୟାଙ୍ଗଟକ ଭଳି ଶୋ'ରୁମରେ ମଧ୍ୟ ୨୯ ତାରିଖ ଯାଏ ରିହାତି ମିଳିବ। ଚଳିତ ମାସ ୨୮ ଏବଂ ୨୯ ତାରିଖରେ ଗ୍ରାହକମାନେ ଅତିରିକ୍ତ ୫% ଛାଡ ପାଇ ପାରିବେ। ଏହି କଲେକ୍ସନ ମଧ୍ୟରେ ସୁନା ଏବଂ ହୀରାର ସମ୍ମିଶ୍ରଣରେ ସ୍ୱତନ୍ତ୍ର ଗହଣା ସାମିଲ ରହିଛି। ଦୁର୍ଗାପୂଜା ଉପଲକ୍ଷେ ସ୍ୱତନ୍ତ୍ର ଅଫର ଘୋଷଣା କରି ଅତ୍ୟନ୍ତ ଆନନ୍ଦିତ ବୋଲି ମିଆ ବାଏ ତନିଷ୍କର ବ୍ୟବସାୟ ମୁଖ୍ୟ ଭବିଷ୍ୟ କେଲାପନ କହିଛନ୍ତି।

## ୟୁଜିସି ରାଜଭାଷା କମିଟିର ସିୟୁଓ ପରିଦର୍ଶନ

**ଭୁବନେଶ୍ୱର,୨୫-୯**

ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ରାଜଭାଷାକମିଟିସଦସ୍ୟକୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ( ସିୟୁଓ) ପରିଦର୍ଶନ କରିଛନ୍ତି। ୟୁଜିସି ଶିକ୍ଷା ଅଧିକାରୀ କିଶୋର କୁମାରଙ୍କ ନେତୃତ୍ୱରେ ଦୟାଲ କୁମାର ଶର୍ମା, ମଞ୍ଜୁ ସନହରୱାଲ ବିଶ୍ୱବିଦ୍ୟାଳୟ କନଫରେନ୍ସ ହଲ୍‌ରେ ହୋଇଥିବା ବୈଠକରେ ଉପସ୍ଥିତ ଥିଲେ। ଅଫିସ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ନେଇ ଉକ୍ତ କମିଟି ଗୁରୁତ୍ୱାରୋପ କରିଛି। ହିନ୍ଦୀ ଭାଷାର ପ୍ରୋତ୍ସାହନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁଳପତି କୁଳପତି ପ୍ରଫେସର ଏସ୍.କେ.ପାଲିତା ମତ ରଖିଥିଲେ। ହିନ୍ଦୀରେ ବିଭିନ୍ନ ପ୍ରତିଯୋଗିତା, ହିନ୍ଦୀ ପଖୱାଡା ଆୟୋଜନ ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଅବସରରେ, ରେଜିଷ୍ଟ୍ରାର ପ୍ରଫେସର ଅସିତ କୁମାର ଦାସ, ବିତ୍ତ ଅଧିକାରୀ କେ.କୋଶଳା ରାଓ, ଯୁଗ୍ମ ରେଜିଷ୍ଟ୍ରାର କେ.ଭି ଉମା ଏମ୍.ରାଓ,ଡ. ଫଗୁନାଥ ଭୋଇ ଏହି ଅବସରରେ ଉପସ୍ଥିତ ଥିଲେ।

# ଅଧିକ ରିସ୍କ ଥିବା ଫଣ୍ଡରେ ନିବେଶ କରନ୍ତୁନି ବରିଷ୍ଠ ନାଗରିକ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER$^{CM}$,CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ବାପା ଆସନ୍ତା ଡିସେମ୍ବର ମାସରେ ସରକାରୀ ଚାକିରିରୁ ଅବସର ନେବେ। ଅବସରକାଳୀନ ପାଣ୍ଠି ଆକାରରେ ତାଙ୍କୁ ପ୍ରାୟ ୬୦ ଲକ୍ଷ ଟଙ୍କା ମିଳିବ। ଉକ୍ତ ପାଣ୍ଠି କିଭଳି ନିବେଶ କଲେ ମାସିକ ୩୦,୦୦୦ ଟଙ୍କା ଆୟ ସୁଧରାଶି ମିଳିବ? ମୂଳଧନ ସୁରକ୍ଷା ସହ କିଛି ଟଙ୍କା ଜରୁରିକାଳୀନ ଖର୍ଚ୍ଚ ପାଇଁ ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପାଇଁ ସେ ଇଚ୍ଛା କରୁଛନ୍ତି?**

**– ସଂଗୀତା ମିଶ୍ର, କଟକ**

▶ ଜଣେ ବରିଷ୍ଠ ନାଗରିକଙ୍କ ନିବେଶ ପୋର୍ଟଫୋଲିଓ ସବୁବେଳେ ନିମ୍ନ ମଧ୍ୟମ ରିସ୍କ ପୋର୍ଟଫୋଲିଓ ହେବା ଉଚିତ। ଏହା ସହିତ ନିୟମିତ ମାସିକ ଆୟର ସୁନିଶ୍ଚିତତା ସହିତ ମୂଳଧନ ସୁରକ୍ଷିତ ରହିବା ଆବଶ୍ୟକ। ଆପଣଙ୍କ ମାସିକ ୩୦,୦୦୦ ଟଙ୍କା ଆୟ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ସ୍କିମ୍‌ର ମିଶ୍ରିତ ଏକ ନିବେଶ ପୋର୍ଟଫୋଲିଓ ମାଧ୍ୟମରେ ହାସଲ କରାଯାଇପାରିବ। ବରିଷ୍ଠ ନାଗରିକ ସଞ୍ଚୟ ସ୍କିମରେ ୧୫ ଲକ୍ଷ ଟଙ୍କା ନିବେଶ କରିବେ। ଏହା ଏକ ସୁରକ୍ଷିତ ସ୍କିମ ଓ ବାର୍ଷିକ ୮.୬% ସୁଧହାର, ତ୍ରୈମାସିକ ସୁଧ ମିଳିବ। ଏହା ଅବସରଗ୍ରହଣ କରିଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ସ୍କିମ୍। ଡାକଘର ମାସିକ ଆୟ ଯୋଜନାରେ ୪.୫ଲକ୍ଷ ଟଙ୍କା ନିବେଶ କରିପାରିବେ। ଏହି ସ୍କିମ୍‌ର ବାର୍ଷିକ ସୁଧହାର ୭.୬% ଅଛି। ଯେହେତୁ ଆପଣ ମୂଳଧନ ସୁରକ୍ଷିତ ରହିବା ଚାହୁଁଛନ୍ତି ତେଣୁ ବ୍ୟାଙ୍କ ବରିଷ୍ଠ ନାଗରିକ ସ୍ଥାୟୀ ଜମା ସ୍କିମ୍‌ରେ ୧୫.୫ ଲକ୍ଷ ଟଙ୍କା ନିବେଶ କରି ବାର୍ଷିକ ୭%ରୁ ୭.୫% ସୁଧହାର ପାଇପାରିବେ। ଏହା ମଧ୍ୟ ବାଞ୍ଛନୀୟ।

୧୦ ଲକ୍ଷ ଟଙ୍କା ଆୟକର ମୁକ୍ତ ବଣ୍ଡରେ ନିବେଶ କରନ୍ତୁ। ବଳକା ୧୫ ଲକ୍ଷ ଟଙ୍କା ଆପଣ ମ୍ୟୁଚୁଆଲ ଫଣ୍ଡର ଡେବ୍ଟ କିମ୍ବା ଲିକ୍ୱିଡ ଫଣ୍ଡରେ ୩ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ନିବେଶ ସମୟସୀମା ପାଇଁ ନିବେଶ କରିପାରିବେ। ଆପଣ ଏସ୍‌ବିଆଇ ମ୍ୟାଗ୍‌ନମ ଅଲ୍‌ଟ୍ରା ସର୍ଟ ଡ୍ୟୁରେସନ ଫଣ୍ଡ, ଫ୍ରାଙ୍କଲିନ୍ ଇଣ୍ଡିଆ ସର୍ଟ ଟର୍ମ ଇନକମ୍ ଫଣ୍ଡ ଓ ଆଦିତ୍ୟ ବିର୍ଲା ଲିକ୍ୱିଡ ଫଣ୍ଡରେ ନିବେଶ କରିପାରନ୍ତି। ଏହି ସ୍କିମର ଆୟକର ପ୍ରଭାବି ସୁଧହାର ଭଲ ରହିବ ଏବଂ ଆପଣଙ୍କୁ ଜରୁରିକାଳୀନ ଖର୍ଚ୍ଚ ପାଇଁ ଉଠାଣ ସୁବିଧା ମଧ୍ୟ ପ୍ରଦାନ କରିପାରିବେ।

ଆମର ପରାମର୍ଶ ଅବସରଗ୍ରହଣ କରିଥିବା ବ୍ୟକ୍ତି କିମ୍ବା ବରିଷ୍ଠ ନାଗରିକ ନିବେଶ କରିବା ସମୟରେ ଅଧିକ ରିସ୍କ ଥିବା ସ୍କିମରେ ନିବେଶ କରିବା ଅନୁଚିତ। ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ନିବେଶଠାରୁ ଦୂରରେ ରହିବା ଉଚିତ। କାରଣ ଏହା ଅଧିକ ଗୁଣ ବଜାରର ଅସ୍ଥିରତା ସହିତ ଜଡିତ।

**ମୁଁ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡରେ ନିବେଶ କରୁଛି । ସଞ୍ଚୟ ଓ ନିବେଶ ମଧ୍ୟରେ ତଫାତ କ'ଣ? ଏ ବିଷୟରେ ଆପଣଙ୍କ ପରାମର୍ଶ ଦେବା ପାଇଁ ଅନୁରୋଧ।**

**–ଅମରେନ୍ଦ୍ର ଜେନା, କେନ୍ଦ୍ରପଡା**

▶ ସଞ୍ଚୟ ଓ ନିବେଶର ଅର୍ଥ ପ୍ରାୟତଃ ଅଧିକାଂଶ ବ୍ୟକ୍ତି ସମାନ ବୋଲି ଭାବି ନିଅନ୍ତି। ପ୍ରକୃତ ପକ୍ଷେ ଏହାର ଅର୍ଥ ଅଲଗା ଅଲଗା।

ଆମେ ଭବିଷ୍ୟତର କିଣାକିଣି ଖର୍ଚ୍ଚ ଓ ଜରୁରିକାଳୀନ ଖର୍ଚ୍ଚ ପାଇଁ ସଞ୍ଚୟ କରିଥାଉ। ସଞ୍ଚୟର ଅର୍ଥ ହେଉଛି ଆମର ଆବଶ୍ୟକତା ସମୟରେ ଏହା ମିଳିପାରିବ ଓ କମ୍ ସୁଧହାର ମିଳିଥାଏ। ଉଦାହରଣ ସ୍ୱରୂପ ବ୍ୟାଙ୍କ ସଞ୍ଚୟ ଜମାଖାତାରେ ବଳକା ଅର୍ଥ।

ନିବେଶ କରିବା ସମୟରେ ବୁଦ୍ଧିମାନ ସହିତ ନିବେଶ କରିବା ଉଚିତ। ଯଦି ଆପଣ ଶୀଘ୍ର ନିବେଶ କରିବେ ତେବେ ଭଲ ଲାଭ ପାଇପାରିବେ। ଆମେ ଜୀବନର ଦୀର୍ଘକାଳୀନ ଲକ୍ଷ୍ୟ ସବୁ ହାସଲ ପାଇଁ ନିବେଶ କରିଥାଉ। ଉଦାହରଣ ସ୍ୱରୂପ ପିଲାମାନଙ୍କର ପାଠପଢା ଖର୍ଚ୍ଚ କିମ୍ବା ବାହାଘର ଖର୍ଚ୍ଚ ଇତ୍ୟାଦି। ନିବେଶ ରାଶି ମୁଦ୍ରାସ୍ଫୀତିର ପ୍ରଭାବ ଓ ଆୟକର ପ୍ରଭାବ ଠାରୁ ଅଧିକ ଲାଭ ପ୍ରଦାନ କରିବା ହିଁ ନିବେଶ କହିପାରିବେ। ମୁଦ୍ରାସ୍ଫୀତିର ପ୍ରଭାବ ଆପଣଙ୍କ ନିବେଶ ରାଶି ଉପରେ କ'ଣ ରହୁଛି ଏହା ବୁଝିବା ନିହାତି ଜରୁରୀ। ସଞ୍ଚୟ ଓ ନିବେଶ କ୍ଷେତ୍ରରେ ସବୁଠାରୁ ବଡ଼ ଓ ଅଧିକତମ ପ୍ରଭାବଶାଳୀ ତଫାତ୍ ହେଉଛି ରିସ୍କ। ଏ ବିଷୟରେ ଭଲ ଭାବରେ ନିବେଶ କରନ୍ତୁ ନଚେତ ଆପଣ ଯଦି ସଞ୍ଚୟକୁ ନିବେଶ ଭାବି ନିବେଶ କରିବେ କିନ୍ତୁ ଭବିଷ୍ୟତ ଆର୍ଥିକ ଲକ୍ଷ୍ୟ ସମୟରେ ଆପଣଙ୍କ ପାଣ୍ଠିର କ୍ରୟ କରିବା ଶକ୍ତି ବହୁତ କମ୍ ରହିବ।

**ମୋର ୩ ବର୍ଷ ପରେ ୪ଲକ୍ଷ ଟଙ୍କାର ଆବଶ୍ୟକତା ଅଛି । ବାର୍ଷିକ ୮% ସୁଧ ହାର ଅନୁଯାୟୀ ବାର୍ଷିକ କେତେ ଟଙ୍କା ସଞ୍ଚୟ କରିବାକୁ ପଡ଼ିବ ?**

**– ସୁଜାତା କାନୁନ୍‌ଗୋ, ବାଲେଶ୍ୱର**

▶ ଆପଣ ବାର୍ଷିକ ୧,୧୪, ୦୮୬ ଟଙ୍କା ନିବେଶ କରି ୮% ବାର୍ଷିକ ସୁଧହାର ମିଳୁଥିବା ନିବେଶ କରି ୪ଲକ୍ଷ ଟଙ୍କାର ପାଣ୍ଠି ଗଠନ କରିପାରିବେ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

ଆଘାତଜନିତ ସମସ୍ୟା ଖେଳର ଏକ ଅଂଶ। ପୂର୍ବାପେକ୍ଷା ଆହୁରି ଦୃଢ଼ଭାବେ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି ।
–ଯଶପ୍ରୀତ୍ ବୁମ୍ରା, ଭାରତୀୟ ଦ୍ରୁତ ବୋଲର



ଆସନ୍ତା ମାସରେ ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ମ୍ୟାଚ୍ ପୂର୍ବରୁ ଆମ ଖେଳାଳିମାନେ ସମ୍ପୂର୍ଣ୍ଣ ଫିଟ୍ ରୁହନ୍ତୁ ବୋଲି ଚାହୁଁଛି ।
–ଇଗର ଷ୍ଟିମାକ୍, ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍



## ସଂକ୍ଷେପରେ

### ପ୍ରଥମ ରାଉଣ୍ଡରୁ ସିନ୍ଧୁଙ୍କ ବିଦାୟ



ଇଞ୍ଚିଅନ,୨୫।୯(ପିଟି): ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ, ସାଇନା ନେହ୍ୱାଲା ଓ ପୁରୁଷ ଖେଳାଳି ବି. ସାଇ ପ୍ରଣୀଥ ଏଠାରେ ଚାଲିଥିବା କୋରିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡର ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ସିଙ୍ଗଲ୍ସ ବର୍ଗରେ ଭାରତୀୟ ଭାବେ ଏକା ପାରୁପଲ୍ଲୀ କାଶ୍ୟପ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କାଶ୍ୟପ ୨୧-୧୬, ୨୧-୧୬ ବ୍ୟବଧାନରେ ଚାଇନିଜ ତାଇପେର ଲୁ ଚାଇ ହଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ପରବର୍ତ୍ତୀ ମ୍ୟାଚ୍‌ରେ ମାଲେସିଆର ଲିଉ ଡାରେନଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସ ବର୍ଗରେ ସିନ୍ଧୁ ୭-୨୧, ୨୪-୨୨, ୧୫-୨୧ ଗେମ୍‌ରେ ଆମେରିକାର ବେଇୱେନ ଝାଙ୍ଗଙ୍କଠାରୁ ହାରିଯାଇଛନ୍ତି। ରିଓ ଅଲିମ୍ପିକ୍ ରୌପ୍ୟ ପଦକଧାରୀ ସିନ୍ଧୁ ବିଶ୍ୱ ଚାମ୍ପିୟନଶିପ ସ୍ୱର୍ଣ୍ଣ ପଦକ ଜିତିବା ପରେ ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ନିକଟରେ ସେ ଚାଇନା ଓପନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ବିଶ୍ୱ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ଜିତିଥିବା ପ୍ରଣୀଥ ୯-୨୧, ୭-୧୧ ବ୍ୟବଧାନରେ ପଛୁଆ ଥିବାବେଳେ ଆହତ ହୋଇଥିଲେ। ସମାନ କାରଣରୁ ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ମଧ୍ୟ ମ୍ୟାଚ୍ ମଧ୍ୟରୁ ଓହରି ଯାଇଛନ୍ତି।

# ଇନିଂସ ଓପନ୍ କରିବେ ରୋହିତ

ବିଜୟନଗରମ, ୨୫।୯(ପି.ଟି.)

ସ୍ଥାନୀୟ ଡ. ପିଭିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ଦିନିଆ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହେବ। ଅକ୍ଟୋବର ୨ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ରୋହିତ ଶର୍ମାଙ୍କୁ ଏବେ ନୂଆ ରୂପରେ ଦେଖିବାକୁ ମିଳିବ। ସେ ଓପନର ହିସାବରେ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଦିନିକିଆରେ ସେ ଦୃଷ୍ଟାନ୍ତମୂଳକ ସଫଳତା ପାଇଥିଲେ ମଧ୍ୟ ଟେଷ୍ଟରେ ଏପର୍ଯ୍ୟନ୍ତ ସ୍ଥାନ ସ୍ଥିର କରିପାରିନାହାନ୍ତି। ରୋହିତ ଏଥର ଓପନର ହିସାବରେ କ୍ରିକେଟର ଏହି ଲମ୍ବା ଫର୍ମାଟ୍‌ରେ ଭାଗ୍ୟ ପରୀକ୍ଷା କରିବେ।

ଜାତୀୟ ଚୟନ କମିଟି ଓ ଟିମ୍ ମ୍ୟାନେଜମେଣ୍ଟ ରୋହିତଙ୍କୁ ଓପନର ହିସାବରେ ଖେଳାଳିବାକୁ ନିଷ୍ପତ୍ତି ନେଇଛନ୍ତି। ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ସେ ଏହି ଭୂମିକାରେ ଅବତୀର୍ଣ୍ଣ ହେବେ। ତେଣୁ ଆଗାମୀ ୫ଟି ଟେଷ୍ଟ ମ୍ୟାଚ୍‌ରେ ୩୨ ବର୍ଷୀୟ ରୋହିତ କର ବା ମର ସ୍ଥିତିର ସମ୍ମୁଖୀନ ହେବେ। ରୋହିତଙ୍କ ସହ ମୟଙ୍କ ଅଗ୍ରୱାଲ ଇନିଂସ ଓପନ କରିବେ। ସେହିପରି ଦ୍ରୁତ ବୋଲର ଉମେଶ ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଇଞ୍ଜୁରି କାରଣରୁ ଯଶପ୍ରୀତ ବୁମ୍ରା ଦଳରୁ ବାଦ୍ ପଡିଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇଛି। ତେଣୁ ସେ ଫାଫ୍ ଡୁପ୍ଲେସି ଓ ଏଡେନ ମାରକ୍ରାମ ତାଙ୍କ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିବେ। ତେବେ ରୋହିତ ଫୋକସ୍‌ରେ ରହିବେ।



ରୋହିତ ଶର୍ମା

ରୋହିତ ଏପର୍ଯ୍ୟନ୍ତ ୨୭ଟି ଟେଷ୍ଟ ଖେଳି ୩୯.୬୨ ହାରରେ ରନ ସଂଗ୍ରହ କରିଛନ୍ତି। ଏଥିମଧ୍ୟରେ ୩ଟି ଶତକ ସାମିଲ ରହିଛି। ତେଣୁ ସେ ନିଜ ପ୍ରତିଭା ତଥା କ୍ଷମାତ ଅନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଟେଷ୍ଟ ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଉଦୀୟମାନ ଟେଷ୍ଟ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ମିଡଲ ଅର୍ଡରରେ ସେମାନଙ୍କ ସ୍ଥାନ ପକ୍କା କରିଛନ୍ତି।

କାଗିସୋ ରାବାଡ଼ା, ଭର୍ନନ ଫିଲାଣ୍ଡର ଓ ଲୁନ୍‌ଗି ଏନ୍‌ଗିଡିଙ୍କୁ ନେଇ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି। ବିଶାଖାପାଟଣାରେ ଆସନ୍ତା ୨ ତାରିଖରେ ପ୍ରଥମ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଏହି ମ୍ୟାଚ୍ ରିହରସାଲ ସଦୃଶ ହୋଇଛି। ନାଲି ଏସ୍‌ଜି, ଡ୍ୟୁକ୍ କିମ୍ବା କୁକାବୁରା ବଲ୍‌ରେ ରୋହିତଙ୍କ ଟେକ୍‌ନିକ୍ ନେଇ ସନ୍ଦେହ ସୃଷ୍ଟି ହୋଇଥିଲେ ମଧ୍ୟ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସଫଳତାକୁ ଦୃଷ୍ଟିରେ ରଖି କୋହଲି ଓ ହେଡ୍ କୋଚ୍ ଶାସ୍ତ୍ରୀ ରୋହିତଙ୍କୁ ଇନିଂସ ଓପନ କରିବାର ରିସ୍କ ନେଇଛନ୍ତି। ଯଦି ଏହି ରଣନୀତି ସଫଳ ହେଲା ତାହାଲେ ଏହା ଏକ ମାଷ୍ଟରଷ୍ଟ୍ରୋକ ସାବ୍ୟସ୍ତ ହେବ। ନ ହେଲେ ଭାରତ ଏ' ଦଳରେ ଓପନର ଶୁବମନ ଗିଲ, ଅଭିମନ୍ୟୁ ଈଶ୍ୱରନ ଓ ପ୍ରିୟଙ୍କ ପଞ୍ଚାଲ ରହିଛନ୍ତି। ଲୋକେଶ ରାହୁଲ ମଧ୍ୟ ଭଲ ପ୍ରଦର୍ଶନ କରି ପୁଣି ସ୍ଥାନ ଫେରିପାଇବାକୁ ପ୍ରୟାସ କରିବେ। ସେହିପରି ଆଘାତ ସମସ୍ୟା କାରଣରୁ ଯୁବ ଓପନର ପୃଥ୍ୱୀ ଶ' ମଧ୍ୟ ଦଳକୁ ଫେରିବାକୁ ବ୍ୟଗ୍ର ଅଛନ୍ତି। ରୋହିତ ଭାରତୀୟ ପିଚ୍‌ରେ ସଫଳ ହେଲେ ମଧ୍ୟ ନ୍ୟୁଜିଲାଣ୍ଡ ପିଚ୍‌ରେ ଏହା ଦୋହରାଇବେ ସେ ନେଇ କୌଣସି ଗ୍ୟାରେଣ୍ଟି ନାହିଁ। ଦିନିକିଆରେ ଶ୍ରେଷ୍ଠ ଓପନର ମାନ୍ୟତା ପାଇଥିଲେ ମଧ୍ୟ ରୋହିତଙ୍କ ପାଇଁ ଆଗକୁ ଅଗ୍ନି ପରୀକ୍ଷା ରହିଛି। ଆଗାମୀ ୬ ମାସ ମଧ୍ୟରେ ତାଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ।

### ଅଭ୍ୟାସ ମ୍ୟାଚ୍ ଆଜିଠାରୁ

- **ବୋର୍ଡ ସଭାପତି ଏକାଦଶ:** ରୋହିତ ଶର୍ମା (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପ୍ରିୟଙ୍କ ପଞ୍ଚାଲ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ସିଦ୍ଧେଶ ଲାଡ, କେ.ଏସ. ଭରତ (ଉଇକେଟ କିପର), ଜଲାଜ ଏସ୍ ସାକସେନା, ଧର୍ମେନ୍ଦ୍ରସିନ ଜାଡେଜା, ଆଭେସ ଖାଁ, ଇଶାନ ପୋରେଲ, ଶାର୍ଦ୍ଦୁଳ ଠାକୁର ଓ ଉମେଶ ଯାଦବ।
- **ଦକ୍ଷିଣ ଆଫ୍ରିକା ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), ତେମ୍ବା ବାଭୁମା(ଉପ-ଅଧିନାୟକ), ଥେଉନିସ୍ ଡି ବ୍ରୁଏନ, କ୍ୱିଣ୍ଟନ ଡିକକ, ଡିନ୍ ଏଲଗାର, ଜୁବେର ହମ୍‌ଜା, କେଶବ ମହାରାଜ, ଏଡେନ ମାରକ୍ରାମ, ସେନୁରାନ ମୁଥୁସାମି, ଲୁନ୍‌ଗି ଏନ୍‌ଗିଡି, ଅନରିଚ ନୋର୍ଜେ, ଭର୍ନନ ଫିଲାଣ୍ଡର, ଡେନ ପିଟ୍, କାଗିସୋ ରାବାଡ଼ା ଓ ରୁଡି ସେକେଣ୍ଡ।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**

### ଜାନୁୟାରୀରେ ଭାରତ ଗସ୍ତରେ ଆସିବ ଶ୍ରୀଲଙ୍କା

ନୂଆଦିଲ୍ଲୀ,୨୫।୯(ପିଟି)

ଆସନ୍ତା ବର୍ଷ ଜାନୁୟାରୀରେ ଭାରତ ଗସ୍ତରେ ଜିମ୍ବାୱେ ଦଳ ଆସିବାର ଥିଲା। କିନ୍ତୁ ଜିମ୍ବାୱେ କ୍ରିକେଟ ବୋର୍ଡ ବାସନ୍ଦ ଥିବାରୁ ଏହି ଦଳ ସ୍ଥାନରେ ଶ୍ରୀଲଙ୍କା, ଭାରତ ଗସ୍ତରେ ଆସିବ। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଏହି ଗସ୍ତରେ ୩ଟି ଟି୨୦ ଗୁଆହାଟୀ, ଇନ୍ଦୋର ଓ ପୁଣେଠାରେ ଯଥାକ୍ରମେ ୫, ୭ ଓ ୧୦ ତାରିଖରେ ଖେଳାଯିବ। ଭେନ୍ୟୁ ଓ ତାରିଖ ପୂର୍ବଭଳି ଅପରିବର୍ତ୍ତିତ ରହିଛି। ଜିମ୍ବାୱେର ବାସନ୍ଦାଦେଶ ଯୋଗୁ ବିସିସିଆଇ ଶ୍ରୀଲଙ୍କା ଦଳକୁ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରଥିଲା। ଏହାକୁ ଶ୍ରୀଲଙ୍କା କ୍ରିକେଟ ଗ୍ରହଣ କରିନେଇଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଗତ ଜୁଲାଇରେ ଲଣ୍ଡନଠାରେ କାଉନ୍ସିଲ ବୈଠକ ପରେ ଜିମ୍ବାୱେ କ୍ରିକେଟକୁ ବାସନ୍ଦ କରାଯାଇଛି। ଫଳରେ ଆଇସିସିଠାରୁ ଜିମ୍ବାୱେ କ୍ରିକେଟକୁ ମିଳୁଥିବା ଆର୍ଥିକ ସହାୟତା ବନ୍ଦ ହୋଇଯାଇଛି। ବାସନ୍ଦ ହେବାରୁ ଦଳ କୌଣସି ପୁରୁଷ କିମ୍ବା ମହିଳା ବିଭାଗର ଆଇସିସି ଇଭେଣ୍ଟରେ ଅଂଶଗ୍ରହଣ କରିପାରିବ ନାହିଁ। ବାସନ୍ଦ ରହିବା ସତ୍ତ୍ୱେ ନିକଟରେ ବାଂଲାଦେଶରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍‌ରେ ଜିମ୍ବାୱେ ଭାଗ ନେଇଥିଲା।

## ୩ ଓଭର ମେଡେନ ପକାଇବାରେ ଦୀପ୍ତି ପ୍ରଥମ ଭାରତୀୟ



ନୂଆଦିଲ୍ଲୀ,୨୫।୯

ଅଲରାଉଣ୍ଡର ଦୀପ୍ତି ଶର୍ମା ମଙ୍ଗଳବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁରଟଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୪ ଓଭର ବୋଲିଂ କରି ୮ ରନ୍ ବ୍ୟୟରେ ୪ ଉଇକେଟ ନେଇ ଭାରତୀୟ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ କୋଟାରେ ୩ ଓଭର ମେଡେନ ରହିଥିଲା। ପ୍ରଥମ ଥର ପାଇଁ କୌଣସି ଭାରତୀୟ ବୋଲର ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ୩ ମେଡେନ ଓଭର ପକାଇଛନ୍ତି। ତାଙ୍କର ପ୍ରଥମ ୩ ଓଭର ମେଡେନ ରହିବା ପରେ ୪ର୍ଥ ଓଭରରେ ୮ ରନ୍ ବ୍ୟୟ କରିଥିଲେ। ତେବେ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ବୋଲର ଏପର୍ଯ୍ୟନ୍ତ ୩ ଓଭର ମେଡେନ ପକାଇ ନାହାନ୍ତି। କିନ୍ତୁ ୩ ଓଭର ବୋଲିଂ କରି ୨ଟି ମେଡେନ ନେଇଥିବା ବୋଲରଙ୍କ ତାଲିକାରେ ଭାରତୀୟ ପେସର ଯଶପ୍ରୀତ ବୁମରାଙ୍କ ନାମ ରହିଛି।

### କର୍ଣ୍ଣାଟକ ପ୍ରିମିୟର ଲିଗ୍ ଦଳର ମାଲିକ ଗିରଫ

ବେଙ୍ଗାଲୁରୁ,୨୫।୯: କର୍ଣ୍ଣାଟକ ପ୍ରିମିୟର କ୍ରିକେଟ ଲିଗ୍ ଦଳର ମାଲିକ ବେଟିଂ ସ୍କାଣ୍ଡାଲରେ ଜଡ଼ିତ ହେବା କାରଣରୁ ଗିରଫ ହୋଇଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନାମ ଅଲି ଅଶଫାକ ଥାରା। ସେ କେପିଏଲ ଦଳ ବେଲାଗାଭି ପାନ୍ଥର୍ସ ଫ୍ରାଞ୍ଚାଇଜ ମାଲିକ। ପୋଲିସ ଯୁଗ୍ମ କମିଶନର ସନ୍ଦୀପ ପାଟିଲ କହିଛନ୍ତି, ବେଟିଂ ଷଡ଼ଯନ୍ତ୍ରରେ ଥାରା ଜଡ଼ିତ ଥିବା ଆମକୁ ପ୍ରମାଣ ମିଳିଛି। ତାଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି। ତଦନ୍ତରୁ ଜଣାପଡ଼ିଛି ଯେ, କେପିଏଲ ଦଳ ଓ ଖେଳାଳିଙ୍କ ସହ ଥାରାଙ୍କ ସିଧାସଳଖ ଯୋଗାଯୋଗ ରହିଛି। ତାଙ୍କ ଦଳର କୋଚ୍ ଓ ଖେଳାଳିଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଗତ ବର୍ଷ ବିଜାପୁର ବୁଲ୍ସ ଓ ହୁବଲି ଟାଇଗର୍ସ ମଧ୍ୟରେ ଖେଳାଯାଇଥିବା କେପିଏଲ ମ୍ୟାଚ୍‌ରେ ବେଟିଂ କମ୍ପାନି ସନ୍ଦେହ ଘେରକୁ ଆସିଥିଲେ। ଏହାପରେ ବିସିସିଆଇ ବେଙ୍ଗାଲୁରୁ ପାଲିସ ନିକଟରେ ମାମଲା ଦାୟର କରିଥିଲା।

### ଆଇବିଏସ୍‌ଏଫ୍ ସ୍ନୁକର ଆଡ୍‌ଭାନୀ–ମେହେରା ଚାମ୍ପିୟନ

ମଣ୍ଡାଲେ (ମ୍ୟାନମାର), ୨୫।୯

ଏଠାରେ ଚାଲିଥିବା ଆଇବିଏସ୍‌ଏଫ୍ ବିଶ୍ୱ ଟିମ୍ ସ୍ନୁକର ଚାମ୍ପିୟନଶିପ୍‌ରେ ପଙ୍କଜ ଆଡଭାନୀ ଓ ଆଦିତ୍ୟ ମେହେରାଙ୍କୁ ନେଇ ଗଠିତ ଭାରତୀୟ ଯୋଡି ଟାଇଟଲ ହାସଲ କରିଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏହି ଯୋଡି ୫-୨ରେ ଥାଇଲାଣ୍ଡର ୨ ନମ୍ବର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିସହିତ ଆଡଭାନୀ କ୍ୟାରିୟର ୨୩ତମ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଅନ୍ୟପଟେ ଆଦିତ୍ୟ ତାଙ୍କର ପ୍ରଥମ ବିଶ୍ୱ ଟାଇଟଲ ଅର୍ଜନ କରିଛନ୍ତି। ଗତ ସପ୍ତାହରେ ଅଡ୍‌ଭାନୀ ଏଠାରେ ୱାର୍ଲ୍ଡ ବିଲିୟାର୍ଡ୍ସ ଟାଇଟଲ ଜିତିଥିଲେ। ଫାଇନାଲରେ ଭାରତୀୟ ୧ ନମ୍ବର ଦଳ ଥାଇଲାଣ୍ଡର ୨ ନମ୍ବର ଦଳକୁ ହରାଇଛି। ଭାରତୀୟ ଯୋଡି ୬୫-୩୧, ୯-୬୯, ୭୪-୮, ୨୧-୬୪, ୫୫-୪୪, ୭୨-୨୩, ୮୩-୯ରେ ବିଜୟୀ ହୋଇ ବାଜି ମାରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଏହି ଯୋଡି ୪-୧ରେ ଥାଇଲାଣ୍ଡକୁ ହରାଇ ଫାଇନାଲକୁ ଉଠିଥିଲେ। ଆଡଭାନୀ ଓ ମେହେରା କ୍ୱାର୍ଟର ଫାଇନାଲରେ ହଂକଂକୁ ହରାଇ ସେମିକୁ ଉଠିଥିଲେ। ସେମିରେ ଏହି ଯୋଡି ଥାଇଲାଣ୍ଡର ଥାନାୱତ ତିରାପେଙ୍ଗପାଇବୁନ ଓ କ୍ରିଟସାନଟ ଲେର୍ଟସାଟ୍ଟାୟାଥୋର୍ନଙ୍କୁ ହରାଇଥିଲେ। ଆଡଭାନୀ ଏବେ ଅକ୍ଟୋବର ପ୍ରଥମ ସପ୍ତାହରେ ଅଷ୍ଟ୍ରେଲିଆ ଗସ୍ତ କରି ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏହି ବିଜୟରେ ଉଭୟ ଆଡଭାନୀ ଓ ମେହେରା ଖୁସି ଜାହିର କରିଛନ୍ତି।

## କୋହଲି, ଧାୱନ ଟପ୍-୧୦ ନିକଟତର

ଦୁବାଇ,୨୫।୯(ପି.ଟି.)



ଶିଖର ଧାୱନ ଓ ବିରାଟ କୋହଲି

**ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍ୟାଙ୍କିଙ୍ଗରେ ଭାରତୀୟ ତାରକା ଓପନର ରୋହିତ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅଭିଜ୍ଞ ଓପନର ଶିଖର ଧାୱନ ଟପ୍-୧୦ର ନିକଟତର ହୋଇଛନ୍ତି। ଭାରତ- ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ୧-୧ରେ ଅମୀମାଂସିତ ରହିଥିଲା। ଦ୍ୱିତୀୟ ଟି୨୦ରେ କୋହଲି ଅପରାଜିତ ୭୨ ରନ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଗୋଟିଏ ସ୍ଥାନ ଉପରକୁ ଉଠି କୋହଲି ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ଧାୱନ ୩ଟି ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ଧାୱନ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌ରେ ଯଥାକ୍ରମେ ୪୦ ଓ ୩୬ ରନ ସଂଗ୍ରହ କରିଥିଲେ। ରୋହିତ ଇଂଲଣ୍ଡର ଆଲେକ୍ସ ହେଲ୍ସଙ୍କ ସହିତ ମିଳିତ ଭାବେ ଅଷ୍ଟମ ସ୍ଥାନରେ ରହିଛନ୍ତି। ଉଭୟ ବ୍ୟାଟ୍ସମ୍ୟାନ ୬୬୪ ପଏଣ୍ଟ ହାସଲ କରିଛନ୍ତି।

ବୋଲିଂ ତାଲିକାରେ ୱାଶିଂଟନ ସୁନ୍ଦର ୮ଟି ସ୍ଥାନ ଉପରକୁ ଉଠି ୫୦ତମ ସ୍ଥାନରେ ରହିଛନ୍ତି। ତାଙ୍କ ପ୍ରଦର୍ଶନ ଉଚ୍ଚକୋଟିର ଥିଲା। ଭାରତ- ଦକ୍ଷିଣ ଆଫ୍ରିକା ସିରିଜ ସହିତ ବାଂଲାଦେଶ, ଆଫଗାନିସ୍ତାନ, ଜିମ୍ବାୱେକୁ ନେଇ ଓ ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ନେଦରଲାଣ୍ଡକୁ ନେଇ ଖେଳାଯାଇଥିବା ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜକୁ ଦୃଷ୍ଟିରେ ରଖି ଏହି ର୍ୟାଙ୍କିଙ୍ଗ୍ ବୁଧବାର ପ୍ରକାଶିତ ହୋଇଛି। ଆଫଗାନିସ୍ତାନର ହଜରତୁଲ୍ଲା ଜଜାଇ ଓ ସ୍କଟଲାଣ୍ଡର ଜର୍ଜ ମୁନ୍‌ସେ ଉନ୍ନତି କରିଛନ୍ତି। ୭୨୭ ପଏଣ୍ଟ ପାଇ ଜଜାଇ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ୬୦୦ ପଏଣ୍ଟ ପାଇ ମୁନ୍‌ସେ ୨୧ତମ ସ୍ଥାନରେ ରହିଛନ୍ତି।

ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ କ୍ୱିଣ୍ଟନ ଡିକକ୍ ୪୯ରୁ ୩୦ତମ ସ୍ଥାନକୁ ଉଠିଛନ୍ତି। ସେ ଦୁଇଟି ମ୍ୟାଚ୍‌ରେ ୫୨ ଓ ୭୯ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ସ୍ପିନର ତାବ୍ରେଜ ସାମସି ବୋଲିଂ ତାଲିକାର ଶ୍ରେଷ୍ଠ-୨୦ରେ ସ୍ଥାନ ପାଇଛନ୍ତି। ସେହିପରି ଆଣ୍ଡିଲ ଫେଲୁକ୍ୱାୟୋ କ୍ୟାରିୟର ଶ୍ରେଷ୍ଠ ସପ୍ତମ ସ୍ଥାନରେ ରହିଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଜିମ୍ବାୱେ ଅଧିନାୟକ ହାମିଲଟନ ମାସାକାଡଜା ୨୨ତମ ସ୍ଥାନରେ ଶ୍ରେଷ୍ଠ ଜିମ୍ବାୱେ କ୍ରିକେଟର ସାବ୍ୟସ୍ତ ହୋଇଛନ୍ତି। ଆଫଗାନିସ୍ତାନ ସ୍ପିନର ମୁଜିବ ଉର ରହମାନ ସିରିଜରେ ୭ ଉଇକେଟ ହାସଲ କରି ୧୦ମ ସ୍ଥାନକୁ ଉଠିଛନ୍ତି। ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଭାରତ ପ୍ରଥମ, ଦିନିକିଆ ର୍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନରେ ଥିଲେ ମଧ୍ୟ ଟି୨୦ ଦଳୀୟ ର୍ୟାଙ୍କିଙ୍ଗ୍‌ରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ଦ୍ୱିତୀୟ ଓ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଛି।

## ସୁମରିୱାଲା ଆଇଏଏଏଫ୍ କାଉନସିଲ ମେମ୍ବର ନିର୍ବାଚିତ

ଦୋହା,୨୫।୯(ପି.ଟି.)

ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଅଧ୍ୟକ୍ଷ ଆଦିଲେ ସୁମରିୱାଲା କ୍ରମାଗତ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) କାଉନସିଲ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଆଗାମୀ ୪ ବର୍ଷ ପାଇଁ ଏହି ଦାୟିତ୍ୱ ତୁଲାଇବେ। ଏଠାରେ ଆୟୋଜିତ ଆଇଏଏଏଫ୍ ଗଭର୍ନିଂ ବଡିର ୫୨ତମ କଂଗ୍ରେସ୍‌ରେ ମତଦାନ ମାଧ୍ୟମରେ ସେ ନିର୍ବାଚିତ ହୋଇଛନ୍ତି। ଆଇଏଏଏଫ୍ କାଉନସିଲ୍‌ରେ ୧୩ଜଣ ସଦସ୍ୟ ରହିଛନ୍ତି। ସୁମରିୱାଲା ୧୨୧ଟି ଭୋଟ ପାଇଥିଲେ। ପୂର୍ବତନ ଅଲିମ୍ପିୟାନ ସୁମରିୱାଲା ଉପ ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ୪ଟି ଉପ ସଭାପତି ପଦ ରହିଥିବା ବେଳେ ସେ ଗୋଟିଏ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ବୁଧବାର ଶେଷ ମୁହୂର୍ତ୍ତରେ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ। ସଭାପତି ଓ ୩ଜଣ ପେସାଦାର ଅଧିକାରୀଙ୍କ ସମେତ ୪ଜଣ ଉପ ସଭାପତି କ୍ଷମତାଶାଳୀ ଆଇଏଏଏଫ୍ କାର୍ଯ୍ୟକାରୀ ବୋର୍ଡରେ ସ୍ଥାନ ପାଇବେ।

ଶୁକ୍ରବାର ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହେବା ପୂର୍ବରୁ ଏହି କଂଗ୍ରେସର ବୈଠକ ବସିଥିଲା। ବ୍ରିଟେନର ସେବାଷ୍ଟିଆନ କୋ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆଇଏଏଏଫ୍‌ର ଅଧ୍ୟକ୍ଷ ହିସାବରେ ଦ୍ୱିତୀୟଥର ପାଇଁ ପୁନଃ ନିର୍ବାଚତ ହୋଇଛନ୍ତି। ସେହିପରି ଉପ ସଭାପତିଭାବେ ସର୍ଗେଇ ବୁବ୍‌କା, ଜିଓଫ୍ରି ଗର୍ଡନର, ନୱାଫ୍ ବିନ ମହମ୍ମଦ ଅଲ ସୌଦ ଓ ଜିମେନା ରେଷ୍ଟେପୋ ନିର୍ବାଚିତ ହୋଇଛନ୍ତି।



ଆଦିଲେ ସୁମରିୱାଲା



ସେବାଷ୍ଟିଆନ କୋ

### ସେବାଷ୍ଟିଆନ ପୁଣି ଅଧ୍ୟକ୍ଷ

ବ୍ରିଟେନର ବରିଷ୍ଠ କ୍ରୀଡ଼ା ପ୍ରଶାସକ ସେବାଷ୍ଟିଆନ କୋ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବୁଧବାର ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍)ର ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚତ ହୋଇଛନ୍ତି। ପୂର୍ବତନ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମିଡ୍ ଡିଷ୍ଟାନ୍ସ ରନର ୬୨ ବର୍ଷୀୟ କୋ ପୂର୍ବରୁ ୨୦୧୫ରେ ମଧ୍ୟ ବିଶ୍ୱ ଆଥଲେଟିକ୍ସର ଏହି ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥାର ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଆଉ ଦୁଇ ଦିନ ପରେ ଏଠାରେ ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ମତଦାନରେ ବିପୁଳ ବିଜୟ ହାସଲ କରି ସେ ପୁଣି ଥରେ ଏହି ହାଇପ୍ରୋଫାଇଲ ପଦକୁ ନିର୍ବାଚିତ ହୋଇଛନ୍ତି। ଏ ନେଇ ହୋଇଥିବା ମତଦାନରେ ସେ ୨୦୩ ଖଣ୍ଡ ଭୋଟ ପାଇଥିଲେ। ବୁଧବାର ଏଠାରେ ହୋଇଥିବା ଆଇଏଏଏଫ୍‌ର କଂଗ୍ରେସରେ ମତଦାନ ହୋଇଥିଲା। ନିଜର ପ୍ରଥମ କାର୍ଯ୍ୟକାଳରେ କୋ ଆଥଲେଟିକ୍ସର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଛନ୍ତି। ସେ ଏକ ସ୍ୱାଧୀନ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ ଗଠନ କରିଥିଲେ। ଏହା କ୍ରୀଡ଼ାରେ ଦୁର୍ନୀତି ତଥା ନିଶା ନିବାରଣ ପାଇଁ ଜାଗ୍ରତ ପ୍ରହରୀ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲା।

## ପନ୍ତ ଜଣେ ମ୍ୟାଚ୍ ୱିନର

ସୌରଭ ଗାଙ୍ଗୁଲି

ପୂର୍ବରୁ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ଖେଳିଥିଲ। ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଛି। ଏହି ଦୁଇଟି ସିରିଜର ଫଳାଫଳ ଭାରତ ପାଇଁ ଆଦୌ ସନ୍ତୋଷଜନକ ନୁହଁ। ତେବେ କ୍ରୀଡ଼ାରେ ଏପରି ହୋଇଥାଏ। ଦକ୍ଷିଣ ଆଫ୍ରିକା ଯେପରି ପ୍ରତ୍ୟାବର୍ତ୍ତନ କରି ସିରିଜକୁ ୧-୧ରେ ଡ୍ର ରଖିଲା ତାହା ପ୍ରଶଂସନୀୟ।

ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଖେଳାଯିବ। ତେଣୁ ଏକାଧିକ ବ୍ୟକ୍ତି ଏ ନେଇ ଆଲୋଚନା ପର୍ଯ୍ୟାଲୋଚନା କରିବା ସ୍ୱାଭାବିକ୍। ତେବେ ଏ ସବୁ ମଧ୍ୟରେ ଦୀର୍ଘ ସମୟ ଧରି ବିରାଟ କୋହଲିଙ୍କୁ ଶାନ୍ତ ଓ ଧୀର ରହିବା ନିହାତି ଅପରିହାର୍ଯ୍ୟ। ଦିନିକିଆ ବିଶ୍ୱକପ୍ ପରେ ଏବେ ଭାରତୀୟ ମିଡଲ ଅର୍ଡର ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। କୋହଲି ଏ ନେଇ ବେଶି ଚିନ୍ତା କରୁଥିବେ ବୋଲି ଭାବିନାହିଁ। ଯୁବ ଖେଳାଳିଙ୍କୁ ନେଇ ଏବେ ଭାରତୀୟ ଦଳ ଗଠନ ହେବା ପ୍ରକ୍ରିୟାରେ ରହିଛି। ସବୁ ଯୁବ ଖେଳାଳି ନିଜ ଅଧିନାୟକଙ୍କଠାରୁ ସମର୍ଥନ ଚାହିଁବା ମଧ୍ୟ ସ୍ୱାଭାବିକ। ଏହି ତାଲିକାରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଶୀର୍ଷରେ ରହିଛନ୍ତି। ଆନ୍ତର୍ଜାତିକ କ୍ରିକେଟରେ ପନ୍ତଙ୍କ ପ୍ରବେଶ ବେଶ୍ ସୁନ୍ଦର ଥିଲା। ସବୁ ଫର୍ମାଟ ପାଇଁ ପନ୍ତ ଭାରତ ଲାଗି ଅପରିହାର୍ଯ୍ୟ ବୋଲି ଭାବୁଥିଲି। ଏବେ ତାଙ୍କ ଶଟ୍ ଚୟନ ନେଇ କେତେକ ପ୍ରଶ୍ନ ଉଠାଇଛନ୍ତି। ତେବେ ସମସ୍ତ ବୁଝିବା ଉଚିତ୍ ଯେ, ସେ ସମୟକ୍ରମେ ସେ ଶିକ୍ଷା କରିବ ଅପେକ୍ଷାକୃତ ଭଲ ଖେଳାଳି ଭାବେ ନିଜକୁ ଗଢିତୋଳିବେ। ପନ୍ତ ଜଣେ ମ୍ୟାଚ୍ ୱିନର ଓ ଭବିଷ୍ୟତରେ ଭାରତୀୟ କ୍ରିକେଟ ପାଇଁ ଦୀର୍ଘଦିନ ସେବା କରିପାରିବେ। ଏବେ ସମାଲୋଚନାର ଶିକାର ହେଉଛନ୍ତି। କୋହଲିଙ୍କ ତତ୍ତ୍ୱାବଧାନରେ ସେ ତ୍ରୁଟି ସୁଧାରିବେ। ତେବେ ଟି୨୦ ଫର୍ମାଟରେ ଜଣେ ବ୍ୟାଟ୍ସମ୍ୟାନଙ୍କ ଶଟ୍ ଚୟନ ଆଲୋଚନା କରାଯାଇପାରିବ ନାହିଁ। ଏହି ଫର୍ମାଟରେ ଜଣେ ବ୍ୟାଟ୍ସମ୍ୟାନଙ୍କୁ ରିସ୍କ ନେବାକୁ ହୋଇଥାଏ। ଫଳରେ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିବା କଷ୍ଟକର ହୋଇଥାଏ। ଏତେଶୀଘ୍ର ପନ୍ତଙ୍କୁ ନେଇ କୌଣସି ଅନ୍ତିମ ନିଷ୍ପତ୍ତି ନେବା ଅନାବଶ୍ୟକ।

ମିଡଲ ଅର୍ଡରକୁ ବାଦ୍ ଦେଲେ ଭାରତୀୟ ଦଳ ଏକ ଭଲ ଦଳ ବୋଲି କୁହାଯାଇପାରେ। କୋହଲି ପୁଣି ଥରେ ରିଷ୍ଟ ସ୍ପିନରଙ୍କୁ ଟି୨୦ ଦଳରେ ସାମିଲ କରିବା ଉଚିତ। ଯୁଜବେନ୍ଦ୍ର ଚହଲଙ୍କୁ ବିଶ୍ରାମ ଦିଆଯାଇ ଅନ୍ୟ ବୋଲରଙ୍କୁ ସୁଯୋଗ ଦିଆଯାଇଛି। ନ ହେଲେ ଚହଲ ଟି୨୦ ଦଳରେ ରହିବା ନିହାତି ଆବଶ୍ୟକ। ଭାରତ ଦୁଇଜଣ ବାମହାତୀ ସ୍ପିନରଙ୍କୁ ଆବଶ୍ୟକ କରୁନାହିଁ। ଖୁବ୍‌ଶୀଘ୍ର ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ଭଲ ପିଚ୍‌ରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିବ। ର୍ୟାଙ୍କ ଅନୁସାରେ ନ ଖେଳି ଭାରତ ନିଜ ସାମର୍ଥ୍ୟ ଉପରେ ଭରସା କରିବ। ଭାରତ ଅବଶ୍ୟ ଏହି ସିରିଜରେ ସଫଳ ହେବ। କାରଣ ଭାରତ ଯେକୌଣସି ଉଇକେଟରେ ଭଲ ଖେଳିବାର କ୍ଷମତା ରଖୁଛି।

(ଗେମ୍ ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs



ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ପ୍ରାରମ୍ଭରୁ ଦଳର ନୈରାଶ୍ୟଜନକ ବ୍ୟାଟିଂ ପ୍ରଦର୍ଶନକୁ ନେଇ ବିଚଳିତ ହୋଇଯାଇଥିଲି ।
–ହର୍‌ମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା



୧୦ ବର୍ଷ ପରେ ପାକିସ୍ତାନରେ ଦ୍ୱିପାକ୍ଷିକ ସିରିଜ ହେବାକୁ ଥିବାରୁ କ୍ରୀଡ଼ାପ୍ରେମୀ ଐତିହାସିକ ମୁହୂର୍ତ୍ତରେ ଯୋଗଦେଇ ଖେଳାଳିଙ୍କୁ ସମର୍ଥନ କରନ୍ତୁ।
–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ୍ ଦଳର ଅଧିନାୟକ

## ସଂକ୍ଷେପରେ

### ପିଟି ଉଷାଙ୍କୁ ଆଇଏଏଏଫ୍ ଭେଟେରାନ ପିନ୍ ସମ୍ମାନ

ନୂଆଦିଲ୍ଲୀ,୨୫।୯(ପିଟି): ପୂର୍ବତନ ଭାରତୀୟ ଆଥ୍‌ଲେଟ୍ ଓ ଅଲିମ୍ପିଆନ ପିଟି ଉଷାଙ୍କୁ ସମ୍ମାନଜନକ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ଭେଟେରାନ ପିନ ପୁରସ୍କାର ମିଳିଛି। ଦୋହାଠାରେ ଅନୁଷ୍ଠିତ ୫୨ତମ ଆଇଏଏଏଫ୍ କନଫରେନ୍ସ ଅବସରରେ ଉଷାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୋତେ ଭେଟେରାନ ପିନ ସମ୍ମାନ ମିଳିଥିବାରୁ ଆଇଏଏଏଫ୍ ଓ ସଭାପତି ସେବେଷ୍ଟିଆନ କୋଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ଆଗକୁ ମଧ ଭାରତରେ ଆଥ୍‌ଲେଟିକ୍ସର ଉନ୍ନତି ଦିଗରେ କାର୍ଯ୍ୟ କରିବି ବୋଲି ଉଷା ବୁଧବାର ଟୁଇଟ୍ କରିଛନ୍ତି। ଟୁଇଟ ସହ ପୁରସ୍କାର ଗ୍ରହଣ କରୁଥିବାବେଳର ଫଟୋ ମଧ ଶେୟାର କରିଛନ୍ତି। ଉକ୍ତ ଫଟୋରେ ଉଷାଙ୍କୁ ଆଇଏଏଏଫ୍ ସଭାପତି ସେବେଷ୍ଟିଆନ ପୁରସ୍କାର ଦେଉଛନ୍ତି। ୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସର ୪୦୦ ମିଟର ବାଧା ଦୌଡ଼ ଇଭେଣ୍ଟରେ ବ୍ରୋଞ୍ଜ ପଦକକୁ ଏକ ସେକେଣ୍ଡଠାରୁ ଆହୁରି କମ୍ ସମୟରେ ହାତଛଡ଼ା କରିଥିଲେ। ପାୟୋଲି ଏକ୍ସପ୍ରେସ ଭାବେ ଜଣାଶୁଣା ଉଷା। ୧୯୮୩ରେ ଅର୍ଜୁନ ସମ୍ମାନ ପାଇଥିଲେ। ଦୁଇ ବର୍ଷ ପରେ ୧୯୮୫ରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ମଧ ମିଳିଥିଲା।

### ୨୮ରୁ ଅଲ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ଟିଟି

ଭୁବନେଶ୍ୱର,୨୫।୯(ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ଟେବୁଲ ଟେନିସ (ଟିଟି) ଆସୋସିଏଶନ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଟିଟି ଆସୋସିଏଶନ ପକ୍ଷରୁ ବଲାଙ୍ଗୀରର ମନୋହରପୁରସ୍ଥିତ ରିଜର୍ଭ ପୋଲିସ ଇନ୍‌ଡୋର ହଲଠାରେ ୪ର୍ଥ ଆର. ଏନ୍. ସିଂ ଦେଓ ସ୍ମାରକୀ ଅଲ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତା ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଏକ ଆନ୍ତଃ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ। ଖେଳାଳିଙ୍କ ପ୍ରଦର୍ଶନକୁ ଭିତ୍ତି କରି ର୍‍ୟାଙ୍କ୍ ପ୍ରଦାନ କରାଯିବ। ପ୍ରାୟ ୨୦୦ ଖେଳାଳି ଓ ୨୦ ଅଫିସିଆଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ୟାଡେଟ୍ ବାଳକ ଓ ବାଳିକା ସିଙ୍ଗଲ୍ସ, ସବ-ଜୁନିୟର ବାଳିକା ଓ ବାଳକ ସିଙ୍ଗଲ୍ସ, ଜୁନିୟର ବାଳିକା ଓ ବାଳକ ସିଙ୍ଗଲ୍ସ, ଯୁବ ବାଳିକା ଓ ବାଳକ ସିଙ୍ଗଲ୍ସରେ ପ୍ରତିଯୋଗିତା ହେବ।

### ବେଙ୍ଗଲ୍, ଜୟପୁର ବିଜୟୀ

ଜୟପୁର, ୨୫।୯(ପି.ଟି.)- ଏଠାରେ ଚାଲିଥିବା ପ୍ରୋ କବାଡ଼ି ଲିଗ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ବେଙ୍ଗଲ ୱାରିୟର୍ସ ଓ ଜୟପୁର ପିଙ୍କ ପାନ୍ଥର୍ସ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ବେଙ୍ଗଲ ୪୦-୩୯ରେ ତେଲୁଗୁ ଟାଇଟାନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ବେଙ୍ଗଲ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ମନିନ୍ଦର ସିଂ ୧୭ ପଏଣ୍ଟ ସ୍କୋର କରି ବେଙ୍ଗଲ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଜୟପୁର ୪୩-୩୪ରେ ପୁନେରି ପଲଟନକୁ ପରାସ୍ତ କରିଛି। ଦୀପକ ନିୱାସ ହୁଡା ଦମ୍‌ଦାର ପ୍ରଦର୍ଶନ କରି ୧୨ ଓ ଦୀପକ ନରୱାଲ ୧୧ ପଏଣ୍ଟ ହାସଲ କରିଛନ୍ତି।

## ■ ଜାତୀୟ ସିନିୟର ୫-ଏ-ସାଇଡ୍ ମହିଳା ହକି
# ଓଡ଼ିଶା-ହରିୟାଣା ସେମିଫାଇନାଲ

ଭୁବନେଶ୍ୱର, ୨୫।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍ତରପ୍ରଦେଶ କାନପୁରସ୍ଥିତ ଗ୍ରୀନ ପାର୍କ ଷ୍ଟାଡିୟମଠାରେ ଚାଲିଥିବା ୪ର୍ଥ ହକି ଇଣ୍ଡିଆ ୫-ଏ-ସାଇଡ୍ ମହିଳା ହକି ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୩-୨ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଶୁକ୍ରବାର ଖେଳାଯିବାକୁ ଥିବା ୨ୟ ସେମିଫାଇନାଲରେ ହରିୟାଣାକୁ ଭେଟିବ ଓଡ଼ିଶା। ସେହିଭଳି ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ।

ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚ୍ ଆରମ୍ଭରୁ ମହାରାଷ୍ଟ୍ର ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୫ମ ମିନିଟ୍‌ରେ ପ୍ରୀତି ଦୁବେ ଏକ ଫିଲ୍ଡ ଗୋଲ ଜରିଆରେ ମହାରାଷ୍ଟ୍ରକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଓଡ଼ିଶା ମହିଳା ଦଳର ଖେଳାଳିମାନେ ମ୍ୟାଚ୍‌କୁ ବରାବର୍ ସ୍ଥିତିକୁ ଆଣିବାକୁ ଜୋର୍‌ଦାର ପ୍ରୟାସ କରି ଶେଷରେ ସଫଳ ହୋଇଥିଲେ। ମ୍ୟାଚ୍‌ର ୧୪ତମ ମିନିଟ୍‌ରେ ପ୍ରେମିତା ବାରାଙ୍କ ଫିଲ୍ଡ ଗୋଲ ବଳରେ ଓଡ଼ିଶା ୧-୧'ର ସମାନସ୍ତରକୁ ଆଣିଥିଲା। ଏହାପରେ ଅନ୍ତିମ ସମୟ ପର୍ଯ୍ୟନ୍ତ ଉଭୟ ଦଳ ଆଉ ଗୋଲସ୍କୋର କରିବାରେ ବିଫଳ ହେବାରୁ ମ୍ୟାଚ୍ ୧-୧ରେ ଟାଇରେ ସମାପ୍ତ ହୋଇଥିଲା। ଫଳରେ ରେଫରି ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନେଇଥିଲେ। ପେନାଲ୍ଟି ଶୁଟ୍‌ଆଉଟ୍‌ର ୪ର୍ଥ ଶଟ୍ ପର୍ଯ୍ୟନ୍ତ ଉଭୟ ଓଡ଼ିଶା ଓ ମହାରାଷ୍ଟ୍ର ୨-୨ ସମାନ ସ୍ତରରେ ରହିଥିଲେ। କିନ୍ତୁ ମହାରାଷ୍ଟ୍ର ପକ୍ଷରୁ ଅନ୍ତିମ ଶଟ୍ ମାରିଥିବା ପ୍ରୀତି ଦୁବେ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ। ଏହାପରେ ଓଡ଼ିଶାର ଅନ୍ତିମ ଶଟ୍ ମାରିବାକୁ ଜାହ୍ନବୀ ପ୍ରଧାନ ଆସିଥିଲେ। ସେ କୌଣସି ତ୍ରୁଟି ନ କରି ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇ ଓଡ଼ିଶା ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ। ଓଡ଼ିଶା ମ୍ୟାଚ୍‌କୁ ୩-୨ରେ ଜିତି ସେମିଫାଇନାଲ ଟିକେଟ୍ ହାସଲ କରିଥିଲା।



ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ପେନାଲ୍ଟି ଶୁଟ୍‌ଆଉଟର ଏକ ରୋମାଞ୍ଚକ ମୁହୂର୍ତ୍ତ।

ସେହିଭଳି ଦିବସରେ ଖେଳାଯାଇଥିବା ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ହରିୟାଣା, ଉତ୍ତର ପ୍ରଦେଶ ଓ ଝାଡ଼ଖଣ୍ଡ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ହରିୟାଣା ୮-୦ ଗୋଲରେ ତାମିଲନାଡୁକୁ, ଆୟୋଜକ ଉତ୍ତରପ୍ରଦେଶ ୪-୦ ଗୋଲରେ ପଞ୍ଜାବକୁ ଏବଂ ଝାଡ଼ଖଣ୍ଡ ୪-୧ ଗୋଲରେ କର୍ଣ୍ଣାଟକକୁ କ୍ୱାର୍ଟର ଫାଇନାଲରେ ହରାଇଛନ୍ତି। ଶୁକ୍ରବାର ସକାଳେ ସେମିଫାଇନାଲ ସହ ଅପରାହ୍ନରେ ଫାଇନାଲ ଓ ବ୍ରୋଞ୍ଜ ପଦକ ମ୍ୟାଚ୍ ଖେଳାଯିବ ବୋଲି ଜଣାପଡ଼ିଛି।





ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପର ମହିଳା ୧୦୦ ମିଟର ଦୌଡ଼ରେ ଭାଗ ନେବା ପାଇଁ ବୁଧବାର ଦୋହାରେ ପହଞ୍ଚିଥିବା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ।

## ଆର୍ମିରେ ଯୋଗଦେବେ ଚାଣ୍ଡିମଲ

କଲମ୍ବୋ,୨୫।୯: ଶ୍ରୀଲଙ୍କା କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଦୀନେଶ ଚାଣ୍ଡିମଲ ଆର୍ମିରେ ଯୋଗଦେଇପାରନ୍ତି। ତେବେ କମିଶନର ଅଫିସର ଭାବେ ସାମିଲ ହେବା ନେଇ ଆଶା କରାଯାଉଥିବା ଦେଶର ଆର୍ମି ପ୍ରବକ୍ତା ମେଜର ଜେନେରାଲ ସୁମିଥ ଆଟାପାଟୁ ବୁଧବାର କହିଛନ୍ତି। ଚାଣ୍ଡିମଲ କରିଥିବା ଆବେଦନକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଗ୍ରହଣ କରିନେଇଛି। ଶ୍ରୀଲଙ୍କା ଆର୍ମି କ୍ରିକେଟ ଦଳ ପାଇଁ ଚାଣ୍ଡିମଲ ଖେଳିପାରନ୍ତି। ଏଥିନେଇ ତାଙ୍କୁ ନିକଟ ଭବିଷ୍ୟତରେ ପ୍ରବେଶ ପରୀକ୍ଷାର ସମ୍ମୁଖୀନ ମଧ ହେବାକୁ ପଡ଼ିପାରେ।

## ବୋର୍ଡ଼ ଏଥିକ୍ସ ଅଫିସରଙ୍କ ନିକଟରେ ହାଜର ହେବେ ଦ୍ରାବିଡ୍

ମୁମ୍ବାଇ,୨୫।୯(ପି.ଟି.)

ଭାରତୀୟ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଗୁରୁବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିକ୍ସ ଅଫିସର ଡି.କେ. ଜୈନଙ୍କ ନିକଟରେ ହାଜର ହେବେ। ତାଙ୍କ ବିରୋଧରେ ଆସିଥିବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ମାମଲା ନେଇ ଦ୍ରାବିଡ ସଫେଇ ଦେବାକୁ ଉପସ୍ଥିତ ରହିବେ। ୪୬ ବର୍ଷୀୟ ଦ୍ରାବିଡ ଏବେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ଇଣ୍ଡିଆ ସିମେଣ୍ଟ ଗ୍ରୁପ୍‌ର ଉପାଧ୍ୟକ୍ଷ ରୂପେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ସିମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସର ମାଲିକ ରହିଛି। ଫଳରେ ଦ୍ରାବିଡଙ୍କ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏନ୍‌ସିଏ ନିର୍ଦ୍ଦେଶକ ହେବା ପୂର୍ବରୁ ଦ୍ରାବିଡ୍ ଭାରତ ଏ ଓ ୧୯ ବର୍ଷରୁ କମ୍ ଦଳର କୋଚ୍ ରହିଥିଲେ। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ)ର ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା ଦ୍ରାବିଡଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱର ଅଭିଯୋଗ ଆଣିଥିଲେ। ଇଣ୍ଡିଆ ସିମେଣ୍ଟ ଓ ଏନ୍‌ସିଏରେ ଏକାବେଳେ କାର୍ଯ୍ୟ କରୁଥିବାରୁ ସେ ଏହି ଅଭିଯୋଗ ଆଣିଥିଲେ। ପୂର୍ବରୁ ଦ୍ରାବିଡ ଏନେଇ ତାଙ୍କର ସଫେଇ ଦେଇଥିଲେ। ଇଣ୍ଡିଆ ସିମେଣ୍ଟରୁ ସେ ଛୁଟି ନେଇଛନ୍ତି। ଫଳରେ ଚେନ୍ନାଇ ସୁପର କିଙ୍ଗ୍ସ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ଦ୍ରାବିଡ କହିଥିଲେ। ସେହିପରି ବିସିସିଆଇର ଅନ୍ୟତମ କର୍ମଚାରୀ ମୟଙ୍କ ପାରିଖଙ୍କ ବିରୋଧରେ ମଧ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି। ଦ୍ରାବିଡଙ୍କ ପରେ ସେ ମଧ ଏଥିକ୍ସ ଅଫିସରଙ୍କ ନିକଟରେ ହାଜର ହେବେ। ବିସିସିଆଇ ସମ୍ବିଧାନ ଅନୁସାରେ କୌଣସି ବ୍ୟକ୍ତି ଏକା ସମୟରେ ଏକାଧିକ ପଦରେ କାର୍ଯ୍ୟ କରିପାରିବେ ନାହିଁ।

## ଶ୍ରୀଲଙ୍କାକୁ ହରାଇ ସେମିରେ ଭାରତ

କାଠମାଣ୍ଡୁ,୨୫।୯(ପି.ଟି)

ଏଠାରେ ଚାଲିଥିବା ୧୮ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଭାରତ ୩-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରି ସେମିକୁ ଉଠିଛି। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ତରଫରୁ ଗୁର୍‌କୀରତ ସିଂ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଅମନ ଛେତ୍ରୀ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ତେବେ ପ୍ରଥମାର୍ଦ୍ଧରେ ଭାରତ ଗୋଲ ଦେଇପାରି ନ ଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ଆହୁରି ପ୍ରଭାବ ବିସ୍ତାର କରି ଖେଳିବାକୁ ପ୍ରୟାସ କରିଥିଲା। ତେବେ ଭାରତ କୋଡ଼ୋଟି ସୁଯୋଗ ହାତଛଡ଼ା କରିଥିଲା। ମ୍ୟାଚ୍‌ର ୬୫ତମ ମିନିଟ୍‌ରେ ଗୁରୁକିରାତ୍ ଏକ ସୁନ୍ଦର ଗୋଲ ଦେଇ ଭାରତ ପାଇଁ ଖାତା ଖୋଲିଥିଲେ। ଏହାପରେ ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଗୁର୍‌କୀରତ ଓ ଅମନ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ୩-୦ ବ୍ୟବଧାନରେ ବିଜୟୀ ହୋଇଥିବାରୁ ଭାରତ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିଲା। ଉଲ୍ଲେଖଥାଉ କି, ପ୍ରଥମ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ଭେଟିଥିଲା ଓ ଏହା ଗୋଲ୍ ଶୂନ୍ୟଭାବେ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା।

## ଭାରତକୁ ରୌପ୍ୟ ପଦକ



ରନର୍ସଅପ୍ ଭାରତୀୟ ହ୍ୟାଣ୍ଡବଲ ଦଳର ଖେଳାଳିମାନେ।

**ଇଣ୍ଡିପେଣ୍ଡେନ୍ସ କପ୍ ହ୍ୟାଣ୍ଡବଲ୍**
**■ ଓଡ଼ିଶାର ରଞ୍ଜିତ, ଆକାଶ, ଆର୍ଯ୍ୟାନଙ୍କ ସଫଳତା**

ଭୁବନେଶ୍ୱର, ୨୫।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଉଜବେକିସ୍ତାନର ରାଜଧାନୀ ତାସ୍‌କେଣ୍ଟଠାରେ ଚଳିତ ମାସ ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୨୮ତମ ଇଣ୍ଡିପେଣ୍ଡେନ୍ସ କପ୍ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ଭାରତ ଆୟୋଜକ ଉଜ୍‌ବେକିସ୍ତାନକୁ ଭେଟିଥିଲା। ଏଥିରେ ଉଜବେକିସ୍ତାନ ୩୦-୨୦ ଗୋଲ ବଳରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ମ୍ୟାଚ୍ ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଉଜବେକିସ୍ତାନକୁ ହରାଇ ପରବର୍ତ୍ତୀ ମ୍ୟାଚ୍‌ରେ କାଜାଖସ୍ତାନ ନିକଟରୁ ପରାସ୍ତ ହୋଇଥିଲେ ମଧ ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ଆକାଶ ପଟ୍ଟନାୟକ, ଆର୍ଯ୍ୟାନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି ସ୍ଥାନ ପାଇଥିଲେ। ଓଡ଼ିଶାର ପ୍ରଥମ ସିନିୟର ଖେଳାଳିଭାବେ ଆକାଶ, ଆର୍ଯ୍ୟାନ ଓ ରଞ୍ଜିତ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଆ ଖେଳାଳିଙ୍କ ଏହି ସଫଳତା ଲାଗି ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ସଭାପତି ସୟଦ ମକ୍‌ବୁଲ ଅଲ୍ଲୀ ଓ ସମ୍ପାଦକ ବିରେନ ବେହେରା ଏହି ୩ ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ନିର୍ଣ୍ଣାୟକ ହୋଇପାରେ ସ୍କୁଲ, କଲେଜ ଭୋଟ୍

କଟକ ଅଫିସ,୨୫।୯

**ଓସିଏ ନିର୍ବାଚନ**





ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନକୁ ଆଉ ଗୋଟିଏ ଦିନ ବାକି ରହିଛି। ଗୁରୁବାର ରାତି ପାହିଲେ ନିର୍ବାଚନକୁ ଓହ୍ଲାଇବେ ୧୦ ପ୍ରାର୍ଥୀ। ୫ ପଦବୀ ନିମନ୍ତେ ୧୦ ଆଶାୟୀଙ୍କ ମଧ୍ୟରେ ମୁକାବିଲା ହେବ। ନିର୍ବାଚନକୁ ନେଇ ଦୀର୍ଘଦିନ ଧରି ଚାଲିଛି ଜୋରଦାର ଅଙ୍କକଷା। କେଉଁ ୟୁନିଟର ଭୋଟ କାହା ପାଖକୁ ଯିବ ସେ ନେଇ ଏବେବି ଚିତ୍ର ସ୍ପଷ୍ଟ ହୋଇନି। ତଥାପି ଉଭୟ ଗୋଷ୍ଠୀ ମ୍ୟାଜିକ ନମ୍ବର (୩୭)କୁ ଟପିବେ ବୋଲି ଦୃଢ଼ ଆଶା ରଖିଛନ୍ତି। କ୍ଲବ, ଜିଲା ସଂଘର ଭୋଟ ଭାଗବଣ୍ଟା ସରିଥିବାବେଳେ ସ୍କୁଲ, କଲେଜ ଭୋଟଗୁଡ଼ିକ ନିର୍ବାଚନୀ ଅଙ୍କକଷାକୁ ଓଲଟାଇପାରେ ବୋଲି କିଛି କ୍ରୀଡ଼ା ସଙ୍ଗଠକ ମତ ଦେଇଛନ୍ତି। ଏ ପର୍ଯ୍ୟନ୍ତ ଉକ୍ତ ୟୁନିଟଗୁଡ଼ିକର ଭୋଟକୁ ହାତେଇବା ସହଜ ହୋଇ ନ ଥିବା ଜଣାପଡ଼ିଛି। ଓସିଏ ନିର୍ବାଚନରେ ମତଦାତାଙ୍କ ସଂଖ୍ୟା ହେଉଛି ୭୩। ଏଣୁ ୩୭ ଖଣ୍ଡ ଭୋଟ ପାଇଲେ ଜଣେ ପ୍ରାର୍ଥୀ ବିଜୟ ହାସଲ କରିବେ। ଏହା ମଧ୍ୟରେ ସ୍କୁଲ ଓ କଲେଜରୁ ୧୪ ଖଣ୍ଡ ଭୋଟ ରହିଛି। ପୂର୍ବରୁ କୌଣସି ସ୍କୁଲ କିମ୍ବା କଲେଜରୁ ପିଇଟିଙ୍କୁ ପ୍ରତିନିଧି ଭାବେ ପଠାଯାଉଥିଲା। ମାତ୍ର ଚଳିତବର୍ଷ ଏହାର ଅଧ୍ୟକ୍ଷ କିମ୍ବା ଅଧ୍ୟକ୍ଷାଙ୍କ ନାମ ଆସିଛି। ଯାହା ଫଳରେ ଏହି ଭୋଟକୁ ହାତେଇବା ସହଜ ହୋଇପାରୁନାହିଁ। ଉକ୍ତ ୧୪ ଖଣ୍ଡ ଭୋଟରୁ ଯିଏ ଅଧିକ ପାଇବ ସେ ଗୋଷ୍ଠୀ ନିମନ୍ତେ ବିଜୟୀ ହେବାର ଆଶା ମଜଭୁତ ହେବ। ଏଣୁ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଉଭୟ ଗୋଷ୍ଠୀଙ୍କର ମୁଖ୍ୟ ଟାର୍ଗେଟରେ ସ୍କୁଲ ଓ କଲେଜ ଭୋଟ ରହିଥିବା ଜଣାପଡ଼ିଛି। ଭୁବନେଶ୍ୱରକୁ ମିଶାଇ ୩୧ଖଣ୍ଡ ଜିଲା ଭୋଟ ରହିଛି। ଜିଲାର ପ୍ରତିନିଧିମାନଙ୍କୁ ଡାକି ଉଭୟ ଗୋଷ୍ଠୀ ପୂର୍ବରୁ ଅନେକ ଗୁପ୍ତ ବୈଠକ ଆୟୋଜନ କରିସାରିଛନ୍ତି। ଏଣୁ ଏହି ଭୋଟଗୁଡ଼ିକ ପ୍ରାୟତଃ ଭାଗବଣ୍ଟା ସରିଛି।

### ୩ ସ୍ଥାନକୁ ଗଲା ପୋଷ୍ଟାଲ ବାଲଟ୍

୩ଜଣ ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେବେ। ଏଥିନିମନ୍ତେ ୩ଜଣଙ୍କ ନିକଟକୁ ପୋଷ୍ଟାଲ ବାଲଟ ପଠାସରିଥିବା ଜଣାପଡ଼ିଛି। ଝାରପଡ଼ା ଜେଲରେ ଥିବା ଆଶୀର୍ବାଦ ବେହେରା, ଜୟପୁରରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ମ୍ୟାଚ୍ ରେଫରୀ ଭାବେ ଦାୟିତ୍ୱ ତୁଲାଉଥିବା ସଞ୍ଜୟ ରାଉଳ ଓ ଅଫିସ ମିଟିଂ ନିମନ୍ତେ ବରୋଦାରେ ଥିବା ରେଲୱେର ବିଜୟ ମିଶ୍ର ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେବେ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ରକାଶ ପାଇଲା ନିର୍ବାଚନୀ ପ୍ରୋଟୋକଲ୍

ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ବୁଧବାର ନିର୍ବାଚନୀ ପ୍ରୋଟୋକଲ ଏକ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି। ନିର୍ବାଚନ ଅଧିକାରୀଙ୍କଠାରୁ ଆରମ୍ଭ କରି ମତଦାତାଙ୍କ ନିମନ୍ତେ କେଉଁ ରଙ୍ଗର ପରିଚୟ ପତ୍ର ହୋଇଛି ତାହା ଉଲ୍ଲେଖ କରିଛନ୍ତି। ଏହାଛଡ଼ା କୌଣସି ବିଶୃଙ୍ଖଳିତ କାର୍ଯ୍ୟ ନ କରିବା ନେଇ ନିବେଦନ ହୋଇଛି। ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ସଂଖ୍ୟା ସମାନ ହେଲେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଚୂଡ଼ାନ୍ତ ଫଳାଫଳ ନିର୍ଦ୍ଧାରିତ ହେବ ବୋଲି ମଧ ଉଲ୍ଲେଖ କରାଯାଇଛି।

**ମତାମତ**

ସ୍କୁଲ, କଲେଜ ଭୋଟଗୁଡ଼ିକ ପ୍ରଭାବ ପକାଇବା ନିଶ୍ଚିତ। ଏହାଛଡ଼ା ଅନ୍ୟ ସମସ୍ତ ଭୋଟର ଗୁରୁତ୍ୱ ମଧ ରହିଛି। ଖଣ୍ଡେ ଭୋଟ ବି ଏଥର ଭାଗ୍ୟ ବଦଳାଇପାରେ। ଉଭୟ ଗୋଷ୍ଠୀ ମଧ ଏ ଦିଗରେ ଧ୍ୟାନ ଦେଉଛନ୍ତି।
**– ପ୍ରଦୀପ ଚୌହ୍ୱାନ, ସଭାପତି ଆଶାୟୀ ପ୍ରାର୍ଥୀ**

ଯିଏ ଭଲ କାମ କରିଛି ତା ନିମନ୍ତେ ଭଲ ଫଳ ରହିଛି। ମତଦାତାମାନେ କାହାକୁ ଭୋଟ ଦେବେ ତାହା ସେମାନଙ୍କ ଉପରେ ନିର୍ଭର କରୁଛି। ଓସିଏର ବିକାଶ ପାଇଁ ସେମାନଙ୍କ ପ୍ରତିଟି ମତଦାନ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନ ଶୃଙ୍ଖଳିତ ଭାବେ କରାଯିବାକୁ ଏବେ ଚେଷ୍ଟା ଚାଲିଛି।
**– ପଙ୍କଜ ଲୋଚନ ମହାନ୍ତି, ସଭାପତି ଆଶାୟୀ ପ୍ରାର୍ଥୀ**


ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା କମଳା ଜେନା
ତିରୋଧାନ: ୦୯।୧୦।୨୦୧୫
''ମା''
''ବୋଉ''
ଆକାଶଠୁ ବଡ଼, ପୃଥିବୀଠୁ ସହନଶୀଳ
ନଦୀଠାରୁ ତରଳ
ହେଲେ କ'ଣ ହେଲା
ସବୁ ଶେଷ
ନିଃଶ୍ୱାସର ବିଶ୍ୱାସ ନାହିଁ
କାନ୍ଦିଲେ କିଛି ଲାଭ ନାହିଁ
ଆଗକୁ ଦେଖ....
ଶୋକସନ୍ତପ୍ତ:
ରାହୁଲ୍ ଓ ଲମ୍ୟସ୍ୱନୀ, ବନ୍ଧୁ ଓ ପରିବାର ବର୍ଗ
ଧ-୧୪୪୪୬

ପଞ୍ଚମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଡା.ଦୁର୍ବାଦଳ ମିଶ୍ର
ଆବିର୍ଭାବ– ୧୦.୮.୧୯୬୩
ତିରୋଧାନ– ୨୧.୯.୨୦୧୪
ତୁମରି ବିହୁନେ ସ୍ମୃତି ରୋମନ୍ଥନେ
ବିତିଗଲା ପାଞ୍ଚବର୍ଷ ।
ଅତିତର ପୃଷ୍ଠା ଓଲଟାଇ ଦେଲେ
ଶୁଭେ ଖାଲି ଦୀର୍ଘଶ୍ୱାସ ।।
ଯହିଁ ଥାଅ ତୁମେ ସୁଖେ ରହିଥାଅ
ପଞ୍ଚଭୂତେ ହୋଇ ଲିନ ।
ତୁମରି ଆତ୍ମାର ସଦ୍‌ଗତି ହେଉ
ବିଭୁପାଦେ ନିବେଦନ ।।
ତୁମର ଶୋକ ସନ୍ତପ୍ତା ସ୍ତ୍ରୀ
ଓ ପରିବାର ବର୍ଗ ।
ଧ-୧୪୫୧୫

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା କମଳା ଜେନା
ନହରକଣ୍ଟା, ଭୁବନେଶ୍ୱର
ତିରୋଧାନ: ୦୯।୧୦।୨୦୧୫
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ, ତୁମ ପବିତ୍ର ଆତ୍ମାର ସଦ୍‌ଗତି ହେଉ, ଆଜିର ପୂର୍ଣ୍ଣ ତିଥିରେ ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ରାହୁଲ୍, ଲମ୍ୟସ୍ୱନୀ।
ଧ-୧୪୪୪୫

## ସଂକ୍ଷେପରେ

### ସ୍ୱେରେଜ ବୋର୍ଡ ଯନ୍ତ୍ରୀଙ୍କ ଘରୁ ଦେଢ କୋଟି ସମ୍ପତ୍ତି ଠାବ

**କଟକ ଅଫିସ, ୨୫।୯-** କଟକ ସ୍ୱେରେଜ ବୋର୍ଡର ପ୍ରକଳ୍ପ ଯନ୍ତ୍ରୀ ପ୍ରମୋଦ କୁମାର ସାହୁଙ୍କ ନିକଟରୁ ଭିଜିଲାନ୍ସ ୧ କୋଟି ୫୩ ଲକ୍ଷ ୧୮୦ ଟଙ୍କାର ଆୟ ବହିର୍ଭୂତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ବୁଧବାର ସାହୁଙ୍କ ନୟାପଲ୍ଲୀସ୍ଥିତ ବାସଭବନ, ଭୁବନେଶ୍ୱରରେ ଥିବା ସମ୍ପର୍କୀୟଙ୍କ ଘର, କଟକସ୍ଥିତ କାର୍ଯ୍ୟାଳୟର ଚାମ୍ବର ଓ କଟକ ଜିଲା ବୈଦେଶ୍ୱରସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଏକା ସାଙ୍ଗରେ ଚଢାଉ କରିଥିଲା। ତାଙ୍କ ନିକଟରୁ ଏକ ଚାରି ମହଲା କୋଠା, ୩ଟି ପ୍ଲଟ, ଗୋଟିଏ ଚାରି ଚକିଆ ଓ ୩ଟି ଦୁଇ ଚକିଆ, ବିଭିନ୍ନ ବ୍ୟାଙ୍କ ଡିପୋଜିଟ, ଇନ୍‌ସ୍ୟୁରାନ୍ସ ପଲିସି, ସୁନା ଓ ରୂପା ଅଳଙ୍କାର, ନଗଦ ଅର୍ଥ ଏବଂ ଗୃହ ଉପକରଣ ସାମଗ୍ରୀ ଠାବ କରାଯାଇଛି।

### ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୫।୯:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବୁଧବାର ପଲ୍ଲୀ ହାଇସ୍କୁଲର ନିକଟରୁ ଅଚିହ୍ନା ମୃତଦେହ ଉଦ୍ଧାର କରିଛି। ତାଙ୍କ ବୟସ ୫୦ରୁ ୬୦ ମଧ୍ୟରେ ହେବ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

■ ବାଜ୍ୟାପ୍ତି ହେବ ରାଜାଙ୍କ ବହୁ କୋଟି ଟଙ୍କାର ବେଆଇନ ସମ୍ପତ୍ତି

# ଇଣ୍ଟରନ୍ୟାଶନାଲ ଲିଙ୍କ୍ ନେଇ ମିଳିଲା ପ୍ରମାଣ

■ବାଂଲାଦେଶ ସମେତ ଭୁଟାନ, ନେପାଳରେ ରହିଛି କଳା ସାମ୍ରାଜ୍ୟ
■ତଦନ୍ତ ପାଇଁ ଦେଶବାହାରକୁ ଯିବ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍
■କମ୍ପିଟାଣ୍ଟ ଅଥରିଟିଙ୍କ ନିକଟକୁ ପଠାଯିବ ଜବତ ସମ୍ପତ୍ତି ତାଲିକା

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

ଧୂଳିସାତ୍ ହେବ ଡ୍ରଗ୍ସ ଡିଲର ତଥା ବ୍ରାଉନସୁଗାର ର୍‍ୟାକେଟର କିଙ୍ଗ୍‌ପିନ୍‌ସେକ୍ ରାଜାଙ୍କ କଳାସାମ୍ରାଜ୍ୟ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ତାଙ୍କୁ ୭ ଦିନିଆ ରିମାଣ୍ଡରେ ଆଣି ବହୁ ତଥ୍ୟ ହାସଲ କରିବା ପରେ ଏବେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ବ୍ରାଉନସୁଗାର କାରବାରରେ ରାଜାଙ୍କ ଇଣ୍ଟରନ୍ୟାଶନାଲ ଲିଙ୍କ୍‌ର ପ୍ରମାଣ ପାଇବା ପରେ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ତଦନ୍ତ ପାଇଁ ବାଂଲାଦେଶ ସହ ନେପାଳ ଓ ଭୁଟାନ ଗସ୍ତ କରିବ। ଅନ୍ୟପକ୍ଷରେ ଇତିମଧ୍ୟରେ ଓଡ଼ିଶାରୁ ଜବତ ହୋଇଥିବା ରାଜାଙ୍କ ବହୁ କୋଟି ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରିବାକୁ ଲାଗିପଡ଼ିଛି। ଉକ୍ତ ସମ୍ପତ୍ତିର ତାଲିକା କଲିକତାସ୍ଥିତ କମ୍ପିଟାଣ୍ଟ ଅଥରିଟି(ସିଏ)ଙ୍କ ନିକଟକୁ ପଠାଯିବ। ସ୍ମଗ୍‌ଲର ଅଫ୍ ଫରେନ୍ ଏକ୍ସଚେଞ୍ଜ ମାନିପୁଲେଟର୍ସ ଆକ୍ଟ ୧୯୭୬ (ସାଫେମା) ଅନୁସାରେ ଜଣେ ଇନ୍‌କମ ଟ୍ୟାକ୍ସ ର୍‍ୟାଙ୍କର ଅଧିକାରୀ ତାହାକୁ ଯାଞ୍ଚ କରିବେ ବୋଲି ବୁଧବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଟିଏଫ୍-୨ ଏସ୍‌ପି ପ୍ରଶାନ୍ତ ଭୋଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ରାଜାଙ୍କୁ ଗିରଫ କରିବା ପରେ ଖୋଳତାଡ଼ ଆରମ୍ଭ କରିଥିଲା ଏସ୍‌ଟିଏଫ୍। ତାଙ୍କୁ ଜେରା କରାଯିବା ସହ ବିଭିନ୍ନ ସ୍ଥାନରେ ଥିବା ଘର ଓ ଆଡ୍ଡା ଉପରେ ଚଢ଼ାଉ କରାଯାଇ ବିପୁଳ ସମ୍ପତ୍ତି ଜବତ କରାଯାଇଥିଲା। ରବିବାର ଏସ୍‌ଟିଏଫ୍ ପକ୍ଷରୁ ବାଲେଶ୍ୱର ଅରଡବଜାରସ୍ଥିତ ରାଜାଙ୍କ ଘର ଓ ସୋମବାର ଏସ୍‌ଟିଏଫ୍‌ର ଏକ ଟିମ୍ ସହଦେବଖୁଣ୍ଟା ମଡେ଼ଲ ଥାନା ଅନ୍ତର୍ଗତ ତେଲେଙ୍ଗାସାହିର ସମ୍ବେଦନା ଏନ୍‌କ୍ଲେଭ୍‌ର ୧୦୬ ନମ୍ବର ଫ୍ଲାଟ ଉପରେ ଚଢାଉ କରିଥିଲା। ତେବେ ଅରଡବଜାରସ୍ଥିତ ଘରୁ ନଗଦ ୬୦ ହଜାର ଟଙ୍କା ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିଲା। ଅରଡ଼ାବଜାରସ୍ଥିତ ୬୦ଲକ୍ଷ ଟଙ୍କା ମୂଲ୍ୟର ଘର ଓ ତେଲେଙ୍ଗାସାହିସ୍ଥିତ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଫ୍ଲାଟ୍ ସହ ୩ ଲକ୍ଷ ଟଙ୍କା ମୂଲ୍ୟର ଏକ ମାରୁତି ସୁଜୁକି କାର, ୮ ଲକ୍ଷର ହ୍ୟୁଣ୍ଡାଇ ଆଇ ୨୦ କାର, ୧୨ ଲକ୍ଷ ଟଙ୍କାର ଇକୋ ସ୍ପୋର୍ଟସ୍ କାର, ୧ ଲକ୍ଷ ୮୦ ହଜାର ଟଙ୍କାର କେଟିଏମ୍ ବାଇକ, ୩୦ ଲକ୍ଷର ଗୋଟିଏ ମାଛମରା ଟ୍ରଲର ମଧ୍ୟ ଜବତ କରାଯାଇଛି। ସେହିଭଳି ବିଭିନ୍ନ ସ୍ଥାନରେ ରାଜା ଓ ସମ୍ପର୍କୀୟଙ୍କ ନାଁରେ ରହିଥିବା ଅନେକ ପ୍ଲଟ୍ ସଂକ୍ରାନ୍ତରେ ଯାଞ୍ଚ ଚାଲିଛି। ତାଙ୍କ ଆକାଉଣ୍ଟରେ ବହୁ କୋଟି ଟଙ୍କା କାରବାର ହୋଇଛି। ଟଙ୍କା କାହା ନିକଟକୁ ଯାଇଛି ଓ କିଏ ପଠାଇଛି ତାହାର ଚେର ଖୋଜିବା ଆରମ୍ଭ କରିଛି ଏସ୍‌ଟିଏଫ୍। ତେବେ ତାଙ୍କ ନିକଟରୁ ମିଳିଥିବା ୬ ମୋବାଇଲ ଫୋନ ଓ ୨୬ ସିମ୍‌କାର୍ଡରୁ ଆନ୍ତଃ ରାଜ୍ୟ ଓ ଅନ୍ତଃରାଷ୍ଟ୍ରୀୟ ଲିଙ୍କ୍ ଜଣାପଡ଼ିବା ପରେ ତଦନ୍ତ ଆରମ୍ଭ ହୋଇଥିବା ଏସ୍‌ପି ଭୋଇ ସୂଚନା ଦେଇଛନ୍ତି।

### ଗୁଳିମାଡ଼ ସହ ରାଜାଙ୍କ ନାଁରେ ଏକାଧିକ ମାମଲା

ବେଆଇନ ବ୍ରାଉନସୁଗାର କାରବାର ବଢ଼ାଇବା ପାଇଁ ରାଜା ଓ ତାଙ୍କ ସହଯୋଗୀମାନେ ବହୁ ଅପରାଧ ଘଟାଇଛନ୍ତି। ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ବାଲେଶ୍ୱରରେ ଏକ ଗୁଳିକାଣ୍ଡ ଘଟଣାରେ ରାଜାଙ୍କ ସମ୍ପୃକ୍ତି ଥାଇ ଫେରାର ଥିଲେ। ରାଜାଙ୍କୁ ଗିରଫ ସମୟରେ ତାଙ୍କଠାରୁ ଏକ ଗୁଳିଭର୍ତ୍ତି ପିସ୍ତଲ, ୧ ଲକ୍ଷ ଟଙ୍କା, ୧୩୦ ଗ୍ରାମ ବ୍ରାଉନସୁଗାର, ସିମ୍‌କାର୍ଡ ଓ ଏଟିଏମ୍ କାର୍ଡ ଜବତ ହୋଇଥିଲା। ଏନେଇ ୧୨/୧୯ରେ ଏକ ମାମଲା କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

# ଓମଫେଡ୍ କ୍ଷୀର ଲିଟର ପିଛା ୪ଟଙ୍କା ବୃଦ୍ଧି

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

### ୨୭ରୁ ଲାଗୁ, ଚାଷୀ ପାଇବେ ୩ ଟଙ୍କା

ଓମଫେଡ୍ କ୍ଷୀର ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି। ଆସନ୍ତା ୨୭ରୁ ଏହି ଦର ଲାଗୁ ହେବ ବୋଲି ଓମଫେଡ ପକ୍ଷରୁ କୁହାଯାଇଛି। ଗୋପାଳନ ଏବଂ ଦୁଗ୍ଧ ଉତ୍ପାଦନରେ ଖର୍ଚ୍ଚ ବୃଦ୍ଧି ଯୋଗୁ ଦୁଗ୍ଧର ମୂଲ୍ୟ ବୃଦ୍ଧି କରିବାପାଇଁ ଚାଷୀମାନେ ଦୀର୍ଘଦିନରୁ ଦାବିକରି ଆସୁଥିଲେ। ଦୁଗ୍ଧ ମୂଲ୍ୟରେ ଲିଟର ପିଛା ୪ ଟଙ୍କା ବୃଦ୍ଧି କରିବାପାଇଁ ବୁଧବାର ଓମ୍‌ଫେଡ୍ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ନିଷ୍ପତ୍ତି ନେଇଛନ୍ତି। ଏହି ବର୍ଦ୍ଧିତ ମୂଲ୍ୟରୁ ଲିଟର ପିଛା ୩ ଟଙ୍କା ଗ୍ରାମାଞ୍ଚଳର ଦୁଗ୍ଧଚାଷୀମାନେ ସିଧାସଳଖ ପାଇବେ ବୋଲି ଓମଫେଡ କହିଛି। ଏହାଦ୍ୱାରା ଖାଉଟିମାନେ ଲିଟର ପିଛା ଟୋନ୍‌ଡ ଦୁଗ୍ଧକୁ ୩୪ ବଦଳରେ ୩୮ ଟଙ୍କା, ପ୍ରିମିୟମ୍ ଦୁଗ୍ଧକୁ ୪୦ ବଦଳରେ ୪୪ ଟଙ୍କା ଏବଂ ଗୋଲ୍ଡ ପ୍ରିମିୟମ୍ ଦୁଗ୍ଧକୁ ୪୦ ବଦଳରେ ୪୪ ଟଙ୍କାରେ କିଣିବେ। ଓମ୍‌ଫେଡ୍ ନିକଟରେ ଗଚ୍ଛିତ ପୁରୁଣା ପଲିଥିନ୍ ସରିବା ପର୍ଯ୍ୟନ୍ତ ଛାପାଥିବା ଦର ପରିବର୍ତ୍ତେ ନୂତନ ଦରରେ ଖାଉଟି ଦୁଗ୍ଧ କିଣିବାକୁ ଅନୁରୋଧ କରାଯାଇଛି।

■ ସାପ କାମୁଡ଼ାରେ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ

# ରାଜ୍ୟ ସରକାରଙ୍କୁ ଓଏଚ୍ଆରସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ରାଜ୍ୟରେ ସାପ କାମୁଡା ଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ପ୍ରତିଦିନ ରାଜ୍ୟରେ ସାପ କାମୁଡାରେ ଦୁଇଜଣଙ୍କ ମୃତ୍ୟୁ ହେଉଛି। ଏ ନେଇ ରାଜ୍ୟ ମାନବାଧିକାର କମିଶନ ବୁଧବାର ରାଜ୍ୟ ସରକାରଙ୍କୁ ୪ ସପ୍ତାହ ଭିତରେ ରିପୋର୍ଟ ଦେବାକୁ କହିଛନ୍ତି। ମୃତ୍ୟୁ ସଂଖ୍ୟା କମାଇବାକୁ କ'ଣ ନିଷ୍ପତ୍ତି ନିଆଯାଇଛି। ସଚେତନତା ଓ ପଦକ୍ଷେପ ବିଷୟରେ ଜଣାଇବାକୁ ସ୍ୱାସ୍ଥ୍ୟ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ କମିଶନ କହିଛନ୍ତି। ସୂଚନାଯୋଗ୍ୟ, ଗତ ୩ ବର୍ଷରେ ରାଜ୍ୟରେ ୨୨୧୭ଜଣ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜରେ ସର୍ବାଧିକ ଓ ପୁରୀ ଜିଲାରେ ସର୍ବନିମ୍ନ ରହିଛି।

■ ସରିଲା ରାଜାଙ୍କ ରିମାଣ୍ଡ ଅବଧି

# ମିଳିଲାନି ନୂଆ ତଥ୍ୟ

**ଜଗତ୍‌ସିଂହପୁର ଅଫିସ, ୨୫।୯**



ରିମାଣ୍ଡ ଅବଧି ଶେଷ ପରେ ପୋଲିସ୍ ରାଜାଙ୍କୁ ଜେଲ୍‌କୁ ନେଉଛି।

ବହୁ ଚର୍ଚ୍ଚିତ ନର୍ସ ନିହାରିକା ପାତ୍ର ହତ୍ୟା ମାମଲାର ଅଭିଯୁକ୍ତ ତଥା ପ୍ରେମିକ କିଶୋର ଚନ୍ଦ୍ର ଆଞ୍ଚଳ ଓରଫ ରାଜାଙ୍କୁ ବିରିଡ଼ି ପୋଲିସ ୩ ଦିନିଆ ରିମାଣ୍ଡରେ ନେଇଥିଲା। ଉଦ୍ଦେଶ୍ୟ ଥିଲା ରାଜାଙ୍କଠାରୁ ହତ୍ୟା ସଂକ୍ରାନ୍ତରେ ଅଧିକ କିଛି ତଥ୍ୟ ସଂଗ୍ରହ କରିବା। ହେଲେ ବୁଧବାର ରାଜାଙ୍କ ରିମାଣ୍ଡ ଅବଧି ଶେଷ ହୋଇଥିଲେ ମଧ୍ୟ ପୋଲିସକୁ କିଛି ନୂଆ ତଥ୍ୟ ମିଳିନାହିଁ। ଆଇନଗତ ଦୃଷ୍ଟିରୁ ରାଜାଙ୍କ ବୟାନ ଗୁରୁତ୍ୱପୂର୍ଣ୍ଣ ଥିବାରୁ ପୋଲିସ ତାଙ୍କୁ ତନ୍ନତନ୍ନ କରି ଜେରା କରିଥିଲା। ଏବେ ଭିସେରା ରିପୋର୍ଟକୁ ଅପେକ୍ଷା। କାରଣ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ପାକସ୍ଥଳୀରେ ବିଷକ୍ରିୟା ହୋଇଥିବା ଜଣାପଡିଥିଲା। ଭିସେରା ରିପୋର୍ଟ ଆସିଲା ପରେ ବ୍ୟବଚ୍ଛେଦ ରିପୋର୍ଟ ସହ ତର୍ଜମା କରାଯିବ। ଯଦି ବିଷ କିମ୍ବା ଔଷଧ ଆଦି ଦିଆଯାଇ ନିହାରିକାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେବ ତେବେ ପୁଣି ରାଜାଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ଚିନ୍ତା କରିବ। ଏହା ହତ୍ୟା ଘଟଣାକୁ ନୂଆ ମୋଡ଼ ଦେଇପାରେ। ଏହି ସୂଚନା ଦେଇଛନ୍ତି, ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ୍।

ଏସ୍‌ଡିପିଓ କହିଛନ୍ତି, ରାଜା ବର୍ଷା ରାତିରେ ଯେଉଁଭଳି ଭାବରେ ସାହସ ଜୁଟାଇ ତଥ୍ୟ, ପ୍ରମାଣ ନଷ୍ଟ ପାଇଁ ମୃତଦେହ ନଦୀରେ ଭସାଇ ଦେଇଥିଲେ ତାହା ଜଣେ ପେସାଦାର ଅପରାଧୀ ମଧ୍ୟ କରିବା କଷ୍ଟକର। ଏହି କଥାକୁ ସହଜରେ ଗ୍ରହଣ କରାଯାଉ ନ ଥିଲା। ରାଜାଙ୍କ ଏହି ବୟାନର ସତ୍ୟତା ପରଖିବା ପାଇଁ ରିମାଣ୍ଡ ଅବଧି ମଧ୍ୟରେ ପୋଲିସ ପୁଣି ଜେରା କରିଥିଲା। କିନ୍ତୁ ରାଜା ତାଙ୍କ ବୟାନ ବଦଳାଇ ନ ଥିଲେ। ରାଜା ସମସ୍ତ ଘଟଣା ଏସ୍‌ପି ପ୍ରକାଶ ଆର୍‌ଙ୍କ ନିକଟରେ ଡେମୋ କରି ଦେଖାଇଥିଲେ ସୁଦ୍ଧା ପୋଲିସ ଅଧିକ ଅନୁଧ୍ୟାନ ପାଇଁ ରିମାଣ୍ଡରେ ନେଇଥିଲା।

### ନର୍ସ ନୀହାରିକା ହତ୍ୟା ମାମଲା

■ଆଲିପିଙ୍ଗଳ ଉପକାରାଗାର ଗଲେ ରାଜା
■ଭିସେରା ରିପୋର୍ଟକୁ ଅପେକ୍ଷା

ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଭିଙ୍ଗାରପୁରର ଗଗନ ପାତ୍ର ଓ ପ୍ରତିମା ପାତ୍ରଙ୍କ ଝିଅ ନିହାରିକା ୫ ବର୍ଷ ତଳେ ଜଗତ୍‌ସିଂହପୁର ଜିଲା ବରିଡ଼ି ଅଞ୍ଚଳରେ ରହି ନର୍ସିଂ ଟ୍ରେନିଂ ନେଉଥିଲେ। ଏହି ସମୟରେ ତାଙ୍କର ବରିଡ଼ି ହାଜିପୁରର ରାଜାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ନିହାରିକା କଟକରେ ନର୍ସିଂ ଚାକିରି କରିଥିବାବେଳେ ରାଜା ସେଠାରୁ ତାଙ୍କୁ ଗତ ୮ ତାରିଖ ଦିନ ନେଇ ହତ୍ୟା କରିଥିଲେ। ଏହାପରେ ମୃତଦେହକୁ ଅଖାରେ ବାନ୍ଧି ବିଲୁଆ ଖାଇ ନଦୀରେ ଫିଙ୍ଗି ଦେଇଥିଲେ। ନିହାରିକା ନିଖୋଜ ନେଇ ମଧୁପାଟଣା ଥାନାରେ ଅଭିଯୋଗ ଓ ବିରିଡ଼ିରୁ ମୃତଦେହ ମିଳିବା ପରେ ଘଟଣା ପଦାକୁ ଆସିଥିଲା।

■ ରାୟଗଡ଼ା ନିର୍ବାଚନ ମାମଲା

# ପ୍ରତିପକ୍ଷଙ୍କୁ ହାଇକୋର୍ଟଙ୍କ ନୋଟିସ

**କଟକ ଅଫିସ, ୨୫।୯**

ରାୟଗଡ଼ା ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ବୁଧବାର ଶୁଣାଣି ହୋଇଥିଲା। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବି.ଆର୍. ଷଡ଼ଙ୍ଗୀ ଏହି ମାମଲାରେ ବୁଧବାର ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ପୂଜା ଛୁଟି ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ଆର୍ ହରିଶ ପଟ୍ଟନାୟକ ନିର୍ବାଚିତ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ଜାତି ଓ ସତ୍ୟପାଠକୁ ନେଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷଣ ଥିବାବେଳେ ମୁଦୁଲି ଏହି ବର୍ଗର ନୁହଁନ୍ତି ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ତେଣୁ ସେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଗ୍ୟ ନୁହଁନ୍ତି। ସେହିପରି ବିଧାୟକ ମୁଦୁଲି ନିଜର ମନୋନୟନ ପତ୍ର ଦାଖଲ କରିବା ପରେ ସାମ୍ବିଧାନିକ ନିୟମାନୁଯାୟୀ ଶପଥପାଠ ଦାଖଲ କରିନାହାନ୍ତି। ତାଙ୍କ ମନୋନୟନ ପତ୍ର ଫର୍ମ ୨(ଖ), ଶପଥ ପାଠ ଫର୍ମ ୨୬ରେ ବହୁ ମିଥ୍ୟା ତଥ୍ୟ ଦେଇଛନ୍ତି ଓ ଅନେକ ତଥ୍ୟ ଲୁଚାଇଛନ୍ତି। ସେହିପରି ବିଏସ୍‌ପି ପ୍ରାର୍ଥିନୀ ପୂର୍ଣ୍ଣବତୀ ମାଝୀ ଓ ଭାଜପାର ବସନ୍ତ କୁମାର ଉଲାକାଙ୍କ ମନୋନୟନ ପତ୍ର ବେଆଇନ୍ ଭାବେ ଗ୍ରହଣ କରାଯାଇଛି। ଏହି ମାମଲାରେ ଆବେଦନକାରୀ ପଟ୍ଟନାୟକ କଂଗ୍ରେସ୍‌ର କେ. ଆପାଲାସ୍ୱାମୀ ଓ ବିଜେଡିର ଲାଲ ବିହାରୀ ହିମିରିକାଙ୍କୁ ପକ୍ଷଭୁକ୍ତ କରିଛନ୍ତି। ବୁଧବାର ହାଇକୋର୍ଟରେ ମାମଲାର ପ୍ରାଥମିକ ଶୁଣାଣି ହୋଇଥିବାବେଳେ ଅଦାଲତ ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର, ତରଣୀକାନ୍ତ ବିଶ୍ୱାଳ, ରଶ୍ମିରେଖା ପଣ୍ଡା, ପୁଷ୍ପରାଜ ଭରଦ୍ୱାଜ, ଭବାନୀଶଙ୍କର ପାଣିଗ୍ରାହୀ ମାମଲା ପରିଚାଳନା କରୁଛନ୍ତି।




■ ଆଶୀର୍ବାଦଙ୍କ ଜାମିନ ଆବେଦନ ପୁଣି ଖାରଜ

# ଓସିଏ ନିର୍ବାଚନରେ ମତଦାନ ପାଇଁ ଚିଠି ଲେଖିଲେ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**



ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ଜେଲ୍ ହାଜତରେ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଜାମିନ ଆବେଦନ ବୁଧବାର ଖାରଜ ହୋଇଯାଇଛି। ଜିଲା ଦୌରା ଜଜ୍ ତାଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ ଆଶୀର୍ବାଦଙ୍କୁ ପୁଣି ନିରାଶ ହେବାକୁ ପଡିଛି। ଅପରପକ୍ଷରେ ଆଗାମୀ ଓସିଏ ନିର୍ବାଚନରେ ମତଦାନ କରିବା ପାଇଁ ସୁଯୋଗ ଦେବାକୁ ସେ ଜେଲ ବିଭାଗକୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ସୂଚନାଯାଗ୍ୟ, ଆଶୀର୍ବାଦଙ୍କୁ ସିବିଆଇ ଗିରଫ କରିବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲା। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଜାମିନ ଆବେଦନ କରିଥିଲେ। ମାତ୍ର କୋର୍ଟ ଏହାକୁ ଖାରଜ କରିଦେବା ସହ ଆଶୀର୍ବାଦଙ୍କୁ ଅକ୍ଟୋବର ୧ ପର୍ଯ୍ୟନ୍ତ ବିଚାର ବିଭାଗୀୟ ଜେଲ୍ ହାଜତରେ ରଖାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେବି ସେ ସେଠାରେ ଚିକିତ୍ସିତ ହେଉଛନ୍ତି। ଆସନ୍ତା ୨୭ ତାରିଖରେ ଓସିଏ ନିର୍ବାଚନ ହେବ। ଏଥିରେ ୬ ପଦ ପାଇଁ ମୋଟ ୧୨ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ୨ ଜଣ, ଉପସଭାପତି ପଦ ପାଇଁ ୨ ଜଣ, ସମ୍ପାଦକ ପଦ ପାଇଁ ୨ ଜଣ ଓ ଟ୍ରେଜରର ପାଇଁ ୩ ଜଣ ନାମାଙ୍କନ ପତ୍ର ଦାଖଲ କରି ନିର୍ବାଚନ ଲଢୁଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ଆଶୀର୍ବାଦଙ୍କ ପୁଅ ସଞ୍ଜୟ ବେହେରା ଥିବାବେଳେ ବିପକ୍ଷରେ ଅଛନ୍ତି ନବ ରଞ୍ଜନ ପଟ୍ଟନାୟକ। ଆଶୀର୍ବାଦ ଏବେ ଓସିଏ ସଦସ୍ୟ ଥିବାରୁ ଓ ନିର୍ବାଚନରେ ତାଙ୍କ ପୁଅ ଲଢୁଥିବାରୁ ମତଦାନ ପାଇଁ ଜେଲ ବିଭାଗକୁ ସେ ଚିଠି ଲେଖିଛନ୍ତି। ବ୍ୟକ୍ତିଗତ ଭାବେ ବାଲଟ ଅଣାଯିବା ପରେ ସେ ଭୋଟଦେଇ ପାରନ୍ତି ବୋଲି ସୂଚନା ମିଳିଛି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ





ଷୋଳପୂଜା ଅବସରରେ ମା'କଟକ ଚଣ୍ଡୀଙ୍କ ଷୋଡଶୀ ବେଶ। ଗଡଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ। ଝାଞ୍ଜିରୀମଙ୍ଗଳାଙ୍କ ବୈଷ୍ଣବୀ ବେଶ। ବାସନ୍ତୀ ଦୁର୍ଗାଙ୍କ ତ୍ରିପୁରସୁନ୍ଦରୀ ବେଶ। ପିଠାପୁରସ୍ଥିତ ଧାକୁଲେଇଙ୍କ ବୈଷ୍ଣବୀ ବେଶ। ହରିପୁର ଦୋଳମୁଣ୍ଡାଇସ୍ଥିତ ମା ବିମଳାଙ୍କ ନାରାୟଣୀ ବେଶ। ଦୋଳମୁଣ୍ଡାଇସ୍ଥିତ ମଙ୍ଗଳାଙ୍କ ଷୋଡଶୀ ବେଶ।

## ସଂକ୍ଷେପରେ

### ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳିତ

**କଟକ ଅଫିସ, ୨୫।୯:** ଜିଲାସ୍ତରୀୟ ଜାତୀୟ ପୋଷଣ ମାସ-୨୦୧୯ ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରି କହିଥିଲେ, କୁପୋଷଣ ଦୂର ପାଇଁ ସବୁ ବର୍ଗର ବ୍ୟକ୍ତି, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପୃକ୍ତି ଓ ସହଯୋଗ ନିତାନ୍ତ ଆବଶ୍ୟକ। ଏଥିସହିତ ରାଜ୍ୟ ସରକାରଙ୍କ ୫-ଟିର ଆଭିମୁଖ୍ୟ ଏବଂ ମୋ ସରକାର କାର୍ଯ୍ୟର ସଫଳ ରୂପାୟନ ପାଇଁ ସମସ୍ତେ ପ୍ରାଥମିକତା ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରଯୁକ୍ତିବିଦ୍ୟା, ସୁଷମ ତଥା ପୁଷ୍ଟିକର ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଅବଲମ୍ବନ କରିପାରିଲେ କୁପୋଷଣକୁ ଦୂରୀଭୂତ କରାଯାଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଏଡିଏମ୍‌ଓ ବିଭୂତି ଭୂଷଣ ନାୟକ, ଉତ୍କଳ ସେବକ ସମାଜର ଅମୀୟ ବିଶ୍ୱାଳ, ଜିଲା ସମାଜ କଲ୍ୟାଣ ବିଭାଗର ବିଭିନ୍ନ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୟୁନିସେଫ କୋଅର୍ଡିନେଟର, ଏନ୍‌ଓପି ମ୍ୟାନେଜର, ଜିଲା କାର୍ଯ୍ୟକ୍ରମ ଅଧିକାରୀମାନେ ଏଥିରେ ଯୋଗଦେଇ ପୋଷଣ ମାସ ପାଳନର ଉଦ୍ଦେଶ୍ୟ, ଆବଶ୍ୟକତା, କୁପୋଷଣର କାରଣ ଏବଂ ଦୂରୀକରଣ ଉପାୟ ବିଷୟରେ ଆଲୋଚନା କରିଥିଲେ।

### ଡିଜିଟାଲାଇଜେଶନ ସମ୍ପର୍କିତ କର୍ମଶାଳା

**କଟକ ଅଫିସ, ୨୫।୯:** କଟକ ମହାନଗର ନିଗମ (ସିଏମ୍‌ସି) ବିଜୁ ଭବନଠାରେ ବୁଧବାର ଏସ୍‌ଏଚ୍‌ଜି ଗ୍ରୁପ ନେଇ ଡିଜିଟାଲାଇଜେଶନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡେପୁଟି କମିଶନର, ଏସ୍‌ଆଇଓ ଦେବାଶିଷ ମହାନ୍ତି ଉଦ୍‌ଘାଟନ କରିଥିଲେ। ୩ ଦିନ ଧରି ହେବାକୁ ଥିବା ଏହି କର୍ମଶାଳାରେ ୫୯ଟି ୱାର୍ଡର ଏସ୍‌ଏଚ୍‌ଜି ଗ୍ରୁପ ଭାଗ ନେବେ। ପ୍ରଥମ ଦିନରେ ୧୯ଟି ଗ୍ରୁପ ଭାଗ ନେଇଥିଲେ। ଏସ୍‌ଏଚ୍‌ଜି ଗ୍ରୁପମାନେ କ୍ୟାସଲେସ୍ ଟ୍ରାଞ୍ଜାକସନ ସହ ନିଜର ବ୍ୟବସାୟକୁ କିଭଳି ଭାବେ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ଦେଶ ବିଦେଶରେ ପହଞ୍ଚାଇବେ ସେ ସମ୍ବନ୍ଧରେ କର୍ମଶାଳାରେ ବିସ୍ତୃତ ଶିକ୍ଷା ଦିଆଯାଇଥିଲା। ଏଥିରେ ଆଶିଷ କୁମାର ଦାସ, ସୁବ୍ରତ ଦାସ, ରମାକାନ୍ତ ସିଂ, ବି.ଏସ୍. ପଟ୍ଟନାୟକ ପ୍ରମୁଖ ଏସ୍‌ଏଚ୍‌ଜି ଗ୍ରୁପମାନଙ୍କୁ ଡିଜିଟାଲ ବ୍ୟବହାର ଉପରେ ତାଲିମ ଦେଇଥିଲେ।

### ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

**କଟକ ଅଫିସ, ୨୫।୯:** ଦେଉଳସାହିସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସାମ୍ପ୍ରତିକ ସମାଜରେ ଗାନ୍ଧୀବାଦ ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଅଧକ୍ଷା ଅନିମା ଜେନା ଅଧକ୍ଷତା କରି ମହାତ୍ମା ଗାନ୍ଧୀଙ୍କ ଧର୍ମ ନିରପେକ୍ଷତା, ଶୃଙ୍ଖଳା, ସ୍ୱଚ୍ଛତା, ଅହିଂସା, ଆତ୍ମନିର୍ଭରଶୀଳତା, ନିଶା ନିବାରଣ ଓ ନାରୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ସମାଜରେ ଗାନ୍ଧୀବାଦର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସ୍‌ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ, ଶାରଦାକାନ୍ତ ମିଶ୍ର, ଡ. ହେମନ୍ତ କୁମାର ପରିଡ଼ା, ଅଧ୍ୟାପିକା ଡ. ସେହ୍ନଲତା ମିଶ୍ର, ସସ୍ମିତା ରଥ, ସୁଦୀପ୍ତା ଦାସଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କଟକ ଜିଲା: ବଢୁଛି ଚୋରା ନିଶା କାରବାର

**କଟକ ଅଫିସ,୨୫।୯**

- ଗତବର୍ଷ ତୁଳନାରେ ଚଳିତବର୍ଷ ଜବତ ହୋଇଛି ଚାରିଗୁଣା ନିଶାଦ୍ରବ୍ୟ
- ପଥଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି
- ବ୍ୟବସାୟ ରୋକିବାକୁ ଲୋକଙ୍କ ସହଯୋଗ ଲୋଡ଼ା

କଟକ ଜିଲାରେ ନିଶାଦ୍ରବ୍ୟ କାରବାର ଦିନକୁ ଦିନ ବଢି ଚାଲିଛି। ଅବକାରୀ ବିଭାଗ ଚଢାଉ ଜାରି ରଖିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାରେ ସଫଳ ହୋଇପାରୁନାହିଁ। ଅଧିକ ଅର୍ଥ ଉପାର୍ଜନ ଲୋଭରେ କେତେଜଣ ଅସାଧୁ ବ୍ୟବସାୟୀ ଜିଲାର ଗଳିକନ୍ଦିରେ ମଦ, ଗଞ୍ଜେଇ, ଭାଙ୍ଗ, ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି। ଫଳରେ ଏହି ନିଶା କବଳରେ ପଡି ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ୪ଗୁଣା ଅଧିକ ନିଶାଦ୍ରବ୍ୟ ଜବତ କରାଯାଇଛି। ପୋଲିସ ଓ ଅବକାରୀ ବିଭାଗ ଟିମ୍‌କୁ ଚ୍ୟାଲେଞ୍ଜ ଦେଇ ବ୍ୟବସାୟୀମାନେ ଦିନ ଦ୍ୱିପ୍ରହରରେ ବେଧଡକ ଭାବେ ଏହି କାରବାର କରୁଥିବା ଅଭିଯୋଗ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ କଟକକୁ ନିଶା ଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଛି। ପୋଲିସ ସେମାନଙ୍କୁ ଧରିବାରେ ଅନେକାଂଶରେ ସଫଳ ହୋଇଥିଲେ ମଧ୍ୟ ନିଶା କାରବାର କରୁଥିବା ର୍‌ୟାକେଟର ମୂଳପୋଛ କରିବାରେ ବିଫଳ ହୋଇଛି।

ଅବକାରୀ ବିଭାଗ ସୂଚନା ଅନୁଯାୟୀ, କଟକ ଜିଲାରେ ୨୦୧୮ ଅଗଷ୍ଟ ସୁଦ୍ଧା ୧୬,୫୬,୪୮୪ ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଥିଲା। ମାତ୍ର ଚଳିତବର୍ଷ ଅଗଷ୍ଟ ସୁଦ୍ଧା ଅବକାରୀ ବିଭାଗ ୬୬,୭୫,୧୯୩ଟଙ୍କାର ନିଶାଦ୍ରବ୍ୟ ଜବତ କରିଛି। ସେହିପରି ୨୦୧୮ ଅଗଷ୍ଟରେ ଅବକାରୀ ବିଭାଗ ୭,୧୬,୯୨୭ ଟଙ୍କାର ନିଶାଦ୍ରବ୍ୟ ଜବତ କରିଥିବାବେଳେ ଚଳିତବର୍ଷ ଅଗଷ୍ଟରେ ୯,୮୮,୦୭୮ଟଙ୍କାର ନିଶାଦ୍ରବ୍ୟ ଜବତ କରିଛି।

୨୦୧୮ ଅଗଷ୍ଟ ସୁଦ୍ଧା କଟକ ଅବକାରୀ ବିଭାଗ ପକ୍ଷରୁ ୩୦୭୭ ଲିଟର ଆଇଡି ଲିକର, ୨୧ହଜାର ଲିଟର ପୋଚ, ୨୦୦୩ ଲିଟର ବିଦେଶୀ ମଦ, ୧୮୮ ଲିଟର ବିଅର, ୩୩.୭ କିଗ୍ରା ଗଞ୍ଜେଇ, ୬୪୯.୭୭ କିଗ୍ରା ଭାଙ୍ଗ, ୧୧୫୩ ଲିଟର ଦେଶୀ ମଦ, ୧୨.୨୫୦ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ନିଶାଦ୍ରବ୍ୟ କାରବାର ଅଭିଯୋଗରେ ୬୪୪ଟି ମାମଲା ରୁଜୁ ହୋଇଥିବାବେଳେ ୫୯୬ଙ୍କୁ ଗିରଫ କରାଯାଇଥିଲା। ସେହିପରି ନିଶା କାରବାର ଅଭିଯୋଗରେ ଚଳିତବର୍ଷ ଅବକାରୀ ବିଭାଗ ଅଗଷ୍ଟ ସୁଦ୍ଧା ମୋଟ୍ ୭୫୬ଟି ମାମଲା ରୁଜୁ କରିଥିବାବେଳେ ୬୮୪ଜଣଙ୍କୁ ଗିରଫ କରିଛି। ଜବତ ନିଶାଦ୍ରବ୍ୟ ମଧ୍ୟରେ ୫୫୬୧ ଲିଟର ଆଇଡି ଲିକର, ୪୧୧୨ ଲିଟର ପୋଚ, ୪୯୪ ଲିଟର ବିଦେଶୀ ମଦ, ୭୦୭ ଲିଟର ବିଅର, ୬ କୁଇଣ୍ଟାଲ ୨୮.୫୫ କିଗ୍ରା ଗଞ୍ଜେଇ, ୩୩୬.୯୫ କିଗ୍ରା ଭାଙ୍ଗ, ୧୪୫୫ ଲିଟର ଦେଶୀ ମଦ ରହିଛି। ଏ ସମ୍ପର୍କରେ କଟକ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ଅଶୋକ କୁମାର ଶତପଥୀ କହିଛନ୍ତି, ଜିଲାରେ ନିଶାଦ୍ରବ୍ୟର କାରବାର ଉପରେ ରୋକ୍ ଲଗାଇବାକୁ ଜୋର୍‌ଦାର ପ୍ରୟାସ କରାଯାଉଛି। ନିଶାଦ୍ରବ୍ୟ ଚୋରା କାରବାର ହେଉଥିବା ସ୍ଥାନରେ ଆମ ସ୍କ୍ୱାଡ୍ ବାରମ୍ବାର ଚଢ଼ାଉ କରୁଛି। ତେବେ ଏହି ବ୍ୟବସାୟ ରୋକିବାକୁ ହେଲେ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି। ଯେଉଁ ସ୍ଥାନରେ ଚୋରା ନିଶା କାରବାର ହେଉଛି ସେ ସମ୍ପର୍କରେ ଖବର ମିଳିଲେ, ଆମେ ତୁରନ୍ତ ଚଢ଼ାଉ କରିବୁ।




କଟକ ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ବୁଧବାର ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

## ଜାମିନରେ ଆସିଥିବା ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୫।୯**

ଲାଲବାଗ ପୋଲିସ ଅଲିସାବଜାର ଅଞ୍ଚଳର କାହ୍ନୁ ଜେନା(୪୨)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ତାଙ୍କ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି। କିଛିମାସ ପୂର୍ବେ ଲାଲବାଗ ଅଞ୍ଚଳରେ ଘଟିଥିବା ଏକ ହତ୍ୟା ଘଟଣାରେ କାହ୍ନୁଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ କଟକ ଦ୍ୱିତୀୟ ଏଡିଜେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ପରେ ନିମ୍ନ ଅଦାଲତଙ୍କ ଆଦେଶକୁ କାହ୍ନୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଜାମିନ ପାଇଥିଲେ। ଏହି ଘଟଣାରେ ଅଦାଲତ କାହ୍ନୁଙ୍କ ବିରୋଧରେ ଏନ୍‌ବିଡବ୍ଲୁ ଜାରି କରିଥିଲେ। ଇତିମଧ୍ୟରେ କାହ୍ନୁ ଏକ ଗୋଷ୍ଠୀ ତିଆରି କରି ସହରରେ ପୂଜା ସମୟରେ ଆପରାଧୀକ ଘଟଣା ଘଟାଇବାକୁ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ପରେ ତାଙ୍କୁ ଗିରଫ କରିଛି।

# ସହରରୁ ପାଣି ନିଷ୍କାସନ ପାଇଁ ବ୍ୟବହାର ହେଉଛି ୧୯୦ ପମ୍ପସେଟ୍



ବୈଠକରେ ବିଧାୟକ ସୌଭିକ ବିଶ୍ୱାଳଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୨୫।୯**

କଟକ ମହାନଗର ନିଗମ (ସିଏମ୍‌ସି)ରେ ଦିନକୁ ଦିନ ରାସ୍ତାଘାଟ ସମସ୍ୟା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯାହାକୁ ନେଇ ରାସ୍ତାରେ କୃତ୍ରିମ ଜଳାଶୟ ସୃଷ୍ଟି ହୋଇଛି। ୪୮ ଘଣ୍ଟା ବର୍ଷାରେ ସହରର ବିଭିନ୍ନ ସ୍ଥାନ ସମେତ ତଳୁଆ ଅଞ୍ଚଳରେ ପାଣି ଜମି ରହିଛି। ସିଏମ୍‌ସି ପକ୍ଷରୁ ଜଳ ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା ହୋଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସହରବାସିନ୍ଦା ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଗତ ରାତିରୁ ବର୍ଷା ଆରମ୍ଭ ହୋଇଥିବାବେଳେ ସହରର ବିଭିନ୍ନ ଅଞ୍ଚଳରେ ଆଣ୍ଠୁଏ ଉପରେ ପାଣି ଲହଡି ମାରୁଛି। ଆମ ଅଞ୍ଚଳର ବହୁ ଲୋକଙ୍କ ଘରେ ପାଣି ପଶି ଥିବାରୁ ରନ୍ଧାବଢାରେ ସମସ୍ୟା ହୋଇଛି। କିନ୍ତୁ ସିଏମ୍‌ସି କିମ୍ବା ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା ହୋଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ୧୭୦ରୁ ୧୯୦ଟି ପାଣିପମ୍ପ ଜରିଆରେ ପାଣି ନିଷ୍କାସନ କରାଯାଉଛି। ବର୍ଷା ଲାଗି ରହିଥିବାରୁ ସମସ୍ୟା ହେଉଛି। ମୁଖ୍ୟ ଡ୍ରେନ୍‌ରୁ ପାଣି କମିଲେ ଅଞ୍ଚଳରୁ ପାଣି କମିଯିବ ବୋଲି ଆଶା ରଖିଛୁ। ପ୍ରତି ଅଞ୍ଚଳରେ ଜାଇକା କାର୍ଯ୍ୟ ଚାଲିଥିବାରୁ ରାସ୍ତାଘାଟ ଖାଲଖମାରେ ଭର୍ତ୍ତି ହୋଇଛି। ସହରର ମୁଖ୍ୟରାସ୍ତା ଲିଙ୍କରୋଡଠାରୁ ବାଦାମବାଡ଼ି, ପ୍ରେସଛକରୁ ନୂଆପଡ଼ା

### ରାସ୍ତା ସମସ୍ୟା ନେଇ ବିଧାୟକଙ୍କ ଜରୁରୀ ବୈଠକ

ରାସ୍ତା ମରଣଯନ୍ତା ପାଲଟିଛି। ଲୋକେ ଏଥିରେ ପଡି ଆହତ ହେଉଛନ୍ତି। ଏହି ସବୁ ସମସ୍ୟାକୁ ନେଇ ମହାନଦୀ ବିହାରସ୍ଥିତ ଜାଇକା କାର୍ଯ୍ୟାଳୟରେ ଜାଇକା ଓ ପିଡବ୍ଲ୍ୟୁଡି ଡିଭିଜନ ସହ ଜରୁରି ବୈଠକ କରିଛନ୍ତି ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ। ୨୫ ତାରିଖ ପୂର୍ବରୁ ସମସ୍ତ ରାସ୍ତାକାମ ସରିବ ବୋଲି ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ଭିତରେ କାମ ସରି ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ବିଧାୟକ କହିଛନ୍ତି, ଆଜି ଜାଇକା ସହିତ ବୈଠକ ହୋଇଛି। ବର୍ଷା ନିମନ୍ତେ କାମ ହୋଇ ନ ଥିବା ଜାଇକା ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ଛାଡ଼ିବାର ୪୮ ଘଣ୍ଟା ଭିତରେ ସହରର ରାସ୍ତାକାମ ହେବ। ମୋ ଉପସ୍ଥିତିରେ ଏହି ରାସ୍ତାକାମ କରାଯିବ। ସେପଟେ ଜାଇକା କର୍ତ୍ତୃପକ୍ଷ ବସନ୍ତ ସେନାପତି କହିଛନ୍ତି, ବର୍ଷା ଯୋଗୁ କାମ ଆଗେଇ ପାରିନି। ବର୍ଷା ଛାଡ଼ିବାର ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟ ଶେଷ ହେବ। ସୂଚନାଥାଉ କି, ପ୍ରାୟ ୬ ବର୍ଷ ହେବ ଜାଇକା କାର୍ଯ୍ୟ ଯୋଗୁ ଲୋକେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ହେଲେ ସ୍ଥିତି ଅସମ୍ଭାଳ ହୋଇପଡୁଛି। ଏହାର ସମାଧାନ କେବେ ହେବ ତାହାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୨ କୁଇଣ୍ଟାଲ ୧୦ କେଜି ଗଞ୍ଜେଇ ଜବତ

**କଟକ ଅଫିସ, ୨୫।୯**

ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଗଞ୍ଜେଇ ବ୍ୟବସାୟୀ ହେଉଛନ୍ତି ଭଦ୍ରକ ଜିଲା କନକରାର ତପନ ରାଉତ(୩୬)। ଏକ କାର (ଓଆର୦୨ଏଡବ୍ଲ୍ୟୁ-୨୭୭୩)ରେ ଗଞ୍ଜେଇ ଭର୍ତ୍ତି ହୋଇ କଟକରୁ ଭଦ୍ରକ ଅଭିମୁଖେ ଯାଉଥିବା ନେଇ ଅବକାରୀ ବିଭାଗ ସୂଚନା ପାଇଥିଲା। ସକାଳ ପ୍ରାୟ ୯ଟାରେ ଶିଖରପୁର ଟ୍ରାଫିକ ନିକଟରେ ଅବକାରୀ ପୋଲିସ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ୨କୁଇଣ୍ଟାଲ ୧୦କିଗ୍ରା ଗଞ୍ଜେଇ ଜବତ କରାଯାଇଥିଲା। ପୋଲିସ ଗାଡି ଓ ଗଞ୍ଜେଇ ଜବତ କରିଥିବା ବେଳେ ତପନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ବ୍ୟବସାୟୀ ଗିରଫ

# ସିଟି ବସ୍ ପୁନଃ ଚଳାଚଳକୁ ଗୁରୁତ୍ୱ

**କଟକ ଅଫିସ, ୨୫।୯**

କଟକ ସହରବାସୀଙ୍କୁ ବିଭିନ୍ନ ଅଞ୍ଚଳକୁ ଯାତାୟାତର ସୁବିଧା ଯୋଗାଇବା ନିମନ୍ତେ ଆରମ୍ଭ ହୋଇଥିଲା ସିଟି ବସ୍ ସେବା। କଟକ ମହାନଗର ନିଗମ(ସିଏମ୍‌ସି)ର ଆନ୍ତରିକତା ଅଭାବ ଯୋଗୁ ବିକାଶ ଭବନ ପରିସରରେ ଖତ ଖାଉଛି ପ୍ରାୟ ୫୦ଟି ସିଟି ବସ୍। କଟକ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ୍ (ସିୟୁଟିସିଏଲ୍) ଏବଂ ସାହାରା ରୋଡ୍‌ୱେଜ ମଧ୍ୟରେ ଏ ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ସେବାକୁ ୨୦୧୬ ଏପ୍ରିଲ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କିଛି ମାସ ପରେ ଏହି ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏ ନେଇ ବାରମ୍ବାର ଖବର ପ୍ରସାରଣ ପରେ ସିଏମ୍‌ସିର ଚେତା ପଶିଛି। ସିଟି ବସ୍ ସେବାକୁ କିପରି ପୁନଃ ଚଳାଚଳ କରାଯାଇପାରିବ ସେଥିପାଇଁ ପ୍ରଥମ ପର୍ଯ୍ୟାୟରେ ବୋର୍ଡ ଅଫ ଡାଇରେକ୍ଟର ବୈଠକ ବୁଧବାର ସିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସହରବାସୀ ଓ ଗାଁ ଲୋକଙ୍କ ଯାତାୟାତ ସୁବିଧା ପାଇଁ କଟକରେ ଆରମ୍ଭ ହୋଇଥିଲା ସିଟିବସ୍ ସେବା। ପରେ ଏହି ସେବା ଚୌଦ୍ୱାର, ବାଙ୍କୀ, ମଙ୍ଗୁଳି, ଗୋପାଳପୁର, ନୂଆପଡ଼ା, ବିଜୁ ପଟ୍ଟନାୟକ ଛକ, ବିଡ଼ାନାସୀ, ତ୍ରିଶୂଳିଆ, ଜଗତ୍‌ପୁର ଅଞ୍ଚଳରେ ଉପଲବ୍ଧ ହୋଇଥିଲା। କେତେକ ଅଞ୍ଚଳକୁ ବସ୍‌ସେବା ଆରମ୍ଭ ହୋଇଥିଲା। ହେଲେ କିଛିଦିନ ଚାଲିବା ପରେ ଏହି ସେବା ବନ୍ଦ ହୋଇଯାଇଥିଲା। ଫଳରେ ଦୀର୍ଘ ୩ ବର୍ଷ ହେବ ସିଟିବସ୍ ବିକାଶ ଭବନ ପରିସରରେ ଖତ ଖାଉଛି। ଏହି ବସ୍‌ଗୁଡିକୁ ପୁନଃ ଚଳାଚଳ କରିବା ପାଇଁ ବୋର୍ଡ ଅଫ ଡାଇରେକ୍ଟର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆର୍‌ୟୁଟି) ସହିତ ସିୟୁଟିସିଏଲ୍ ଅନୁବନ୍ଧିତ ହୋଇ ଗୋଟିଏ ସଂସ୍ଥା ସିଆର୍‌ୟୁଟି ହାତକୁ ଯିବ। ଏଥିମଧ୍ୟରେ ସିୟୁଟିସିଏଲ୍ ଅଧୀନରେ ଥିବା ଲିଗାଲ ଏବଂ ଇଲିଗାଲ କାଗଜପତ୍ର, ଲୋନ୍, କର୍ମଚାରୀ, ଦରମା ଆଦି ସମସ୍ତ ଦାୟିତ୍ୱ ସିଆର୍‌ୟୁଟି ବୁଝିବ। ଏଥିସହ ବିକାଶ ଭବନ ପରିସରରେ ଥିବା ସମସ୍ତ ଗାଡ଼ି ଖୁବ୍‌ଶୀଘ୍ର ମରାମତି କରାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯିବା ଉପରେ ଉଦ୍ୟମ କରାଯିବ। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ସିଟିବସ୍‌କୁ ନେଇ ବୋର୍ଡ ଅଫ ଡାଇରେକ୍ଟର ବୈଠକ ବସିଥିଲା। ସିୟୁଟିସିଏଲର ସମସ୍ତ କାମ ସିଆର୍‌ୟୁଟି ହାତକୁ ଯିବ। ସେପ୍ଟେମ୍ବର ୧୩ ସୁଦ୍ଧା ଜେନେରାଲ ବଡ଼ି ମିଟିଂ ଡକାହେବ। ସମସ୍ତ ବସ୍ ଚଳାଚଳ ଉପରେ ସିଏମ୍‌ସି ଗୁରୁତ୍ୱ ଦେଉଛି। ଏହି ବୈଠକରେ ଉପଜିଲାପାଳ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଚାନ୍ଦିମେଢରେ ପୂଜା ପାଇବେ ମା' ଦୁର୍ଗା

**କଟକ ଅଫିସ, ୨୫।୯**




ଖବରଦାତା ସମ୍ମିଳନୀରେ ଚାନ୍ଦି ଅଳଙ୍କାର ପ୍ରଦର୍ଶନ କରୁଥିବା କର୍ମକର୍ତ୍ତାମାନେ।

- ଭସାଣିରେ ବାଜିବ ପାରମ୍ପରିକ ବାଦ୍ୟ
- ୧୫ କୁଇଣ୍ଟାଲ ଲଡୁ ବଣ୍ଟନ କରାଯିବ
- ଅକ୍ଟୋବର ୩ରେ ଉଦ୍‌ଘାଟନ ହେବ ଚାନ୍ଦିମେଢ

କଟକରେ ପୂଜାକୁ ଆକର୍ଷଣୀୟ ଏବଂ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ପାଇଁ ବୁଧବାର ଛତ୍ରବଜାର ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ବଳଭଦ୍ରପୁର ଯୁବକ ସଂଘ କ୍ଲବରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛତ୍ରବଜାର ଅଞ୍ଚଳର ମୁରବୀମାନେ ଏକ ଚାଳଘରେ ଶିବପାର୍ବତୀ ମୂର୍ତ୍ତିପୂଜା ଆରମ୍ଭ କରିଥିଲେ। ତାହା ୧୯୯୯ ପର୍ଯ୍ୟନ୍ତ ଚାଲିଥିଲା। ୨୦୦୦ରୁ ମା' ଦୁର୍ଗାଙ୍କ ପୂଜା ମହାଆଡମ୍ବରରେ ପାଳିତ ହୋଇ ଆସୁଛି। ଚଳିତବର୍ଷ ଛତ୍ରବଜାର ଦୁର୍ଗାପୂଜା କମିଟି ଶତବାର୍ଷିକୀ ପାଳନ କରିବାକୁ ଯାଉଛି। ଏହି ସମୟରେ ପୂଜା କମିଟି ପକ୍ଷରୁ ନୂତନ ଚାନ୍ଦିମେଢ ଆରମ୍ଭ କରିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଅକ୍ଟୋବର ୩ରେ ଚାନ୍ଦିମେଢର ଶୁଭ ଉଦ୍‌ଘାଟନ ହେବ। ଏଥିନିମନ୍ତେ ନୂତନ ଭାବେ ଏକ ମୁଖ୍ୟ ପ୍ଲାଇଗେଟ୍ ସହିତ ଅନ୍ୟାନ୍ୟ ୭ଟି ଲାଇଟ୍‌ଗେଟ୍ ଓ ସମସ୍ତ ଅଞ୍ଚଳକୁ ଲାଇଟ୍ ମାଧ୍ୟମରେ ଆଲୋକିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ପ୍ରଥମେ ଛତ୍ରବଜାରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତା ଅକ୍ଟୋବର ୩ରୁ ୮ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂଜା କମିଟିର ବିଶେଷତ୍ୱ ହେଉଛି, ମା'ଙ୍କ ପୂଜା ନିମନ୍ତେ କର୍ତ୍ତା ନନ୍ଦ ଉତ୍ସବ ମୂର୍ତ୍ତିକା ତତ୍‌ଥାନଠାରୁ ବିସର୍ଜନ ପର୍ଯ୍ୟନ୍ତ ସାତ୍ତ୍ୱିକ ଆହାର ଭକ୍ଷଣ କରିଥାନ୍ତି। ଚଳିତବର୍ଷ କମିଟି ତରଫରୁ ୧୫ କୁଇଣ୍ଟାଲ ଲଡୁ ଭୋଗ ବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଛି। ପୂଜା ୪ଦିନ ମା'ଙ୍କ ନିକଟରେ ପ୍ରତ୍ୟହ ଅନ୍ନଭୋଗ ଲାଗି କରାଯାଏ। ଦଶମୀ ଦିନ ମା'ଙ୍କ ଘଟ ଓ ନବପତ୍ରିକା ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷ ନୂତନ ଚାନ୍ଦିମେଢ ସହିତ ଭସାଣି ଶୋଭାଯାତ୍ରାରେ ବ୍ୟାଣ୍ଡପାର୍ଟି ସମେତ ବିଭିନ୍ନ ପ୍ରକାର ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ। ଜିଲା ଓ ପୋଲିସ ପ୍ରଶାସନ, ଶାନ୍ତି କମିଟିର ନିଷ୍ପତ୍ତିକୁ ସମ୍ମାନ ଜଣାଇ ଶୋଭାଯାତ୍ରାରେ ଡିଜେକୁ ନିଷିଦ୍ଧ କରାଯାଇ ସମ୍ପୂର୍ଣ୍ଣ ନିଶାମୁକ୍ତ ରଖିବା ପାଇଁ ସଂକଳ୍ପ କରାଯାଇଛି। ଅଶ୍ଳୀଳ ନୃତ୍ୟକୁ ମଧ୍ୟ ବାରଣ କରାଯାଇଛି। ମା'ଙ୍କୁ ପଲିଥିନ୍‌ରେ ଭୋଗ ଲାଗି ନ କରିବା ପାଇଁ କମିଟି ପକ୍ଷରୁ ଲୋକଙ୍କୁ ସଚେତନ କରାଯିବ। ଚାନ୍ଦିମେଢର ଡିଜାଇନ ରାମଚନ୍ଦ୍ର ପରିଡ଼ା କରିଥିବାବେଳେ ଏଥିରେ ନିୟୋଜିତ ହୋଇଛନ୍ତି ଚାନ୍ଦି କରିଗର ତୁଳସୀପୁରର ନବକିଶୋର ପାଲ ଓ ଅଲିଶାବଜାରର ପ୍ରଦୀପ ପୃଷ୍ଟି। ସେହିପରି କାଠଗଡ଼ା ସାହିର ସୁରେଶ ଚନ୍ଦ୍ର ବେହେରା ମୂର୍ତ୍ତି ନିର୍ମାଣ କରୁଛନ୍ତି। ଆସନ୍ତା ୩ରେ ଉଦ୍‌ଘାଟନୀ ଉତ୍ସବରେ କଟକ ଜିଲାର ମୁଖ୍ୟ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ, ମ୍ୟୁନିସିପାଲ କର୍ପୋରେଶନର ମୁଖ୍ୟ ପଦାଧିକାରୀ, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ଶାନ୍ତି କମିଟିର କର୍ମକର୍ତ୍ତା, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ଖବରଦାତା ଓ ମହାନଗରର ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସଭାପତି ଦେବେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ଗୋପୀନାଥ ସ୍ୱାଇଁ, ଉପସଭାପତି ବ୍ରହ୍ମାନନ୍ଦ ଛାଟୋଇ, ବିଷ୍ଣୁ ଚରଣ ରାଉଳ, ସମ୍ପାଦକ ଧୀରେନ କୁମାର ମହାନ୍ତି, ସହସମ୍ପାଦକ ପ୍ରଦୀପ୍ତ ରାଉତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ଛାତ୍ରଙ୍କୁ ବସ୍ ଉଠ୍ ଘଟଣାରେ ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

**ସାଲେପୁର,୨୫।୯ (ଡି.ଏନ୍.ଏ.):** ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ସଉରୀ ପଞ୍ଚାୟତସ୍ଥିତ ଏକ ନୋଡାଲ ହାଇସ୍କୁଲର ୨ ଜଣ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଉଠ୍‌ବସ୍ କରାଇବା ଘଟଣାରେ ସେହି ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଆଲୋକପ୍ରଭା ମହାନ୍ତିଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏନେଇ ସାଲେପୁର ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ ସୂଚନା ଦେଇଛନ୍ତି। ସାଲେପୁର ଶିକ୍ଷାମଣ୍ଡଳ ଅଧିକାରୀ ପ୍ରେମଲତା ନାୟକ ଚିଠି (ନଂ.୧୬୦୨) ଅନୁଯାୟୀଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଛାତ୍ରୀଛାତ୍ରଙ୍କୁ ଉଠ୍‌ବସ୍ କରାଇବା ଘଟଣା ଗଣମାଧମରେ ପ୍ରକାଶ ପାଇବା ପରେ ଶତପଥୀ ଓ ନାୟକ ଉକ୍ତ ବିଦ୍ୟାଳୟକୁ ଯାଇ ଏହି ଘଟଣାର ତଦନ୍ତ କରିଥିଲେ।

### ଶ୍ରୀମଦ୍ ଭାଗବତ ମହାପୁରାଣ ପାଠ ଉଦ୍‌ଯାପିତ

**ବଡମ୍ବା,୨୫।୯(ଡି.ଏନ୍.ଏ):** ବଡମ୍ବା ବ୍ଲକ୍ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱରଦେବଙ୍କ ପୀଠରେ ୧୨ଦିନ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ ମହାପୁରାଣ ପାଠ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାଳିକା ମଣ୍ଡଳ ବଡ଼ମ୍ବା ରାଜ୍ୟ ଗହଣଦଳ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ବହୁ ସାଧୁ, ସନ୍ଥ ଓ ଗହଣ ଦଳ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଯଜ୍ଞ ସମେତ ଭାଗବତ ଚର୍ଚ୍ଚା ହୋଇଥିଲା। ଗହଣଦଳ କର୍ମକର୍ତ୍ତା ରବୀନ୍ଦ୍ର କୁମାର ମହାନ୍ତି, ଜଗନ୍ନାଥ ବିଶ୍ୱାଳ, କୁଳମଣି ସାହୁ ଓ ଶତ୍ରୁଘନ ମାଝିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରସନ୍ନ ମଲ୍ଲିକ ଓ ତ୍ରିବିକ୍ରମ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

### ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ

**ସାଲେପୁର,୨୫।୯(ଡି.ଏନ୍.ଏ.):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨ଦିନ ବ୍ୟାପୀ ଚାଲିଥିବା ଜାତୀୟ ସେବା ଯୋଜନା ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଓ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଜିଲାସ୍ତରୀୟ ଅଧିକାରୀ ପ୍ରାଧାପିକା ଜୟନ୍ତୀବାଳା ପରିଜା ସଂଯୋଜନାରେ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ.ବସନ୍ତ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରାଧାପିକା ସ୍ନେହଲତା ମହାନ୍ତି, ପ୍ରାଧାପକ ତୁଷାର କୁମାର ମହାନ୍ତି ଓ ଡ.ପ୍ରଦୀପ୍ତ ରଞ୍ଜନ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧକ୍ଷ ରାଉତ ଅଧକ୍ଷତା କରିଥିବା ବେଳେ ପ୍ରାଧାପିକା ଜୟନ୍ତୀବାଳା ପରିଜା ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ମହାବିଦ୍ୟାଳୟ ଉପାଧକ୍ଷ ଡ. ଉମେଶଚନ୍ଦ୍ର ପତି, ପ୍ରାଧାପିକା ପ୍ରକାଶିନୀ ରାୟ, ଡ.ସଙ୍ଗୀତା ମିଶ୍ର, ଡ. ଦେବେନ୍ଦ୍ର ନାରାୟଣ ପତ୍ରୀ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନା ଓ ଗାନ୍ଧିଜୀଙ୍କ ନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପ୍ରାଧାପକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

### ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

**ବାଙ୍କୀ,୨୫।୯(ବି.ପ୍ର):** ବାଙ୍କୀ ଏନ୍‌ଏସି ସାହାଡ଼ାପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବଳରାମ ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ସମାହିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ମଲ୍ଲିକଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ଛବିଦେଇ, କାନ୍ତିମୟୀ ବେଉରା,ରୀତା ପରିଡା,ମଞ୍ଜୁଳା ପରିଡା, ଶିକ୍ଷକ ଉତ୍କଳ ରଞ୍ଜନ ମହାରଣା ଓ ପ୍ରଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅଜୟ ସେଠୀ, ଉପାଧକ୍ଷା ପଙ୍କଜିନୀ ସ୍ୱାଇଁ, ସଭ୍ୟା ଚାନ୍ଦିନୀ ମଲ୍ଲିକ ଛାତ୍ରୀଛାତ୍ରଙ୍କୁ ଚାରା ରୋପଣ ପାଇଁ ଉତ୍ସାହିତ କରିଥିଲେ ।

## ■ ଜବରଦଖଲ ମୁକ୍ତ କରିବାରେ ପ୍ରଶାସନ ବିଫଳ

# ମେଶିନ ଆଗରେ ଶୋଇଲେ ଲୋକେ

**ରଘୁନାଥପୁର, ୨୫। ୯ (ଡି.ଏନ.ଏ.)**

କୋର୍ଟଙ୍କ ଆଦେଶ ବଳରେ ରଘୁନାଥପୁର ତହସିଲ ପକ୍ଷରୁ ବୁଧବାର ତାଳଦଣ୍ଡା କେନାଲରୁ ବାହାରିଥିବା ୮ ନଂ. (କ) ବ୍ଲକ ଛକରୁ କୋଟକଣା ପର୍ଯ୍ୟନ୍ତ ବାମପାର୍ଶ୍ୱ ବନ୍ଧ ଜବରଦଖଲ ମୁକ୍ତ ପାଇଁ ପ୍ରସ୍ତୁତି କରାଯାଇଥିଲା। ବର୍ଷା ସତ୍ତ୍ୱେ ଦିନ ୧୨ଟାରେ ଦୁଇ ପ୍ଲାଟୁନ୍ ଫୋର୍ସ ସହ ପହଞ୍ଚିଥିଲା ମେଶିନ୍। ତହସିଲାଦାର ଦେବାଶିଷ ପାତ୍ର, ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ସମେତ ଏସ୍‌ଡିପିଓ ଡି. ଆର. ଜେନା ଓ ତିର୍ତ୍ତୋଲ ଆଇଆଇସି କେ. ପି. ମିଶ୍ର ମଧ ଉପସ୍ଥିତ ଥିଲେ। ତେବେ ଜବରଦଖଲ ହୋଇଥିବା ସ୍ଥାନକୁ ମେଶିନକୁ ସ୍ଥାନୀୟ ବାସିନ୍ଦା ଯିବାକୁ ଦେଇ ନ ଥିଲେ। ଆଉ କିଛିଦିନ ମହଲତ ଦେବାକୁ କହି ରାସ୍ତା ଉପରେ ଶୋଇ ରହିଥିଲେ ସାଧାରଣ ଜନତା। ଲୋକଙ୍କୁ ବୁଝାଶୁଝା କରି କରି ଉଠିଯିବା ପାଇଁ ଉଭୟେ ତହସିଲଦାର ଓ ପୋଲିସ ଅଧିକାରୀ ଅନୁରୋଧ କରିଥିଲେ ବି ଏହାକୁ ପ୍ରତ୍ୟାଖାନ କରିଥିଲେ ବ୍ୟବସାୟୀ ଗୋଷ୍ଠୀ।



ପ୍ରତିବାଦ କରୁଥିବା ଲୋକଙ୍କୁ ପୋଲିସ ଉଠାଇ ନେଉଛି।

■ପୋଲିସ ବଳ ପ୍ରୟୋଗ କରି ଉଠାଇବା ସମୟରେ ଜଣେ ଆହତ

■ଫେରିଲେ ଅଧିକାରୀ, ଜଗି ରହିଲେ ଦୋକାନୀ

ଶେଷରେ ପୋଲିସ ବଳପ୍ରୟୋଗ କରି ଜନତାଙ୍କୁ ଉଠାଇବା ସମୟରେ ରବୀନ୍ଦ୍ର ରାଉତ ନାମକ ବ୍ୟକ୍ତି ଆଘାତପ୍ରାପ୍ତ ହୋଇ ମୁର୍ଚ୍ଛା ଯାଇଥିଲେ। ଫଳରେ ଲୋକଙ୍କ ମନରେ ଅସନ୍ତୋଷ ବଢି ଯାଇଥିଲା। ଉତ୍ତେଜନା କ୍ରମଶଃ ବଢିବାରେ ଲାଗିଥିଲା। ଏପରିକି ଖବରପାଇ ଶତାଧିକ ଲୋକ ଘଟଣାସ୍ଥଳରେ ପହଞ୍ଚି ପୋଲିସ ବିରୋଧରେ ନାରାବାଜି କରିବା ସହ ଉକ୍ତ ଆହତ ବ୍ୟକ୍ତିଙ୍କୁ ରାସ୍ତାରେ ଶୁଆଇ ରଖିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତହସିଲଦାର ଓ ପୋଲିସ ଫୋର୍ସ ଘଟଣାସ୍ଥଳରେ ରହିବା ପରେ ସ୍ଥାନ ପରିତ୍ୟାଗ କରିଥିଲେ। ତେବେ ଧାର୍ଯ୍ୟ ସମୟରେ ଜବରଦଖଲ ମୁକ୍ତ କରିବାରେ ପ୍ରଶାସନ ଏକ ପ୍ରକାର ବିଫଳ ହୋଇଥିବା ବେଳେ କୌଣସି ମୁହୂର୍ତ୍ତରେ ପ୍ରଶାସନ କଳ ସେଠାରେ ପହଞ୍ଚି ଯିବା ଆଶଙ୍କା କରି ବ୍ୟବସାୟୀ ଗୋଷ୍ଠୀ ସେଠାରେ ଜଗି ରହିଥିଲେ। କୋର୍ଟଙ୍କ ପକ୍ଷରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। କୋର୍ଟ ଅର୍ଡରକୁ କୌଣସି ପ୍ରକାରରେ ଅଣଦେଖା କରିଯିବ ନାହିଁ ବୋଲି ଅତିରିକ୍ତ ତହସିଲଦାର ତ୍ରିପାଠୀ ପ୍ରକାଶ କରିଛନ୍ତି। ଏଥିପାଇଁ ପ୍ରଶାସନକୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

## ମା' ଚର୍ଚ୍ଚିକାଙ୍କ ପୀଠରେ ଷୋଳ ପୂଜାର ୪ର୍ଥ ପର୍ବ

**ବାଙ୍କୀ, ୨୫।୯(ସ୍ୱ.ପ୍ର)**



ବାଙ୍କୀ ପର୍ଶୁରାମ ପୀଠରେ ଦେବୀ ଚର୍ଚ୍ଚିକାଙ୍କ ଶାରଦୀୟ ଷୋଳ ପୂଜାର ଚତୁର୍ଥ ପର୍ବ ବୁଧବାର ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ଭୋର ୪ଟାରେ ଦେବୀଙ୍କ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ଓ ପଞ୍ଚ ଅବକାଶ କାର୍ଯ୍ୟ ଶେଷ ହୋଇଥିଲା। ମନ୍ଦିର ସେବାସୀମାନେ ରେଣୁକା କୁଡ଼ରୁ ଜଳ ଆଣିବା ପରେ ମା'ଙ୍କ ସହସ୍ର କୁମ୍ଭାଭିଷେକ, ମାଜଣା କରିଥିଲେ। ଏହାପରେ ଶାରଦୀୟ ପୂଜାର ଚତୁର୍ଥ ପର୍ବ ପାଇଁ ବେଶ କରାଯାଇଥିଲା। ରାଜଗୁରୁ ଭବାନୀଶଙ୍କର ମହାପାତ୍ରଙ୍କ ଦ୍ୱାରା ସୂର୍ଯ୍ୟପୂଜା, ନବଶକ୍ତି କଳସ ପୂଜା ଆଦି ସମ୍ପାଦିତ ହୋଇଥିଲା। ମଧାହ୍ନରେ ଖେଚେଡ଼ି ଓ ଆମିଷ ଭୋଗ ସହ ଉପାଧିୟା ଭୋଗ ଅର୍ପଣ କରାଯାଇ ମା'ଙ୍କ ବିଶ୍ରାମ ପାଇଁ ପହଡ଼ ପଡିଥିଲା। ଅପରାହ୍ଣ ୫ଟାରେ ମନ୍ଦିର ପହଡ଼ ଖୋଲାଯାଇ ଟେରାଅନ୍ନ ଭୋଗ କରାଯାଇଥିଲା। ରାତି ୮ଟାରେ ସହସ୍ର କୁମ୍ଭାଭିଷେକ, ମାଜଣା, ବେଶ ଓ ରାତ୍ରିଭୋଗ ପାଇଁ ଦହି ପଖାଳ, ବଡ ସିଂହାର, ଅଧରପଣା ଆଦି ବ୍ୟବସ୍ଥା କରାଯାଇଥିଲା। ସକାଳ ଓ ସନ୍ଧ୍ୟାରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଲାଗି ରହିଥିଲା। ସୂଚନାଯୋଗ୍ୟ, ପୀଠରେ ଦେବୀ ଚର୍ଚ୍ଚିକାଙ୍କୁ ବନ ଦୁର୍ଗା ମନ୍ତ୍ରରେ ପୂଜା କରାଯାଏ। ଏହି ମନ୍ତ୍ରରେ ହିଁ ରାଜ୍ୟରେ ସର୍ବତ୍ର ଶାରଦୀୟ ଦୁର୍ଗା ପୂଜା କରାଯାଏ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ବୁଡ଼ିଲା ଫସଲ

**ନରସିଂହପୁର,୨୫।୯ (ଡି.ଏନ୍.ଏ.)**

■ତହସିଲଦାରଙ୍କ ନିକଟରେ ଅଭିଯୋଗ

■କ୍ଷତିପୂରଣ ପ୍ରଦାନ କରିବାକୁ ଦାବି

ନରସିଂହପୁର ବ୍ଲକରେ ଲଗାଣ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ଯୋଗୁ ରାସ୍ତାଘାଟ ଓ ଫସଲ ନଷ୍ଟ ହୋଇଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଅନେକ ଘର ଭାଙ୍ଗିଯାଇଛି। ଏନେଇ କ୍ଷତିଗ୍ରସ୍ତ ଲୋକେ ତହସିଲଦାରଙ୍କୁ କାର୍ଯ୍ୟାଳୟରେ ଭେଟି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ତଦନ୍ତ ପରେ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଇ ଦିଆଯିବ ବୋଲି ତହସିଲଦାର ରାଜକିଶୋର ଜେନା ସୂଚନା ଦେଇଛନ୍ତି। କ୍ଷୟକ୍ଷତିର ତଦନ୍ତ କରିବାକୁ ସେ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଲଗାଣ ବର୍ଷାରେ ବ୍ଲକ ଅନ୍ତର୍ଗତ ଘଣ୍ଟପଡା ଗ୍ରାମର ଭୁଲି ଦାଶଙ୍କ ଏକ ବଖରା ଚାଳଘର ଭୁଶୁଡ଼ି ପଡ଼ିଥିବାବେଳେ ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେହିପରି ଠେଙ୍ଗାପଲ୍ଲୀ ଗ୍ରାମର ଦେବ ବେହେରା, ବଡଭୂଇଁ ଗ୍ରାମର କାଞ୍ଚନ ବେହେରାଙ୍କ ଦୁଇ ବଖରା ଭାଙ୍ଗି ଯାଇଛି। ଏହିପରି ଭାବେ ତହସିଲ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଅନେକ ଝାଟିମାଟି ଘର ଭାଙ୍ଗିଯାଇଛି। ଏହାଛଡା ଘଣ୍ଟପଡ଼ାରୁ କମଳାଡ଼ିହ, ଏକଡ଼ାଳରୁ ପଦାମାଳ, ସାଗରରୁ ପାଞ୍ଚଗୋଛିଆ, କଲେଜ ଛକରୁ ଅଲରା, ଚମ୍ପେଶ୍ୱରରୁ କାନପୁର ରାସ୍ତା ଆଦିରେ ଖାଲଖମା ସୃଷ୍ଟି ହୋଇ ସେଥିରେ ପାଣି ଜମି ରହିଛି। ସେହିପରି ନଦୀକୂଳିଆ ଗ୍ରାମରେ ଜମିରେ ପାଣି ପଶି ବହୁ ପନିପରିବା ଚାଷ ନଷ୍ଟ ହୋଇଛି। ତୁରନ୍ତ ଏହାର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ଅଚ୍ୟୁତାନନ୍ଦ ପୀଠର ବରିଷ୍ଠ ପୂଜକଙ୍କ ପରଲୋକ

**ନେମାଳ,୨୫।୯(ଡି.ଏନ୍.ଏ.)**

ନେମାଳସ୍ଥିତ ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠର ବରିଷ୍ଠ ପୂଜକ କ୍ଷୀରୋଦ ଚନ୍ଦ୍ର ପୂଝାରୀଙ୍କ ବୁଧବାର ପରଲୋକ ଘଟିଛି । ଜଣେ ନିଷ୍ଠାବାନ ପୂଜକ ଭାବେ ସେ ମହାପୁରୁଷଙ୍କ ପୂଜାର୍ଚ୍ଚନା କରିଆସୁଥିଲେ । ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଭାବେ ସେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ । ନେମାଳ ଶ୍ରୀରାମ ଲୀଳା ଯାତ୍ରା କମିଟିର ଜଣେ ସକ୍ରିୟ ସଦସ୍ୟ ଭାବେ ଦୀର୍ଘ ବର୍ଷ ଧରି ଅନୁଷ୍ଠାନକୁ ଚଳାଇଥିଲେ। ଏଥିସହ ଜଣେ ହାସ୍ୟ ଓ ଚରିତ୍ର ଅଭିନେତା ଭାବେ ସେ ସମସ୍ତଙ୍କ ଆଦରଣୀୟ ହୋଇଥିଲେ। ତାଙ୍କ ମୃତ୍ୟୁପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବେଦଜ୍ଞାନ ସମ୍ପର୍କିତ ଆଲୋଚନାଚକ୍ର

**ବାଙ୍କୀ,୨୫।୯(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟସ୍ରାବ ଗୃହରେ ବୁଧବାର ବେଦଜ୍ଞାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବେଦଜ୍ଞାନ ସପ୍ତାହ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଟକ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବାଙ୍କୀ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପରିଚାଳନାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷା ଡ. ନିବାସିନୀ ପଣ୍ଡା ସଭାପତିତ୍ୱ କରିଥିଲେ। ବାଙ୍କୀ କଲେଜ ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟା ଡ. ଶିଳ୍ପୀ ମିଶ୍ର ଯୋଗଦେଇ ବେଦଜ୍ଞାନ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ଗୋରଖପୁର ଦୀନଦୟାଲ୍ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ଡ. ବନାରସୀ ତ୍ରିପାଠୀ ଯୋଗଦେଇ ବେଦର ଇଷ୍ଟପ୍ରାପ୍ତି ନିମନ୍ତେ ଅଲୌକିକ ସାଧନା ହେବା ଦ୍ୱାରା ଦେବତ୍ୱ ପ୍ରାପ୍ତି ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ଝରଣା ତ୍ରିପାଠୀ ଓ ବାଙ୍କୀ ମହାବିଦ୍ୟାଳୟର ଉପାଧକ୍ଷ ସଦାନନ୍ଦ ବାରିକ ଯୋଗଦେଇଥିଲେ । ଅନ୍ୟତମ ଅତିଥିଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ରାଜକିଶୋର ପାଲ, ଅଧ୍ୟାପକ ବିଭାସ ଦାସ ଓ ପ୍ରାଧ୍ୟାପିକା ମିନତି ଧିର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ଅଭିମନ୍ୟୁ ରଣା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ , ସ୍ନାତକୋତ୍ତର ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଛାତୀଛାତ୍ରମାନେ ଯୋଗଦେଇଥିଲେ।

# ବିଶ୍ୱ ଫାର୍ମାସୀ ଦିବସ ପାଳିତ

**ସାଲେପୁର,୨୫।୯ (ଡି.ଏନ୍.ଏ)**

ଅଲ୍ ଓଡ଼ିଶା ବିପିୟୁଟି ଫାର୍ମାସୀ ଷ୍ଟୁଡେଣ୍ଟ ଆସୋସିଏଶନ୍ ପକ୍ଷରୁ ବୁଧବାର ସାଲେପୁରରେ ବିଶ୍ୱ ଫାର୍ମାସୀ ଦିବସ ପାଳନ ହୋଇଯାଇଛି। ଏଥିରେ ଆସୋସିଏଶନ୍‌ର ସଭାପତି ଅବଦୁଲ୍ ୱାହିଦ୍ ଖାନ୍ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଶୈଳଜା ଶଙ୍କର, ତେଜନ୍ ସ୍ୱାଇଁ ଓ ଶୁଭ୍ରକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଫାର୍ମାସୀ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ 'ସେଫ୍ ଆଣ୍ଡ ଇଫେକ୍ଟିଭ୍ ମେଡ଼ିସିନ୍ ଫର୍ ଅଲ୍' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସେହିପରି ଓଡ଼ିଶା ଫାର୍ମାସୀ ଷ୍ଟୁଡେ଼ଣ୍ଟ ଆସୋସିଏଶନ୍ ପକ୍ଷରୁ ସାଲେପୁରସ୍ଥିତ ଇମ୍ପ୍ରେସ୍ ଡାଇନ୍ ପରିସରରେ ବିଶ୍ୱ ଫାର୍ମାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ଫାର୍ମାସୀ ଷ୍ଟୁଡେ଼ଣ୍ଟ ସଭାପତି କୀର୍ତ୍ତିଭୂଷଣ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟ ଛାତ୍ର ବିଜେଡ଼ି ସାଧାରଣ ସମ୍ପାଦକ ତଥା ଭାରତୀୟ ଛାତ୍ରସଂସଦର ରାଜ୍ୟ ସଂଯୋଜକ ଇଂ. ତବରେଜ୍ ଖାଁ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଫାର୍ମାସୀ ଷ୍ଟୁଡେଣ୍ଟ ଆସୋସିଏଶନ୍‌ର ପ୍ରତିଷ୍ଠାତା ପ୍ରେମରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସାଧାରଣ ସମ୍ପାଦକଭାବେ ଅଭିଷେକ୍ ମଙ୍ଗରାଜ୍, ଉପସଭାପତିଭାବେ ବିଶେଶ୍ୱର ରାଉତ, ସମ୍ପାଦକଭାବେ ତାରିଣୀ ଚରଣ ତ୍ରିପାଠୀ, ଆଶିଷ ଶର୍ମା, ଭବାନୀ ଶଙ୍କର ରାଉତ, ମହମ୍ମଦ୍ ଇମ୍‌ତିଆଜ୍ ଆଲାମ୍, ସତ୍ୟବ୍ରତ ମହାରଣା ମନୋନୀତ ହୋଇଥିଲେ। ରାଜ୍ୟ ଉପଦେଷ୍ଟା ଭାବେ ତବରେଜ୍ ଖାଁଙ୍କୁ ମନୋନୀତ କରାଯାଇଥିଲା। ଏହାକୁ ସାହିଦ୍ ରଞ୍ଜନ ଜେନା, ଏସ୍‌କେ ସଲାଉଦ୍ଦିନ୍, ଏମ୍‌ପିଜେ ଗିରିଜା ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।



ଫାର୍ମାସୀ ଦିବସ ପାଳନ ଉତ୍ସବରେ ଯୋଗଦେଇଥିବା ଛାତ୍ରମାନେ।

## ଦୁଇ ମହିଳା ପୋଲିସ କର୍ମଚାରୀଙ୍କୁ କାମୁଡ଼ି ଜେଲ ଗଲେ ଅଭିଯୁକ୍ତ ମହିଳା

**ଚୌଦ୍ୱାର,୨୫।୯(ଡି.ଏନ୍.ଏ)**

ଦୁଇ ମହିଳା ପୋଲିସ କର୍ମଚାରୀଙ୍କୁ କାମୁଡ଼ିବା ଅଭିଯୋଗରେ ବୁଧବାର ଚୌଦ୍ୱାର ଥାନା ପୋଲିସ ଚୁଡ଼ଙ୍ଗ ସାହିର ଅନୁସୂୟା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଚାରବାଟିଆ ବଜାରର ସନ୍ଧ୍ୟାରାଣୀ ସାମଲଙ୍କର ଚୌଦ୍ୱାର ପୌରପାଳିକାର ୧୭ନଂ. ୱାର୍ଡ ଅଧୀନ ଚୁଡ଼ଙ୍ଗ ସାହିରେ ଥିବା ଏକ ଜମି ରହିଛି। ଉକ୍ତ ଜମିରେ ଅଭିଯୁକ୍ତ ଅନୁସୂୟାଙ୍କ ପରିବାର ୬ବର୍ଷରୁ ଉର୍ଦ୍ଧ୍ୱ ହେବ ଜବରଦଖଲ କରି ରହିଥିଲେ। ଏ ନେଇ ସନ୍ଧ୍ୟାରାଣୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୁକ୍ତ ଉକ୍ତ ଜମିକୁ ଛାଡି ନ ଥିଲେ। ଫଳରେ ସନ୍ଧ୍ୟାରାଣୀ କୋର୍ଟରେ କେସ୍ କରି ଜମିର ମାଲିକାନା ସ୍ୱତ୍ୱ ହାସଲ କରିଥିଲେ। ଏ ସମ୍ପର୍କରେ ଚୌଦ୍ୱାର ଥାନା ପକ୍ଷରୁ ଅନୁସୂୟା ଓ ତାଙ୍କ ସ୍ୱାମୀ ଅରୁଣକାନ୍ତ ବେହେରାଙ୍କୁ ଥାନାକୁ ଡକାଇ ଜମି ଖାଲି କରିବାକୁ କୁହାଯାଇଥିଲା। ଗତ ଜୁଲାଇ ମାସରେ ଜମି ଖାଲି କରିବୁ ବୋଲି କହିଥିଲେ ମଧ ଖାଲି କରି ନ ଥିଲେ। ମଙ୍ଗଳବାର ଚୌଦ୍ୱାର ଥାନା ପିସିଆର ଭ୍ୟାନ୍‌ରେ ମହିଳା ପୋଲିସ, ସାସ୍ୱତୀ ଫାଉଣ୍ଡେଶନ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର କେତେଜଣ ମହିଳା ଅଭିଯୁକ୍ତଙ୍କ ଘରେ ପହଞ୍ଚି ଘର ଖାଲି କରିବାକୁ କହିଥିଲେ। ଅଭିଯୁକ୍ତଜଣକ ଘରୁ ନ ବାହାରିବାରୁ କନଷ୍ଟେବଳ ଗୀତାଞ୍ଜଳି ମଲ୍ଲିକ ତାଙ୍କୁ ବାହାର କରିବାକୁ ସେ ତାଙ୍କ ହାତକୁ କାମୁଡ଼ି ଦେଇଥିଲେ। ପରେ ପୋଲିସ ଫୋର୍ସ ଅନୁସୂୟାଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଥାନାରେ ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବାବେଳେ ଅନୁସୂୟା ତାଙ୍କ ହାତକୁ ମଧ କାମୁଡ଼ି ଦେଇଥିଲେ। କନଷ୍ଟେବଳ ଗୀତାଞ୍ଜଳିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୪୨/୧୯) ରୁଜୁ ହୋଇଥିଲା।

### ୧୩ମାସ ପରେ ଟିଗିରିଆ ପଞ୍ଚାୟତ ସମିତି ବୈଠକ

## ଶିକ୍ଷା ବ୍ୟବସ୍ଥାରେ ସୁଧାର ଉପରେ ଗୁରୁତ୍ୱ

**ଟିଗିରିଆ, ୨୫।୯(ଡି.ଏନ୍.ଏ.)**

ଟିଗିରିଆ ପଞ୍ଚାୟତ ସମିତିର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୩ ମାସ ପରେ ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଅଷ୍ଟମତମ ସାଧାରଣ ବୈଠକ ଆୟୋଜନ ହୋଇଥିଲା। ୨୦୧୮ ଅଗଷ୍ଟ ୧୧ରେ ଶେଷଥର ପାଇଁ ଏହି ବୈଠକ ବସିଥିଲା। ଦୀର୍ଘଦିନ ପରେ ଏହି ବୈଠକ ବସିଥିବାରୁ ସଭ୍ୟଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ରୂପା ଦଳେଇ ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ସୁଧାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ଏକ ୫ଜଣିଆ କମିଟି ଗଠନ କରିବା ଲାଗି ସ୍ଥିର କରାଯାଇଥିଲା। ଏଥିସହ ପ୍ରତି ମାସରେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ତଦନ୍ତ ରିପୋର୍ଟ ପ୍ରଦାନ କରିବା, ଘରୋଇ ବିଦ୍ୟାଳୟଗୁଡ଼ିକର ପଞ୍ଜୀକରଣ ଯାଞ୍ଚ କରିବା ଓ ବିପଜ୍ଜନକ ଭାବେ ଅଟୋରେ ଭର୍ତ୍ତି ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷା କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପ୍ରତି ପଞ୍ଚାୟତରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନକୁ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ବୈଠକରେ କୁକୁଡ଼ା ଓ ଗାଈ ଚାଷ କିଭଳି ଭାବେ ଅଧିକ କରାଯିବ ତାଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଡିଓ ପରେଶ କୁମାର ନାୟକ, ଜିଲା ପରିଷଦ ସଭ୍ୟ ବିଜୟ ଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଳିକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଲେଙ୍କାଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ନର୍ସଙ୍କ ବେପରୁଆ ଟିକାଦାନ ଘଟଣାର ତଦନ୍ତ ଆରମ୍ଭ

**ନିଶ୍ଚିନ୍ତକୋଇଲି,୨୫।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସ ଜଣେ ୫ ମାସର ଶିଶୁ କନ୍ୟାକୁ ଗତ ଜୁନ୧୨ରେ ବେପରୁଆ ଭାବେ ଟିକାଦାନ କରିଥିଲେ। ଏନେଇ ଶିଶୁ କନ୍ୟାଙ୍କ ଅଭିଭାବକ ଅନଲାଇନ ଯୋଗେ ପ୍ରଥମେ ମୁଖ୍ୟମନ୍ତ୍ରୀ ଓ ପରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ବୁଧବାର ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ପ୍ରଦୀପ୍ତ କୁମାର ପଣ୍ଡା ତାଙ୍କ ୫ ମାସର ଶିଶୁକନ୍ୟାଙ୍କ ଟିକାଦାନ କରାଇବା ଲାଗି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ନର୍ସ ଟିକାଦାନ କରିବା ବେଳେ ଶିଶୁକନ୍ୟାଙ୍କ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଏନେଇ ପଣ୍ଡା ପ୍ରତିବାଦ କରିବାରୁ ସମ୍ପୃକ୍ତ ନର୍ସ ତାଙ୍କ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରି କି ଶିଶୁକନ୍ୟାର ରକ୍ତସ୍ରାବ ସ୍ଥାନରେ ତୁଳା ବି ଦେଇ ନ ଥିଲେ। ଏହାପରେ ଶିଶୁକନ୍ୟାଙ୍କ ପିତା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଅନଲାଇନରେ ଅଭିଯୋଗ କରିଥିଲେ।



ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ ସମ୍ପର୍କରେ ତଦନ୍ତ କରାଯାଉଛି।

ଏହି ଘଟଣାର ତଦନ୍ତ କରିବାକୁ ସିଡିଏମ୍‌ଓଙ୍କୁ ରାଜ୍ୟ ସରକାରଙ୍କ ଡେପୁଟି ସେକ୍ରେଟାରି ମମତା ବାରିକ ଗତ ୨୩ ଜୁଲାଇରେ ଚିଠି (ନଂ.୧୮୩୬୪) ପଠାଇଥିଲେ। ଏନେଇ ବୁଧବାର କଟକ ଏଡିଏମଓ ମୃତ୍ୟୁଞ୍ଜୟ ମହାପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଟିକା ଦେଇଥିବା ଷ୍ଟାଫ ନର୍ସଙ୍କୁ ପଚରାଉଚୁରା କରିବା ପରେ ଶିଶୁ କନ୍ୟାଙ୍କ ପିତା ପ୍ରଦୀପ୍ତଙ୍କଠାରୁ ଘଟଣା ସମ୍ପର୍କରେ ବୁଝିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମଓ ଅମିତ ଜେନାଙ୍କ ସହ ଏହି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ ରିପୋର୍ଟ ସିଡିଏମଓଙ୍କୁ ପ୍ରଦାନ କରାଯିବ। ଏହାପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ ସମୟରେ କର୍ମଚାରୀଙ୍କ ବେପରୁଆ ମନୋଭାବ ଘଟଣା ବାରମ୍ବାର ପଦାକୁ ଆସୁଛି। କିଛି ଦିନ ତଳେ ବୁହାଳ ପଞ୍ଚାୟତର ଜଣେ ଶିଶୁ ପରିବାରର ଅଶୌଚ ଘଟଣାକୁ ନେଇ ସମ୍ପୃକ୍ତ ଶିଶୁଙ୍କୁ ଛୁଇଁ ଟିକାଦାନ କରିବାକୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଆଶା ଓ ଏଏନଏମ କର୍ମୀ ମନା କରିଦେଇଥିଲେ। ଏସବୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସାଧାରଣରେ ଦାବି ହୋଇଛି।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### କାର ଅଟକାଇ ଗୁଳିମାଡ଼ ଘଟଣା
## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**ଚୌଦ୍ୱାର,୨୫।୯(ଡି.ଏନ୍.ଏ):** ଚୌଦ୍ୱାର ଥାନା ଅଧୀନ ନୂଆପାଟଣା ବଜାର ଓ ମଧୁସୂଦନ ସେତୁ ମଧ୍ୟବର୍ତ୍ତୀ ରାସ୍ତାରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଏକ କାରକୁ ଅଟକାଇ ଗୁଳିମାଡ଼ କରିଥିଲେ। ଗୁଳିମାଡ଼ରେ ଗୁରୁତର ହୋଇଥିବା ଢେଙ୍କାନାଳ ଟାଉନର ଜୟଗୋପାଳ ସାହିର ଲାଲା ଲଳିତ୍ ମୋହନ ସିଂଙ୍କର ବୁଧବାର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ଲଳିତ ଓ ତାଙ୍କ ପରିବାରବର୍ଗ ଏକ କାର(ଓଡି୦୬ଜି୧୭୮୬)ରେ ପୁରୀରୁ ଢେଙ୍କାନାଳକୁ ଫେରୁଥିଲେ। ମଙ୍ଗଳବାର ରାତି ସାଢ଼େ ୧୦ଟା ରେ ମଧୁସୂଦନ ସେତୁ ନିକଟରେ ୪ଜଣ ଦୁର୍ବୃତ୍ତ କାରର ପିଛାକରି ନୂଆପାଟଣା ରାଇସ୍ ମିଲ ନିକଟରେ କାରକୁ ଅଟକାଇବା ସହ ଡ୍ରାଇଭରକୁ ମାଡ଼ ମାରିଥିଲେ। ଏହା ପରେ କାରରେ ବସିଥିବା ଜଣେ ମହିଳାଙ୍କ ବେକରୁ ସନାଚେନ୍ ଓ ପର୍ସ ଛଡାଇନେଇଥିଲେ। ଲଳିତ ଏହାର ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଗୁଳିମାଡ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟଲୋକେ ଲଳିତଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ମୃତ ଲଳିତଙ୍କ ଭାଇ ଲାଲା ମାନସ କୁମାର ସିଂଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୩୪୩/୧୯) ରୁଜୁ କରିଛି। ବୁଧବାର ପୋଲିସ କମିଶନର ସୁଧାଂଶୁ ଶେଖର ଷଡ଼ଙ୍ଗୀ ଓ କଟକ ଡିସିପି ଅଖିଳେଶ୍ୱର ସିଂ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟା ଅନୁଧାନ କରିଛନ୍ତି। ଗ୍ରାମାଞ୍ଚଳ ଏସ୍‌ପି ଓ ଜୋନ୍୧ ଏସିପି ବଡ଼ ଡାକ୍ତରଖାନା ଯାଇ ତଦନ୍ତ କରିଥିବା ଚୌଦ୍ୱାର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

## ବିଜେଡି ପଞ୍ଚାୟତ ସଭାପତିଙ୍କୁ କାରଣ ଦର୍ଶାଅ ନୋଟିସ

**କଟକ ସଦର,୨୫।୯(ଡି.ଏନ.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପଞ୍ଚାୟତ ବିଜେଡି ସଭାପତି ସୁରେଶ ଚନ୍ଦ୍ର ବିଶୋୟୀଙ୍କୁ ମଙ୍ଗଳବାର ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦଳର ପ୍ରମୁଖ କର୍ମକର୍ତ୍ତା ଓ ପଦାଧିକାରୀଙ୍କ ବିରୋଧରେ ପ୍ରତିକୂଳ ମନ୍ତବ୍ୟ ସର୍ବସାଧାରଣରେ ଦେବା ଯୋଗୁ ଅନୁଶାସନ ଭଙ୍ଗ ହୋଇଛି ବୋଲି ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ର କହିଛନ୍ତି। କାରଣ ଦର୍ଶାଅ ନୋଟିସ ଜାରି ପରେ ୨୩ ପଞ୍ଚାୟତର ଦଳୀୟ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଗତ ମାର୍ଚ୍ଚରେ ହୋଇଥିବା ସାଧାରଣ ନିର୍ବାଚନବେଳେ ବହୁ କର୍ମୀ ବିଧାୟକ ଓ ଏମ୍‌ପିଙ୍କୁ ବିରୋଧ କରିଥିଲେ। କିନ୍ତୁ ନିର୍ବାଚନ ପରେ ଉଭୟ ପ୍ରାର୍ଥୀ ବିଜୟୀ ହେବା ପରେ ମଧ ସମାଲୋଚନା ବନ୍ଦ ହୋଇ ନ ଥିଲା। ପର୍ଯ୍ୟାୟକ୍ରମେ ଅନୁଶାସନ ଭଙ୍ଗ କରିଥିବା କର୍ମୀ ଓ ପଦାଧିକାରୀଙ୍କୁ କୈଫିୟତ ମଗାଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି।

## କାଛ ଭୁଶୁଡ଼ି ୩ ଗାଈ ମୃତ

**କଟକ ସଦର,୨୫।୯(ଡି.ଏନ.ଏ):** ୪୨ମୌଜା ଅନ୍ତର୍ଗତ କୂଳକଳପଡ଼ା ଗ୍ରାମର ସୁରେଶ ମହାପାତ୍ରଙ୍କ ଗୁହାଳ କାଛ ଭୁଶୁଡ଼ି ବୁଧବାର ସକାଳେ ୩ଟି ଶଙ୍କର ଜାତୀୟ ଗାଈଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଗାଈଗୁଡ଼ିକୁ ଉଦ୍ଧାର କରିଥିଲେ। ସୁରେଶଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ରାସ୍ତାରେ ଓଲଟିଲା କୁକୁଡ଼ା ବୋଝେଇ ପିକ୍‌ଅପ ଭ୍ୟାନ

**ଫୁଲନଖରା,୨୫।୯(ଡି.ଏନ.ଏ):** କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ବଙ୍କୁଦ ନିକଟରେ ଏକ କୁକୁଡ଼ା ବୋଝେଇ ପିକ୍‌ଅପ ଭ୍ୟାନ ବୁଧବାର ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଚାଳକ ଓ ହେଲପର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଦ୍ୱୟଙ୍କୁ ଗାଡି ଭିତରୁ ବାହାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସୂଚନା ଅନୁଯାୟୀ, ବୁଧବାର ବର୍ଷା ହେଉଥିବାବେଳେ ଏକ ଗାଡି ପିକଅପ ଭ୍ୟାନ(ଓଆର ୦୨ଏଏଫ ୯୯୦୬)କୁ ଓଭରଟେକ କରୁଥିବାବେଳେ ଚାଳକ ଜଣକ ହଠାତ୍ ବ୍ରେକ୍ ମାରିଥିଲେ। ଫଳରେ ଭାରସାମ୍ୟ ହରାଇ ଭ୍ୟାନ ଓଲଟି ପଡିଥିଲା। ଖବରପାଇ କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ ସାହାଯ୍ୟରେ ପିକ୍‌ଅପ ଭ୍ୟାନକୁ ରାସ୍ତାରୁ ହଟାଇଥିଲା।

### ଆସୁଛି ପୂଜା, ଆରମ୍ଭ ହୋଇନି ରାସ୍ତା ମରାମତି
# ପ୍ରଶାସନ ପ୍ରତିଶ୍ରୁତି ଏବେ ପାଣିର ଗାର

**ରାସ୍ତାରେ ଖାଲଖମା, ଜମୁଛି ବର୍ଷାଜଳ**

**କଟକ ଅଫିସ, ୨୫।୯**

ଆଉ ମାତ୍ର କେଇଟା ଦିନ ପରେ ଦୁର୍ଗାପୂଜା। ଏବେଠୁ ପୋଷାକପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣାକିଣି ପାଇଁ କଟକକୁ ଲୋକଙ୍କ ସୁଅ ଛୁଟିଲାଣି। ସେହିପରି ଦୁର୍ଗାପୂଜା ଓ ଭସାଣି ଉତ୍ସବ ଦେଖିବାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକେ ଏଠାକୁ ଆସିଥାନ୍ତି। ପ୍ରତିବର୍ଷ ପୂଜା ପୂର୍ବରୁ ସହରର ରାସ୍ତାଘାଟ, ଡ୍ରେନ୍ ମରାମତି କରାଯାଇଥାଏ। ମାତ୍ର ଏଥର ତା'ର ବ୍ୟତିକ୍ରମ ଘଟିଛି। ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ପ୍ରଶାସନ ଚୁପ୍ ବସିଛି। ପୂଜା ପୂର୍ବରୁ କାମ ସାରିବାକୁ ଜିଲା ପ୍ରଶାସନ ଏବଂ ସିଏମ୍‌ସି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେହି ପ୍ରତିଶ୍ରୁତି ଏବେ ପାଣିର ଗାର ପାଲଟିଛି।

ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ରାସ୍ତାଘାଟର ଖାଲଖମାରେ ପାଣି ଜମିରହିଛି। ଲୋକେ ଏହି ରାସ୍ତାରେ ଯାତାୟତ କରିବା ବେଳେ ପଡ଼ି ଆହତ ହେଉଛନ୍ତି। କିଛିଦିନ ତଳେ ଅନୁଷ୍ଠିତ ଦୁର୍ଗାପୂଜା ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ରାସ୍ତାଘାଟ ମରାମତି ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। କନିକା ଛକରୁ ସେଲ୍‌ଟର ଛକ, ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଘାଟକୁଳ, କଲ୍ୟାଣୀନଗର, ଖାନନଗର, ମେରିଆ ବଜାର, ରାଉସପାଟଣା, ବକ୍ସିବଜାର, ଚୌଧୁରୀ ବଜାର ଆଦି ଅଞ୍ଚଳରେ ରାସ୍ତା ଖୋଳା ହୋଇ ପଡ଼ିରହିଛି। କେତେକ ରାସ୍ତାରୁ ପିଚୁ ଉଠିଗଲାଣି। ସହରର ମୁଖ୍ୟରାସ୍ତା କୁହାଯାଉଥିବା ଲିଙ୍କରୋଡ ଟ୍ରାଫିକ ଛକଠାରୁ ବାଦାମବାଡି ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ବିଭିନ୍ନ ୱାର୍ଡରେ ଜାଇକା କାର୍ଯ୍ୟ ଯୋଗୁ ଯାତାୟାତରେ ସମସ୍ୟା ଉପୁଜୁଛି। ଏ ନେଇ ସ୍ଥାନୀୟ ବାସିନ୍ଦା ମନୋଜ କୁମାର ସାହୁ କହିଛନ୍ତି, ବର୍ଷତମାମ ରାସ୍ତା ଖୋଳିଚାଲିଲେ। ପୂଜା ପୂର୍ବରୁ ମରାମତି କାମ ସାରିବା ପାଇଁ ପ୍ରତିଶ୍ରୁତି ଦେଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ୨୫ରୁ ୩୦ ତାରିଖ ଭିତରେ କାର୍ଯ୍ୟ ସାରିବା ପାଇଁ ସମସ୍ତ ଅଧିକାରୀଙ୍କୁ କୁହାଯାଇଛି। କିନ୍ତୁ ବର୍ଷା ପାଇଁ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ପୂଜା ପୂର୍ବରୁ କାର୍ଯ୍ୟ ସାରିବାକୁ ଚେଷ୍ଟା କରାଯାଉଛି। ରାସ୍ତାଘାଟ ସହ ବିଦ୍ୟୁତ, ପରିମଳ ବ୍ୟବସ୍ଥାକୁ ମଧ ଗୁରୁତ୍ୱ ଦିଆଯାଉଛି। ପୂଜାରେ ଯେପରି କୌଣସି ସମସ୍ୟା ନ ହେବ ସେ ଦିଗରେ ସିଏମ୍‌ସି ପ୍ରସ୍ତୁତ ରହିଛି।



ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ପରିସରରେ ଅଗ୍ରବଂଶୀ ପକ୍ଷରୁ ଅନୁଷ୍ଠିତ ନିଃଶୁଳ୍କ କୃତ୍ରିମ ଗୋଡ଼ ଓ କାଲିପରସ ଶିବିରରେ ଭିନ୍ନକ୍ଷମଙ୍କ ପାଇଁ ପ୍ରସ୍ତୁତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ।

## ଦୁଇ ମହିଳା ପୋଲିସ କର୍ମଚାରୀଙ୍କୁ କାମୁଡ଼ି ଜେଲ ଗଲେ ଅଭିଯୁକ୍ତ ମହିଳା

**ଚୌଦ୍ୱାର,୨୫।୯(ଡି.ଏନ୍.ଏ)**

ଦୁଇ ମହିଳା ପୋଲିସ କର୍ମଚାରୀଙ୍କୁ କାମୁଡ଼ିବା ଅଭିଯୋଗରେ ବୁଧବାର ଚୌଦ୍ୱାର ଥାନା ପୋଲିସ ଚୁଡ଼ଙ୍ଗ ସାହିର ଅନୁସୂୟା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଚାରବାଟିଆ ବଜାରର ସନ୍ଧ୍ୟାରାଣୀ ସାମଲଙ୍କର ଚୌଦ୍ୱାର ପୌରପାଳିକାର ୧୭ନଂ. ୱାର୍ଡ ଅଧୀନ ଚୁଡ଼ଙ୍ଗ ସାହିରେ ଥିବା ଏକ ଜମି ରହିଛି। ଉକ୍ତ ଜମିରେ ଅଭିଯୁକ୍ତ ଅନୁସୂୟାଙ୍କ ପରିବାର ୬ବର୍ଷରୁ ଉର୍ଦ୍ଧ୍ୱ ହେବ ଜବରଦଖଲ କରି ରହିଥିଲେ। ଏ ନେଇ ସନ୍ଧ୍ୟାରାଣୀ ଥାନାରେ ଅଭିଯୋଗ କରିଥିଲେ ମଧ ଅଭିଯୁକ୍ତ ଉକ୍ତ ଜମିକୁ ଛାଡି ନ ଥିଲେ। ଫଳରେ ସନ୍ଧ୍ୟାରାଣୀ କୋର୍ଟରେ କେସ୍ କରି ଜମିର ମାଲିକାନା ସ୍ୱତ୍ୱ ହାସଲ କରିଥିଲେ। ଏ ସମ୍ପର୍କରେ ଚୌଦ୍ୱାର ଥାନା ପକ୍ଷରୁ ଅନୁସୂୟା ଓ ତାଙ୍କ ସ୍ୱାମୀ ଅରୁଣକାନ୍ତ ବେହେରାଙ୍କୁ ଥାନାକୁ ଡକାଇ ଜମି ଖାଲି କରିବାକୁ କୁହାଯାଇଥିଲା। ଗତ ଜୁଲାଇ ମାସରେ ଜମି ଖାଲି କରିବୁ ବୋଲି କହିଥିଲେ ମଧ ଖାଲି କରି ନ ଥିଲେ। ମଙ୍ଗଳବାର ଚୌଦ୍ୱାର ଥାନା ପିସିଆର ଭ୍ୟାନ୍‌ରେ ମହିଳା ପୋଲିସ, ସାସ୍ୱତୀ ଫାଉଣ୍ଡେଶନ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର କେତେଜଣ ମହିଳା ଅଭିଯୁକ୍ତଙ୍କ ଘରେ ପହଞ୍ଚି ଘର ଖାଲି କରିବାକୁ କହିଥିଲେ। ଅଭିଯୁକ୍ତଜଣକ ଘରୁ ନ ବାହାରିବାରୁ କନଷ୍ଟେବଲ ଗୀତାଞ୍ଜଳି ମଲ୍ଲିକ ତାଙ୍କୁ ବାହାର କରିବାକୁ ସେ ତାଙ୍କ ହାତକୁ କାମୁଡ଼ି ଦେଇଥିଲେ। ପରେ ପୋଲିସ ଫୋର୍ସ ଅନୁସୂୟାଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଥାନାରେ ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବାବେଳେ ଅନୁସୂୟା ତାଙ୍କ ହାତକୁ ମଧ କାମୁଡ଼ି ଦେଇଥିଲେ। କନଷ୍ଟେବଲ ଗୀତାଞ୍ଜଳିଙ୍କ ଅଭିଯୋଗକ୍ରମେ ଏ ନେଇ ଥାନାରେ ଏକ ମାମଲା (ନଂ.୩୪୨/୧୯) ରୁଜୁ ହୋଇଥିଲା।



ଓଡ଼ିଶା ଆର୍ଟିସାନ୍ସ ଏବଂ ୱିଭର୍ସ ଲିମିଟେଡର ବାର୍ଷିକ ସାଧାରଣ ଅଧିବେଶନରେ ଯୋଗଦେଇଥିବା ମହିଳା ଓ ବ୍ୟକ୍ତିବୃନ୍ଦ।

## ଦଶହରା ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୫।୯**

କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ଲାଲବାଗ ଥାନାରେ ଦଶହରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟତଃ ସାହି ବା ସୀମା ବିବାଦର ସମାଧାନ ଓ ନିଶାମୁକ୍ତ ଭସାଣି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜୋରଜବରଦସ୍ତ ଚାନ୍ଦା ଆଦାୟ ଅଭିଯୋଗ ଆସିଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଥିଲେ। ବୈଠକରେ ଲାଲବାଗ ଥାନାଧିକାରୀ ଆଶୁତୋଷ ମିଶ୍ର, ଜୋନ-୩ ଏସିପି ନାରାୟଣ ଚନ୍ଦ୍ର ବାରିକ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରୀ ଦାସଙ୍କ ସମେତ ୨୮ଟି ପୂଜା କମିଟିର କର୍ମକର୍ତ୍ତା ଓ ସାହି ମୁରବି ଉପସ୍ଥିତ ଥିଲେ।

## ଓଡ଼ିଶା ଆର୍ଟିସାନ୍ସ ଆଣ୍ଡ ୱିଭର୍ସ ଲିମିଟେଡର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ,୨୫।୯**

ଓଡ଼ିଶା ଆର୍ଟିସାନ୍ସ ଆଣ୍ଡ ୱିଭର୍ସ ଲିମିଟେଡ ପକ୍ଷରୁ ବୁଧବାର ଶହୀଦ ଭବନଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହ୍ୟାଣ୍ଡଲୁମ ଟେକ୍ସଟାଇଲ ଆଣ୍ଡ ହାଣ୍ଡିକ୍ରାଫ୍ଟ ବିଭାଗ କମିଶନର କମ୍ ସେକ୍ରେଟାରୀ ଶୁଭ ଶର୍ମା କହିଥିଲେ, ହସ୍ତକଳା ଓ ବୟନ ଶିଳ୍ପର ବିକାଶ ନିମନ୍ତେ ରାଜ୍ୟ ସରକାର ପବ୍ଲିକ, ପ୍ରାଇଭେଟ ପାର୍ଟନର୍‌ସିପ୍ (ପିପିପି) ମୋଡ୍‌ରେ ଷ୍ଟେଟ ଏଜେନ୍ସି ଫର ଡେଭଲପମେଣ୍ଟ ଅଫ ହ୍ୟାଣ୍ଡଲୁମ କ୍ଲଷ୍ଟର(ଏସଏଡିଏଚଏସି) ନାମକ ଏକ ସ୍ୱୟଂଚାଳିତ ସଂସ୍ଥା ଅଧୀନରେ ଆର୍ଟିସାନ ମାଇକ୍ରୋ ଫାଇନାନ୍ସ ପ୍ରାଇଭେଟ ଲିମିଟେଡ ଓ ଫେବଇଣ୍ଡିଆ ଓଭରସିସ୍ ପ୍ରାଇଭେଟ ଲିମିଟେଡ ସହ ଚୁକ୍ତି କରିଥିଲେ। ଏହା ଦ୍ୱାରା ରାଜ୍ୟରେ ଓଡ଼ିଶା ଆର୍ଟିସାନ ଆଣ୍ଡ ୱିଭର୍ସ ଲିମିଟେଡ ଆରମ୍ଭ ହୋଇ ରାଜ୍ୟର କଟକ, ଜଗତ୍‌ସିଂହପୁର, ସମ୍ବଲପୁର, ବରଗଡ଼, ସୋନପୁର, ଖୋର୍ଦ୍ଧା, ବାଲେଶ୍ୱର, ମୟୂରଭଞ୍ଜ ଅଞ୍ଚଳରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଶିଳ୍ପୀମାନଙ୍କୁ ନେଇ ଏହା କାର୍ଯ୍ୟ କରୁଛି। ଅନୁଷ୍ଠାନ ମାଧ୍ୟମରେ ହସ୍ତକଳା ଓ ବୟନ ଶିଳ୍ପ କ୍ଷେତ୍ରରେ ସବାଇ ଘାଷ, ଗୋଲଡେନ ଗ୍ରାସ, ଚାନ୍ଦି ତାରକସୀ କାମ, ଧୋକ୍ରା, ପଟ୍ଟଚିତ୍ର, ବେଲ ମେଟାଲ, ବାଉଁସ କାର୍ଯ୍ୟ ଅନ୍ତର୍ଭୁକ୍ତ। ମୁଖ୍ୟବକ୍ତା ଭାବେ ଫାବଇଣ୍ଡିଆ ଓଭରସିସ ପ୍ରାଇଭେଟ ଲିମିଟେଡର ପୂର୍ବତନ ଭାଇସ ଚେୟାରମ୍ୟାନ ତଥା ନିର୍ଦ୍ଦେଶକ ଉଇଲିୟମ ନନ୍ଦ ବିସେଲ ଯୋଗଦେଇ ଗ୍ରାମୀଣ କିମ୍ବା ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତ ହୋଇପାରୁଥିବା ବୟନଶିଳ୍ପ କିମ୍ବା ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ ଉଚିତ ଦରରେ ମାର୍କେଟିଂ କରାଇ ଗରିବ ହସ୍ତଶିଳ୍ପୀଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ଅଣାଯାଇଛି। ଗତ ଆର୍ଥିକ ବର୍ଷରେ ଏହି ଅନୁଷ୍ଠାନ ୭କୋଟି ୪୩ଲକ୍ଷ ଟଙ୍କାର ବ୍ୟବସାୟ କରିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୧୦କୋଟି ଟଙ୍କା ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଛି। କାର୍ଯ୍ୟକ୍ରମରେ ଫାବଇଣ୍ଡିଆର ଚେୟାରମ୍ୟାନ କେ.ପି. ରାଜେନ୍ଦ୍ରନ ଅଧକ୍ଷତା କରିଥିବାବେଳେ ଏସ.ଏସ. ବର୍ମା ବିବରଣୀ ପାଠ କରିଥିଲେ। ନିରଞ୍ଜନ ପାତ୍ର ଅଂଶୀଦାରମାନଙ୍କୁ ଅଂଶଧନ ପ୍ରଦାନ କରିଥିବାବେଳେ ବିବେକ ରିଶି, ଜଗତ ସିଂହ ବରତୱାଲ, ସୁଶାନ୍ତ କଣ୍ଠ, ନିରଞ୍ଜନ ପାତ୍ର, ଦିଲ୍ଲିପ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟାଙ୍କ କର୍ମଚାରୀ ନେତା ନିର୍ମଳ ଗୁପ୍ତାଙ୍କ ସ୍ମୃତିସଭା

**କଟକ ଅଫିସ,୨୫।୯**

ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ପ୍ରତିଷ୍ଠାତା ସଭାପତି ତଥା ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ନିର୍ମଳ ଗୁପ୍ତାଙ୍କ ୧୯ତମ ସ୍ମୃତି ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ଜେନା ସଭାପତିତ୍ୱ କରିଥିଲେ। ଶରତ ଚନ୍ଦ୍ର ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ, ବିଜୟ ପଢିହାରୀ, ଆଶିଷ କାନୁନଗୋ, ପ୍ରଶାନ୍ତ ମିଶ୍ର, ଅମରେନ୍ଦ୍ର ମହାନ୍ତି, ବିନୋଦ ବେହେରା, ବିପିନ ବିହାରୀ ପାଢୀ ପ୍ରମୁଖ ଗୁପ୍ତାଙ୍କ ସାମ୍ୟବାଦ ଆନ୍ଦୋଳନ ପ୍ରତି ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ହ୍ୟୁମାନ ରାଇଟ କମିଶନ ଜଷ୍ଟିସ୍ ବିମଳ ପ୍ରସାଦ ଦାସ ବୁଧବାର କଟକ ସିଟି ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

## ୯ ଏମ୍‌ପିଙ୍କ ରେଳପଥର ସମସ୍ୟା, ବିକାଶ ଓ ନୂତନ ପ୍ରକଳ୍ପ ବିଷୟରେ ଆଲୋଚନା

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

ପୂର୍ବତଟ ରେଳପଥ ପକ୍ଷରୁ ବୁଧବାର ଖୋର୍ଦ୍ଧାରୋଡ ମଣ୍ଡଳ ପରିସୀମା ଅନ୍ତର୍ଗତ ଏମ୍‌ପିମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଏମ୍‌ପିମାନେ ବୈଠକରେ ନିଜ ନିଜ କ୍ଷେତ୍ର ଭିତରେ ଆସୁଥିବା ରେଳପଥର ସମସ୍ୟା, ବିକାଶ ଓ ନୂତନ ପ୍ରକଳ୍ପ ବିଷୟରେ ଆଲୋଚନା ସହ ରେଳପଥକୁ ପ୍ରସ୍ତାବ ଦେଇଛନ୍ତି। ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପୁରୀ ଏମ୍‌ପି ପିନାକୀ ମିଶ୍ର, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଆସ୍କା ଏମ୍‌ପି ପ୍ରମିଳା ବିଶୋଇ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏବଂ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଓ ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ପ୍ରମୁଖ ଯୋଗଦେଇଥିଲେ। ଏମ୍‌ପିମାନେ ଦେଇଥିବା ପ୍ରସ୍ତାବଗୁଡିକ ଜୋନସ୍ତରୀୟ ବୈଠକରେ ବିଶ୍ଳେଷଣ କରାଯିବ।

### ହିତାଧିକାରୀଙ୍କ ଅଜାଣତରେ ସାମଗ୍ରୀ ଉଠାଣ ବ୍ୟବସ୍ଥା
## ତଥ୍ୟ ଦେବାକୁ ମନାକଲା ଯୋଗାଣ ବିଭାଗ

**କଟକ ସଦର,୨୫।୯(ଡି.ଏନ୍.ଏ.)**

ରାଜ୍ୟରେ ଜାତୀୟ ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ପରିବାରଙ୍କୁ ଗହମ ଓ ଚାଉଳ ଠିକଭାବେ ଯୋଗାଇଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଗରିବ ଲୋକଙ୍କ ଖାଦ୍ୟ ସାମଗ୍ରୀ ଯେପରି ବାଟମାରଣା ନ ହେବ ସେଥିପାଇଁ ପଏଣ୍ଟ ଅଫ ସେଲ ମେଶିନର ପ୍ରଚଳନ କରାଯାଇଛି। କାର୍ଡଧାରୀଙ୍କ ଆଧାର ନମ୍ବରକୁ ସଂଯୋଗ ମଧ କରାଯାଇଥିଲା। ଏଥିସହ ଅନଲାଇନରେ ହିତାଧିକାରୀଙ୍କ ନାମ ପ୍ରଦର୍ଶନ ସହ ବାୟୋମେଟ୍ରିକ ଛାପ ଦେଇ ଖାଦ୍ୟ ଉଠାଣ ପ୍ରମୁଖ ବ୍ୟବସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଅନେକ କାର୍ଡଧାରୀଙ୍କ ଅଜାଣତରେ ଚାଉଳ ଉଠାଯିବା ଘଟଣା କଟକ ସଦର ସମେତ କଟକ ଜିଲାରେ ଦେଖିବାକୁ ମିଳିଛି। ପ୍ରକୃତ ହିତାଧିକାରୀଙ୍କ ବ୍ୟତୀତ ଅନ୍ୟମାନେ କିପରି କୋଟା ଉଠାଇ ନେଇଗଲେ ତା'ର ସବିଶେଷ ତଥ୍ୟ ଜାଣିବା ଲାଗି ଜଣେ ସୂଚନା ଅଧିକାର କର୍ମୀ ସୂଚନା ଅଧିକାର ଆଇନ ବଳରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ମଙ୍ଗଳ ବିଭାଗକୁ ତଥ୍ୟ ମାଗିଥିଲେ। କିନ୍ତୁ ଏ ସମ୍ପର୍କରେ ତଥ୍ୟ ଦେବା ପାଇଁ ଖାଦ୍ୟ ନିରାପତ୍ତା ଆଇନ ୨୦୦୫ ମସିହା ଧାରା ୨(ଚ)ରେ ବାରଣ କରାଯାଇଛି ବୋଲି ବିଭାଗୀୟ ଯୁଗ୍ମ ଶାସନ ସଚିବ ମହମ୍ମଦ କମରୁଲ ହକ୍ ପତ୍ର ସଂଖ୍ୟା ୧୩୫୯୩/୧୦-୯-୧୯ରେ ଜଣାଇଥିଲେ। ପଏଣ୍ଟ ଅଫସେଲ ମେଶିନରେ କାରସାଦି କରି ଅସାଧୁ ଡିଲରମାନେ ସାମଗ୍ରୀ ହଡ଼ପ କରିଚାଲିଥିଲେ। ଶେଷରେ ଶତପ୍ରତିଶତ ଆଧାର ସଂଯୋଗ ଅଭିଯାନ ଆରମ୍ଭ ହେବା ପରେ ଏଭଳି ଅନିୟମିତତା ପଦାକୁ ଆସିଛି। ଅଯୋଗ୍ୟ ହିତାଧିକାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଅସାଧୁ ବ୍ୟକ୍ତିମାନେ ଖସିଯାଇ ନିରୀହମାନେ ହଇରାଣ ହେବେ ବୋଲି ଆୟଉପୁର ପଞ୍ଚାୟତର ସମିତିସଭ୍ୟ ଗୋକୁଳ ପ୍ରଧାନ କହିଛନ୍ତି। ସୂଚନାଥାଉ କି, ଦୁଇ ପ୍ରକାରରେ ସାମଗ୍ରୀ ଉଠାଯାଇଥାଏ। ପ୍ରଥମ ହେଲା ଆଧାର ସଂଯୋଗ ବ୍ୟକ୍ତିଙ୍କ ଅଙ୍ଗୁଳିଛାପ ମେଶିନରେ ନିଆଯିବ। ଦ୍ୱିତୀୟ ହେଲା ମୋବାଇଲ ଫୋନ ଦ୍ୱାରା ଓଟିପି(ୱାନଟାଇମ ପାଶୱାର୍ଡ) ଦ୍ୱାରା ସାମଗ୍ରୀ ଉଠାଣ କରାଯିବ। ତୃତୀୟ ବ୍ୟବସ୍ଥା କ'ଣ ହୋଇଛି ଯାହା ହିତାଧିକାରୀଙ୍କ ଅଜାଣତରେ ଉଠାଯାଇପାରୁଛି। ଏହାର ସବିଶେଷ ତଥ୍ୟ ସମ୍ପୃକ୍ତ ବିଭାଗ ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ହେଉଛି।



ଲଗାଣ ବର୍ଷାରେ ଜଳାର୍ଣ୍ଣବ ହୋଇଥିବା କଟକ ବିଡ଼ାନାସୀର ତାରିଣୀ ବିହାର।



ପିଠାପୁର ଅଞ୍ଚଳ ରାସ୍ତାରେ ଜମି ରହିଥିବା ବର୍ଷା ଜଳ।



ଗମାଡିହା ଅଞ୍ଚଳ ରାସ୍ତାରେ ବର୍ଷା ଜଳ।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ସୁବାସ, ରଜନୀକାନ୍ତଙ୍କୁ ମୂର୍ଚ୍ଛନା ସମ୍ମାନ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ):** ବିଶିଷ୍ଟ ସଙ୍ଗୀତକାର ଅକ୍ଷୟ ମହାନ୍ତିଙ୍କ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ 'ମୂର୍ଚ୍ଛନା' ର ୧୬ତମ ବାର୍ଷିକ ଉତ୍ସବ ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଓ ମୁଖ୍ୟବକ୍ତା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସୁବାସ ରାମଙ୍କୁ 'ମୂର୍ଚ୍ଛନା ସଙ୍ଗୀତକାର ସମ୍ମାନ' ଓ ରଜନୀକାନ୍ତ ନାୟକଙ୍କୁ 'ମୂର୍ଚ୍ଛନା ଗୀତିକାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ହୋଇଥିବା ଡ୍ରାମା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଭାପତି ବୈଷ୍ଣବ ପ୍ରସାଦ ମହାନ୍ତି ଉଦ୍‌ବୋଧନ ଦେଇଥିବା ବେଳେ ସମ୍ପାଦକ ଅଜୟ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସ, ଶୁଭାଶିଷ ମହାକୁଡ, ଜୟଶ୍ରୀ ସାହୁ, ଅଜୟ ମହାନ୍ତି, ଚିତ୍ରଭାନୁ ମହାନ୍ତି, ଶତରୂପା ଓ ଲୋଭା ବିଶ୍ୱାଳ ଓଡ଼ିଆ ଚଳଚ୍ଚିତ୍ର ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ଦାଶ ପରିଚାଳନା କରିଥିବାବେଳେ ଉପସଭାପତି ଗୋଲକ ଚରଣ ମାର୍ଥା ଧନ୍ୟବାଦ ଦେଇଥିଲେ। କର୍ମକର୍ତ୍ତା ହେମନ୍ତ ପରମଗୁରୁ, ରବୀନ୍ଦ୍ର ମହାନ୍ତି, ତୁଷାରକାନ୍ତି ଚୌଧୁରୀ, ପୁଷ୍ପମିତ୍ରା ମହାନ୍ତି ଓ ଗୀତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ବି.କେ. ଆର୍ଟ କଲେଜରେ ମିଳିତ ମୁଦ୍ରଣ କଳା ପ୍ରଦର୍ଶନୀ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)-** ଓଡ଼ିଶାର ପାରମ୍ପରିକ ଚିତ୍ରକଳା, କାରୁକଳା ଓ ଭାସ୍କର୍ଯ୍ୟକୁ ବିଶ୍ୱବିଦିତ କରିବା ପାଇଁ ରାଜ୍ୟର ଚାରୁ ଓ କାରୁକଳା ଛାତ୍ରୀଛାତ୍ରମାନେ ପ୍ରୟାସ କରିବା ଆବଶ୍ୟକ ବୋଲି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଆୟୋଜିତ ମିଳିତ ମୁଦ୍ରଣ କଳା ଓ ଡ୍ରଇଂ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଓଡ଼ିଶାର ମହାନ ଶିଳ୍ପୀମାନଙ୍କ ଗୌରବମୟ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର କୃତିତ୍ୱକୁ ବ୍ୟାପକ କରିବା ଦିଗରେ ଉଭୟ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଉଦ୍ୟମ ଅବ୍ୟାହତ ରଖିବାକୁ ସେ କହିଥିଲେ। ମହାବିଦ୍ୟାଳୟର ମୁଦ୍ରଣ ବିଭାଗର ଅଧ୍ୟାପକ ଗଜେନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଦର୍ଶନୀରେ ୮୫ରୁ ଅଧିକ କୃତି ସ୍ଥାନିତ ହୋଇଛି। ମହାବିଦ୍ୟାଳୟର ୩୧ଜଣ ଛାତ୍ରୀଛାତ୍ର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବାବେଳେ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି ଅବସରରେ ମନ୍ତ୍ରୀ କଲେଜ ପରିସର ମଧ ପରିଦର୍ଶନ କରିଥିଲେ। ଏହାସହ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ୫୦ଛାତ୍ର ଓ ୫୦ଛାତ୍ରୀଙ୍କ ପୃଥକ ଛାତ୍ରାବାସ ଗୃହ ତୁରନ୍ତ ମରାମତି ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

■ କାମ ନ ପାଇ ଭିଟାମାଟି ଛାଡୁଛନ୍ତି ଶ୍ରମିକ

# ୨ ବର୍ଷରେ ବିଦେଶରେ ଗଲାଣି ୪ ଶ୍ରମିକଙ୍କ ଜୀବନ

**ଖୋର୍ଦ୍ଧା ଅଫିସ,୨୫।୯**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ପରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗାଁ ଗହଳିରେ ଚାଲିଛି। ହେଲେ ଭିଟାମାଟି ଛାଡି ରାଜ୍ୟ ଓ ରାଜ୍ୟ ବାହାରକୁ ଖୋର୍ଦ୍ଧା ଜିଲାର ଶ୍ରମିକ କାମ ଅନ୍ୱେଷଣରେ ଯାଇ ନିର୍ଯାତିତ ହେଉଛନ୍ତି। ମାସର ଅଧିକାଂଶ ସମୟ ଅଭିଯୋଗ ଆସୁଛି ଖୋର୍ଦ୍ଧା ଜିଲାର ଶ୍ରମିକ ଦେଶ, ବିଦେଶରେ ନିର୍ଯାତନା ପାଉଛନ୍ତି। ପ୍ରଶାସନ ପକ୍ଷରୁ ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର କରାଯାଉଥିଲେ ହେଁ ଶ୍ରମିକ ଚାଲାଣ ରୋକିବାର ପଦକ୍ଷେପ ନିଆଯାଉନାହିଁ। ୨ ବର୍ଷରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଭୀମପୁର ଗାଁର ରୋହନ ପର୍ଶୁ ବାରିକ, ଆଙ୍କୁଲାପଦରର ମୂଳିଆ ପ୍ରଧାନ, ଗୋପୀନାଥପ୍ରସାଦର ନରେନ୍ଦ୍ର ପଲାଇ, ମାଟିଆ ପୋଖରୀର ଅଜୟ ପ୍ରଧାନ ପ୍ରମୁଖ ୪ ଶ୍ରମିକଙ୍କ ବିଦେଶରେ ମୃତ୍ୟୁ ହୋଇଛି। ଅଧିକାଂଶ ଶ୍ରମିକ ଟୁରିଷ୍ଟ ଭିଜାରେ ବିଦେଶ ଯାଇ ହଟହଟା ହେଉଥିଲେ ମଧ ପ୍ରଶାସନର ପଦକ୍ଷେପ ଶୂନ। ଆଉ କେତେଜଣ ଶ୍ରମିକ ନିର୍ଯାତିତ ଓ ପ୍ରାଣ ହରାଇଲେ ପ୍ରଶାସନ ଜାଗି ଉଠିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି।

ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବ୍ରହ୍ମପୁର ଅଞ୍ଚଳର କେତେ ଗୋଟି କମ୍ପାନୀ ସ୍ଥାନୀୟ ଅଞ୍ଚଳର ଦଲାଲଙ୍କ ଯୋଗେ ବାଣପୁର, ବାଲୁଗାଁ ଓ ଚିଲିକା ଅଞ୍ଚଳର ଶ୍ରମିକମାନଙ୍କୁ ରାଜ୍ୟ ଓ ଦେଶ ବାହାରକୁ ଚାଲାଣ କରୁଛନ୍ତି। ଅଧିକ ଅର୍ଥ ରୋଜଗାର ଉଦ୍ଦେଶ୍ୟରେ ବେଶି ବେକାର ଯୁବକ ଦଲାଲଙ୍କ କବଳରେ ପଡି ଫସି ଯାଉଛନ୍ତି। ଅଧିକ ପାରିଶ୍ରମିକ ବାବଦ ଅର୍ଥ ଲୋଭ ସେମାନଙ୍କୁ ବାଟବଣା କରି

■ଶ୍ରମିକ ନିର୍ଯାତନା ବଢୁଥିଲେ ହେଁ ପ୍ରତିକାର ନାହିଁ

■ଟୁରିଷ୍ଟ ଭିଜାରେ ବିଦେଶ ଚାଲାଣ

ପକାଉଛି। ଦଲାଲମାନେ ଶ୍ରମିକମାନଙ୍କୁ ବିଦେଶ ଯିବା ଲାଗି ପ୍ରବର୍ତ୍ତାଇ ପାସ୍‌ପୋର୍ଟ କରିବାକୁ କହିଥାନ୍ତି। ପାସ୍‌ପୋର୍ଟ ଓ ଅନ୍ୟ ଖର୍ଚ୍ଚ ପାଇଁ ୫୦ରୁ ୭୦ ହଜାର ଟଙ୍କା ନେଇଥାନ୍ତି। ବିଦେଶରେ ପହଞ୍ଚିବା ପରେ ଚୁକ୍ତି ମୁତାବକ କାମ ଦିଆଯାଏନି। ସ୍ୱଳ୍ପ ଟଙ୍କା ଦିଆଯାଇ ଅଧିକ ଖଟିବାକୁ ବାଧ କରାଯାଏ। ଯେଉଁମାନେ କାମ କରି ନ ପାରିଲେ ସେମାନେ ନିର୍ଯାତିତ ହୋଇ ସେଠାରୁ ପଳାଇ ଆସିବାକୁ ଚେଷ୍ଟା କରନ୍ତି। ହେଲେ ସେଠାରୁ ଖସି ଆସିବା ସମ୍ଭବ ହୋଇ ନ ଥାଏ। ପ୍ରଶାସନର ହସ୍ତକ୍ଷେପ ପରେ ଶ୍ରମିକମାନେ ଘରକୁ ଫେରନ୍ତି। ଆଉ କେତେଜଣ ଲୋକଙ୍କ ମୃତଦେହ ଫେରେ। ତେବେ ମୃତଦେହ ଫେରିବାରେ ବି ଅସୁବିଧା ଥାଏ। ଏଥିପାଇଁ ବି ପ୍ରଶାସନର ହସ୍ତକ୍ଷେପ ଜରୁରୀ। ଏଣୁ ଦାଦନ ଶ୍ରମିକମାନଙ୍କ ସମସ୍ୟା ଅତି ଗମ୍ଭୀର ହୋଇପଡିଛି। ଏଭଳିସ୍ଥଳେ ଏ ଅଞ୍ଚଳର ଦାଦନ ଶ୍ରମିକ ନିର୍ଯାତିତ ହୋଇ ବାରମ୍ବାର ଫେରୁଥିଲେ ମଧ ପ୍ରଶାସନର ନୀରବତା ସଚେତନ ଜନସାଧାରଣଙ୍କୁ କେବଳ ବିସ୍ମିତ କରିନାହିଁ, ଅଧିକନ୍ତୁ ସେମାନଙ୍କୁ କ୍ଷୁବ୍ଧ କରୁଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେଉଁ ଶ୍ରମିକମାନଙ୍କୁ ଅଧିକ ପାରିଶ୍ରମିକ ଦେବାର ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ ଦଲାଲମାନେ ନେଉଛନ୍ତି ସେହି ଦଲାଲଙ୍କ ବିରୋଧରେ ପୋଲିସ ନା ପ୍ରଶାସନ କେହି ହେଲେ ବି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯେଉଁଥିପାଇଁ ଦଲାଲ ଶ୍ରମିକମାନଙ୍କୁ କଣ୍ଢେଇ ଭଳି ନଚାଇ ଚାଲି ଦାଦନ ପଠାଇ ଧନୀ ହେବାରେ ଲାଗିଛନ୍ତି।



ବର୍ଷା ଯୋଗୁ ରାସ୍ତାରେ ପାଣି ଜମି ରହିଛି ।

## ରେତଙ୍ଗ ଷ୍ଟେଶନର ମୁଖ୍ୟ ରାସ୍ତା ଜଳମଗ୍ନ

**ଯାଁଳା, ୨୫। ୯ (ଡି.ଏନ.ଏ.)**

ଖୋର୍ଦ୍ଧା– ଭୁବନେଶ୍ୱର ଜାତୀୟ ରାଜପଥ ନଂ. ୧୬ର ଯାଁଳାଠାରୁ ରେତଙ୍ଗ ରେଳ ଷ୍ଟେଶନକୁ ଯାଇଥିବା ମୁଖ୍ୟ ରାସ୍ତାଟି ଲଗାଣ ବର୍ଷା ଯୋଗୁ ଜଳମଗ୍ନ ହୋଇଛି। ଫଳରେ ୩ଟି ପଞ୍ଚାୟତରେ ଲୋକମାନେ ଜାତୀୟ ରାଜପଥ ନଂ. ୧୬କୁ ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବର୍ଷା ଯୋଗୁ ଏହି ରାସ୍ତାର ପ୍ରାୟ ୫ ଶହ ମିଟର ଜଳମଗ୍ନ ହୋଇରହିଛି। ଏହି ରାସ୍ତାରେ ଯାଉଥିବା ପାଣି ତଳକୁ ଗଡିଯିବା ବଦଳରେ ଅଟକି ରହୁଛି। କାରଣ ଏଠାରେ ଥିବା ଏକ କଲେଜ ପାଣି ଯିବା ବାଟଟିକୁ ଆରୋଧ କରି ଦେଇଛି। ତାହା ଛଡା ଆହୁରି ମଧ କେତେକ ଘରୋଇ ଜାଗାର ଘର ଓ ପ୍ରାଚୀର ହେବା ଫଳରେ ଏହି ସମସ୍ୟା ଦେଖାଦେଇଛି। ଏଥିଯୋଗୁ କେତେକ ଘରୋଇ ସ୍କୁଲ, କଲେଜ ଏବଂ ସରକାରୀ ସ୍କୁଲର କର୍ମଚାରୀମାନଙ୍କର ଯିବା ଆସିବା ବାଧାପ୍ରାପ୍ତ ହୋଇଛି। ପାଣି ସୁଅରେ ରାସ୍ତାଟି କ୍ଷତିଗ୍ରସ୍ତ ହୋଇଛି। ଏବେଠାରୁ ଯଦି ଏହାର ବିକଳ୍ପ ବ୍ୟବସ୍ଥା କିଛି କରା ନ ଯାଏ ତେବେ ଭବିଷ୍ୟତରେ ଏ ରାସ୍ତାଟି ଲୋକମାନଙ୍କ ପାଇଁ ମରଣଯନ୍ତା ପାଲଟିଯିବ।

# ୯ ଏମ୍‌ପିଙ୍କ ଉପସ୍ଥିତିରେ ରେଳପଥର ସମସ୍ୟା, ବିକାଶ ଓ ନୂତନ ପ୍ରକଳ୍ପ ବିଷୟରେ ଆଲୋଚନା



ପୂର୍ବତଟ ରେଳପଥ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଏମପି ଓ ଅନ୍ୟମାନେ ।

**ଭୁବନେଶ୍ୱର, ୨୫।୯(ବ୍ୟୁରୋ):**

ପୂର୍ବତଟ ରେଳପଥ ପକ୍ଷରୁ ବୁଧବାର ଖୋର୍ଦ୍ଧାରୋଡ ମଣ୍ଡଳ ପରିସୀମା ଅନ୍ତର୍ଗତ ଏମ୍‌ପିମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଏମ୍‌ପିମାନେ ବୈଠକରେ ନିଜ ନିଜ କ୍ଷେତ୍ର ଭିତରେ ଆସୁଥିବା ରେଳପଥର ସମସ୍ୟା, ବିକାଶ ଓ ନୂତନ ପ୍ରକଳ୍ପ ବିଷୟରେ ଆଲୋଚନା ସହ ରେଳପଥକୁ ପ୍ରସ୍ତାବ ଦେଇଛନ୍ତି। ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପୁରୀ ଏମ୍‌ପି ପିନାକୀ ମିଶ୍ର, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଆସ୍କା ଏମ୍‌ପି ପ୍ରମିଳା ବିଶୋଇ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏବଂ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଓ ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ପ୍ରମୁଖ ଯୋଗଦେଇଥିଲେ। ଏମ୍‌ପିମାନେ ଦେଇଥିବା ପ୍ରସ୍ତାବଗୁଡିକ ଜୋନସ୍ତରୀୟ ବୈଠକରେ ବିଶ୍ଳେଷଣ କରାଯିବ। ସେଠାରୁ ଉନ୍ନୀତ ହେଲେ ପ୍ରସ୍ତାବଗୁଡିକୁ ରେଳ ବୋର୍ଡକୁ ସୁପାରିସ କରାଯିବ। ବୈଠକରେ ରେଲୱେ ନେଟୱର୍କର ଉନ୍ନତୀକରଣ, ଷ୍ଟେଶନଗୁଡିକରେ ଅତିରିକ୍ତ ସୁବିଧା ସହ ନିର୍ଦ୍ଦିଷ୍ଟ ଷ୍ଟେଶନଗୁଡିକରେ ଟ୍ରେନ ରହଣି ବିଷୟରେ ଆଲୋଚନା ହୋଇଛି। ଏହି ଅବସରରେ ପୂର୍ବତଟ ରେଳପଥର କାର୍ଯ୍ୟ ସମୀକ୍ଷା ମଧ କରାଯାଇଥିଲା।

## କୃଷକଙ୍କ ଆୟ ବୃଦ୍ଧିରେ ଫସଲ ବିବିଧୀକରଣର ଆବଶ୍ୟକତା ରହିଛି

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

ନାବାର୍ଡ ପକ୍ଷରୁ ବୁଧବାର କୃଷକ ଉତ୍ପାଦକ ସଙ୍ଗଠନର ରାଜ୍ୟସ୍ତରୀୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠନର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। କୃଷକଙ୍କ ଆୟ ବୃଦ୍ଧିରେ ଫସଲ ବିବିଧୀକରଣର ଆବଶ୍ୟକତା ରହିଛି ବୋଲି ଗର୍ଗ କହିଛନ୍ତି। କୃଷି କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷି ସାମଗ୍ରୀ, ବୈଷୟିକ ଜ୍ଞାନ ଓ ବଜାର ସହଜରେ ଉପଲବ୍ଧ କରାଇବା ଦିଗରେ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ଉତ୍ପାଦିତ କୃଷିଦ୍ରବ୍ୟର ବିଭିନ୍ନ ବଜାର ଦର ବିଷୟରେ ଅବଗତ ହେବା ଦ୍ୱାରା କୃଷକମାନେ ଅଧିକ ମୂଲ୍ୟରେ ବିକ୍ରି କରିବାର ସୁବିଧା ପାଇପାରୁଛନ୍ତି ବୋଲି ଗର୍ଗ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା, ଇନ୍‌ପୁଟ୍ ସବ୍‌ସିଡି, କୃଷି ଯାନ୍ତ୍ରିକୀକରଣ, ଫସଲ ସଂଗ୍ରହ ଆଦି ସୁବିଧାର କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ସଦୁପଯୋଗ କରିବା ଦିଗରେ ଗର୍ଗ ପରାମର୍ଶ ଦେଇଥିଲେ।

ବୈଠକରେ ନାବାର୍ଡର ଚିଫ୍ ଜେନେରାଲ୍ ମ୍ୟାନେଜର ଏ. ଚନ୍ଦ୍ରଶେଖର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ରୋଜଗାର ବୃଦ୍ଧି ଦିଗରେ କୃଷକ ଉତ୍ପାଦକ ସଙ୍ଗଠନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ପ୍ରତି ରାଜ୍ୟରେ ନାବାର୍ଡ ସହାୟତାରେ ୧୦୦ରୁ ଊର୍ଦ୍ଧ୍ୱ କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ବୈଠକରେ ନବକିଷାନ ଫାଇନାନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭେଙ୍କଟ୍ କ୍ରିଷ୍ଣା, ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଭୁବନେଶ୍ୱର ଓ ବିଭିନ୍ନ ଜିଲାର କୃଷକ ଉତ୍ପାଦନ ସଙ୍ଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ।

## ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀ, ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

**ଖୋର୍ଦ୍ଧା ଅଫିସ,୨୫।୯:**

ରାଷ୍ଟ୍ରୀୟ ଏକତା ଜନଜାଗରଣ ଅଭିଯାନ କ୍ରମରେ ଖୋର୍ଦ୍ଧା ସହରରେ ବୁଦ୍ଧିଜୀବୀ ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଯୋଜିକା ଉର୍ମିଳା ମହାପାତ୍ରଙ୍କ ସଂଯୋଜନା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୁଦ୍ଧିଜୀବୀ ସମ୍ମିଳନୀ ଓ ଆଲୋଚନାଚକ୍ରରେ ମୁଖ୍ୟଅତିଥି ରୂପେ ପୂର୍ବତନ ଏମ୍‌ପି ଐରଖାରବେଳ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ରାଜ୍ୟ ସମ୍ପାଦକ ଜତିନ୍ ମହାନ୍ତି, ଜିଲା ସଭାପତି ସୁବାସ ଜେନା ଅତିଥି ରୂପେ ଯୋଗଦେଇଥିଲେ। ବକ୍ତାମାନେ କହିଥିଲେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏକ ଐତିହାସିକ ଭୁଲର ସଂଶୋଧନ। ଧାରା ୩୭୦ ଏବଂ ୩୫-ଏ ଜମ୍ମୁ-କଶ୍ମୀରକୁ ବିଚ୍ଛିନ୍ନତାବାଦ, ଆତଙ୍କବାଦ ପରିବାରବାଦ ଏବଂ ବ୍ୟବସ୍ଥାରେ ବ୍ୟାପକ ପରିମାଣରେ ବ୍ୟାପିଥିବା ଭ୍ରଷ୍ଟାଚାର ବ୍ୟତୀତ କିଛି ଦେଇନାହିଁ। ଏହି ଦୁଇଟି ଅନୁଚ୍ଛେଦକୁ ଦେଶ ବିରୋଧରେ, କିଛି ଲୋକଙ୍କ ଭାବନାକୁ ଉତ୍ତେଜିତ କରିବା ଲାଗି ପାକିସ୍ତାନ ପକ୍ଷରୁ ଏକ ଅସ୍ତ୍ର ଭାବେ ଉପଯୋଗ କରାଯାଉଥିଲା। ପାକିସ୍ତାନ ପ୍ରରୋଚନାରେ ବିଚ୍ଛିନ୍ନତାବାଦୀ କଶ୍ମୀରରେ ବିଷ ମଞ୍ଜି ବୁଣୁଥିଲେ। କଶ୍ମୀରକୁ ଆତଙ୍କବାଦ କବଳରୁ ମୁକ୍ତ ପାଇଁ ୩୭୦ ଧାରା ଉଚ୍ଛେଦ ଜରୁରୀ ଥିଲା। ୩୭୦ କେବଳ ମାନସିକ ବୋଝ ନ ଥିଲା ବରଂ ଏକ ସାମ୍ପ୍ରଦାୟିକ ଭୋଟ ବ୍ୟାଙ୍କ ରାଜନୀତିର କେନ୍ଦ୍ର ଥିଲା। ଏହାଯୋଗୁ କଶ୍ମୀରବାସୀ ପରାଧୀନ ପରି ଜୀବନ ଅତିବାହିତ କରୁଥିଲେ। ଏହି ଐତିହାସିକ ଭୁଲକୁ ସୁଧାରିଥିବା କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଧନ୍ୟବାଦର ପାତ୍ର। ଯେଉଁ ସ୍ୱପ୍ନ ସର୍ଦ୍ଦାର ପଟେଲ, ବାବା ସାହେବ ଆମ୍ବେଦକରଙ୍କର, ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ କୋଟି କୋଟି ଦେଶଭକ୍ତଙ୍କର ଥିଲା ତାହା କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ପୂରଣ କରିଛନ୍ତି। ୧୯୪୭ ଅକ୍ଟୋବରରେ ଭାରତ ସହିତ ଜମ୍ମୁ-କଶ୍ମୀରର ମିଶ୍ରଣ ହୋଇଥିଲା । ମିଶ୍ରଣର ୪ ବର୍ଷ ପରେ ୧୯୫୨ ରେ ଅବୈଧ ଭାବେ ବିନା ସଂସଦର ଅନୁମୋଦନରେ ଧାରା ୩୭୦କୁ ଜମ୍ମୁ-କଶ୍ମୀରରେ ଲାଗୁ କରାଯାଇଥିଲା। ଏହାର ୨ବର୍ଷ ପରେ ଧାରା ୩୫(ଏ)କୁ ସେହିପରି ସମାନ ଭାବେ ଗଳାବାଟରେ ଲାଗୁ କରାଯାଇଥିଲା। ପ୍ରକାଶଥାଉକି ଜନସଂଘର ପ୍ରତିଷ୍ଠାତା ସଭାପତି ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଅନ୍ୟତମ ପ୍ରତିଷ୍ଠାତା ପଣ୍ଡିତ ଦୀନ ଦୟାଳ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ଅବସରରେ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଅତିଥି ପରିଚୟ ଦେଇଥିଲେ।

■ ଚିଲିକା ନିର୍ବାଚନ ମଣ୍ଡଳୀ

## ମନ୍ତ୍ରୀଙ୍କ ଦ୍ୱାରା ୨ଶିକ୍ଷାନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ

**ଖୋର୍ଦ୍ଧା ଅଫିସ/ଚିଲିକା, ୨୫।୯(ଡ଼ି.ଏନ.ଏ.)**

ଚିଲିକା ନିର୍ବାଚନମଣ୍ଡଳୀର ଚିଲିକା ବ୍ଲକ୍ ଓ ବାଣପୁର ବ୍ଲକରେ ବୁଧବାର ଦୁଇଟି ଶିକ୍ଷାନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବାଣପୁର ବ୍ଲକର ଗମ୍ଭାରିମୁଣ୍ଡା ନିକଟ ପରଶୁରାମ ମହାବିଦ୍ୟାଳୟ ପାର୍ଶ୍ୱ ଡ଼େଙ୍ଗେଇ ପାହାଡ଼ ପାଦଦେଶରେ କେନ୍ଦ୍ରୀୟ ଢ଼ାଞ୍ଚାରେ ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭିତ୍ତି ପ୍ରସ୍ତର ଉତ୍ସବରେ ମନ୍ତ୍ରୀ ଦାଶ ଓ ମନ୍ତ୍ରୀ ନାୟକ ଅତିଥିରୂପେ ଯୋଗଦେଇ ଭୂମିପୂଜା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ, ବାଣପୁର ବ୍ଲକ୍ ଶିକ୍ଷାଧିକାରୀ ସନାତନ ଜାଲି, ବ୍ଲକ୍ ଉପାଧକ୍ଷ ଅଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି ଚିଲିକା ବ୍ଲକ୍ ଗଙ୍ଗାଧରପୁର ସ୍ଥିତ ବନ ନିଗମ ଡ଼ିପୋ ସଂଲଗ୍ନ ଏକ ସ୍ଥାନରେ ଏକ ସରକାରୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟଅତିଥି ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ଦ୍ୱାରା ହୋଇଯାଇଛି । ଏହି ଉପଲକ୍ଷେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଗଣଶିକ୍ଷାମନ୍ତ୍ରୀ ଦାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ନାୟକ, ପ୍ରାକ୍ତନ ମନ୍ତ୍ରୀ ଡ଼ା. ଦେବେନ୍ଦ୍ରନାଥ ମାନସିଂହ, ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ ।



ଅନୁଷ୍ଠିତ ସଭାରେ ମନ୍ତ୍ରୀ ଓ ନେତାମାନେ ।

■ ଅସରଳା ପ୍ରାଥମିକ ସେବା ସମବାୟ ସମିତି

# ୫୮ ଚାଷୀ ପାଇଲେନି ଶସ୍ୟବୀମା ସହାୟତା

**ଆମରଣ ଅନଶନ ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କ ଚେତାବନୀ**

**ବୋଲଗଡ,୨୫।୯(ଡି.ଏନ.ଏ.)**

ବୋଲଗଡ ବ୍ଲକ ଅସରଳା ପ୍ରାଥମିକ କୃଷି ସେବାସମବାୟ ସମିତିରୁ ବିଗତ ବର୍ଷ ଖରିଫ ଧାନଚାଷ ପାଇଁଋଣ ଆଣିଥିବା ବାଙ୍କୋଇଦେଶ ପଞ୍ଚାୟତ ସହଜପୁର, ବାରପଡିଆ ଏବଂ ବାରବାଟି ଗ୍ରାମର ୫୮ଜଣ ଚାଷୀ ଫସଲ କ୍ଷୟକ୍ଷତି ଜନିତ ଶସ୍ୟବୀମା ସହାୟତା ରାଶି ପାଇନାହାନ୍ତି। ସେମାନଙ୍କୁ ତୁରନ୍ତ କ୍ଷୟକ୍ଷତି ଜନିତ ଶସ୍ୟବୀମା ସହାୟତା ରାଶି ଯୋଗାଇଦେବାକୁ ସମ୍ପୃକ୍ତ ଚାଷୀମାନେ ଦାବି କରିଛନ୍ତି । ଏଯାବତ ଉକ୍ତ ୫୮ଜଣ ଚାଷୀଙ୍କୁ ବୀମା ସହାୟତା ରାଶି ମିଳିପାରୁନାହିଁ। ଫଳରେ ଚାଷୀମାନେ ବୋଲଗଡ ବ୍ଲକ କାର୍ଯାଳୟଠାରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଏହି ଅଭିଯୋଗ କରିଥିଲେ । ସେମାନଙ୍କୁ ବୀମା ସହାୟତା ରାଶି ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି। ଯଦି ଫସଲବୀମା ସହାୟତା ରାଶି ଦିଆ ନ ଯାଏ ତାହେଲେ ସମ୍ପୃକ୍ତ ଚାଷୀମାନେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ,ବାଙ୍କୋଇଦେଶ ପଞ୍ଚାୟତର ୩ଟି ରାଜସ୍ୱ ଗ୍ରାମର ୭୫ଜଣ ଚାଷୀ ୨୦୧୮ ମସିହାରେ ଧାନ ଚାଷ ପାଇଁ ଋଣ ଆଣିବା ସହିତ ଫସଲବୀମା ମଧ୍ୟ କରିଥିଲେ । ତେବେ ବିଗତ ବର୍ଷ ତିତ୍‌ଲି ବାତ୍ୟାରେ ସେମାନଙ୍କ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ସରକାରଙ୍କ ପକ୍ଷରୁ ଶସ୍ୟ କାଟ ଆକଳନ ଏବଂ ଅନ୍ୟାନ୍ୟ ସର୍ଭେ ହୋଇଥିଲା । ପରେ ବାଙ୍କୋଇଦେଶ ପଞ୍ଚାୟତ ଅଞ୍ଚଳରେ ଚାଷୀମାନଙ୍କୁ ଧାନଫସଲରେ ୫୦.୫ପ୍ରତିଶତ କ୍ଷତିପୂରଣ ପାଇଁ ବୀମା ସହାୟତା ମଞ୍ଜୁର ହୋଇଛି । ଅସରଳା ପ୍ରାଥମିକ କୃଷି ସେବା ସମବାୟ ସମିତିରୁ ଏହି ୩ଟି ଗ୍ରାମର ୭୫ ଜଣ ଚାଷୀଙ୍କ ମଧ୍ୟରୁ ମାତ୍ର ୧୭ଜଣଙ୍କୁ ବୀମା ସହାୟତା ରାଶି ମିଳିଛି । ହେଲେ ଅବଶିଷ୍ଟ ୫୮ଜଣ ଚାଷୀ ଶସ୍ୟବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଚାଷୀ ମାନେ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏହି ସମସ୍ୟା ସମାଧାନ ହୋଇପାରିନି । ସୋମବାର ବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ୫୮ଜଣ କ୍ଷତିଗ୍ରସ୍ତ ଚାଷୀଙ୍କ ପକ୍ଷରୁ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲା । ଯଦି ସପ୍ତାହକ ମଧ୍ୟରେ ସେମାନଙ୍କୁ୨୦୧୮ ତିତ୍‌ଲିବାତ୍ୟାରେ ହୋଇଥିବା ଧାନଫସଲ କ୍ଷୟକ୍ଷତି ଜନିତ ଶସ୍ୟବୀମା ସହାୟତା ନ ମିଳେ ତାହେଲେ ସମ୍ପୃକ୍ତ ଚାଷୀ ମାନେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମହାବିଦ୍ୟାଳୟ ପରିସରରେ ଅର୍ଦ୍ଧନିର୍ମିତ ସୁଇମିଂ ପୁଲ୍

**ନିରାକାରପୁର,୨୫।୯(ଡି.ଏନ.ଏ.):**



କଲେଜ ପରିସରରେ ଥିବା ସୁଇମିଂ ପୁଲ ।

■ନାହିଁ ସୁରକ୍ଷା ପ୍ରାଚୀର

■ବିପଦକୁ ଆମନ୍ତ୍ରଣ କରୁଛି

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ସର୍ବପୁରାତନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ଦୀର୍ଘଦିନ ହେଲା ଏକ ସୁଇମିଂପୁଲ୍ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ବର୍ଷା ପାଣି ପୂର୍ଣ୍ଣହୋଇ ରହିଥିବା ସୁଇମିଂ ପୁଲ୍‌ରେ ସୁରକ୍ଷା ପ୍ରାଚୀର ନ ଥିବାରୁ ଏହା ସର୍ବଦା ବିପଦକୁ ଆମନ୍ତ୍ରଣ କରୁଛି ।

କଲେଜ ପରିସରରେ ସୁଇମିଂ ପୁଲ୍ ନିର୍ମାଣ ପାଇଁ ପ୍ରଥମେ ୨୦୧୨ରେ ଯୋଜନା କରାଯାଇଥିଲା। ତତ୍କାଳୀନ ଅଧକ୍ଷଙ୍କ ବଦଳି ପରେ ଏହି କାମ ଅଟକି ରହିଥିଲା। ପରବର୍ତ୍ତୀ ସମୟରେ ଏହା କିପରି ସମ୍ପନ୍ନ ହେବ ଯୋଜନା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। କଲେଜ କର୍ତ୍ତୃପକ୍ଷ ଏହାକୁ ଆର୍‌ଆଣ୍ଡବି ବିଭାଗକୁ ହସ୍ତାନ୍ତର କରିଥିଲେ। ୧୧କେଭି ବିଦ୍ୟୁତ୍ ତାର ଯାଇଥିବା ସ୍ଥାନରେ କିଭଳି ଏହି ପ୍ରକଳ୍ପ କରାଯିବା ଯୋଜନା ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁଣି ପ୍ରାୟ ବର୍ଷେ ହେଲା ଏହାର ଅବଧି ଶେଷହୋଇଥିବା ବେଳେ ଏହା କିଭଳି ଶେଷହେବ ତାକୁ ନେଇ ଆଲୋଚନା ହେଉଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହା ଚାରିପାଖରେ ସୁରକ୍ଷା ପ୍ରାଚୀର ନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ଲାଗି ବିପଦ ଆଶଙ୍କା ରହୁଛି। ଅନେକ ସମୟରେ ବୁଲା ଷଣ୍ଢ, ଗୋରୁ, ଅନ୍ୟାନ୍ୟ ଜୀବଜନ୍ତୁ ସୁଇମିଂ ପୁଲ୍ ନିକଟରେ ବୁଲୁଥିବାରୁ ଏହା ଭିତରେ ପଡିଯିବା ସମ୍ଭାବନା ରହୁଛି। ମାଙ୍କଡମାନେ ପାଣି ପିଇବାକୁ ଯାଇ ବିପଦର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏଥିରେ ପାଣି ଭର୍ତ୍ତିହୋଇ ରହିଥିବାରୁ ମଶାଙ୍କ ପ୍ରାଦୁର୍ଭାବ ବଢିଚାଲିଛି। ଏଥିଯୋଗୁ ମ୍ୟାଲେରିଆ, ଡେଙ୍ଗୁ ରୋଗ ବ୍ୟାପିବା ସମ୍ଭାବନା ରହିଛି ବୋଲି ସ୍ଥାନୀୟ ସରକାରୀ ମେଡିକାଲ ଅଫିସର ସୂଚନା ଦେଇଛନ୍ତି । ଏ ନେଇ ନିରାକାରପୁରଠାରେ ଥିବା ଆର୍‌ଆଣ୍ଡବି ବିଭାଗ କନିଷ୍ଠଯନ୍ତ୍ରୀ ମନୋଜ ସେଣ୍ଠଙ୍କୁ ପଚାରିବାରୁ ସେ କହିଥିଲେ, ଆଲଟ୍‌ମେଣ୍ଟ ନ ଥିବାରୁ ସୁଇମିଂ ପୁଲ୍ କାମ ସେତିକିରେ ଅଟକି ରହିଛି । ୧୧କେଭି ବିଦ୍ୟୁତ୍ ତାର ସମ୍ପର୍କରେ ସେ କହିଥିଲେ, କଲେଜ କର୍ତ୍ତୃପକ୍ଷ ଯେଉଁ ସ୍ଥାନ ଦେଖାଇଲେ ସେଠାରେ ଆମେ କରିଛୁ। କଲେଜ ଅଧକ୍ଷ ଅଶୋକ କୁମାର ବଳବନ୍ତରାୟଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ବାହାରେ ଅଛି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ



### ସ୍ୱଦେଶୀ ସପ୍ତାହ ଆରମ୍ଭ

**ପୁରୀ ଅଫିସ, ୨୫।୯ :** ସ୍ୱଦେଶୀ ଜାଗରଣ ମଞ୍ଚ, ପୁରୀ ଜିଲା ପକ୍ଷରୁ ସ୍ଥାନୀୟ ଜାନକୀ ରେସିଡେନ୍ସିଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାରଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଦେଶୀ ସପ୍ତାହ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ଜେଏନ୍‌ୟୁର ପୂର୍ବତନ ଛାତ୍ର ନେତା ଯତୀନ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଦେଶୀ ବିଚାର ଉପରେ ଆଲୋକପାତ କରିଥିଲେ। ମୁକ୍ତି ସଂଗ୍ରାମରେ ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନ ସମଗ୍ର ରାଷ୍ଟ୍ରରେ ବିଶେଷ ପ୍ରଭାବ ପଡିଥିଲା। ସାମ୍ପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ସାମଗ୍ରୀ ବ୍ୟବହାର ଲାଗି ସେ ଆହ୍ୱାନ ଦେଇଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତ ସଂଘର୍ଷ ବାହିନୀ ପ୍ରମୁଖ ସଚ୍ଚିନନ୍ଦନ ଦାସ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଜିଲା ସଂଯୋଜକ ପ୍ରଶାନ୍ତ କୁମାର ଭୂୟାଁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ସ୍ୱଦେଶୀ ବିଚାର ପ୍ରେମୀ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦାନ କରିଥିଲେ। ବିଶ୍ୱନାଥ ପଣ୍ଡା, ଉପେନ୍ଦ୍ର ଶତପଥୀ, ଅନ୍ନଦା ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ସାହୁ, ସବିତା ବିଶୋୟୀ, ଦେବ କୁମାର ବିଶୋୟୀ, ରଞ୍ଜନ କୁମାର ବେହେରା, ଅଜୟ କୁମାର ଦାସ ଉପସ୍ଥିତ ଥିଲେ।

### ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ
### ଦୋକାନଘର ଖାଲି କରିବାକୁ ନୋଟିସ

**ପୁରୀ ଅଫିସ, ୨୫।୯:** ମାର୍କେଟ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ଅସୁରକ୍ଷିତ ହୋଇପଡିଛି। ତେଣୁ ଏହାକୁ ଭଙ୍ଗାଯାଇ ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିଲାଗି ପୌରସଂସ୍ଥା ପକ୍ଷରୁ ଦୋକାନ ଘରଗୁଡ଼ିକ ଖାଲି କରାଯିବାକୁ ନୋଟିସ ହୋଇଛି। ଅକ୍ଟୋବର ୧୪ ତାରିଖ ସୁଦ୍ଧା ଦୋକାନ ଘର ଖାଲି କରିବା ଲାଗି ନୋଟିସରେ ଉଲ୍ଲେଖ ରହିଛି । ପୁରୀର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପ୍ରକଳ୍ପ ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଅସୁରକ୍ଷିତ ହୋଇପଡିଥିବା ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ସେଠାରେ ନୂଆ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବାର ଯୋଜନା ରହିଛି। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ମାର୍କେଟ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡିଛି। କେତେକ ଦୋକାନ ଘରୁ ବିଭିନ୍ନ ସମୟରେ ପ୍ଲାଷ୍ଟର ଖଣ୍ଡ ଭାଙ୍ଗି ତଳେ ପଡୁଛି। ୧.୩୧ ଏକର ମଧ୍ୟରେ ଥିବା ୧୬୭ଟି ଦୋକାନ ଘରକୁ ଖାଲି କରାଯିବା ଲାଗି ନୋଟିସ କରାଯାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୮୮୪ଜଣ ଚିହ୍ନଟ

**କଣାସ,୨୫।୯(ସ୍ୱ.ପ୍ର.):** ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ବର୍ଷା ସତ୍ତ୍ୱେ ୮୮୪ଜଣ ଦିବ୍ୟାଙ୍ଗ ଯୋଗଦେଇ ବିଭିନ୍ନ ବିଭାଗରେ ପରୀକ୍ଷା କରାଇବା ସହ ନାମ ପଞ୍ଜୀକରଣ କରିଥିଲେ। ଡା. ବରଦାକାନ୍ତ ମିଶ୍ର, ଡା. ରବୀନ୍ଦ୍ର କୁମାର ଘଡ଼େଇ, ଡା. ଅମ୍ଳାନ ମହାପାତ୍ର, ଡା. ପୁର୍ଣ୍ଣଚନ୍ଦ୍ର ମହାପାତ୍ର,ଡା.ଉମାକାନ୍ତ ବିଶ୍ୱାଳ, ଡା. ଅପୂର୍ଣ୍ଣା ମହାନ୍ତି ଶିବିରରେ ଯୋଗଦେଇଥିଲେ। ଅନ୍‌ଲାଇନ୍ ମାଧମରେ ଅସ୍ଥିଶଲ୍ୟରେ ୪୩୦ଜଣ, ମାନସିକ ଅନଗ୍ରସରରେ ୧୪୨, ଦୃଷ୍ଟି ବାଧିତାରେ ୧୪୧, ଶ୍ରବଣ ବାଧିତାରେ ୧୭୧ଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସହାୟତାରେ ଶିବିର ଅନୁଷ୍ଠିତ ହେଉଥିବାବେଳେ ଜିଲା ସାମାଜିକ ଅଧିକାରୀ ତ୍ରିନାଥ ପାଢ଼ୀ, ପଞ୍ଚାୟତ ସମିତି ଅଧକ୍ଷ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ବିଡିଓ ମଙ୍ଗଲ ସିଙ୍ଘ୍ ହେମ୍ବ୍ରମ ଉପସ୍ଥିତ ଥିଲେ। ଶେଷରେ ସାର୍ଟିଫିକେଟ ପରେ ଦିଆଯିବ ବୋଲି କଣାସ ବ୍ଲକ ବିଏସ୍‌ଏସଓ୍ ଅନିତା ପଟ୍ଟନାୟକ ସୂଚନା ଦେବାରୁ ଦିବ୍ୟାଙ୍ଗ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

# ପାଇଖାନା, ନଳକୂପକୁ ନେଇ ହୋହଲ୍ଲା

**ପୁରୀ ଜିଲା ପରିଷଦ ବୈଠକ**



- ଦଳୀୟ ଭିତ୍ତିରେ ପାଇଖାନା କ୍ଷୟକ୍ଷତି ତାଲିକା ହୋଇଥିବା ଅଭିଯୋଗ
- ଜିଲା ପରିଷଦ ସଭ୍ୟଙ୍କ ତାଲିକା ମୁତାବକ ବସିବ ନୂଆ ଟ୍ୟୁବ୍‌ୱେଲ
- ଜିଲାରେ ୧୦୮ ଡାକ୍ତର ପଦବୀ ଖାଲି, ପାଣିଦୋଳ ସିଏଚ୍‌ସିରେ ନାହିଁ ଆମ୍ବୁଲାନ୍ସ

**ପୁରୀ ଅଫିସ, ୨୫।୯**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ପୁରୀ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକ ବେଶ୍ ସରଗରମ ହୋଇଥିବା ବେଳେ ବାତ୍ୟାରେ ଭାଙ୍ଗିଥିବା ପାଇଖାନା କ୍ଷୟକ୍ଷତି ରିପୋର୍ଟ ଏବଂ ନଳକୂପ ବସାଇବାକୁ ନେଇ କିଛି ସମୟ ହୋ ହଲ୍ଲା ହୋଇଥିଲା। ଜଣେ ସଭ୍ୟ ଅସ୍ତରଙ୍ଗ ବ୍ଲକକୁ ଉଦାହରଣ ଦେଇ କହିଥିଲେ, ବାତ୍ୟାରେ କ୍ଷତିଗ୍ରସ୍ତ ପାଇଖାନାର କ୍ଷୟକ୍ଷତି ଆକଳନ ଠିକ୍ ଭାବେ ହୋଇନାହିଁ। ଦଳୀୟ ଭିତ୍ତିରେ ପାତର ଅନ୍ତର କରାଯାଇ ରିପୋର୍ଟ ପ୍ରସ୍ତୁତ ହୋଇଛି। ତେବେ ତାଙ୍କ ଅଭିଯୋଗକୁ ଆଉ କେତେଜଣ ସଭ୍ୟ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ କ୍ଷୟକ୍ଷତି ସହାୟତା ରାଶିକୁ ବନ୍ଦ କରାଯାଇ ଆଉଥରେ ତଦନ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ବି.କେ. ନାୟକ ୨୦୧୯-୨୦ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ପ୍ରାପ୍ତ ଅନୁଦାନ, ଖର୍ଚ୍ଚ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କହିଥିଲେ। ୧୭୧ଟି ଟ୍ୟୁବ୍‌ୱେଲ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୧୪୪ଟି ଶେଷ ହୋଇଛି। ୬ଟି ଓଭରହେଡ୍ ଟ୍ୟାଙ୍କ ମଧ୍ୟରୁ ଗୋଟିଏର କାର୍ଯ୍ୟ ଶେଷ କରାଯାଇଛି। ଏହି ଆର୍ଥିକ ବର୍ଷରେ ୫୨କୋଟି ଟଙ୍କା ମିଳିଥିବା ବେଳେ ୩୫କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ବାତ୍ୟା ପରେ ପୁରୀ ଜିଲାକୁ ୯୮୪ଟି ନୂଆ ଟ୍ୟୁବ୍‌ୱେଲ ମଞ୍ଜୁର ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ମଞ୍ଜୁର ମିଳିବା ପରେ କାମ ଆରମ୍ଭ କରାଯିବ। ତେବେ ଏହାକୁ ନେଇ ସଭ୍ୟମାନେ ଆପତ୍ତି ଉଠାଇବା ସହ ହୋ ହଲ୍ଲା କରିଥିଲେ। ଗତ ବୈଠକରେ ପ୍ରତ୍ୟେକ ସଭ୍ୟ ୩ଟି ଲେଖାଏଁ ଟ୍ୟୁବୱେଲ କେଉଁ ଗାଁରେ ବସିବ ତାହାର ତାଲିକା ଦେବା ପରେ ସମ୍ପୃକ୍ତ ଗାଁରେ ବସିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଜଣେ ହେଲେ ବି ସଭ୍ୟ ଚାହିଁଥିବା ଗାଁରେ ନ ବସି କେବଳ ବିଧାୟକଙ୍କ ସୁପାରିସ ଆଧାରରେ ନଳକୂପ ବସାଯାଇଥିବାରୁ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ବର୍ତ୍ତମାନ ସୁପାରିସ କରାଯାଇଥିବା ୯୮୪ଟି ଟ୍ୟୁବୱେଲ ଉପରେ କୌଣସି ବିଧାୟକ ହସ୍ତକ୍ଷେପ କରିବେ ନାହିଁ ବୋଲି ପିପିଲି ବିଧାୟକ ପ୍ରଦୀପ ମହାରଥୀ ଏବଂ ଜିଲାପାଳ ବଲୱନ୍ତ ସିଂ କହିବାରୁ ଜିଲା ପରିଷଦ ସଭ୍ୟମାନେ ଶାନ୍ତ ହୋଇଥିଲେ। ପୁରୀ ଗ୍ରାମ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ୨୦୧୯-୨୦ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ପ୍ରାପ୍ତ ଅନୁଦାନ, ଖର୍ଚ୍ଚ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିବରଣୀ ରଖିଥିଲେ। ୪୨୧ଟି ରାସ୍ତା ମଧ୍ୟରୁ ୩୨୭ଟିର କାମ କରାଯାଇଥିବା ବେଳେ ୫୪ଟି ରାସ୍ତା କାମ ନିର୍ମାଣାଧୀନ ରହିଛି। ସେହିପରି ୬ଟି ବ୍ରିଜ୍ ମଧ୍ୟରୁ ୪ଟି ଶେଷ ହୋଇଥିବା ବେଳେ ୨ଟି ନିର୍ମାଣାଧୀନ ଅଛି। ଫନୀରେ କ୍ଷତିଗ୍ରସ୍ତ ୬୯ଟି ସ୍କୁଲ ମଧ୍ୟରୁ ୬୫ଟିର ମରାମତି ସରିଥିବା ବେଳେ ୪ଟି ବାକି ରହିଥିବା ଗ୍ରାମ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳକଣ୍ଠ ମିଶ୍ର ପୁରୀ ଜିଲାରେ ୧୦୮ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ଜିଲାରେ ୫୪ ଆୟୁଷ ଡାକ୍ତର କାର୍ଯ୍ୟରତ ଥିବା କହିଥିଲେ। ଜିଲାରେ ୨୧ଟି ୧୦୨ ଆମ୍ବୁଲାନ୍ସ ଏବଂ ୨୦ଟି ୧୦୮ ଆମ୍ବୁଲାନ୍ସ ଚାଲୁଛି ବୋଲି କହିଥିଲେ। ତେବେ ପିପିଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଣିଦୋଳ ସିଏଚ୍‌ସିରେ ଆମ୍ବୁଲାନ୍ସ ଏବଂ ୧୦୮ ନ ଥିବା ନେଇ ବିଧାୟକ ମହାରଥୀ ପ୍ରଶ୍ନ ଉଠାଇଥିଲେ। ଏ ନେଇ ବ୍ୟବସ୍ଥା ହେବ ବୋଲି ସିଡିଏମ୍‌ଓ କହିଥିଲେ। ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ କହିଥିଲେ ଜିଲାର ୬୮୨ଟି ସ୍କୁଲ ମରାମତି କରାଯାଇଛି। ଏହାବ୍ୟତୀତ ଭିତ୍ତିଭୂମି, ଇଲେକ୍ଟ୍ରିଫିକେସନ ଏବଂ ଅନ୍ୟାନ୍ୟ ବାବଦରେ ପ୍ରକଳ୍ପ ସଂଯୋଜିକା ତଥ୍ୟ ରଖିଥିଲେ। ଏହାବ୍ୟତୀତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ସେମାନଙ୍କ ବିଭାଗର ପ୍ରାପ୍ତ ଅନୁଦାନ, ଖର୍ଚ୍ଚ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କହିଥିଲେ। ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ମହାରଥୀ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲାପାଳ ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂଙ୍କ ସମେତ ଏମ୍‌ପି ଏବଂ ସତ୍ୟବାଦୀ ବିଧାୟକଙ୍କ ପ୍ରତିନିଧି ଯୋଗଦେଇଥିଲେ।



ବେଦପୁର ପଞ୍ଚାୟତର ହିତାଧିକାରୀମାନେ ବିଲ୍ ପାଇଁ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣା ଦେଇଛନ୍ତି।

## ପାଇଖାନା ବିଲ୍ ପାଇଁ ଧାରଣା

**ଗୋପ,୨୫।୯(ଡି.ଏନ୍.ଏ)**

ସ୍ୱଚ୍ଛ ଭାରତ ମିଶନ ଅଭିଯାନରେ ପାଇଖାନା ନିର୍ମାଣ କରି ବିଲ୍ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ବୁଧବାର ବେଦପୁର ଗ୍ରାମ ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଦୁଇ ଘଣ୍ଟା କାଳ ହିତାଧିକାରୀମାନେ ଧାରଣାରେ ବସିଥିଲେ ସୁଦ୍ଧା କୌଣସି ଜଣେ ହେଲେ ଅଧିକାରୀ ଏହି ଧାରଣାସ୍ଥଳରେ ନ ପହଞ୍ଚିବାରୁ ହିତାଧିକାରୀ ଗୁରୁବାର ବ୍ଲକ୍‌ରେ ତାଲା ପକାଇ ଅନସନରେ ବସିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ବେଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଇଖାନା ନିର୍ମାଣ କରିଥିଲେ ସୁଧା ହିତାଧିକାରୀମାନଙ୍କୁ ନିର୍ମାଣଧିନ ପାଇଖାନାର ଟଙ୍କା ମିଳିନାହିଁ। ହିତାଧିକାରୀମାନେ ପଞ୍ଚାୟତର ଜନପ୍ରତିନିଧିମାନଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଏହି ବିଲ୍ ଟଙ୍କା ପାଇବା ଲାଗି ମଙ୍ଗଳବାର ବେଦପୁର ପଞ୍ଚାୟତର ଲକ୍ଷ୍ମୀଧର ମଲ୍ଲିକ୍, ଭ୍ରମର ବେହେରା, ବାନାମ୍ବର ମାଟି, ଲକ୍ଷ୍ମୀଧର ବେହେରା, ରବିନାରାୟଣ ଭୋଇଙ୍କ ସହିତ ୩୦ରୁ ଅଧିକ ହିତାଧିକାରୀ ଧାରଣାରେ ବସିଥିବା ଜଣାପଡ଼ିଛି। ଏ ସଂପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ହିତାଧିକାରୀମାନଙ୍କୁ ଖୁବ୍ ଶୀଘ୍ର ପାଇଖାନା ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି।

**■ ପୁରୀରେ ଲଗାଣ ବର୍ଷା**

## ବସ୍ତିବାସିନ୍ଦାଙ୍କ ଦୁର୍ଦ୍ଦଶା ବଢ଼ିଲା



ବର୍ଷା ଯୋଗୁ ପୁରୀର ଧୋବାଖାଲ ବସ୍ତି ଜଳମଗ୍ନ ହୋଇଛି।

**ପୁରୀ ଅଫିସ, ୨୫।୯**

ଲଗାଣ ବର୍ଷାରେ ପୁରୀ ସହରର ବସ୍ତି ଏବଂ ତଳିଆ ଅଞ୍ଚଳର ଅବସ୍ଥା ସଙ୍ଗୀନ ହୋଇପଡିଛି। ଯଦିଓ ବିଗତ ବର୍ଷଗୁଡ଼ିକ ଭଳି ସହର ଭିତରେ ଏତେଟା ପାଣି ଜମୁନାହିଁ କିନ୍ତୁ ତଳିଆ ଅଞ୍ଚଳବାସୀ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ଦୁଇଦିନ ଧରି ଲଗାଣ ବର୍ଷା ଏବେ ପୁଣି ବସ୍ତି ଏବଂ ତଳିଆ ଅଞ୍ଚଳାସୀଙ୍କୁ ବେଘର କରିଦେଇଛି। ଅନ୍ୟପକ୍ଷରେ ପାଣି ଜମି ଥିବାରୁ ବିଗିଡ଼ି ଯାଇଛି ପରିମଳ ସ୍ଥିତି। ମଙ୍ଗଳବାର ଦିନତମାମ୍ ବର୍ଷା ଲାଗି ରହିଥିଲା। ମଝିରେ ମଝିରେ ଛାଡି ଯାଉଥିଲେ ମଧ ଲଗାଣ ବର୍ଷା ସହରର ବିଭିନ୍ନ ଗଳିକନ୍ଦି ରାସ୍ତାକୁ ବୁଡାଇ ଦେଇଥିଲା। ରାତି ୧୦ଟା ପରେ ସାମାନ୍ୟ ବର୍ଷା ଛାଡି ଯାଇଥିଲା। ହେଲେ ରାତିରେ ପ୍ରବଳ ବର୍ଷା ହୋଇଥିଲା। ବୁଧବାର ବି ଦିନତମାମ୍ ବର୍ଷା ଲାଗିରହିଥିଲା। ସକାଳୁ ପାଣିରେ ବୁଡ଼ିଥିଲା ସହରର ରାସ୍ତାଘାଟ ଓ ଗଳି କନ୍ଦି। ଯଦିଓ ସହରର ବିଭିନ୍ନ ରାସ୍ତାରୁ ପାଣି ନିଷ୍କାସିତ ହୋଇଯାଉଥିଲା କିନ୍ତୁ କେତେକ ଅଞ୍ଚଳରେ ଲୋକେ ଜଳବନ୍ଦୀ ଅବସ୍ଥାରେ ଥିଲେ। ବଡ଼ଦାଣ୍ଡ, ବେଳାଭୂମି ମାର୍ଗରେ ଫୁଟେରୁ ୨ ଫୁଟ ଉଚ୍ଚର ପାଣି ଜମିଥିଲା।

ବଳିଆପଣ୍ଡାର ଗଜଲକ୍ଷ୍ମୀ ବସ୍ତି, ହରଚଣ୍ଡୀ ବସ୍ତି, ତାଳବଣିଆ ବସ୍ତି, ଷ୍ଟେଶନ ନିକଟ ବାଲିଉପର ବସ୍ତିରେ ବର୍ଷା ପାଣି ଅଚଳାବସ୍ଥା ସୃଷ୍ଟି କରିଛି। ଗତ ଦୁଇମାସ ମଧ୍ୟରେ ଏକାଧିକ ଥର ବର୍ଷା ଯୋଗୁ ଏହିସବୁ ବସ୍ତିରେ ପାଣି ଜମି ପରିମଳ ବ୍ୟବସ୍ଥାକୁ ବିଗାଡ଼ି ଦେଇଥିଲା। ପାଣି ସମ୍ପୂର୍ଣ୍ଣ ଶୁଖି ନ ଥିବା ବେଳେ ପୁଣି ବର୍ଷା ହୋଇ ପାଣି ଜମିଛି। ଫଳରେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କାରେ ବସ୍ତିବାସୀ ଭୟଭୀତ ହୋଇପଡିଛନ୍ତି। ୧ ନମ୍ବର ୱାର୍ଡ ସୁଜାତା ନଗର ଓ ମାଟିତୋଟା ଅଞ୍ଚଳର ସ୍ଥିତି ଅଧିକ ସଙ୍ଗୀନ ହୋଇପଡିଛି। ସହର ଉପକଣ୍ଠ ଗୋପୀନାଥପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ମଧ ବର୍ଷା ପାଣି ଜମିଛି। ସେହିପରି ଲୋକନାଥ ମନ୍ଦିର ପାଣି ଘେରରେ ରହିଛି। ମନ୍ଦିର ବେଢ଼ା ପରିସର ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇପଡିଛି। ଭିତରେ ବେଢାରେ ପାଣି ଜମିଛି। ପୂର୍ବରୁ ହୋଇଥିବା ବର୍ଷା ପାଣି ବେଢା ପରିସରରୁ ସମ୍ପୂର୍ଣ୍ଣ ଶୁଖି ନ ଥିବା ବେଳେ ଏହି ଲଗାଣ ବର୍ଷା ସ୍ଥିତିକୁ ଆହୁରି ସଙ୍ଗୀନ କରିଦେଇଛି।

### ଅନୁଚ୍ଛେଦ ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା

**ପୁରୀ ଅଫିସ,୨୫।୯**

ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ବୁଧବାର ସଦ୍‌ଭାବନା ସଭା ଗୃହରେ ଭାଜପା ରାଷ୍ଟ୍ରୀୟ ଏକତା ଅଭିଯାନ ପକ୍ଷରୁ ଧାରା ୩୭୦ ଉଚ୍ଛେଦ ସମ୍ପର୍କୀତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ରାଜ୍ୟ ସଭାପତି କୃଷ୍ଣ ଜଗଦ୍ଦେବ ଏଥିରେ ଅଧକ୍ଷତା କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ବିରଞ୍ଚି ନାରାୟଣ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଚ୍ଛେଦ ୩୭୦ ସମ୍ବିଧାନର ଏକ ଅସ୍ଥାୟୀ ବ୍ୟବସ୍ଥା ହୋଇଥିଲେ ମଧ ଚକ୍ରାନ୍ତକାରୀମାନେ ଏହାକୁ ସ୍ଥାୟୀ ରୂପ ଦେବାକୁ ଉଦ୍ୟମ କରିଥିଲେ। ସେମାନେ ଦେଶସ୍ୱାର୍ଥ ବିରୋଧୀ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ପ୍ରଦାନ କରୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ତା ବଳରେ ଏହି ଉଦ୍ୟମ ଫସର ଫାଟିଯାଇଛି ବୋଲି ଅତିଥିମାନେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, ସମ୍ପାଦକ ଉମାକାନ୍ତ ନାୟକ, ପୂର୍ବତନ ପୌରାଧକ୍ଷ ବିଶ୍ୱନାଥ ରାଓ, ବିଭୂତି ମିଶ୍ର, ଆଡଭୋକେଟ ସୋମନାଥ ଦାଶ, ନାରୀନେତ୍ରୀ ସୁଭାସିନୀ ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ଡ. ଶ୍ୟାମପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

## ଲଗାଣ ବର୍ଷାରେ ନିମାପଡ଼ା ଏନ୍‌ଏସିରେ କୃତ୍ରିମ ବନ୍ୟା



ନିମାପଡ଼ା ଏନ୍‌ଏସିରେ ବର୍ଷାଜଳ ଜମି କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି।

**ନିମାପଡ଼ା,୨୫।୯(ଡି.ଏନ.ଏ)**

ଲଗାଣ ବର୍ଷାରେ ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ଏନ୍‌ଏସି ଅନ୍ତର୍ଗତ ୮ନଂ. ୱାର୍ଡର ମହାବୀର କଲୋନୀ ମୁଖ୍ୟ ରାସ୍ତା, ଜୟଶ୍ରୀ ଛକ ନିକଟ ନିୟୁ କଲୋନୀ ରାସ୍ତା, ଶ୍ରୀକୃଷ୍ଣନଗର ରାସ୍ତା, ୯ନଂ. ୱାର୍ଡର ଶିବଶକ୍ତି କଲୋନୀ ରାସ୍ତା, ୮ନଂ. ୱାର୍ଡର ମହିଳା କଲେଜ ରାସ୍ତାରେ ଆଣ୍ଠୁଏ ପାଣି ଜମାହୋଇଛି। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୯ନଂ. ୱାର୍ଡର ଶିବଶକ୍ତି କଲୋନୀ, ଅଣ୍ଡିଆ ସାହି, ବେହେରା ସାହି, ମହାପାତ୍ର ସାହି, ପଣ୍ଡା ସାହି, ବଡ଼ଭୋଇ ସାହି, ସାନଭୋଇ ସାହିଗୁଡ଼ିକ ପାଣି ଘେରରେ ରହିଥିବାବେଳେ କେତେକ ଲୋକଙ୍କ ଘରେ ପାଣି ପଶିଯାଇଛି। ଅଣ୍ଡିଆସାହି ଗ୍ରାମର ଗଙ୍ଗାଧର ସେଠୀଙ୍କ ମାଟି ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ଡ୍ରେନ ସଫା ହେଉ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ଦୀନବନ୍ଧୁ ମଲ୍ଲିକ, ବାପୁନି କର, ଗଙ୍ଗାଧର ପତି, ଜଗଦୀଶ ନାୟକ, ଜମ୍ବେଶ୍ୱର ଭୋଇ ପ୍ରମୁଖ କହିଛନ୍ତି। ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବା, ଡ୍ରେନ ସଫା କରାଯିବା ଦିଗରେ ପୂର୍ବତନ କାଉନସିଲର ସନ୍ତୋଷ ଓଝା, କାଶୀନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଏନ୍‌ଏସି ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ ଦାସ କୁହନ୍ତି, ୱାର୍ଡ ବାସିନ୍ଦାମାନେ ଠିକ୍ ଅଛନ୍ତି। କୌଣସି ସମସ୍ୟା ନାହିଁ। ବିଭିନ୍ନ ରାସ୍ତାରୁ ଧୀରେ ଧୀରେ ଜଳ ନିଷ୍କାସନ ହେଉଛି।





ବିଶ୍ୱ ଫାର୍ମାସିଷ୍ଟ ଦିବସରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ବିଶ୍ୱ ଫାର୍ମାସିଷ୍ଟ ଦିବସ

**ପୁରୀ ଅଫିସ, ୨୫।୯**

ପୁରୀ ସଦର ବାଲିଗୁଆଳି ସ୍ଥିତ କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସ ପକ୍ଷରୁ ବିଶ୍ୱ ଫାର୍ମାସୀ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ବାହାରି ଗୁଣ୍ଡିଚା ମନ୍ଦିରଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ପୂର୍ବତନ ସିଡିଏମଓ ବାମଦେବ ମହାନ୍ତି କହିଲେ ସେବା ମନୋଭାବ ନେଇ ରୋଗୀଙ୍କ ସେବା କର। ଫାର୍ମାସିଷ୍ଟ ମାନଙ୍କ ସମାଜ ପ୍ରତି ଗୁରୁତ୍ୱ ରହିଛି। ସେଫ ଏଣ୍ଡ ଇଫେକ୍ଟିଭ୍ ମେଡିସିନ୍ ଫର ଅଲ୍ ଶୀର୍ଷକ ଆହ୍ୱାନ ସମ୍ପର୍କରେ ଛାତ୍ରୀଛାତ୍ର ମାନଙ୍କୁ ବୁଝାଇଥିଲେ। ସାରା ବିଶ୍ୱକୁ ଫାର୍ମାସିଷ୍ଟ ମାନଙ୍କ ଅବଦାନ ଅତୁଳନୀୟ। ଅନୁଷ୍ଠାନ ଅଧକ୍ଷ ଡ.ଅମୀୟ କାନ୍ତ ମିଶ୍ର ଫାର୍ମାସିଷ୍ଟ ମାନଙ୍କ ଭୂମିକା, ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରମ୍ୟାନ ଅନିମା ଦାଶ, ଅଧ୍ୟାପକ ସଞ୍ଜୟ କୁମାର ନାୟକ, ଡ.ଚିନ୍ମୟ ସାହୁ, ଅମରେଶ ପୃଷ୍ଟି, ଅସିତ୍ କୁମାର ଷଡ଼ଙ୍ଗୀ, ସୁନିତା ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

## କୁମାର କବି ଜଣେ ଅନନ୍ୟ ବ୍ୟକ୍ତିତ୍ୱ

**ପୁରୀ ଅଫିସ, ୨୫।୯**



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

କୁମାର କବି ଏକାଧାରରେ ଜଣେ ପ୍ରକୃତିପ୍ରେମୀ, ସାହିତ୍ୟିକ, ସମାଲୋଚକ, ସଂସ୍କୃତି ଗବେଷକ, ନାଟ୍ୟକାର ଏବଂ ସଙ୍ଗଠକ। ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରୀ କୁମାର କବିଙ୍କ ସାହିତ୍ୟ କୃତିର ମୂଲ୍ୟାଙ୍କନ ସହ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଲାଗି ବୁଧବାର ସଂସ୍କୃତି ଭବନ ପରିସରରେ କୁମାର କବି ଫାଉଣ୍ଡେଶନ ଏବଂ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ମତ ପ୍ରକାଶ ପାଇଛି। ସାହିତ୍ୟ ଏକାଡେମୀ ସଭାପତି ଡ.ହରିହର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ଗୁରୁକୃପା ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ସମାଜ ପ୍ରତି ତାଙ୍କ ଉତ୍ସର୍ଗୀକୃତ ଜୀବନ, ନିଷ୍ଠା ଅତୁଳନୀୟ ବୋଲି କହିଥିଲେ।

ଏହି ଅବସରରେ ସାରସ୍ୱତ ସାଧକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ କୁମାର କବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖବରଦାତା ପ୍ରଦ୍ୟୁମ୍ନ ଶତପଥୀଙ୍କୁ ଉତ୍କଳ ସମ୍ବାଦରତ୍ନ, ସଙ୍ଗୀତଜ୍ଞ ସୁବାସ ଦାସଙ୍କୁ ଉତ୍କଳ ସଙ୍ଗୀତରତ୍ନ, ଶିକ୍ଷକ ନୃସିଂହ ଚରଣ ମହାପାତ୍ରଙ୍କୁ ଉତ୍କଳ କବିରତ୍ନ, ଆଇନଜୀବୀ ଅଶୋକକୁମାର ମହାପାତ୍ରଙ୍କୁ ଉତ୍କଳ ଅଧିବକ୍ତା ରତ୍ନ, ଯୁବ ସଙ୍ଗଠକ ସ୍ୱାଧୀନ କୁମାର ପଣ୍ଡାଙ୍କୁ ଉତ୍କଳ ଯୁବରତ୍ନ, ପ୍ରଦୀପକୁମାର ମହାରଣାଙ୍କୁ ଉତ୍କଳ ସେବା ରତ୍ନ, ସର୍ବେଶ୍ୱର ଲେଙ୍କାଙ୍କୁ ଉତ୍କଳ ବାଣିଜ୍ୟରତ୍ନ, ଜ୍ଞାନରଞ୍ଜନ ଜେନାଙ୍କୁ ଉତ୍କଳ ବାଗ୍ମୀରତ୍ନ, ତୀର୍ଥ ମେହେରଙ୍କୁ ଉତ୍କଳ ବୟନକଳା ରତ୍ନ, ପାଲାଗାୟକ ପ୍ରଭାତ କୁମାର ସାହୁ, ନୃତ୍ୟଶିଳ୍ପୀ ଅରବିନ୍ଦ ସାହୁ ଓ ଯୋଗେନ୍ଦ୍ର ବିଶ୍ୱାଳଙ୍କୁ ଉତ୍କଳ ସଂସ୍କୃତିରତ୍ନ, ଶିଶୁ ପ୍ରତିଭା ନିମିଷା ଲାଡିଆଙ୍କୁ ଉତ୍କଳ ପ୍ରତିଭା ରତ୍ନ ଏବଂ କଳିଙ୍ଗ କିଡସ୍ ସ୍କୁଲକୁ ଉତ୍କଳ ଶିକ୍ଷା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୁମାର କବି ଫାଉଣ୍ଡେଶନର ସମ୍ପାଦକ ଆଇନଜୀବୀ ଦିଗମ୍ବର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ.ପ୍ରମୋଦ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ କୁମାର ପ୍ରଧାନ ମଞ୍ଚ ସଂଯୋଜନା, ଶିକ୍ଷକ ଗଙ୍ଗାଧର ମହାପାତ୍ର, ପ୍ରକାଶ ଚନ୍ଦ୍ର ମହାନ୍ତି, ସତ୍ୟପ୍ରିୟ ପ୍ରଧାନ, ସୁନୀଲ ମିଶ୍ର, ରୀତାରାଣୀ ଜେନା, ସଞ୍ଜୟ ପ୍ରଧାନ, ଅଧ୍ୟାପକ ଡ.ଶଶାଙ୍କ ଶେଖର ଚୂଡ଼ାମଣୀ, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ସହଯୋଗ କରିଥିଲେ।